# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜୁନ୍ ୧/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, June 1/2025 Page 16 ₹ 7.00

୫୧ଶ ଭାଗ ୧୮୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 186 ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ରବିବାର, ଜୁନ୍ ୧/୨୦୨୫ | Bhubaneswar, Sunday, June 1/2025 | ପୃଷ୍ଠା-୧



**'ଭୁଲ୍ ଚୁକ୍ ମାଫ୍': ୨୦୨୫ର ୭ମ ହିଟ୍ ଫିଲ୍ମ**
ଅଭିନେତା ରାଜକୁମାର ରାଓଙ୍କ 'ଭୁଲ୍ ଚୁକ୍ ମାଫ୍' ଚଳିତବର୍ଷ ଘରୋଇ ବକ୍ସ ଅଫିସରୁ ସର୍ବାଧିକ ରୋଜଗାର କରିଥିବା ସପ୍ତମ ଫିଲ୍ମ ହୋଇପାରିଛି।
୧୩

୧୪
**ଶ୍ରାବଣୀଙ୍କୁ ରୌପ୍ୟ ପଦକ**
ଭାରତୀୟ ମହିଳା ୪x୧୦୦ ମିଟର ରିଲେ ଦଳର ସଦସ୍ୟାଭାବେ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ଶ୍ରାବଣୀ ନନ୍ଦ ।



# ଫରେଷ୍ଟରଙ୍କୁ ହତ୍ୟା, ଜାଳିଦେଲେ



ନୟାଗଡ଼ ବାରମାସିସ୍ଥିତ ଫରେଷ୍ଟରଙ୍କ ଘର।

## ସ୍ତ୍ରୀ, ପୁଅ ଉପରେ ପୋଲିସର ସନ୍ଦେହ



ଶିଶିର ସାହୁ

**ନୟାଗଡ଼, ୩୧।୫ (ଲୋକନାଥ ମିଶ୍ର)**
ନୟାଗଡ଼ ବନଖଣ୍ଡର ପଞ୍ଚରିଡ଼ା ଫରେଷ୍ଟର ଶିଶିର ସାହୁ (୫୫)ଙ୍କୁ ଶୁକ୍ରବାର ରାତିରେ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଛି। ଘଟଣା ଘଟିଛି ନୟାଗଡ଼ ସହରର ବାରମାସି ଦଣ୍ଡାସ୍ଥିତ ଶିଶିରଙ୍କ ଘରେ। ତେବେ ଘର ଚଟାଣରେ ରକ୍ତଛିଟା ପଡ଼ିବା, ପୋଟିକୋରେ ବନ୍ଧା ଯାଇଥିବା କୁକୁର ଫିଟିଯିବା, ଗୋଟିଏ ଘରେ ୩ ଜଣ ଥିବାବେଳେ କେବଳ ଜଣେ ନିଆଁରେ ପୋଡ଼ି ହୋଇ ମୃତ୍ୟୁ ହେବା ଭଳି କିଛି ପାରିପାର୍ଶ୍ୱିକ ସ୍ଥିତିରୁ ଶିଶିରଙ୍କୁ ହତ୍ୟା କରାଯାଇଥିବା ନୟାଗଡ଼ ଟାଉନ ଥାନା ☞ପୃଷ୍ଠା-୨

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍
**ଅନିମେଶ କୁଜୁରଙ୍କୁ ବ୍ରୋଞ୍ଜ**
(ରିପୋର୍ଟ: ଖେଳ ପୃଷ୍ଠା)

# ଖସିଥିଲା ଭାରତର ଯୁଦ୍ଧବିମାନ

## ■ ସ୍ୱୀକାର କଲେ ସିଡିଏସ୍
## ■ ସଂଖ୍ୟା ପଚାରିଲା କଂଗ୍ରେସ

ପହଲଗାମ୍ ଆକ୍ରମଣ ପରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ କରାଯାଇଥିବା 'ଅପରେଶନ ସିନ୍ଦୂର'କୁ କେନ୍ଦ୍ର ସରକାର ନିଜର ଏକ ବଡ଼ ସଫଳତା ବୋଲି ଦାବି କରୁଥିବାବେଳେ ପାକିସ୍ତାନୀ ସେନା ଭାରତର ୬ଟି ରାଫାଲ ଫାଇଟର ଜେଟ୍‌କୁ ଖସାଇଦେଇଥିବା କହିଥିଲା। ଅନ୍ୟପକ୍ଷେ ସରକାରଙ୍କ ପକ୍ଷରୁ ଏହା ଉପରେ କିଛି ସୂଚନା ଦିଆଯାଇ ନ ଥିଲା। ତେବେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ଶନିବାର ଏନେଇ ପ୍ରଥମ ଥର ମୁହଁ ଖୋଲିଛନ୍ତି। ସିଙ୍ଗାପୁରରେ ଆୟୋଜିତ ଶାଙ୍ଗ୍ରି-ଲା ଡାଏଲଗ୍‌ରେ ଯୋଗଦେଇ ଚୌହାନ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି, ଭାରତ-ପାକିସ୍ତାନ ମଧ୍ୟରେ ୪ ଦିନ ଧରି ଲାଗିଥିବା ସଂଘର୍ଷବେଳେ ଭାରତୀୟ ଯୁଦ୍ଧବିମାନ ଖସିଥିଲା। ଫାଇଟର ଜେଟ୍ ଖସିବା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ କାହିଁକି ଖସିଥିଲା ତାହା ତାତ୍ପର୍ଯ୍ୟପୂର୍ଣ୍ଣ। ୬ ଯୁଦ୍ଧବିମାନ ଖସାଇଥିବା ନେଇ ପାକିସ୍ତାନର ଦାବିକୁ ଚୌହାନ 'ସମ୍ପୂର୍ଣ୍ଣ ମିଥ୍ୟା' ବୋଲି ଖଣ୍ଡନ କରିଥିଲେ ହେଁ ଭାରତ ହରାଇଥିବା ଯୁଦ୍ଧବିମାନ ସଂଖ୍ୟା ସ୍ପଷ୍ଟ କରିନାହାନ୍ତି। ଏହା ପୂର୍ବରୁ ବାୟୁସେନା ମୁଖ୍ୟ ଅମରପ୍ରୀତ୍ ସିଂ ଗୁରୁବାର ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ବାର୍ଷିକ ବ୍ୟବସାୟିକ ସମ୍ମିଳନୀରେ କହିଥିଲେ, ପ୍ରତିରକ୍ଷା ସାମଗ୍ରୀ ସଂକ୍ରାନ୍ତରେ ଚୁକ୍ତି ସ୍ୱାକ୍ଷର ହେଉଛି; କିନ୍ତୁ ବାସ୍ତବରେ ସେଗୁଡ଼ିକ ଠିକ୍‌ସମୟରେ ପହଞ୍ଚିପାରୁନାହିଁ। ବାୟୁସେନା ମୁଖ୍ୟ ଅସନ୍ତୋଷ ବ୍ୟକ୍ତ କରିବାର ୨ ଦିନ ପରେ ସିଡିଏସ୍ ଚୌହାନ ଅନ୍ତର୍ଜାତୀୟ ମଞ୍ଚରେ ଏଭଳି କହିବା ବିରୋଧୀଙ୍କୁ ପ୍ରଶ୍ନ ଉଠାଇବା ପାଇଁ ସୁଯୋଗ ଦେଇଛି। ସରକାର ଦେଶବାସୀଙ୍କୁ ସତ କୁହନ୍ତୁ ବୋଲି କଂଗ୍ରେସ ଦାବି କରିଛି।



ସିଡିଏସ୍ ଜେନେରାଲ ଅନିଲ ଚୌହାନ

**ସିଙ୍ଗାପୁର/ନୂଆଦିଲ୍ଲୀ, ୩୧।୫(ପି.ଟି.)**
ଅପରେଶନ ସିନ୍ଦୂରରେ ଭାରତ ଅନିର୍ଦ୍ଦିଷ୍ଟ ସଂଖ୍ୟକ ଯୁଦ୍ଧବିମାନ ହରାଇଥିବା ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ଶନିବାର ସ୍ୱୀକାର କରିଛନ୍ତି। ତେବେ ଭାରତର ୬ଟି ଯୁଦ୍ଧବିମାନକୁ ଖସାଇଥିବା ନେଇ ପାକିସ୍ତାନର ଦାବି ସମ୍ପୂର୍ଣ୍ଣ ଭୁଲ୍ ବୋଲି ସେ କହିଛନ୍ତି। ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତ୍‌କାର ଦେଇ ଚୌହାନ କହିଛନ୍ତି, କେତେ ବିମାନ ହରାଇଲୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ କାହିଁକି ଆମେ ଯୁଦ୍ଧବିମାନ ହରାଇଲୁ, ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ। ଫଳରେ ଭାରତୀୟ ସେନା ଏହାର ରଣକୌଶଳକୁ ଉନ୍ନତ କରିପାରିବା ସହ ପୁନର୍ବାର ଉପଯୁକ୍ତ ଜବାବ ଦେଇପାରିବ। ତେବେ ଭଲ କଥା ହେଲା, ଆମେ କରିଥିବା କୌଶଳଗତ ଭୁଲ୍‌କୁ ବୁଝିବାରେ ସକ୍ଷମ ହୋଇଥିଲୁ ଏବଂ ଏଥିରେ ସଂଶୋଧନ କରି ୨ ଦିନ ପରେ ପୁନର୍ବାର ପ୍ରୟୋଗ କରିଥିଲୁ। ଦୀର୍ଘ ଦୂରତାକୁ ଟାର୍ଗେଟକରି ଆମେ ପୁଣିଥରେ ଆମ ଜେଟ୍‌ଗୁଡ଼ିକୁ ଉଡ଼ାଇଥିଲୁ ବୋଲି ସିଡିଏସ୍ କହିଛନ୍ତି। ସୂଚନାଯୋଗ୍ୟ, କ୍ଷୟକ୍ଷତି ଯୁଦ୍ଧର ଅଂଶବିଶେଷ ବୋଲି ପୂର୍ବରୁ ବାୟୁସେନାର ଡାଇରେକ୍ଟର ଜେନେରାଲ ଅଫ୍ ଏୟାର ଅପରେଶନ ଏୟାର ମାର୍ଶାଲ ଏ.କେ. ଭାରତୀ ସ୍ୱୀକାର କରିବା ସହ ସବୁ ବାୟୁସେନା ପାଇଲଟ ସୁରକ୍ଷିତ ଫେରିଥିବା କହିଥିଲେ।

ଏପ୍ରିଲ ୨୨ରେ ପହଲଗାମ୍‌ରେ ଆତଙ୍କବାଦୀମାନେ ୨୬ ପର୍ଯ୍ୟଟକଙ୍କୁ ହତ୍ୟା କରିବା ପରେ ମେ' ୬-୭ ରାତିରେ ଭାରତୀୟ ସେନା ଅପରେଶନ ସିନ୍ଦୂର ଜରିଆରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର(ପିଓକେ)ରେ ଥିବା ଆତଙ୍କବାଦୀଙ୍କ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିଲା। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଗାଜାରେ ଗଣହତ୍ୟା




ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା02.06.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
OIPR-09014/11/0134/2526 ସାଧାରଣ ଅଭିଯୋଗ ବିଭାଗ

DSPL-89
ଓମଫେଡ୍



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ଦୁଗ୍ଧ ଦିବସ-୨୦୨୫
ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ
ଗରିମାମୟ ଉପସ୍ଥିତି
ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ
ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ
ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ
• ୨୦୨୪-୨୫ ରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୩ ଲକ୍ଷ ଗୋପାଳକଙ୍କୁ ୭୧ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ
• ଓମଫେଡ୍ ଦୁଗ୍ଧଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ
• ରାଜ୍ୟର ୭୭ ଟି ଗୋଶାଳାକୁ ୧୦.୫ କୋଟି ଟଙ୍କାର ସହାୟତା ବଣ୍ଟନ
୧ ଜୁନ ୨୦୨୫ | କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ
ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
OIPR-06042/13/0008/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ପକ୍ଷରୁ କ୍ଷୀର ବଣ୍ଟନ, ସ୍ଥାନ: ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମ, ପାଣ୍ଡରା ଛକ, ସମୟ: ସକାଳ ୯ଟା।
- ୩୩ତମ ନୃତ୍ୟାଞ୍ଜଳି ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଦୁଗ୍ଧ ଦିବସ, ସ୍ଥାନ: ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପୁସ୍ତକ 'ମୋଦୀତନ୍ତ୍ର' ଉନ୍ମୋଚନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ବଡ଼ମ୍ବା ୩୦ ନମ୍ବର ଜୋନ ବିଜୁ ଜନତା ଦଳର ସାଙ୍ଗଠନିକ କର୍ମୀ ସମ୍ମିଳନୀ, ସ୍ଥାନ: ଲଡ଼ୁକେଶ୍ୱର ପୀଠ, ମଙ୍ଗରାଜପୁର ଗ୍ରାମ, ବଡ଼ମ୍ବା, ସମୟ: ସକାଳ ୯ଟା।
- ଥାଲେସେମିଆ ୱେଲଫେୟାର ଫୋରମ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରେଡ୍‌କ୍ରସ୍ ସେଣ୍ଟର, ସମୟ: ସକାଳ ୯ଟା।
- ଜନତା ରଙ୍ଗ ମଞ୍ଚ ପକ୍ଷରୁ ଡ. ନିବେଦିତା ଜେନାଙ୍କ ନାଟକ ଚଇତୁ ପରିବେଷଣ, ସ୍ଥାନ: ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ସନ୍ଧ୍ୟା ୭ଟା

## ବାଲେଶ୍ୱର

- ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଓ କବିତା କୁମ୍ଭର ସଂଯୋଜକ ସମ୍ମିଳନୀ, ସମୟ: ସକାଳ ୭ଟା ୩୦।
- ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ଭଗବାନପୁର ବୈଠକ ବଙ୍ଗଳା, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ତ୍ରୟୋଦଶ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସୁବୁଦ୍ଧେଶ୍ୱର ମହାଦେବଙ୍କ ପାଟ ଉତ୍ସବ, ନିଆଁପାଟ, ଆତସବାଜି କାର୍ଯ୍ୟକ୍ରମ, ସ୍ଥାନ: ପାଳୁସିଆ, ଭୋଗରାଇ, ସମୟ: ଅପରାହ୍ନ ୪ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ।
- ସାପ୍ତାହିକ କବିତା ପାଠ ଉତ୍ସବ, ସ୍ଥାନ: ଶାନ୍ତିକାନନ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ସିଦ୍ଧେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସୁଗୋ, ବାସୁଦେବପୁର, ସମୟ: ସକାଳ ୭ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସନ୍ଦକପୁର, ପୀରହାଟ, ତିହିଡ଼ି, ସମୟ: ସକାଳ ୯ଟା।
- ବନ୍ଧୁମିଳନ, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- କଳ୍ପନାଦେବୀ ଜରାନିବାସ ପ୍ରଥମ ମହଲାର ଉଦ୍‌ଘାଟନ, ସ୍ଥାନ: କାଉପୁର, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ମୟୂରଭଞ୍ଜ

- ସ୍ୱାସ୍ଥ୍ୟ ଏବଂ ଚକ୍ଷୁ ରୋଗ ପରୀକ୍ଷା ଶିବିର, ସ୍ଥାନ: ଭୀମତାଳି ବାତ୍ୟା ଆଶ୍ରୟସ୍ଥଳ, ଉଦଳା, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## ବ୍ରହ୍ମପୁର

- ଶୀତଳଷଷ୍ଠୀ ଉତ୍ସବ, ସ୍ଥାନ: ବ୍ରହ୍ମାନଗର ଭାଗବତ ପୀଠ, ସମୟ: ସକାଳ ୬ଟା।
- ହ୍ୟାଣ୍ଡ ବଲ୍ ଗ୍ରୀଷ୍ମକାଳୀନ ଶିବିର ଉଦଯାପନ, ସ୍ଥାନ: ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆ, ସମୟ: ସକାଳ ୬ଟା୪୫।
- ସିଏମ୍ ଟ୍ରଫି ଫୁଟବଲ (୨ ମ୍ୟାଚ), ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା ଓ ଅପରାହ୍ନ ୪ଟା ୩୦।
- ରଜମଉଜ ପ୍ରତିଯୋଗିତା, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ ୧୦ଟା୩୦।
- ନାଟକ ପରିବେଷଣ, ସ୍ଥାନ: ବିଦ୍ୟୁତପୁରୀ କଲୋନୀ, ସମୟ: ରାତି ୯ଟା।

## ଗଞ୍ଜାମ

- ଆଞ୍ଚଳିକ ସାମ୍ବାଦିକ ସଂଘର ବୈଠକ, ସ୍ଥାନ: ପୂର୍ତ୍ତ ବିଭାଗ ଡାକବଙ୍ଗଳା, ଶେରଗଡ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ମା'ଠାକୁରାଣୀଙ୍କ ଯାତ୍ରାର ୨୭ଦିନରେ ନଗର ଭ୍ରମଣ,ସ୍ଥାନ: ଗୁଣ୍ଡିଚା ମାର୍ଗ ନୂଆସାହି ବାଲିଗୁଡ଼ା, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- କୁମ୍ଭୀର ସଂରକ୍ଷଣ ସଚେତନତା ନିମନ୍ତେ ସାଇକେଲ ଶୋଭାଯାତ୍ରା, ସ୍ଥାନ : ଆଠମଲ୍ଲିକ ରେଞ୍ଜ ଯଦପୁର ବନ କାର୍ଯ୍ୟାଳୟ, ସମୟ : ସକାଳ ୬ଟା।
- ଶୀତଳ ଷଷ୍ଠୀ ଶୋଭାଯାତ୍ରା ଆରମ୍ଭ, ସ୍ଥାନ: ଆଠମଲ୍ଲିକ ରାମେଶ୍ୱର ପାଟଣା ମହାଦେବ ମନ୍ଦିର, ସମୟ : ସକାଳ ୮ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗର୍ତ୍ତେଶ୍ୱର ଦେବ ପୀଠ, ବାଲିଚନ୍ଦ୍ରପୁର, ରାଜନଗର, ଅମରେଶ୍ୱର ପୀଠ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।

## ଯାଜପୁର

- ହର ପାର୍ବତୀଙ୍କ ଦ୍ୱିତୀୟ ବାର୍ଷିକ ପୂଜା ଉତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ଯାଜପୁର ରୋଡ ଚୋରଦା ମହାଦେବ ସାହି, ସମୟ: ସନ୍ଧ୍ୟା ୬ଟା।
- ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଦକ୍ଷତା ବିକାଶ ତାଲିମର ୪ର୍ଥ ଦିବସ, ସ୍ଥାନ : ରଗଡି ଉପକାରାଗାର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶୀତଳଷଷ୍ଠୀ ଯାତ୍ରା ଅବସରରେ ମୋ ଗାଁ ମହୋତ୍ସବର ୨ୟ ଦିବସରେ ପ୍ରଭୁ ଚନ୍ଦ୍ର ଶେଖରଙ୍କ ନଗର ପରିକ୍ରମା, ସ୍ଥାନ: ନୟାଗଡ ବ୍ଲକ ପ୍ରତାପପ୍ରସାଦ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ଶୀତଳଷଷ୍ଠୀ ଯାତ୍ରା ଅବସରରେ ମୋ ଗାଁ ମହୋତ୍ସବର ୨ୟ ଦିବସରେ ଯାତ୍ରା ସଂଘର୍ଷ ଦ୍ୱାରା ମହି ରାବଣ ବଧ, ସ୍ଥାନ: ନୟାଗଡ ବ୍ଲକ ପ୍ରତାପପ୍ରସାଦ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଦେବ ଦମ୍ପତିଙ୍କ ଗ୍ରାମ୍ୟ ପରିକ୍ରମା କରି ମନ୍ଦିର ପ୍ରତ୍ୟାବର୍ତ୍ତନ, ସ୍ଥାନ: ଖଣ୍ଡପଡ଼ାର ମର୍ଦ୍ଧରାଜପୁର ମୁଣ୍ଡିଆ ହନୁମାନ ପୀଠ, କଣ୍ଟିଲୋ ପାଟଣା ଦୁର୍ଗା ମଣ୍ଡପ, ସମୟ: ସନ୍ଧ୍ୟା ୮ଟା।
- ଶିବ ବିବାହର ପର୍ବ ଅବସରରେ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ୧୬ ଶମ୍ଭୁ ମେଳଣ, ସ୍ଥାନ: ଶରଣକୁଳ ଲଡୁବାବା ମନ୍ଦିର, ସମୟ: ରାତି ୧୦ଟା।

## ନବରଙ୍ଗପୁର

- ମା ସନ୍ତୋଷୀଙ୍କ ମନ୍ଦିରରେ ୧୦୦୮ ଦୀପ ଯଜ୍ଞ, ସ୍ଥାନ: ଉମରକୋଟ ଡିଏନ୍‌କେସ୍ଥିତ ସନ୍ତୋଷୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ପଙ୍ଗାଙ୍ଗୀ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶାବର ଶ୍ରୀକ୍ଷେତ୍ରରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ, ସ୍ଥାନ:୨୬ ଜାତୀୟ ରାଜପଥ ପାର୍ଶ୍ୱ, କୋରାପୁଟ, ସମୟ: ଅପରାହ୍ନ ୧ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- କୃଷି ଭବନର ଉଦ୍‌ଘାଟନ ଉତ୍ସବ, ସ୍ଥାନ : ଫାର୍ମ ରୋଡ, ସମୟ ସକାଳ ୯ଟା ୩୦।
- ଶ୍ରୀଶ୍ରୀବମବରାଡ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ : ନନ୍ଦପଡା, ସମୟ : ରାତି ୧୧ଟା।
- ଶ୍ରୀଶ୍ରୀ ଲୋକନାଥ ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ: ଝାଡୁଆପଡା, ସମୟ : ରାତି ୧୧ଟା ୩୦।
- ଶ୍ରୀଶ୍ରୀ ଜାଗେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ : ମୁଦିପଡା, ସମୟ : ରାତି ୧୨ଟା।
- ଶ୍ରୀଶ୍ରୀଶିତଲେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ : ବଡବଜାର, ସମୟ : ରାତି ୧୨ଟା।
- ଶ୍ରୀଶ୍ରୀଗୁପ୍ତେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ : ଠାକୁରପଡା, ସମୟ : ରାତି ୧୨ଟା।
- ବୁଢ଼ାରଜା ମହାଦେବ ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା, ସ୍ଥାନ : ବୁଢ଼ାରଜା, ସମୟ : ରାତି ୧୨ଟା।

## ରାଉରକେଲା

- ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ସିଆଇଏସ୍‌ଏଫ୍ ଡିସ୍‌ପେନ୍‌ସାରୀ, ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏସ୍‌ପିର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୫ଟା।

## ବରଗଡ଼

- ନବବଧୂ ପାର୍ବତୀଙ୍କ ଆଗମନ, ସ୍ଥାନ: ସଂକ୍ରିପାଣି, ଗାଇସିଲେଟ,ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳଷଷ୍ଠୀରେ ଲମ୍ବାନୀ ଶୋଭାଯାତ୍ରା, ସ୍ଥାନ:ବରପାଲି, ସମୟ:ରାତି ୧ଟା।

## କଳାହାଣ୍ଡି

- ବାଲୁଙ୍କେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଉପଲକ୍ଷେ ନଗର ପରିକ୍ରମା, ସ୍ଥାନ: ଭବାନୀପାଟଣା ପୁରୁଣାପଡା, ସମୟ: ଅପରାହ୍ନ ୫ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆଗୁଡା ଜଗନ୍ନାଥ ମନ୍ଦିର, ଜୁନାଗଡ଼ ବ୍ଲକ, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁର ଜଗନ୍ନାଥ ମନ୍ଦିର ନୂତନ ପରିଚାଳନା କମିଟି କର୍ମକର୍ତ୍ତା ଚୟନ ବୈଠକ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଜିଲା ଆଦିବାସୀ କଲ୍ୟାଣ ସଂଘ ମହାସମ୍ମିଳନୀ, ସ୍ଥାନ: ଆଦିବାସୀ କଲ୍ୟାଣ ସଂଘ ସଭାଗୃହ ତନୱାଟ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରମଙ୍ଗଳ ଯୋଗ ହେତୁ ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶ ଆପଣଙ୍କ ପାଇଁ ସୁଖଦ ରହିବ। ସମାଜରେ ଆଦୃତି ସାଙ୍ଗକୁ ଯାନବାହନ, ପ୍ରଶାସନ, ସାହିତ୍ୟଚର୍ଚ୍ଚା ଶୁଭପ୍ରଦ ହେବ। ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ। ନିଜର ଲୋକଙ୍କୁ ବୃଥା ସନ୍ଦେହ କରିବା ଦ୍ୱାରା ଅଯଥା ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**ବୃଷ** କର୍ମକ୍ଷେତ୍ରସ୍ଥ ରାହୁ ବନ୍ଧୁଙ୍କ ମାଧ୍ୟମରେ ଆପଣଙ୍କ କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିବେ। ଦୈହିକ ଦୁର୍ବଳତା ଓ ପାରିବାରିକ ଅସହଯୋଗଜନିତ କାମଗୁଡ଼ିକ ଆଗକୁ ବଢ଼ିନପାରେ। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ସରକାରୀ ସ୍ତରର କାର୍ଯ୍ୟ ଅବଶ୍ୟ ସମ୍ପନ୍ନ ହୋଇଯିବ। ସହକର୍ମୀଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମନାନ୍ତରର ଆଶଙ୍କା ରହିଛି।

**ମିଥୁନ** ଆଜି ଧନାଧିପଙ୍କ ସହିତ ଲାଭାଧିପ ବୈଷୟିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ। ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ବ୍ୟବସାୟ, କଚେରି ମାମଲା, ପ୍ରତିଯୋଗିତାରେ ସଫଳ ହେବେ। ଆଲୋଚନା, ଗବେଷଣା, ଆନୁଷ୍ଠାନିକ କାମ ପ୍ରଭୃତିରୁ ପ୍ରଶଂସିତ ହୋଇପାରନ୍ତି।

**କର୍କଟ** ଆଜି ଅନୁକୂଳ ଗ୍ରହସ୍ଥିତିରୁ ଯାହା ଓ ଯେମିତି ଚାହୁଁଛନ୍ତି ପାଇବାରେ ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ପଦ ପଦବୀ ଲାଭ ସାଙ୍ଗକୁ ଲକ୍ଷ୍ୟ ହାସଲ ଦିଗରେ ଅନୁଧାବନ କରିପାରନ୍ତି। ସାହିତ୍ୟ ଚର୍ଚ୍ଚା, ଉତ୍ସବାନୁଷ୍ଠାନ, ପରିବହନ କ୍ଷେତ୍ରରେ ଉନ୍ନତ ଫଳ ପାଇବେ। ପଡ଼ୋଶୀ କିମ୍ବା ଆତ୍ମୀୟଙ୍କ ସହ ସମ୍ପର୍କ ହ୍ରାସ ଘଟିପାରେ।

**ସିଂହ** ଭାଗ୍ୟସ୍ଥ ବୁଧାଦିତ୍ୟ ଯୋଗରୁ ଆଶାର ଆଲୋକରେ କାମ ହାସଲର ସୂଚନା ପାଇ ଖୁସି ହେବେ। କୌଶଳ ପ୍ରୟୋଗ ପୂର୍ବକ ଭେଦଭାବ ଭୁଲି ଅନ୍ୟମାନଙ୍କୁ ଆପଣେଇ ନେଇପାରନ୍ତି। ନୂତନ ଯାନବାହନ, ଜମିଜମା, ନୂତନ ବନ୍ଧୁ ସମ୍ପର୍କ କ୍ଷେତ୍ରରେ ଆଗ୍ରହ ପ୍ରକାଶ କରିବେ। ସାମାଜିକ ସ୍ତରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିବେ।

**କନ୍ୟା** ଦ୍ୱାଦଶସ୍ଥ କେତୁଙ୍କ କୁପ୍ରଭାବରୁ ଅପବ୍ୟୟ ଜନିତ ଧନହାନି ଘଟିପାରେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ। ରବିଙ୍କ ଶୁଭ ସଂସ୍ଥାନରୁ ସରକାରୀ ସ୍ତରରୁ ସହାୟତା ସାଙ୍ଗକୁ ସାହିତ୍ୟ, ସାମ୍ବାଦିକତା ଏବଂ ଏଜେନ୍‌ସିପରୁ ଖୁସି ରହିବେ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବ।

**ତୁଳା** ରାଶ୍ୟାଧିପତିଙ୍କ ସ୍ୱଗୃହକୁ ଦୃଷ୍ଟିଜନିତ ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରିତ ରହିବ। ଆନୁଷଙ୍ଗିକ ସାହାଯ୍ୟ ଲାଭକରି କାର୍ଯ୍ୟକ୍ଷେତ୍ର ଓ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପ୍ରତି ମଧ୍ୟ ଅନୁରାଗ ବୃଦ୍ଧି ପାଇବ। ଖର୍ଚ୍ଚ ଭାର ବୃଦ୍ଧି ହେତୁ ଋଣଗ୍ରସ୍ତ ହେବାକୁ ପଡ଼ିପାରେ। ଭୁଲ୍ ବୁଝାମଣାଜନିତ ସାମୟିକ ମତାନ୍ତର ପାରିବାରିକ ପରିବେଶକୁ ଗମ୍ଭୀର କରିଦେଇପାରେ।

**ବିଛା** ଭାଗ୍ୟାଧିପ ସ୍ୱଗୃହସ୍ଥ ଯୋଗୁ ଶିକ୍ଷା, ସନ୍ତାନ, ଆଲୋଚନା, ସିଦ୍ଧାନ୍ତ ନେବାରେ ସଫଳତା ହାସଲ କରିବେ। ଅର୍ଥନୈତିକ, ବ୍ୟବସାୟିକ, ସାଙ୍ଗଠନିକ, ତଥା ଆନୁଷ୍ଠାନିକ କ୍ଷେତ୍ର ପାଇଁ ଦିନଟି ଭଲ। ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପାରୁ ଆରମ୍ଭ କରିଥିବା କାମଟି ପୂର୍ଣ୍ଣାଙ୍ଗ ହୋଇଯାଇପାରେ। ମଙ୍ଗଳଙ୍କ ଦୁର୍ବଳତା ସ୍ୱାସ୍ଥ୍ୟହାନିର କାରଣ ହେବ।

**ଧନୁ** ଆଜି ଅଷ୍ଟମସ୍ଥ ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କ ଅସୁସ୍ଥ ଚିନ୍ତାଧାରାକୁ ପ୍ରତିଫଳନ କରିପାରେ। ଯାହାକି ଆପଣଙ୍କ କଥାରେ, କାମରେ ଓ ବ୍ୟବହାରରେ ଅନ୍ୟମାନେ ଅନୁଭବ କରିପାରିବେ। ପାରିବାରିକ ଜୀବନରେ ଉଦାସୀନତା, ମାନସିକ ଅନ୍ତର୍ଦ୍ୱନ୍ଦ୍ୱ ଓ ପ୍ରାପ୍ୟଧନରେ ପ୍ରତିବନ୍ଧକ ସୃଷ୍ଟି କରିବ।

**ମକର** ବିଚଳିତ ମାନସିକ ସ୍ଥିତି ସାଙ୍ଗକୁ ମଙ୍ଗଳଙ୍କ ଦୁର୍ବଳତା ପ୍ରତ୍ୟେକ କାମକୁ ଅସମ୍ପୂର୍ଣ୍ଣ ରଖିବ। ଅଧିକାଂଶ ସମୟ ଅସାବଧାନତାବଶତଃ ଧନହାନିର ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା, ଋଣ ପରିଶୋଧ, କଚେରି ମାମଲା ସକାଶେ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ଅଫିସ୍‌ରେ କିମ୍ବା ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣାରୁ ମତାନ୍ତର ଘଟିପାରେ।

**କୁମ୍ଭ** ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବାରେ କିଛିନା କିଛି ସମସ୍ୟା ସାମୟିକ ଅସ୍ଥିରତା ସୃଷ୍ଟି କରିବ। ଆର୍ଥିକ ସଂକଟ, ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକର ସାମ୍ନା କରିବେ। ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବାରୁ ସାମୟିକ ଖୁସୀ ରହିପାରନ୍ତି। ସଭା ସମିତିରେ, ଆଲୋଚନା କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବାର ସୂଚନା ରହିଛି।

**ମୀନ** ପରିସ୍ଥିତି ଯାହା ଥାଉନା କାହିଁକି, ମୁଖଭାବସ୍ଥ ଶୁକ୍ର ସମସ୍ୟା ସମାଧାନରେ ସାହାଯ୍ୟ କରିବେ। କିନ୍ତୁ କେତୁ ଅପରିଣାମଦର୍ଶୀ କରାଇ ପାରିବାରିକ ଅଶାନ୍ତି ସୃଷ୍ଟି କରିବେ। ଆପଣଙ୍କ ଚିନ୍ତାଧାରାନୁଯାୟୀ ସାମାଜିକ ସ୍ତରରେ ଆଦରଣୀୟ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ପରିବହନ ଓ ସଭାସମିତି ସକାଶେ କୌଣସି ଅସୁବିଧା ରହିବ ନାହିଁ।

ଆଜି ଜୁନ୍ ୧ ତାରିଖ, ବିଶ୍ୱ ପିତାମାତା ଦିବସ, ଅନ୍ତର୍ଜାତୀୟ ଦୁଗ୍ଧ ଦିବସ, ଜ୍ୟେଷ୍ଠ ଶୁକ୍ଳପକ୍ଷର ଶୀତଳଷଷ୍ଠୀ ରବିବାର। ରାଶିନକ୍ଷତ୍ର- ଅଶ୍ଳେଷା/କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬।୫୫ମି. ଗତେ ଘ. ୦୯।୩୩ ମଧ୍ୟେ, ଘ.୦୧।୨୩ ଗତେ ଘ.୦୨।୪୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୯ ଗତେ ଘ.୦୬।୨୫ ମଧ୍ୟେ ରାହୁ କାଳ।

# ମନୋବଳ ବଢ଼ିଲେ କର୍କଟକୁ ଜିତିହେବ



ଡା. ଚିନ୍ମୟ କୁମାର ପାଣି

ଦିନକୁଦିନ କର୍କଟ ରୋଗୀଙ୍କ ସଂଖ୍ୟା ବଢିବା ସହ ଏଥିଜନିତ ମୃତ୍ୟୁସଂଖ୍ୟା ମଧ୍ୟ ବଢୁଛି। ଏହାର ମୁଖ୍ୟ କାରଣ ହେଉଛି କର୍କଟ ହେବା କଥା ଶୁଣିବାମାତ୍ରେ ମାନସିକ ସ୍ତରରେ ରୋଗୀ ଦୁର୍ବଳ ହୋଇପଡ଼ିବା। ତେବେ ଉପଯୁକ୍ତ ସମୟରେ ରୋଗ ଚିହ୍ନଟ ସହ ଚିକିତ୍ସା ଆରମ୍ଭ ହେଲେ ଏବଂ ରୋଗୀର ମନୋବଳ ଦୃଢ଼ ହେଲେ କର୍କଟକୁ ପରାଜିତ କରାଯାଇପାରିବ। ଅବଶ୍ୟ ଏବେ କର୍କଟର ମଧ୍ୟ ସଫଳ ଚିକିତ୍ସା ହୋଇପାରୁଛି ଏବଂ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ଏ ଦିଗରେ ସଚେତନତା ସୃଷ୍ଟି ଲାଗି ୧୯୮୭ ମସିହାରେ ନାଶନାଲ୍ କ୍ୟାନ୍ସର ସର୍ଭାଇଭର ଡେ' ଆରମ୍ଭ କରିବାକୁ ଯୋଜନା କରାଯାଇଥିଲା। ୧୯୮୮ ମସିହାଠାରୁ ପ୍ରତିବର୍ଷ ଜୁନ୍ ପ୍ରଥମ ରବିବାରରେ ଏହି ଦିବସ ପାଳନ କରାଯାଇଆସୁଅଛି।

ଏବେ ସ୍ତନ ଓ ମୁଖଗହ୍ୱର କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ ହେଲାଣି। ଅତ୍ୟଧିକ ନିଶାସେବନ ସହ ଅତ୍ୟାଧୁନିକ ଜୀବନଶୈଳୀ ଏହାର ପ୍ରମୁଖ କାରଣ କହିଲେ ଅତ୍ୟୁକ୍ତି ହେବନାହିଁ। ସେହିଭଳି ଭାରତରେ ପ୍ରତି ୫ଜଣରେ ୩ଜଣ, ଆମେରିକାରେ ପ୍ରତି ୪ଜଣରେ ଜଣେ ଏବଂ ଚାଇନାରେ ପ୍ରତି ୨ଜଣରେ ଜଣେ କର୍କଟ ରୋଗୀ ଆଖି ବୁଜି ଦେଉଛନ୍ତି। ଲାନ୍‌ସେଟ ରିଜିଓନାଲ ହେଲ୍‌ଥ ସାଉଥ୍‌ଇଷ୍ଟ ଏସିଆ ପତ୍ରିକାରେ ଏଭଳି ତଥ୍ୟ ପ୍ରକାଶ ପାଇଛି। ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ ବା ଆଇସିଏମ୍‌ଆର୍ ଅଧ୍ୟୟନରୁ ଜଣାପଡିଛି, ବିଶ୍ୱବ୍ୟାପୀ କର୍କଟ ରୋଗୀଙ୍କ ସଂଖ୍ୟା ନେଇ ଯେଉଁ ତାଲିକା କରାଯାଇଛି, ସେଥିରେ ତୃତୀୟ ସ୍ଥାନରେ ରହିଛି ଭାରତ। ବିଶ୍ୱର କର୍କଟଜନିତ ମୃତ୍ୟୁର ୧୦% କେବଳ ଭାରତରେ ହେଉଛି। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ କର୍କଟଜନିତ ମୃତ୍ୟୁ ପରିଚାଳନା କରିବାରେ ଏକ ବଡ଼ ଚ୍ୟାଲେଞ୍ଜକୁ ସାମ୍ନା କରିବ। ଗ୍ଲୋବାଲ କ୍ୟାନ୍‌ସର ଅବଜରଭେଟୋରି- ୨୦୨୨ ଏବଂ ଗ୍ଲୋବାଲ ହେଲ୍‌ଥ ଅବଜରଭେଟୋରି ତଥ୍ୟ ଆଧାରରେ ୨୦ବର୍ଷ ମଧ୍ୟରେ ୩୬ ପ୍ରକାର କର୍କଟ ରୋଗ ଉପରେ ପରୀକ୍ଷଣ ହୋଇଥିଲା। କର୍କଟ ରୋଗଜନିତ ମୃତ୍ୟୁ ପ୍ରତିବର୍ଷ ବୃଦ୍ଧି ପାଉଥିବା ଏହି ପରୀକ୍ଷଣ ବେଳେ ବିଶେଷଜ୍ଞ ଟିମ୍ ଜାଣିବାକୁ ପାଇଥିଲେ।

**ନାଶନାଲ କ୍ୟାନସର ସର୍ଭାଇଭର ଡେ'**




କେବଳ ଏତିକି ନୁହେଁ, ପରୀକ୍ଷଣରୁ ଆଉ କିଛି ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ଉଭୟ ପୁରୁଷ ଓ ମହିଳାଙ୍କୁ ପ୍ରଭାବିତ କରୁଥିବା ୫ଟି ସାଧାରଣ କର୍କଟ ରୋଗ ସମୂହ ଭାରତରେ କର୍କଟ ବୋଝର ୪୪%। ପୁରୁଷଙ୍କ ଅପେକ୍ଷା ମହିଳାମାନେ ଏ କ୍ଷେତ୍ରରେ ଅଧିକ ଜଟିଳ ସ୍ଥିତିକୁ ସାମ୍ନା କରୁଛନ୍ତି। ମହିଳାଙ୍କ ପାଇଁ ଏବେ ସବୁଠୁ ବଡ଼ କାଳ ସାଜିଛି ସ୍ତନ କର୍କଟ ଓ ଗର୍ଭାଶୟ କର୍କଟ। ଅପରପକ୍ଷେ ପୁରୁଷମାନେ ମୁଖଗହ୍ୱର, ଶ୍ୱାସନଳୀ ଏବଂ ଖାଦ୍ୟନଳୀଜନିତ କର୍କଟର ଶିକାର ହେଉଛନ୍ତି। ଏହାର କାରଣ ସଂପର୍କରେ ବିଶେଷଜ୍ଞମାନେ ସର୍ଭେ ରିପୋର୍ଟରେ ସେଭଳି କିଛି ଦର୍ଶାଇନଥିଲେ ହେଁ ଏହା ମୁଖ୍ୟତଃ ଧୂମପାନ, ନିଶାସେବନ, ପାନ ଓ ଗୁଟ୍‌ଖାର ଅତ୍ୟଧିକ ବ୍ୟବହାର ସହିତ ବାୟୁମଣ୍ଡଳ ପ୍ରଦୂଷଣ ପାଇଁ ହେଉଥିବା କୁହାଯାଉଛି। ତେଣୁ ବର୍ତ୍ତମାନ ଅଧିକ ସଚେତନ ହେବାର ଆବଶ୍ୟକତା ରହିଛି।

**-ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ, ଭୁବନେଶ୍ୱର**

# ଦୁଗ୍ଧର ଶକ୍ତି ପାଳନ

ବିଶ୍ୱ ଦୁଗ୍ଧ ଦିବସ ୨୦୦୧ ମସିହାରୁ ପ୍ରତିବର୍ଷ ଜୁନ ୧ ତାରିଖରେ ପାଳିତ ହୋଇଆସୁଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ଦୁଗ୍ଧର ଶକ୍ତି ପାଳନ'। ଏହି ବିଷୟବସ୍ତୁ ବିଶ୍ୱ ସ୍ୱାସ୍ଥ୍ୟ, ପୁଷ୍ଟିସାର, ଜୀବିକା ଏବଂ ସ୍ଥାୟିତ୍ୱରେ ଦୁଗ୍ଧ ଉତ୍ପାଦନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରେ। ଏହା ସମସ୍ତଙ୍କୁ ଫାର୍ମଠାରୁ ଟେବୁଲ ପର୍ଯ୍ୟନ୍ତ ଦୁଗ୍ଧ କ୍ଷେତ୍ରର ଅବଦାନ ଏବଂ ଶକ୍ତିଶାଳୀ ତଥା ସୁସ୍ଥ ସମାଜ ଗଠନରେ ଏହାର ପ୍ରଭାବକୁ ସ୍ୱୀକାର କରିବାକୁ ପ୍ରୋତ୍ସାହିତ କରେ। ତେବେ ଏହି ଦିବସ ଏକ ଆନ୍ଦୋଳନ ଯାହା କ୍ଷୀରକୁ ଏକ ଗୁରୁତ୍ୱପୂର୍ଣ୍ଣ, ସୁଲଭ ଖାଦ୍ୟ ଉତ୍ସର ସ୍ଥାନ ଦେଇଛି। ପିଢ଼ି ପରେ ପିଢ଼ି କ୍ଷୀର ଏକ ସୁସ୍ଥ ଖାଦ୍ୟର ଏକ ଅଂଶ ହୋଇଆସିଛି। ଏହାକୁ ସର୍ବଦା ବିଶେଷକରି ବଢୁଥିବା ପିଲାଙ୍କ ପାଇଁ ଏକ ପୁଷ୍ଟିକର ପାନୀୟ ଭାବରେ ବିବେଚନା କରାଯାଇଆସୁଛି। ଏହା କେବଳ ଏକ ପାନୀୟ ନୁହେଁ ବରଂ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ସହ ହାଡ଼ ଏବଂ ମାଂସପେଶୀର ଯତ୍ନ ନେଉଛି। ଏହା ସହିତ ଏହାର ଅନେକ ସ୍ୱାସ୍ଥ୍ୟଗତ ଫାଇଦା ମଧ୍ୟ ମିଳୁଛି । ଏପରିକି ଏହାକୁ ସର୍ବୋତ୍ତମ ଖାଦ୍ୟ ଭାବେ ଅଭିହିତ କରାଯାଉଛି।

**ବିଶ୍ୱ ଦୁଗ୍ଧ ଦିବସ**



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ତୁ ଡାଳେ ଡାଳେ ବୁଲିଲେ**
**ମୁଁ ପତରେ ପତରେ ଯିବି।**

ଅନେକ ସମୟରେ ପରସ୍ପର ମଧ୍ୟରେ ଟକରା ଟକରି ଚାଲୁଥିବାର ଦେଖିବାକୁ ମିଳିଥାଏ। ଦୁଇ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ସୃଷ୍ଟି ହେଉଥିବା ବେଳେ କେହି କାହାରିକୁ ସହଜରେ ଛାଡ଼ି ନ ଥାନ୍ତି। ଜଣେ ଆଉ ଜଣଙ୍କ ଠାରୁ ବୁଦ୍ଧିରେ ବଳିଯିବା ବା ଟପିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋଳିବାକୁ ସହସ୍ରେ ଦିନ**
**ଭାଙ୍ଗିବାକୁ କ୍ଷଣେ।**

ଗଢ଼ିବାଠାରୁ ଭାଙ୍ଗିବା ଅତି ସହଜ ହୋଇଥାଏ। ତିଆରି କରିବାକୁ ହେଲେ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥାଏ ଓ ସେହି ଅନୁସାରେ ସମୟ ମଧ୍ୟ ବହୁତ ଲାଗିଥାଏ। କିନ୍ତୁ ଭାଙ୍ଗିବା କଥା ଉଠିଲେ ସମୟ ଆଦୌ ଲାଗି ନ ଥାଏ। ଜିନିଷ ଗଢ଼ିବା ଅପେକ୍ଷା ଭାଙ୍ଗିବା ଖୁବ୍ ସହଜ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଫରେଷ୍ଟରଙ୍କୁ ହତ୍ୟା,...

ପୋଲିସ କହିଛି। ହତ୍ୟାର କାରଣ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଥିବାବେଳେ ପରକୀୟା ପ୍ରୀତିରୁ ଏହି ହତ୍ୟାକାଣ୍ଡ ଘଟିଥିବା ଆଲୋଚନା ଜୋର ଧରିଛି। ପ୍ରାଥମିକ ତଦନ୍ତ ପରେ ପୋଲିସ ଶିଶିରଙ୍କ ସ୍ତ୍ରୀ ନମିତା (୪୮) ଏବଂ ପୁଅ ଅଭିଷେକ (୨୬)ଙ୍କୁ ସନ୍ଦେହ କରୁଛି। ତେବେ ଘରେ ନମିତା ପେଟ୍ରୋଲ ଢାଳି ନିଆଁ ଲଗାଇଥିବା କଥାକୁ ପୁଅ ଅଭିଷେକ ପଚରାଉଚରା ସମୟରେ ସ୍ୱୀକାର କରିଥିବା ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ କହିଛନ୍ତି। ଶିଶିରଙ୍କ ବଡ଼ ଭାଇ ଶରତ ସାହୁଙ୍କ ଅଭିଯୋଗ କ୍ରମେ ନୟାଗଡ଼ ଟାଉନ ଥାନାରେ ୨୩୧/୨୫ ନମ୍ବରରେ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ପୋଲିସ ଫରେଷ୍ଟରଙ୍କ ଘରର ଖଟ ଉପରୁ ତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଶନିବାର ଜବତ କରିଛି। ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ପରେ ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପାଇଁ କଟକ ବଡ଼ ମେଡିକାଲକୁ ପଠାଯାଇଛି। ଘରେ ଅଗ୍ନିକାଣ୍ଡ ଯୋଗୁ ୱିଣ୍ଡୋ ଏସି, ସ୍କୁଟି, ସିଲେଇ ମେଶିନ୍ ଭଳି କେତେକ ଗୃହ ଉପକରଣ ଜଳି ଯାଇଛି।

ପୋଲିସ ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ପଞ୍ଚରିଡ଼ା ଫରେଷ୍ଟର ଶିଶିର ସାହୁ, ସ୍ତ୍ରୀ ନମିତା, ପୁଅ ଅଭିଷେକ ନୟାଗଡ଼ ବାରମାସି ଦଣ୍ଡସ୍ଥିତ ଘରେ ଥିବାବେଳେ ଛାତ ଘରୁ ନିଆଁ ବାହାରିଥିଲା। ନମିତା ବାହାରକୁ ଆସି ଘରେ ନିଆଁ ଲାଗି ଯାଇଥିବା ନେଇ ଚିତ୍କାର କରିବା ପରେ ସ୍ଥାନୀୟ ଲୋକ ପହଞ୍ଚି ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ଖବରପାଇ ନୟାଗଡ଼ ଦମକଳ କେନ୍ଦ୍ରର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ ଘରର ବେଡ୍‌ରୁମ ଖଟ ଉପରେ ଶିଶିରଙ୍କ ଗୋଟିଏ ଗୋଡ଼ ଚଟାଣରେ ଅନ୍ୟଟି ଖଟରେ ଥିବା ଅବସ୍ଥାରେ ଜଳିଯାଇଥିବା ଦେଖିବାକୁ ମିଳିଥିଲା। ସେତେବେଳେ ସେ ବନ ବିଭାଗର ୟୁନିଫର୍ମରେ ଥିବାବେଳେ ଜୋତା ମଧ୍ୟ ପିନ୍ଧିଥିଲେ। ନିକଟରେ କିଛି ତାର ଏବଂ ଘରେ ରକ୍ତ ଛିଟା ଓ କିଛି ପାଇପ ପଡ଼ିଥିଲା। ନିଆଁ ଲାଗିବାର କାରଣ ସମ୍ପର୍କରେ ସ୍ତ୍ରୀ ଓ ପୁଅ ମୁହଁ ଖୋଲି ନ ଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିଲା। ନୟାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାମାନ୍ୟ ଆହତ ଥିବା ନମିତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଶିଶିରଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବଡ଼ ଭାଇ ଶରତ ସାହୁ ଅଭିଯୋଗ କରିଥିଲେ। ପୋଲିସ ମଧ୍ୟ ଏହାକୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଭାବେ ଗ୍ରହଣ କରି ତଦନ୍ତ ଚଳାଇବା ସହ ଶିଶିରଙ୍କ ପୁଅ ଅଭିଷେକଙ୍କୁ ପଚରାଉଚରା ନିମନ୍ତେ ସାଙ୍ଗରେ ନେଇଯାଇଥିଲା।

ଏ ସମ୍ପର୍କରେ ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ଏହା ହତ୍ୟାକାଣ୍ଡ ବୋଲି ଜଣାପଡୁଛି। ଘରେ ମା' ନିଆଁ ଲଗାଇଥିବା ପୁଅ ସ୍ୱୀକାର କରିଛି। ସ୍ତ୍ରୀ (ନମିତା) ଚିକିତ୍ସାଳୟରେ ଥିବାରୁ ପଚରାଉଚୁରା କରାଯାଇ ପାରିନାହିଁ। ପରକୀୟା ପ୍ରୀତି ଯୋଗୁ ହତ୍ୟା ଘଟିଥିବାର ପ୍ରମାଣ କିଛି ମିଳିନି। ଖୁବ୍‌ଶୀଘ୍ର ହତ୍ୟାର କାରଣ ପର୍ଦ୍ଦାଫାଶ ହେବ ବୋଲି ସେ କହିଛନ୍ତି। ନୟାଗଡ଼ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ତେବେ ହତ୍ୟାକାରୀ କିଏ ସେନେଇ ସେ ଅଭିଯୋଗରେ ଦର୍ଶାଇ ନାହାନ୍ତି। ପାରିବାରିକ ବିବାଦରୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ପାରିବାରିକ ବିବାଦ କ'ଣ ଥିଲା, ପରକୀୟା ପ୍ରୀତି ଥିଲା କି ନାହିଁ, ତା'ର ତଦନ୍ତ ଆରମ୍ଭ ହୋଇଛି। ପରିବାର ଲୋକଙ୍କୁ ପଚରାଉଚୁରା କରାଯାଉଛି ବୋଲି ପଣ୍ଡା କହିଛନ୍ତି।

## ଖସିଥିଲା ଭାରତର ...

ଏହାର ଜବାବରେ ପାକିସ୍ତାନ ଭାରତର ସୀମାନ୍ତ ସାମରିକ ଘାଟି ଏବଂ ଜନବସତି ଅଞ୍ଚଳକୁ ଟାର୍ଗେଟ କରିବାରୁ ଏହାର ମୁହଁତୋଡ଼ ଜବାବ ଦିଆଯାଇଥିଲା। ୪ ଦିନର ସଂଘର୍ଷ ପରେ ମେ' ୧୦ରେ ଦୁଇ ଦେଶର ଡିଜିଏମ୍‌ଓଙ୍କ ମଧ୍ୟରେ ଅସ୍ତ୍ରବିରତି ପାଇଁ ବୁଝାମଣା ହୋଇଥିଲା। ସିଡିଏସ୍ ଆହୁରି ସ୍ପଷ୍ଟ କରିଛନ୍ତି ଯେ, ସଂଘର୍ଷ କଦାପି ଆଣବିକ ଯୁଦ୍ଧ ନିକଟବର୍ତ୍ତୀ ସ୍ଥିତିକୁ ଆସି ନ ଥିଲା। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପାକିସ୍ତାନ ସହ ଯୋଗାଯୋଗ ଚ୍ୟାନେଲ ସବୁବେଳ ପାଇଁ ଖୋଲା ରହିଥିଲା। ଭାରତର ୬ଟି ଯୁଦ୍ଧବିମାନକୁ ଖସାଇଥିବା ନେଇ କିଛିଦିନ ପୂର୍ବରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଦାବି କରିଥିବାବେଳେ ଏହାର କୌଣସି ନିରପେକ୍ଷ ଯାଞ୍ଚ ହୋଇ ନ ଥିବା ବ୍ଲୁମ୍‌ବର୍ଗ ରିପୋର୍ଟରେ କୁହାଯାଇଛି। ଭାରତ ବ୍ରହ୍ମୋସ୍ ମିଶାଇଲ ମାଡ଼ କରିବାରୁ ପାକିସ୍ତାନର ଯୋଜନାବଦ୍ଧ ଆକ୍ରମଣ ପଥଭ୍ରଷ୍ଟ ହୋଇଥିବା ଶରିଫ୍ ସ୍ୱୀକାର କରିଥିଲେ।

ସଂଘର୍ଷ ବେଳେ ଭାରତ ଯୁଦ୍ଧବିମାନ ହରାଇଥିବା ସିଡିଏସ୍ ଅନିଲ ଚୌହାନ ସ୍ୱୀକାର କରିବା ପରେ କ୍ଷୟକ୍ଷତି ସମ୍ପର୍କରେ ସମ୍ପୂର୍ଣ୍ଣ ସତ୍ୟ କେନ୍ଦ୍ର ସରକାର ଦେଶବାସୀଙ୍କୁ ଜଣାନ୍ତୁ ବୋଲି କଂଗ୍ରେସ ଶନିବାର ଦାବି କରିଛି। ସିଡିଏସ୍‌ଙ୍କ ସ୍ୱୀକାରୋକ୍ତି ପରେ ଭାରତ ପ୍ରକୃତରେ କେତୋଟି ଯୁଦ୍ଧବିମାନ ହରାଇଛି, ତାହା ଦେଶବାସୀ ଜାଣିବାକୁ ଚାହାନ୍ତି ବୋଲି କଂଗ୍ରେସ ନେତା ଉତ୍ତମ କୁମାର ରେଡ୍ଡୀ କହିଛନ୍ତି। ସରକାର ସ୍ୱଚ୍ଛ ହେବା ଆବଶ୍ୟକ। ଗଣତନ୍ତ୍ରରେ ଉତ୍ତରଦାୟିତ୍ୱ ସ୍ୱାଭାବିକ କଥା। ଭାରତୀୟ ସଶସ୍ତ୍ର ବଳର ପ୍ରତ୍ୟେକ ପ୍ରୟାସକୁ କଂଗ୍ରେସ ସମର୍ଥନ କରେ। ସେମାନଙ୍କ ମହାନ୍ କାର୍ଯ୍ୟ ପାଇଁ ଦଳ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆମେ ସାଲ୍ୟୁଟ୍ କରୁଛୁ ବୋଲି ରେଡ୍ଡୀ କହିଛନ୍ତି।

କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, କାର୍‌ଗିଲ୍ ଯୁଦ୍ଧର ମାତ୍ର ୩ ଦିନ ପରେ ବାଜପେୟୀ ସରକାର ୧୯୯୯ ଜୁଲାଇ ୨୯ରେ ଦେଶର ରଣନୈତିକ ବ୍ୟାପାର ଗୁରୁ କେ. ସୁବ୍ରମନ୍ୟମ୍‌ଙ୍କ ଅଧ୍ୟକ୍ଷତାରେ କାର୍‌ଗିଲ୍ ସମୀକ୍ଷା କମିଟି ଗଠନ କରିଥିଲେ। ୫ ମାସ ପରେ କମିଟି ରିପୋର୍ଟ ପ୍ରଦାନ କରିଥିଲା, ଯାହା ୨,୦୦୦ ଫେବୃଆରୀ ୨୩ରେ ପାର୍ଲାମେଣ୍ଟର ଉଭୟ ଗୃହରେ ଉପସ୍ଥାପନ କରାଯାଇଥିଲା। ସିଡିଏସ୍‌ଙ୍କ ସ୍ୱୀକାରୋକ୍ତି ପରେ ନରେନ୍ଦ୍ର ମୋଦି ସରକାର ଅନୁରୂପ ପଦକ୍ଷେପ ନେବେ କି ବୋଲି ଜୟରାମ ପ୍ରଶ୍ନ କରିଛନ୍ତି।

# ବେଳାଭୂମି, ଜନବସତିରେ ଲୁଣାପାଣି ପଶିଲା

## ସମୁଦ୍ର ଢେଉ କୂଳ ଲଂଘିଲା



ସମୁଦ୍ର ଜୁଆରପାଣି ବେଳାଭୂମି ମହୋତ୍ସବ ମଞ୍ଚ ନିକଟରୁ ଗାଡି ପାର୍କିଂ ସ୍ଥଳ ପର୍ଯ୍ୟନ୍ତ ମାଡ଼ିଯାଇଛି।

**ଏରସମା,୩୧।୫(ଦୀପ୍ତି ଖଣ୍ଡୁଆଳ)**

ଜଗତ୍‌ସିଂହପୁର ଜିଲାର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ବେଳାଭୂମି ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ସମୁଦ୍ର କୂଳ ଲଂଘି ବେଳାଭୂମି ଓ ଜନବସତି ପର୍ଯ୍ୟନ୍ତ ମାଡ଼ିଯାଇଛି। ବେଳାଭୂମି ମହୋତ୍ସବ ମଞ୍ଚ ନିକଟରୁ ଗାଡି ପାର୍କିଂ ସ୍ଥଳ ପର୍ଯ୍ୟନ୍ତ ସମୁଦ୍ର ଜୁଆର ପାଣି ଚାଲିଆସିଛି। ଶନିବାର ଜୁଆର କମିବା ପରିବର୍ତ୍ତେ ପୂର୍ବାହ୍ଣରେ ପାର୍କିଂ ସ୍ଥଳ ଅତିକ୍ରମ କରି ଅସ୍ଥାୟୀ ହୋଟେଲ ଓ ବିପଣି ଗୃହ ପର୍ଯ୍ୟନ୍ତ ମାଡିଯାଇଛି। ଓଟିଡିସି ଗୃହ ପାଚେରି ମଧ୍ୟ ଜୁଆର ପାଣି ମାଡ଼ରେ ପ୍ରଭାବିତ ହୋଇଛି। ଏହାଦେଖି ବେଳାଭୂମି ସଂଲଗ୍ନ ପଦ୍ମପୁର ପଞ୍ଚାୟତର ଶିଆଳି, କଳାବେଦି, ରାମତରା, ଶଙ୍ଖା, ନୋଳିଆସାହି ଆଦି ଅଞ୍ଚଳର ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଗଡ଼ବିଶୁନିପୁର, ଗଡ଼ହରିଶପୁର, ଆମ୍ବିକି ଆଦି ସମୁଦ୍ର ସଂଲଗ୍ନ ପଞ୍ଚାୟତବାସୀ ମଧ୍ୟ ସମୁଦ୍ରର ଆକସ୍ମିକ ଉଗ୍ରରୂପ ଦେଖି ଭୟଭୀତ ହୋଇପଡ଼ିଛନ୍ତି। ଲଘୁଚାପ ପ୍ରଭାବରେ ୨୨ ତାରିଖରୁ ୭ ଦିନ ହେବ ଲଗାଣ ବର୍ଷା ହେଉଛି। ଏହା ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇପଡ଼ିଥିବା କୁହାଯାଉଛି।

ସୂଚନାଯୋଗ୍ୟ, ଶିଆଳିଠାରେ ସମୁଦ୍ର ଅଗଭୀର ଥିବାରୁ ଓ ଏହାର ଆକର୍ଷଣୀୟ ପ୍ରାକୃତିକ ପରିବେଶକୁ ବିଚାରକୁ ନେଇ ଗତ ୨୦୧୪ରେ ରାଜ୍ୟ ସରକାର ଏହି କ୍ଷେତ୍ରକୁ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେଇଥିଲେ। ପ୍ରାୟ ବର୍ଷସାରା ବହୁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଏଠାକୁ ଛୁଟି କଟାଇବାକୁ ଆସନ୍ତି। ଏହାକୁ ଦୃଷ୍ଟିରେ ରଖି ଓଟିଡିସି ପକ୍ଷରୁ ଶିଆଳିଠାରେ ପର୍ଯ୍ୟଟକମାନଙ୍କ ପାଇଁ ସଭାଗୃହ ନିର୍ମାଣ କରାଯାଇଛି। ମାତ୍ର ପରିତାପର ବିଷୟ, ସମୁଦ୍ରର ଲୁଣା ଜୁଆର କବଳରୁ ଉପକୂଳ ସୁରକ୍ଷା ପାଇଁ କୌଣସି ଆଖିଦୃଶିଆ ପ୍ରତିକାର ବ୍ୟବସ୍ଥା କରାଯାଇନାହିଁ। ପ୍ରଶାସନ ପକ୍ଷରୁ ଜୁଆର ପ୍ରତିରୋଧକ ଭାବେ କେବଳ ଅସ୍ଥାୟୀ ଖାଡ଼ି ଖୁଣ୍ଟ ପୋତି ତାରଜାଲି ଦ୍ୱାରା ପଥର ଛାଉଣି କରାଯାଇଥିଲା। ମାତ୍ର ତାହା ସମୁଦ୍ର ଗର୍ଭରେ ଲୀନ ହୋଇଗଲାଣି। ଏଥିସହିତ ଜୁଆର ମାଡ଼ରେ ଅସୁରକ୍ଷିତ ହୋଇପଡ଼ିଥିବା ଭିୟୁ ଟାୱାରକୁ ମଧ୍ୟ ପ୍ରଶାସନ ପକ୍ଷରୁ ଗତ ୨୦୨୪ରେ ଭାଙ୍ଗି ଦିଆଯାଇଛି। ଇତିମଧ୍ୟରେ ବେଳାଭୂମି ମହୋତ୍ସବ ପିଣ୍ଡି ସମୁଦ୍ର ଗର୍ଭରେ ଲୀନ ହୋଇଗଲାଣି। ଏଭଳିସ୍ଥିତିରେ ଉପକୂଳ ସୁରକ୍ଷା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ସାଗରମାଳା ପ୍ରକଳ୍ପ ମାଧ୍ୟମରେ ହେବାକୁ ଥିବା ପଥର ବନ୍ଧ କାଗଜପତ୍ରରେ ସୀମିତ ରହିଯାଇଛି ବୋଲି ପଦ୍ମପୁର ପଞ୍ଚାୟତର ପ୍ରଣତି ଗିରି ଦୁଃଖର ସହ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଏରସମା ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ, ଜିଲାପାଳଙ୍କ ସହ ଏ ବିଷୟରେ ଆଲୋଚନା କରିଛି, ତା'ଉପରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ପ୍ରତିଭାରାଣୀ ପାତ୍ର କୁହନ୍ତି, ପୂର୍ବରୁ ସମୁଦ୍ର ଉପକୂଳରେ ଉଚ୍ଚା ବାଲିବନ୍ଧ ଥିଲା। ପ୍ରାକୃତିକ କାରଣରୁ ତାହା ବିଲୁପ୍ତ ହୋଇଗଲାଣି। ଫଳରେ ସାମାନ୍ୟ ଜୁଆର ଆସିଲେ ଲୁଣାପାଣି କୂଳ ଲଂଘୁଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବା ଉଚିତ ବୋଲି ପାତ୍ର ପ୍ରକାଶ କରିଛନ୍ତି।

# ନିଶା ନୁହେଁ, ଜୀବନକୁ ଗ୍ରହଣ କର: ମୁଖ୍ୟମନ୍ତ୍ରୀ

## ବିଶ୍ୱ ତମାଖୁ ନିଷେଧ ଦିବସ



**ଭୁବନେଶ୍ୱର,୩୧।୫(ରବିନାରାୟଣ ଜେନା)**

ଭାରତରେ ପ୍ରାୟ ବର୍ଷକୁ ୧୪ ଲକ୍ଷ ଲୋକ ତମାଖୁ ସେବନ ଯୋଗୁ ଜୀବନ ହରାଉଛନ୍ତି। ପ୍ରତି ବର୍ଷ ଭାରତରେ ବିଭିନ୍ନ କାରଣରୁ ଯେତିକି ମୃତ୍ୟୁ ହେଉଛି, ତା'ର ପ୍ରାୟ ୧୦% କେବଳ ତମାଖୁଜନିତ। ଜନସାଧାରଣ, ବିଶେଷକରି ଯୁବ ସମାଜ କିପରି ଏଥିରୁ ମୁକ୍ତି ପାଇବେ ସେଥିପ୍ରତି ଗମ୍ଭୀରତାର ସହ ବିଚାର କରିବାର ସମୟ ଆସିଛି। ନିଶା ନୁହେଁ, ଜୀବନକୁ ଆପଣେଇବା ପାଇଁ ସମସ୍ତଙ୍କୁ ସଂକଳ୍ପ ନେବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଲୋକସେବା ଭବନ କନ୍‌ଭେନ୍‌ଶନ ହଲ୍‌ଠାରେ ଶନିବାର ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ତମାଖୁଜନିତ ମୃତ୍ୟୁକୁ ରୋକିବା ପାଇଁ କେବଳ ଗୋଟିଏ ଉପାୟ ହେଉଛି ସଚେତନତା। ଲୋକମାନେ ଏହାର ଭୟାବହତା ଜାଣିବା ସତ୍ତ୍ୱେ ଏଥିରୁ ଦୂରେଇ ପାରୁନାହାନ୍ତି। ଯଦି ଗୋଟିଏ ବ୍ୟକ୍ତିକୁ ସଚେତନ କରାଇପାରୁଛେ, ତେବେ ଆମେ ତା'ର ଜୀବନ ବଞ୍ଚାଇ ପାରୁଛେ। ତମାଖୁ ସେବନର ଅପକାରିତା ଏବଂ ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନକୁ ଘରେ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସେ କହିଥିଲେ, ତମାଖୁ, ସିଗାରେଟ୍ ଓ ନିଶାଦ୍ରବ୍ୟର ବିଜ୍ଞାପନ ମଧ୍ୟ ଯୁବ ସମାଜ ଉପରେ ପ୍ରଭାବ ପକାଉଛି। ଏହି ଛଳନାପୂର୍ଣ୍ଣ ବିଜ୍ଞାପନ ପ୍ରତି ସଜାଗ ରହିବା ଆବଶ୍ୟକ। ଏସ୍‌ଟିଏଫ୍‌କୁ କ୍ଷମତାପନ୍ନ କରାଯାଇଛି। ତମାଖୁ ସହିତ ସବୁ ପ୍ରକାର ନିଶା ଦ୍ରବ୍ୟ ଉପରେ ଅଙ୍କୁଶ ଲଗାଇବା ପାଇଁ ଖୁବ୍‌ଶୀଘ୍ର ନୂତନ ଅବକାରୀ ନୀତି ପ୍ରଣୟନ କରାଯିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ନିଶା ବ୍ୟବହାରର ଫଳ ହେଉଛି ମୃତ୍ୟୁ। ତେଣୁ ଏଥିପ୍ରତି ସଚେତନତା ବୃଦ୍ଧି କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ତମାଖୁ, ମଦ, ଡ୍ରଗ୍ସର ବ୍ୟବହାର ଓ ପ୍ରସାର ରୋକିବା ପାଇଁ ଏଭଳି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି। ସମାଜର ଶେଷ ଲୋକ ପର୍ଯ୍ୟନ୍ତ ଆମେ ଏହି ସଚେତନତା ବାର୍ତ୍ତା ପହଞ୍ଚାଇବୁ। ଅବକାରୀ ଆଇନରେ ଦୋଷୀ ପ୍ରତି ଦଣ୍ଡବିଧାନ ଆହୁରି କଡ଼ାକଡ଼ି ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଅବକାରୀ ବିଭାଗ କମିଶନର ଗୁହା ପୁନମ୍‌ତାପସ କୁମାର ପ୍ରମୁଖ ଉପସ୍ଥିତ ଥିଲେ।




# ଶିଳ୍ପ ପାଇଁ ଜଳକର ୧୦% ବୃଦ୍ଧି

**ଭୁବନେଶ୍ୱର,୩୧।୫ (ରବିନାରାୟଣ ଜେନା)**

ଶିଳ୍ପ ଓ ବ୍ୟବସାୟ କ୍ଷେତ୍ର ଲାଗି ଚଳିତ ଆର୍ଥିକବର୍ଷ ପାଇଁ ଜଳକର ୧୦ପ୍ରତିଶତ ବୃଦ୍ଧି କରାଯାଇଛି। ଏହି ଦରକୁ ପିଛିଲା ଭାବେ ଏପ୍ରିଲ ପହିଲାରୁ ଲାଗୁ କରିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏସଂକ୍ରାନ୍ତରେ ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ ଆରତୀ ରାଉତ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ (ପ୍ରକଳ୍ପ ଏବଂ ଉନ୍ନୟନ)ଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ଓଡ଼ିଶା ଜଳସେଚନ ନିୟମ-୧୯୬୧ ଓ ସଂଶୋଧନ ନିୟମ-୨୦୧୬ ଅନୁଯାୟୀ, ୨୦୨୫-୨୬ ଆର୍ଥିକବର୍ଷ ଲାଗି ୧୦ପ୍ରତିଶତ ଜଳକର ବୃଦ୍ଧି କରାଯାଇଛି। ଏହାକୁ ପିଛିଲା ଭାବେ ଏପ୍ରିଲ ପହିଲାରୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲାଗୁ କରାଯିବ। ଏସଂକ୍ରାନ୍ତରେ ଅଧସ୍ତନ ଅଧିକାରୀଙ୍କୁ ଅବଗତ କରାଇବାକୁ ସେ ପତ୍ରରେ ଦର୍ଶାଇଛନ୍ତି।




# ବିସ୍ଫୋରକ ଲୁଟ୍ ଘଟଣା: ଗୋଦାମ ଯାଞ୍ଚକଲା ଏସ୍‌ଆଇଟି

**ବଡ଼ଗାଁ,୩୧।୫(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥରକ୍ୱାରିରୁ ୪ଟନ୍ ବିସ୍ଫୋରକ ଲୁଟ ଘଟଣାରେ ଶନିବାର ଏସଆଇଟି ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ଗାଁ ନିକଟ ଜଙ୍ଗଲରେ ଥିବା ବିସ୍ଫୋରକ ଗୋଦାମରେ ପହଞ୍ଚି ତନାଘନା ଚଳାଇଛି। ତହସିଲଦାର ଝରଣା ପ୍ରଧାନ, ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ, ଏଏସ୍‌ଆଇ ଅରୂପାନନ୍ଦ ଦାସ, ବଣାଇଁ ଏସ୍‌ଡିପିଓ ଏବଂ ଖଣି ଅଧିକାରୀମାନେ ପୂର୍ବରୁ ସିଲ୍ ହୋଇଥିବା ଗୋଦାମ ଭିତରେ ପଶି ଯାଞ୍ଚ କରିବା ପରେ ପୁଣି ଗୋଦାମକୁ ସିଲ୍ କରିଦେଇଛନ୍ତି। ଗତ ୩ ଦିନ ପୂର୍ବେ ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ ତଦନ୍ତ କରି ଗୋଦାମକୁ ସିଲ୍ କରିଥିଲେ। ଲୁଟ୍ ଘଟଣାର ତଦନ୍ତ ପାଇଁ ଶୁକ୍ରବାର ଏସ୍‌ଆଇଟି ଟିମ୍ ଗଠନ ହୋଇଥିଲା।

ସୂଚନା ଅନୁଯାୟୀ, ଗତ ୨୭ ତାରିଖରେ ଇତମା ଗାଁ ନିକଟ ଜଙ୍ଗଲରେ ଥିବା ବିସ୍ଫୋରକ ଗୋଦାମରୁ ଟ୍ରକ ଯୋଗେ ୨ଶହ ପେଟି ବିସ୍ଫୋରକ ସାମଗ୍ରୀ କେ.ବଲାଙ୍ଗ ଥାନା ଅନ୍ତର୍ଗତ ଝାଡଖଣ୍ଡ -ଓଡ଼ିଶା ସୀମା ନିକଟବର୍ତ୍ତୀ ବାଙ୍କୋ ପଥର ଖାଦାନକୁ ଆସୁଥିଲା। ବାଙ୍କୋ କୁଆରି ନିକଟରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଅଜ୍ଞାତ ବନ୍ଧୁକଧାରୀ ବିସ୍ଫୋରକ ବୋଝେଇ ଗାଡିକୁ ଜଙ୍ଗଲ ଭିତରକୁ ନେବାକୁ କହିଥିଲେ। କିଛିବାଟ ଗଲାପରେ ଚାଳକଙ୍କୁ ଗାଡ଼ି ରଖିବାକୁ କହିଥିଲେ। ପରେ ଅନ୍ୟ ଏକ ଗାଡ଼ିରେ ସେମାନେ ବିସ୍ଫୋରକ ନେଇଯାଇଥିଲେ। ପୋଲିସ ଉକ୍ତ ଟ୍ରକ୍‌କୁ ଠାବ କରିଥିଲା। କିନ୍ତୁ ସେଥିରେ ଥିବା ବିସ୍ଫୋରକକୁ ମାଓବାଦୀମାନେ ନେଇଯାଇଥିଲେ। ଏହାର ୨ ଦିନ ପରେ ଓଡ଼ିଶା- ଝାଡଖଣ୍ଡ ସୀମାକୁ ସିଲ୍ କରାଯିବା ସହ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ।

# ସିକ୍କିମ ଦୁର୍ଘଟଣା: ନିଖୋଜ ୪ ଓଡ଼ିଆଙ୍କ ପତ୍ତା ମିଳୁନି

**ଯାଜପୁର,୩୧।୫(ହର୍ଷବର୍ଦ୍ଧନ ବେହେରା)**

- ■ ଉଦ୍ଧାର କାର୍ଯ୍ୟରେ ବାଧକ ସାଜିଥିଲା ବର୍ଷା
- ■ ମୁଖ୍ୟମନ୍ତ୍ରୀଙ୍କ ସହ ବିଧାୟକ ଆକାଶଙ୍କ ଆଲୋଚନା

ଉତ୍ତର ସିକ୍କିମର ତିସ୍ତା ନଦୀକୁ ଗୁରୁବାର ରାତିରେ ଏକ ଟୁରିଷ୍ଟ ଗାଡ଼ି 'ମହିନ୍ଦ୍ରା ମାକ୍ସ' ଖସିପଡ଼ିବା ଯୋଗୁ ନିଖୋଜ ଥିବା ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଇତିଶ୍ରୀ ଜେନାଙ୍କ ସମେତ ତାଙ୍କ ପରିବାରର ୪ଜଣଙ୍କ ପତ୍ତା ଶନିବାର ସନ୍ଧ୍ୟା ସୁଦ୍ଧା ମିଳିପାରିନାହିଁ। ଦୁର୍ଘଟଣାଗ୍ରସ୍ତ ଟୁରିଷ୍ଟ ଗାଡ଼ି କିଛି ସମୟ ପାଇଁ ନଦୀଗର୍ଭରେ ଦେଖାଯାଇଥିଲେ ହେଁ ତାକୁ ବାହାର କରିବା ସମ୍ଭବ ହୋଇପାରିନାହିଁ। ପ୍ରବଳ ବର୍ଷା ଓ ନଦୀରେ ପାଣିସ୍ରୋତ ବୃଦ୍ଧିଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଏବଂ ଓଡ଼ିଶାରୁ ଯାଇଥିବା ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ସିଲିଗୁଡ଼ିରେ ଅପେକ୍ଷାରେ ରହିଥିଲେ। ସିଲିଗୁଡ଼ି ନିକଟରେ ଭୂସ୍ଖଳନ ହୋଇଥିବାରୁ ଘଟଣାସ୍ଥଳକୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ବର୍ଷା କମିବା ଏବଂ ଘଟଣାସ୍ଥଳକୁ ଯିବା ରାସ୍ତା ସ୍ୱାଭାବିକ ହେବା ପରେ ଶନିବାର ସନ୍ଧ୍ୟାରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି।


ମିଳିଥିବା ସୂଚନା ଅନୁସାରେ ଇତିଶ୍ରୀ ଜେନା ତାଙ୍କ ୧୧ ଜଣ ପରିବାର ସଦସ୍ୟଙ୍କ ସହ ଏଠାରୁ ଗତ ରବିବାର ରାତି ୧୨ଟାରେ ଟ୍ରେନ ଯୋଗେ ସିକ୍କିମ ଅଭିମୁଖେ ଯାତ୍ରା କରିଥିଲେ। ସେମାନେ ପ୍ରଥମେ ସିଲିଗୁଡି ଷ୍ଟେଶନରୁ ଓହ୍ଲାଇ ଆଖପାଖ ଅଞ୍ଚଳ ବୁଲାବୁଲି କରି ଗ୍ୟାଙ୍ଗ୍‌ଟକ ଯାଇଥିଲେ। ସେଠାରୁ ପ୍ରାୟ ୧୦୦୦ଫୁଟ ଉଚ୍ଚରେ ଥିବା ଚୁଙ୍ଗଥାଙ୍ଗକୁ ଟୁରିଷ୍ଟ ଗାଡ଼ିରେ ବୁଲିବାକୁ ଯାଇଥିଲେ। ଫେରୁଥିବା ସମୟରେ ଇତିଶ୍ରୀ ଓ ତାଙ୍କ ପରିବାରର ଅନ୍ୟ ୫ ଜଣ ସଦସ୍ୟଙ୍କୁ ମିଶାଇ ମୋଟ ୧୧ଜଣ ବସିଥିବା ଟୁରିଷ୍ଟ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାୟ ୧୦୦୦ ଫୁଟ ତଳେ ଥିବା ତିସ୍ତା ନଦୀରେ ପଡ଼ିଥିଲା। ସେମାନଙ୍କ ମଧ୍ୟରୁ ଇତିଶ୍ରୀଙ୍କ ସାନପୁଅ ସାଇରାଜ ଜେନା ଏବଂ ଭାଇଙ୍କ ପୁଅ ଅଂଶୁମାନ ନାଏକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଜଣଙ୍କର ମୃତ୍ୟୁ ଘଟିଛି। ଇତିଶ୍ରୀ ଓ ତାଙ୍କ ବଡ ପୁଅ ସାହିଲ ଜେନା(୨୦ ବର୍ଷ), ଭାଇ ଅଜିତ ନାଏକ ଓ ଭାଉଜ ସୁନିତା ନାଏକ ନିଖୋଜ ରହିଛନ୍ତି। ଅନ୍ୟ ୪ଜଣ ନିଖୋଜ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଏବଂ ତ୍ରିପୁରା ବାସିନ୍ଦା ବୋଲି ଜଣାପଡ଼ିଛି। ଉଦ୍ଧାର ହୋଇଥିବା ସାଇରାଜ ଏବଂ ଅଂଶୁମାନଙ୍କୁ ଗ୍ୟାଙ୍ଗ୍‌ଟକର ଏକ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଅଂଶୁମାନଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟପକ୍ଷେ କୋରେଇ ବିଧାୟକ ଆକାଶ ଦାସନାୟକ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଉଦ୍ଧାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଗ୍ୟାଙ୍ଗ୍‌ଟକ ଡାକ୍ତରଖାନାରେ ଚିକିତ୍ସାଧୀନ ସାଇରାଜ ଜେନା ଏବଂ ଅଂଶୁମାନ ନାଏକଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଏହାବାଦ୍ ଉଭୟଙ୍କୁ ଏୟାର ଲିଫ୍ଟ କରିବାକୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ପୁଣି ଥରେ ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗଙ୍କ ସହ ଆଲୋଚନା କରି ସ୍ଥିତି ସମ୍ପର୍କରେ ବୁଝି ଯଥାସାଧ୍ୟ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ନେଇ ମୁଖ୍ୟମନ୍ତ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି।

FREE HOTEL MANAGEMENT COURSES AT SIHM, BALANGIR (ODISHA)
(ONLY FOR SUNDARGARH DISTRICT)

Eligible students belonging to all sections (SC/ST/OBC/Gen) from the mining affected Blocks (Bonaigarh, Gurundia, Hemgir, Koida, Kuarmunda, Kutra, Lahunipada, Nuagaon, Lephripada Lathikata, Rajgangpur, Rajgangpur MPL, Biramitrapur MPL, Rourkela Municipal Corp. of SUNDARGARH District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2024-25. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subject at the 12th level | No Age Limit |
| 2. Diploma in Front Office Operation, Food Production, Housekeeping Operation, Food & Beverage Service and Bakery & Confectionery | $1\frac{1}{2}$ Year | 10+2 pass or equivalent | |
| 3. Craftsmanship Certificate Course in Food Production | 06 Months | 10th pass | |
| 4. Craftsmanship Certificate Course in Food & Beverage Service | $1\frac{1}{2}$ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, DIGITAL DOOR NO. ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9437140772, 8018581031
NCHMCT



ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ

ଶୀତଳ ଷଷ୍ଠୀ, ଶ୍ରୀମନ୍ଦିରରେ ଜଳକ୍ରୀଡ଼ା



# ଗାଜାରେ ଗଣହତ୍ୟା



ଆକାର ପଟେଲ

ରାଜ୍ୟ ସଭାରେ ୯ ଫେବୃଆରୀ ୨୦୨୨ରେ ସରକାରଙ୍କୁ ଦୁଇଟି ପ୍ରଶ୍ନ କରାଯାଇଥିଲା। ପ୍ରଥମଟି ହେଉଛି ୧୯୪୮ରେ ଜାତିସଂଘ ସାଧାରଣ ସଭା ଦ୍ୱାରା ପାରିତ ଜେନୋସାଇଡ୍ କନ୍‌ଭେନ୍‌ସନ ବା ନରସଂହାର ଚୁକ୍ତିକୁ ଭାରତ ପ୍ରକୃତରେ ସମର୍ଥନ କରେ ନା ନାହିଁ ସ୍ୱରାଷ୍ଟ୍ର ମନ୍ତ୍ରୀ କହିବେ କି? ଦ୍ୱିତୀୟ ପ୍ରଶ୍ନ ଥିଲା, ଯଦି ଏହା ହୋଇଥାଏ, ତେବେ ସରକାର ନରସଂହାର ବା ଗଣହତ୍ୟାକୁ ନେଇ କିଛି ନୂଆ ଆଇନ ପ୍ରଣୟନ କରିଛନ୍ତି କି? ସରକାର ଉତ୍ତର ଦେଇଥିଲେ, ଭାରତ ୨୯ ନଭେମ୍ବର ୧୯୪୯ରେ କନ୍‌ଭେନ୍‌ସନ ଅନ୍ ଦି ପ୍ରିଭେନ୍‌ସନ ଆଣ୍ଡ୍ ପନିଶ୍‌ମେଣ୍ଟ ଅଫ୍ ଦି କ୍ରାଇମ୍ ଅଫ୍ ଜେନୋସାଇଡ୍, ୧୯୪୮ (ସଂକ୍ଷେପରେ ଗଣହତ୍ୟା ଚୁକ୍ତି)ରେ ସ୍ୱାକ୍ଷର କରିଥିଲା। ୨୭ ଅଗଷ୍ଟ ୧୯୫୯ରେ ଏହି ଚୁକ୍ତିକୁ ସମର୍ଥନ କରିଥିଲା ଓ ଗଣହତ୍ୟାକୁ ଅନ୍ତର୍ଜାତୀୟ ଅପରାଧ ଭାବେ ଗ୍ରହଣ କରିଥିଲା। ଅନ୍ତର୍ଜାତୀୟ ଆଇନରେ ଗଣହତ୍ୟା ଏକ ଅପରାଧ। ନରସଂହାର ଚୁକ୍ତି ଅନୁସାରେ ଗଣହତ୍ୟାକୁ ନିଷିଦ୍ଧ କରାଯିବା ସହ ଏହାକୁ ଅପରାଧୀକରଣ କରାଯାଇଛି, ଯାହାକୁ ୧୯୫୦ରେ ଇସ୍ରାଏଲ ଏବଂ ଅନ୍ତଃରାଷ୍ଟ୍ରୀୟ ଅପରାଧ ନ୍ୟାୟାଳୟ ସମର୍ଥନ କରିଥିଲା। ପାଞ୍ଚଟି ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ନରସଂହାର କୁହାଯାଏ। କୌଣସି ଗୋଷ୍ଠୀ ବା ସମୁଦାୟର ସଦସ୍ୟଙ୍କୁ ହତ୍ୟା କରିବା, ଗୋଷ୍ଠୀର ସଦସ୍ୟଙ୍କୁ ଗମ୍ଭୀର ଭାବେ ଶାରୀରିକ ଓ ମାନସିକ ସ୍ତରରେ କ୍ଷତି ପହଞ୍ଚାଇବା, ସାମଗ୍ରିକ କିମ୍ବା ଆଂଶିକ ଭାବେ ଶାରୀରିକ କ୍ଷତି କରୁଥିବା ଜୀବନର ପରିସ୍ଥିତି ଗୋଷ୍ଠୀ ଉପରେ ଜାଣିଶୁଣି ଲଦିଦେବା, ଗୋଷ୍ଠୀ ମଧ୍ୟରେ ଜନ୍ମକୁ ରୋକିବା ଉଦ୍ଦେଶ୍ୟରେ ଆଇନଗତ ପଦକ୍ଷେପ ନେବା ଏବଂ ଗୋଟିଏ ଗୋଷ୍ଠୀର ପିଲାମାନଙ୍କୁ ବଳପୂର୍ବକ ଅନ୍ୟ ଏକ ଗୋଷ୍ଠୀକୁ ପରିବର୍ତ୍ତନ କରିବା। ଏହିସବୁ କାର୍ଯ୍ୟ ସାମଗ୍ରିକ କିମ୍ବା ଆଂଶିକ ଭାବେ ଏକ ଜାତୀୟ, ଜାତିଗତ, ବର୍ଣ୍ଣଗତ ବା ଧର୍ମୀୟ ଗୋଷ୍ଠୀର କ୍ଷତି ଉଦ୍ଦେଶ୍ୟରେ କରାଗଲେ ତାହା ନରସଂହାର ଅପରାଧ ଶ୍ରେଣୀଭୁକ୍ତ ହୁଏ।

ଇସ୍ରାଏଲରେ ନାଗରିକ ଭାବେ ରହୁଥିବା ପାଲେଷ୍ଟିନୀୟ କିମ୍ବା ପାଲେଷ୍ଟାଇନ ଅଧିକୃତ ଅଞ୍ଚଳରେ ଇସ୍ରାଏଲ ମିଲିଟାରି ନିୟନ୍ତ୍ରଣରେ ରହୁଥିବା ପାଲେଷ୍ଟାଇନ୍‌ର ନାଗରିକ ଅବା ଶରଣାର୍ଥୀଙ୍କୁ ପାଲେଷ୍ଟିନୀୟ ଭାବେ ଗଣାଯାଏ। ସେମାନଙ୍କ ମଧ୍ୟରେ ଗଭୀର ରାଜନୈତିକ, ଜାତିଗତ, ସାମାଜିକ ଭାଗୀଦାରି ଓ ସାଂସ୍କୃତିକ ସମ୍ପର୍କ ରହିଛି। ପାଲେଷ୍ଟିନୀୟ ବିଭିନ୍ନ ଧର୍ମର ହୋଇଥିଲେ ମଧ୍ୟ ସେମାନଙ୍କ ଭାଷା, ବେଶପୋଷାକ ଓ ସାଂସ୍କୃତିକ ପରମ୍ପରା ସମାନ। ସେଥିପାଇଁ ସେମାନଙ୍କୁ ନେଇ ଗଠିତ ଏକ ନିର୍ଦ୍ଦିଷ୍ଟ ଜାତୀୟ, ଜାତିଗତ ତଥା ବର୍ଣ୍ଣଗତ ଗୋଷ୍ଠୀ ନରସଂହାର ଚୁକ୍ତି ଦ୍ୱାରା ସୁରକ୍ଷିତ। କିନ୍ତୁ ଅକ୍ଟୋବର ୨୦୨୩ରୁ ଗାଜାରେ ଦୀର୍ଘଦିନ ହେଲା ଇସ୍ରାଏଲ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଏହାଦ୍ୱାରା ବ୍ୟାପକ କ୍ଷତିହେବା ସହ ଗାଜାର ସହରଗୁଡ଼ିକ ଓ ଆଖପାଖ ଅଞ୍ଚଳରେ ଜୀବନ ରକ୍ଷକ ଭିତ୍ତିଭୂମି, ଚାଷଜମି, ସାଂସ୍କୃତିକ ଓ ଧର୍ମୀୟ ସ୍ଥଳୀ ଧୂଳିସାତ ହୋଇଯାଇଛି। ଆକ୍ରମଣରେ ଶିଶୁଙ୍କ ସମେତ ଅନେକ ହଜାର ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି। ଏପରିକି ଅନେକ ପରିବାର ପୂରା ନିଶ୍ଚିହ୍ନ ହୋଇଯାଇଛନ୍ତି। ଗାଜାର ୨୨ ଲକ୍ଷ ବାସିନ୍ଦାଙ୍କ ମଧ୍ୟରୁ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ଇସ୍ରାଏଲ ବିସ୍ଥାପିତ କରିଛି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ମୌଳିକ ଭିତ୍ତିଭୂମି ଅଭାବ ଥିବା ଅଳ୍ପ ଜାଗାରେ ରହିବାକୁ ବାଧ କରାଯାଇଛି, ଯାହା ସେମାନଙ୍କୁ ଧୀରେ ଧୀରେ ମୃତ୍ୟୁମୁଖକୁ ଠେଲିଦିଆଯାଇଛି। ଇସ୍ରାଏଲ ମାନବୀୟ ସହାୟତା ଓ ଜୀବନରକ୍ଷକ ସାମଗ୍ରୀଗୁଡ଼ିକର ଆମଦାନୀ ଓ ଯୋଗାଣରେ ଜାଣିଶୁଣି ବାଧା ସୃଷ୍ଟିକରୁଛି। ବିଦ୍ୟୁତ୍ ବନ୍ଦ ଯୋଗୁ ଜଳ ଯୋଗାଣ, ପରିମଳ ଓ ସ୍ୱାସ୍ଥ୍ୟସେବା ଭୁଶୁଡ଼ିପଡ଼ିଛି। ଗାଜାରୁ ଅନେକ ହଜାର ପାଲେଷ୍ଟିନୀୟଙ୍କୁ ନେଇ ଯୋଗାଯୋଗ ନ ଥିବା ସ୍ଥାନରେ ଅଟକ ରଖାଯାଇଛି, ଯେଉଁଠି ନିର୍ଯାତନା ଏବଂ କ୍ରୂର, ଅମାନବୀୟ ଓ ନିକୃଷ୍ଟ ଚିକିତ୍ସା ଯୋଗୁ ଅନେକଙ୍କର ମୃତ୍ୟୁ ଘଟୁଛି।

ପାଲେଷ୍ଟିନୀୟଙ୍କ ପ୍ରତି ଇସ୍ରାଏଲ ଯାହା କରୁଛି ତାହା ନରସଂହାର। ଏହା ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ସମେତ ଅନେକ ସଂସ୍ଥାର ସିଦ୍ଧାନ୍ତ। ଗୋଟିଏ ଜନଗୋଷ୍ଠୀର ଅଂଶକୁ ନଷ୍ଟ କରିଦେବା ଲକ୍ଷ୍ୟ ନରସଂହାର ଅପରାଧ ପାଇଁ ଥିବା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ସାବ୍ୟସ୍ତ କରିବା ଲାଗି ଯଥେଷ୍ଟ। ତେବେ ଗୋଟିଏ ଗୋଷ୍ଠୀର ଅଂଶ କାହାକୁ କୁହାଯାଏ ତାହା ନିର୍ଦ୍ଧାରଣ କରିବା ଲାଗି ଅନ୍ତର୍ଜାତୀୟ ନ୍ୟାୟବ୍ୟବସ୍ଥା ପର୍ଯ୍ୟାପ୍ତ ମାନକ ସୂଚିତ କରିଛି। ଏହି ମାନକ ଅନୁଯାୟୀ ଅପରାଧୀ ଅନ୍ତତଃପକ୍ଷେ ଏକ ଗୋଷ୍ଠୀର ବଡ଼ ଅଂଶକୁ କ୍ଷତି କରିବାକୁ ଚାହୁଁଥିବ, ଯାହାର ସମ୍ପୂର୍ଣ୍ଣ ଗୋଷ୍ଠୀ ଉପରେ ପ୍ରଭାବ ଥିବ। ଇସ୍ରାଏଲ ଯୁଦ୍ଧକୁ ଦେଖିଲେ, ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ବିଚାରରେ ସମ୍ପୂର୍ଣ୍ଣ ପାଲେଷ୍ଟିନୀୟ ଗୋଷ୍ଠୀର ଏକ ବଡ଼ ଅଂଶ ଗାଜାରେ ରହୁଛନ୍ତି, ଯାହାଙ୍କୁ ଇସ୍ରାଏଲ ଧ୍ୱଂସ କରିବାରେ ଲାଗିଛି। ୨୦୨୩ରେ ପାଲେଷ୍ଟାଇନ ଅଧିକୃତ ଅଞ୍ଚଳରେ ରହୁଥିବା ପାଖାପାଖି ୫୫ ଲକ୍ଷ ପାଲେଷ୍ଟିନୀୟଙ୍କ ମଧ୍ୟରୁ ପ୍ରାୟତଃ ୪୪ ପ୍ରତିଶତ ଗାଜାରେ ରହୁଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥା ପ୍ରକୃତ ବିନାଶ ପରିପ୍ରେକ୍ଷୀରେ 'ସମ୍ପୂର୍ଣ୍ଣ କିମ୍ବା ଆଂଶିକ' ଶବ୍ଦକୁ ସୂଚିତ କରେ। ସାମରିକ ସଫଳତା ହାସଲ କରିବା ଓ ଏଭଳି ଭାବେ ଗୋଟିଏ ଗୋଷ୍ଠୀକୁ ନଷ୍ଟ କରିବା ପାଇଁ ଗୋଟିଏ ଦେଶ ଦ୍ୱୈତ ଲକ୍ଷ୍ୟ ଗ୍ରହଣ କରିପାରେ। ସାମରିକ ସଫଳତା ପାଇବା ପାଇଁ ନରସଂହାର ମଧ୍ୟ ଏକ ମାଧ୍ୟମ ହୋଇପାରେ। ଅନ୍ୟ ଅର୍ଥରେ କହିବାକୁ ଗଲେ, ଏକ ନିର୍ଦ୍ଦିଷ୍ଟ ସାମରିକ ସଫଳତା ହାସଲ କରିବା ପାଇଁ ଯେତେବେଳେ ଏକ ସୁରକ୍ଷିତ ଗୋଷ୍ଠୀର ଧ୍ୱଂସ ଆରମ୍ଭ କରାଯାଏ ସେତେବେଳେ ତାହାକୁ ଗଣହତ୍ୟା ସିଦ୍ଧାନ୍ତ ଭାବେ ଗ୍ରହଣ କରାଯାଇପାରେ। ଗାଜାରେ ପାଲେଷ୍ଟିନୀୟଙ୍କ ପ୍ରତି ଯାହା ଘଟୁଛି ତାହା ହିଁ ଗଣହତ୍ୟା। ଭାରତ ଏହାକୁ ଏକ ଅନ୍ତର୍ଜାତୀୟ ଅପରାଧ ଭାବେ ସ୍ୱୀକାର କରେ ଏବଂ ନରସଂହାରକୁ ରୋକିବା ଏବଂ ଏଥିପାଇଁ ଦୋଷୀକୁ ଦଣ୍ଡିତ କରିବା ସକାଶେ ଭାରତ ମଧ୍ୟ ଚୁକ୍ତିରେ ସ୍ୱାକ୍ଷର କରିଛି। ପ୍ରତିଦିନ ଆମ ଆଖି ଆଗରେ ଘଟିଚାଲିଥିବା ଏହି ଅପରାଧ ବିରୋଧରେ ଭାରତ ମୁହଁ ଖୋଲିବା ସହ ପଦକ୍ଷେପ ନେବା ଦରକାର।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | 7 | | | |
| | | 3 | 9 | 6 | | 5 | | |
| | | 9 | | 3 | | 1 | | |
| | 7 | | | | | | 4 | |
| | 5 | | | | | | 8 | |
| | | | 2 | 8 | | | | 1 |
| | | | 6 | | 3 | 9 | | |
| 1 | | 2 | | 7 | | | 5 | |
| | | | | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 7 | 4 | 6 | 8 | 1 | 5 | 3 |
| 4 | 8 | 3 | 7 | 5 | 1 | 2 | 6 | 9 |
| 1 | 6 | 5 | 9 | 3 | 2 | 8 | 7 | 4 |
| 5 | 7 | 4 | 6 | 1 | 9 | 3 | 8 | 2 |
| 3 | 9 | 8 | 2 | 7 | 5 | 4 | 1 | 6 |
| 2 | 1 | 6 | 3 | 8 | 4 | 7 | 9 | 5 |
| 8 | 4 | 1 | 5 | 2 | 6 | 9 | 3 | 7 |
| 6 | 3 | 9 | 8 | 4 | 7 | 5 | 2 | 1 |
| 7 | 5 | 2 | 1 | 9 | 3 | 6 | 4 | 8 |

ଗତକାଲିର ଉତ୍ତର

# ନିଶା କବଳିତ ଓଡ଼ିଶା



ଡ. ପ୍ରଫୁଲ୍ଲ କୁମାର ସାହୁ

ନିଶାମୁକ୍ତ ଭାରତ ଗଠନ କଥା କହି କହି ଚାଲିଗଲେ ଗାନ୍ଧିଜୀ। ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଜଣେ ବିଦେଶୀ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ – ସ୍ୱାଧୀନତାପ୍ରାପ୍ତିର ୨୪ ଘଣ୍ଟା ମଧ୍ୟରେ ନିଶାମୁକ୍ତ ଭାରତ ଗଠନ ପାଇଁ ଆଇନ ପ୍ରଣୟନ ହେବା ଉଚିତ। ତା' ନ ହେଲେ ନିଶାର ବହୁଳ ପ୍ରସାର ଓ ବ୍ୟବହାର ଦ୍ୱାରା ବିପର୍ଯ୍ୟସ୍ତ ହୋଇପଡିବ ଦେଶର ସଂସ୍କୃତି, ପରମ୍ପରା ଓ ମୌଳିକ ବ୍ୟବସ୍ଥା। ମାତ୍ର ସ୍ୱାଧୀନତା ପରେ ସରକାର ନିଶାମୁକ୍ତ ଭାରତ ଗଠନ ଚାହିଁଲେ ନି କି ସମ୍ବିଧାନରେ ରଖାଗଲାନି ନିଶା ନିବାରଣ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ। କେବଳ ଗାନ୍ଧିଜୀଙ୍କୁ ଖତେଇ ହେଲା ଭଳି ନିଶା ନିବାରଣ ପ୍ରସଙ୍ଗକୁ ରାଜ୍ୟ ନିର୍ଦ୍ଦେଶାବଳୀ ୪୭ ଧାରାରେ ସ୍ଥାନିତ କରାଗଲା, ପରୋକ୍ଷରେ ମଦ୍ୟପାନକୁ ପ୍ରୋତ୍ସାହିତ କରିବା ପାଇଁ।

ଓଡ଼ିଶାର ଦାରିଦ୍ର୍ୟ ଓ ଦୁର୍ଗତିର ମୁଖ୍ୟ କାରଣ ହେଉଛି ନିଶା ଓ ଆଳସ୍ୟ। ଆଠ ଦଶନ୍ଧି ପୂର୍ବରୁ (୧୯୩୮ ମସିହା ମାର୍ଚ୍ଚ ୨୫) ଗାନ୍ଧିଜୀ ଏକଥା କହିଥିଲେ ସମ୍ବଲପୁରର ବେରବୋଇ ସଭାରେ। ସେତେବେଳେ ଖୁବ୍ କମ୍ ଲୋକ ମଦ୍ୟପାନ କରୁଥିଲେ, ଯେଉଁମାନଙ୍କ ଭିତରେ ଥିଲେ ସହରର କିଛି ଧନୀ ବ୍ୟବସାୟୀ, ଅପରାଧୀ ଓ ସରକାରୀ ବାବୁମାନେ। ଦେଶୀ ମଦ ରନ୍ଧାଯାଉଥିବା ଅଳ୍ପ କିଛି ଆଦିବାସୀ ଗାଁକୁ ଛାଡ଼ିଦେଲେ ପ୍ରାୟତଃ ଗ୍ରାମାଞ୍ଚଳରେ ନ ଥିଲା ମଦର ପ୍ରବେଶ। କେବଳ ପାନ, ବିଡ଼ି, ଗୁଡାଖୁ ଓ ଧୂଆଁପତ୍ର ଆଦି ଛୋଟ ଛୋଟ ନିଶା ସହିତ ଗାଁ ଲୋକ ଅଭ୍ୟସ୍ତ ଥିଲେ, ଯାହାକୁ ଲକ୍ଷ୍ୟ କରି କୁହାଯାଉଥିଲା 'ପାନ ବିଡ଼ି ନୁହେଁ ଛୋଟିଆ ନିଶା, ଜଣାପଡେ ନାହିଁ ଟାଣେ ପଇସା'।

ଓଡ଼ିଶାରେ ୧୯୫୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଉଦ୍ୟମରେ ବିଧାନସଭାରେ ପାରିତ ହୋଇଥିଲା ନିଶା ନିବାରଣ ଆଇନ। ଦୁର୍ଭାଗ୍ୟର ବିଷୟ ସେ ଇସ୍ତଫା ଦେଇ କ୍ଷମତାରୁ ଗଲା ପରେ ତାହା କାର୍ଯ୍ୟକାରୀ ହୋଇପାରିଲାନି ଠିକଣା ଢଙ୍ଗରେ। ବରଂ ରାଜସ୍ୱ ଆୟ ବଢେଇବା ଲକ୍ଷ୍ୟରେ ଅବକାରୀ ନୀତିକୁ ଆହୁରି କୋହଳ କରିଦିଆଗଲା, ଯାହାଫଳରେ ପୂର୍ବ ନିୟମକୁ ଭାଙ୍ଗି ପ୍ରତି ଜିଲାରେ ଗୋଟିଏ ପରିବର୍ତ୍ତେ ଖୋଲିଲା ଏକାଧିକ ମଦ ଦୋକାନ। ଏହା ସତ୍ତ୍ୱେ ଲୋକଙ୍କ ରକ୍ଷଣଶୀଳ ମନୋଭାବ ଯୋଗୁ ଗାଁ ଗଣ୍ଡାରେ ମଦର ପ୍ରସାର ହୋଇପାରି ନ ଥିଲା। ପ୍ରାୟତଃ ସତୁରି ଦଶକ ପର୍ଯ୍ୟନ୍ତ ମଦ ତ ହାତ ପାହାନ୍ତାରେ ମିଳୁ ନ ଥିଲା । ତଥାପି ସହର ପାଖିଆ ଗାଆଁର କେହି କେହି ସହରକୁ ଯାଇ ଲୁଚାଛପାରେ ଯେ ମଦ ପିଉ ନ ଥିଲେ ତାହା ନୁହେଁ, କିନ୍ତୁ କୌଣସି ସୂତ୍ରରୁ କଥା ପ୍ରଘଟ ହେଲେ ଗାଁରେ ବସୁଥିଲା ପଞ୍ଚାୟତ। ମଦ ପିଉଥିବା ଲୋକର ପରିବାରକୁ ଅଟକ ହେଉଥିଲା ନିଆଁପାଣି। ଗାଁର ଏଭଳି ଏକତା ଓ ସାଂସ୍କୃତିକ ପରମ୍ପରା ଯୋଗୁ ପ୍ରାୟତଃ କେହି ସାହସ କରୁ ନ ଥିଲେ ସହରକୁ ଯାଇ ମଦ ପିଇବା ପାଇଁ।

ଏକବିଂଶ ଶତାବ୍ଦୀ ଆସିବା ପୂର୍ବରୁ ସମ୍ପୂର୍ଣ୍ଣ ବଦଳିଗଲା ଦୃଶ୍ୟପଟ। ସରକାର(କେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ)ଙ୍କ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୩୮.୪ ପ୍ରତିଶତ ଲୋକ ମଦ ପିଅନ୍ତି, ଯାହା ଜାତୀୟ ହାରଠାରୁ ଅଧିକ। ସହରାଞ୍ଚଳରେ ୨୨.୭ ପ୍ରତିଶତ ଲୋକ ମଦ ପିଉଥିବା ବେଳେ ଗ୍ରାମାଞ୍ଚଳରେ ତାହା ୩୦.୨ ଶତାଂଶ। ବିଶେଷକରି ଓଡ଼ିଶା ଭଳି ଏକ ସଂସ୍କୃତି ସମ୍ପନ୍ନ ରାଜ୍ୟରେ କ୍ରମାଗତ ବୃଦ୍ଧି ପାଉଛି ମଦ ପିଉଥିବା ମହିଳାଙ୍କ ସଂଖ୍ୟା। ୨୦୧୫-୧୬ରେ ଗ୍ରାମାଞ୍ଚଳରେ ୨.୬ ଶତାଂଶ ମହିଳା ମଦ୍ୟପାନ କରୁଥିବା ବେଳେ ୨୦୨୧ ବେଳକୁ ତାହା ପହଞ୍ଚିଲା ପାଖାପାଖି ୫ ପ୍ରତିଶତରେ। ଅର୍ଥାତ୍ ପାଞ୍ଚ ବର୍ଷ ମଧ୍ୟରେ ଦୁଇଗୁଣ ବୃଦ୍ଧି ପାଇଲା ମଦ୍ୟପାନ କରୁଥିବା ମହିଳାଙ୍କ ସଂଖ୍ୟା। କାରଣ ଏବେ ପ୍ରାୟତଃ ଅଧିକାଂଶ ଗାଁରେ ମଦ ଦୋକାନ ଖୋଲିଛି ଏବଂ ମଦ୍ୟପାନକୁ ନେଇ ବଦଳି ଯାଇଛି ଲୋକଙ୍କ ମାନସିକତା। ଆଗ ଭଳି ମଦୁଆଙ୍କ ପ୍ରତି ଆଉ ଘୃଣାଭାବ ନାହିଁ, ବରଂ ବାହାଘର, ବ୍ରତଘର ଓ ନିର୍ବନ୍ଧଠାରୁ ଆରମ୍ଭ କରି ରାଜନୈତିକ ସଭାଯାଏ, ସବୁଠି ପିଉଥିବା ଲୋକଙ୍କୁ ମିଳୁଛି ସ୍ୱତନ୍ତ୍ର ମାନ ମର୍ଯ୍ୟାଦା। ଏକଦା କେହି ଯୁବକ ମଦ ପିଉଛି ବୋଲି ଜଣା ପଡିଲେ ତାକୁ କନିଆଁ ମିଳୁ ନ ଥିଲା ବାହା ହେବାପାଇଁ। ଏବେ କିନ୍ତୁ ମଦ ପିଉ ନ ଥିବା ବରଟେ ଖୋଜି ପାଇବା କାଠିକର ପାଠ। ମଦ ପିଇବାକୁ ନ ଦେଲେ ଆଜିକାଲି ଲୋକେ ବରଯାତ୍ରୀ ଯିବାକୁ ରାଜି ହେଉନାହାନ୍ତି। ଉତ୍ସବ ଆଉ ଉତ୍ସବ ହୋଇ ନାହିଁ, ବରଂ ତାକୁ ଉପଦ୍ରବରେ ପରିଣତ କରିଦେଲାଣି ମଦର ପ୍ରାବଲ୍ୟ। ବାହାଘର ହେଉ କି ଭସାଣି ଶୋଭାଯାତ୍ରା , ଏପରି କି ଶବ ସତ୍କାର ବେଳେ ମଶାଣିରେ ଖୋଜାପଡୁଛି ମଦ। ମଜୁରି ସାଙ୍ଗକୁ ମଦ ନ ଦେଲେ କ୍ଷେତବାରିରେ କାମ କରିବା ପାଇଁ ରାଜି ହେଉନାହାନ୍ତି କୃଷି ଶ୍ରମିକ।




ଗାଁ ମାଟିରେ ଏବେ ଫାଟି ପଡୁଛି ମଦର ଦୁର୍ଗନ୍ଧ।

ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ମଦ ପିଇବାକୁ ଏତେ ବ୍ୟାକୁଳ ହେଉଥିବା ଲୋକଟି ମଦରୁ ପାଏ କ'ଣ ? କିଛି ସମୟ ପାଇଁ ମଦ ହୁଏତ ଟିକେ ଉତ୍ତେଜନା ଦେଇପାରେ, କିନ୍ତୁ ପ୍ରତିବଦଳରେ ସେ ଛଡେଇ ନିଏ ସୁନ୍ଦର ସ୍ୱାସ୍ଥ୍ୟ, ସମ୍ପତ୍ତି ଓ ସାମାଜିକ ସମ୍ପର୍କ। ମଦ ପିଇ ଗାଡ଼ି ଚଳେଇବା ବେଳେ ଚାଳକ ହୁଏତ ଅନୁଭବ କରୁଥାଇପାରେ ଅତୀନ୍ଦ୍ରିୟ ଜଗତରେ ଘୂରି ବୁଲିବାର ସୁଖ। ମାତ୍ର କଳ୍ପିତ ବ୍ୟୋମଯାନ ଚଢିବାର ନିଶା ନିଶ୍ଚୟ ଛାଡିଯାଏ, ଯେତେବେଳେ ତା'ର ଦୁର୍ଘଟଣାଗ୍ରସ୍ତ ଶରୀର ଡାକ୍ତରଖାନାକୁ ବୁହାହୁଏ । ମଦ ପିଉଥିବା ଲୋକ ଯେମିତି ଏକଥା ବୁଝି ବି ବୁଝେନି, ସେମିତି ରାଜସ୍ୱ ଆୟ ବଢେଇବା ନିଶାରେ ଥିବା ସରକାର ଜାଣିଶୁଣି ମାପିବାକୁ ଚାହାନ୍ତିନି ମଦଜନିତ କ୍ଷତର ଗଭୀରତା। ବିଶେଷଜ୍ଞଙ୍କ ମତରେ ମଦରୁ ମିଳୁଥିବା ରାଜସ୍ୱ ଆୟଠାରୁ କୁଆଡେ ବେଶି ଖର୍ଚ୍ଚ ହୁଏ ମଦ୍ୟପାନଜନିତ ରାସ୍ତା ଦୁର୍ଘଟଣା, ବ୍ୟାଧିର ଚିକିତ୍ସା ଓ ଅବକାରୀ ବିଭାଗ କର୍ମଚାରୀଙ୍କ ଦରମାରେ। ରାଜ୍ୟ ମଦମୁକ୍ତ ହେଲେ ଟଙ୍କାରେ ଗଣନା କରାଯାଉଥିବା ରାଜସ୍ୱ ଆୟ ହ୍ରାସ ପାଇବା ସ୍ୱାଭାବିକ। କିନ୍ତୁ ବିନା ମଦଲବ୍ଧ ରାଜସ୍ୱରେ ରାଜ୍ୟ ଚାଲିପାରିବ, ତା'ର ସଦ୍ୟତମ ଦୃଷ୍ଟାନ୍ତ ହେଉଛି ବିହାର। ଅନ୍ୟପକ୍ଷରେ ତୃଣମୂଳ ସ୍ତରରେ ଯେଉଁ ଅର୍ଥନୈତିକ, ସାମାଜିକ ଓ ନୈତିକ ସମୃଦ୍ଧି ଘଟିବ, ତାହା ହିଁ ହେବ ମାନବସମ୍ବଳର ସହନୀୟ ବିକାଶ। ମନେରଖିବା ଦରକାର ମଦୁଆଙ୍କ ଆଚରଣ ତାଙ୍କ ପିଲାଙ୍କ ଉପରେ ଯେଉଁ କୁପ୍ରଭାବ ପକାଏ, ତାକୁ ମାପି ହୁଏନି ମୁଦ୍ରା ମୂଲ୍ୟରେ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁସାରେ ଯଦି ମଦ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ ତେବେ ଅଧିକାଂଶ ଜେଲଖାନା ବନ୍ଦ ହୋଇଯିବ ଏବଂ ଖାଲିପଡିବ ଡାକ୍ତରଖାନା ଶଯ୍ୟା। ଏହା ଜାଣି ସୁଦ୍ଧା ସରକାରଙ୍କୁ ଘାରିଛି ମଦରୁ ରାଜସ୍ୱ ଆୟ ବୃଦ୍ଧି କରିବାର ନିଶା। ସ୍ୱାଧୀନତା ପରଠାରୁ ସରକାରଙ୍କର ସେହି ଗୋଟିଏ ବାହାନା- ନିଶା ନିବାରଣ ଆଇନ କାର୍ଯ୍ୟକାରୀ ହେଲେ ଚୋରା ମଦ କାରବାର ବଢିବ ଏବଂ ନକଲି ମଦ ସୃଷ୍ଟି କରିବ ମୃତ୍ୟୁର ବିଭୀଷିକା। ସତେ ଯେମିତି ଲୋକଙ୍କ ପାଖରେ ବିଶୁଦ୍ଧ ମଦ ପହଞ୍ଚେଇବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ। ଗୋଟିଏ ସମୟରେ ସରକାରଙ୍କ ଅବକାରୀ ନୀତି ପ୍ରତିବାଦରେ କଥାସମ୍ରାଟ ଫକୀରମୋହନ ଲେଖିଥିଲେ 'ପେଟେଣ୍ଟ ମେଡିସିନ' ଗଳ୍ପ। ଯେଉଁ ପୁରୁଷ ପୁଙ୍ଗବମାନେ ମଦପିଇ ଘରକୁ ଫେରନ୍ତି ଏବଂ ନିଜକୁ ଇନ୍ଦ୍ର ଠାରୁ ବଡ଼ ମନେକରି ସ୍ତ୍ରୀ ଉପରେ ମର୍ଦ୍ଦପଣିଆ ଦେଖାନ୍ତି, ସେମାନଙ୍କୁ ସାବାଡ କରିବା ପାଇଁ ଶକ୍ତି ସ୍ୱରୂପା ନାରୀ ହାତରେ ସେ ଧରେଇ ଦେଇଥିଲେ ଝାଡୁ। ଏବେର ଲେଖକମାନେ ସେମିତି କିଛି ନୂଆ ନିଦାନ ଆବିଷ୍କାର କରିବା ଉଚିତ, ଯାହା ସରକାରଙ୍କୁ ଆଇନା ଦେଖାଇବା ସହିତ ଖୋଲିଦେବ ବ୍ୟକ୍ତିର ନୈତିକ ଉତ୍ଥାନ ଓ ଆତ୍ମ ଶୁଦ୍ଧୀକରଣର ମାର୍ଗ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ:୬୩୭୧୬୪୨୪୬୪

# ସ୍ୱପ୍ନ ଓ ଆଶା



ରାଧାଶ୍ୟାମ ରାଉଳ

ଆଜ୍ଞା, ସ୍ୱପ୍ନ ଭାଙ୍ଗିଯିବା ଓ ଆଶାର ଅପମୃତ୍ୟୁ ହେବା କେଉଁ ନୂଆ କଥା କି? କାରଣ ପ୍ରତି ମୁହୂର୍ତ୍ତରେ କାହାର ନା କାହାର ସ୍ୱପ୍ନ ଭାଙ୍ଗିଯାଉଛି, ଆଶାର ଅପମୃତ୍ୟୁ ବି ହେଉଛି!

ସ୍ୱପ୍ନସବୁ କେଉଁ ଆବହମାନ କାଳରୁ ଏ ମନ ଅଗଣାରେ ବୁଢ଼ିଆଣୀ ଜାଲ ବିଛେଇଛନ୍ତି ଯେ, ତା'ର କିଛି ହିସାବ ନାହିଁ। ଜଟିଳ ଗଣିତକୁ ମାନସାଙ୍କରେ ପରିଣତ କରେଇ ଜଣା ବାଟକୁ ଅଜଣା କରେଇବା ଏବଂ ଅଜଣା ବାଟକୁ ଜଣା କରେଇବାରେ ଏମାନଙ୍କର ତିଳେହେଲେ ଦ୍ୱିଧା ନାହିଁ! ତଥାପି ସ୍ୱପ୍ନକୁ ସଭିଏଁ ଆଦର କରନ୍ତି। ଭିକାରିଟେ ସ୍ୱପ୍ନ ଦେଖେ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ରାଷ୍ଟ୍ରପତି ମଧ୍ୟ ସ୍ୱପ୍ନ ଦେଖନ୍ତି। ମୃତ୍ୟୁ ସହ ସଂଗ୍ରାମ କରୁଥିବା ରୋଗୀ ମଧ୍ୟ ସ୍ୱପ୍ନ ଦେଖନ୍ତି! ଆଶା ତ ଅସୀମ। ଆଶା ହି ଜୀବନ ଜିଜ୍ଞାସା, ଆବେଗର ପରିଭାଷା! ତେଣୁ ଯଥାର୍ଥରେ କୁହାଯାଇଛି ; ଆଶା ବୈତରିଣୀ, ଆଶା ପାରିଜାତ!

ସ୍ନାତକ ପଢୁଥିବା ବେଳର କଥା। ସହପାଠିନୀ ସୁଶ୍ରୀଙ୍କୁ ନବବର୍ଷର ଅଭିନନ୍ଦନ ପତ୍ରରେ ମୁଁ ଲେଖିଥିଲି, ''ଆଶା ପାରିଜାତ, ଆଶାରେ ମୋହିତ, ଆଶାରେ ରହିଲି ଚାହିଁ, (ମୋ) କାଗଜ କଲମ, ହାତ ପରିଶ୍ରମ, (ମୋତେ) ନିରାଶ କରିବ ନାହିଁ!'' ମୋର ଏତାଦୃଶ ଅଭିନନ୍ଦନ ବାର୍ତ୍ତା ପଠନାନ୍ତେ ସୁଶ୍ରୀ କ୍ରୋଧ, ଅଭିମାନ ଓ ବିରକ୍ତିରେ ଉଚ୍ଚାରି ବସିଥିଲା ସେଇକ୍ଷଣି, ''ହେଃ, ହ୍ୱାଟ ଡୁ ୟୁ ମିନ୍? ଡୋଣ୍ଟ ଟ୍ରାୟ ଟୁ ଇମ୍ପ୍ରେସ ମି। ବିହେଭ୍ ଇଓର୍ ସେଲ୍ଫ , ମାଇଣ୍ଡ ଇଓର୍ ଓନ ବିଜିନେସ୍। ଓକେ!'' ବିଦ୍ୟାରାଣ, ସେଇଠୁ ଆଜିଯାଏଁ ମୁଁ ପ୍ରେମରେ ଗୋଟାପଣେ ଅସହାୟ, ନିରୁପାୟ। ବେଶ୍ ଭଲଭାବରେ ବୁଝିଗଲି, ମୋ ପାଇଁ ପ୍ରେମ ଏକ ଅସମାହିତ ସ୍ୱପ୍ନ ଓ ଅପହଞ୍ଚ ଆଶା! ଆଜ୍ଞା, ମୁଁ ସିନା ଦୂରେଇଗଲି ମୋ ପ୍ରେମରୁ, ହେଲେ ମୋ ଜୀବଦ୍ଦଶାରେ ଆଜିଯାଏଁ କ'ଣ ମୁଁ ନିଜକୁ ଦୂରେଇ ରଖିପାରୁଛି ମୋ ସ୍ୱପ୍ନ ଓ ଆଶା ପାଖରୁ? କାରଣ ସ୍ୱପ୍ନ ଓ ଆଶା ମୋ ସହିତ ଆଜିଯାଏ ରହିଆସିଛନ୍ତି, ଏବେ ଅଛନ୍ତି, ଆଗକୁ ରହିଥିବେ ମଧ୍ୟ ଅନ୍ତତଃ ଯେତେଦିନଯାଏଁ ଥିବ ମୋ ଜୀବନ!

ଅନ୍ୟ ଏକ ଚୁଲ୍‌ବୁଲି ସହପାଠିନୀ ସ୍ୱପ୍ନା କୌତୂହଳୀ ହୋଇ ଏକଦା ମୋତେ ଯାତ୍ରାଦଳିଆ ଶୈଳୀରେ ପ୍ରଶ୍ନ କଲେ, ''ଆରେ ସାଙ୍ଗ, ଜୀବନରେ ତୁମେ କେବେ ସ୍ୱପ୍ନ ଦେଖିଛ, ଆଶା ସହ ମଇତ୍ର ବାନ୍ଧିଛ?'' ହସିଦେଇ ମୁଁ କହିଥିଲି, ''ମୁଁ ଏବେ ଷୋଳଅଣା ସ୍ୱାଧୀନଚେତା! ମୋ ସ୍ୱପ୍ନକୁ ମୁଁ ଠିକ୍ ଭାବେ ଦେଖିଛି, ଦେଖୁଛି, ମୋ ଆଶାକୁ ମୁଁ ଚିହ୍ନିଛି, ଜାଣିଛି, ଚିହ୍ନୁଛି, ଜାଣୁଛି ମଧ୍ୟ। କାରଣ ମୁଁ ଭଲଭାବରେ ଜାଣେ, ମୋର ଶକ୍ତି, ସାମର୍ଥ୍ୟ କେତେ? ପୁଣି ମୋର ଦୋଷ, ଦୁର୍ବଳତା କ'ଣ? ତେଣୁ ମୁଁ ସେଇ ସ୍ୱପ୍ନ ଦେଖେ, ସେଇ ଆଶାପୋଷଣ କରେ, ଯାହା ଥାଏ ମୋ ଆୟତ୍ତରେ, ଯାହା ସମ୍ଭବ ମୋ ପକ୍ଷରେ।

ହାଇସ୍କୁଲ ବେଳର କଥା। ମୋ ଉପର କ୍ଲାସରେ ପଢୁଥିବା ସନ୍ତୋଷ ଭାଇ, ସ୍କୁଲର ବାର୍ଷିକୋତ୍ସବ ମଞ୍ଚରେ କହିଥିଲେ, ''ମୋ ଜୀବନରେ ସ୍ୱପ୍ନ, ଭଲ ମଣିଷ ହେବି। ମୋ ଆଶା, ସଫଳତାର ଶୀର୍ଷରେ ପହଞ୍ଚିବି।'' ଆମେସବୁ ତାଙ୍କ ଉଦ୍‌ବୋଧନରେ ଉଦ୍‌ବୁଦ୍ଧ ହୋଇ ଜୀବନରେ ଭଲ ମଣିଷ ହେବାକୁ ଏବଂ ସଫଳତାର ଶୀର୍ଷରେ ପହଞ୍ଚିବାକୁ ଆପାତତଃ ପଣ କରିଥିଲୁ।



ସମୟକ୍ରମେ ଅବଶ୍ୟ ଆମେ କିଏ କେଉଁ କ୍ଷେତ୍ରରେ ରହିଲୁ, ତା'ର କିଛି ଖବର କି ଠିକଣା ନଥିଲା। ଏବେ କିନ୍ତୁ ଗଣମାଧ୍ୟମ ସୂତ୍ରରୁ ଜାଣିବାକୁ ମିଳିଲା ; ସେଦିନର ସନ୍ତୋଷ ଭାଇ ଏବେ ଜଣେ ଯନ୍ତ୍ରୀ ଏବଂ ସେ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

ବିଶିଷ୍ଟ ବାଗ୍ମୀ ଓ ପ୍ରବଚକ ବାନାମ୍ବର ବାନପ୍ରସ୍ଥିଙ୍କ ମତରେ, ''ଜୀବନରେ ସ୍ୱପ୍ନ ଦେଖିବା, ଆଶାପୋଷଣ କରିବାର ଅର୍ଥ କିଛି ନାହିଁ। ଆପଣ ସ୍ୱପ୍ନ ଦେଖୁଥିବେ ; ହେଲେ ତାହା ତୁଚ୍ଛ, ଅକାରଣ! ସେଇପରି ଆଶାପୋଷଣ କରୁଥିବେ ; ମୁଁ ଆଇଏଏସ୍ ହେବି! ହେଲେ ଅବସ୍ଥାଚକ୍ରରେ ଆପଣ କେଉଁଠି ଯେ ଥଇଥାନ ହେବେ, ତା'ର କିଛି ଠିକ୍ ଠିକଣା ନଥିବ!

ଚା'ଖଟିରେ କହୁଥିଲେ, ପ୍ରିୟ ସାହିତ୍ୟିକ ବନ୍ଧୁ ସୌଭାଗ୍ୟ ବାବୁ, ''ଆଜ୍ଞା, ଏକମାତ୍ର ପୁଅ ପାଇଁ ଜୀବନରେ ମୁଁ କେତେ ପରିଶ୍ରମ, କେତେ ସଂଘର୍ଷ ନ କରିଛି! ଭଲ ସ୍କୁଲ ଓ କଲେଜରେ ପାଠ ପଢ଼େଇ ତାକୁ ଉଚ୍ଚଶିକ୍ଷିତ କରେଇଲି। ସ୍ୱପ୍ନ ଦେଖିଥିଲି ; ମୁଁ ଯେଉଁ ସଫଳତା ଜୀବନରେ ହାସଲ କରିପାରିନାହିଁ, ସେ ସଫଳତା ନିଶ୍ଚେ ମୋ ପୁଅ ହାସଲ କରିବ! ଅଥଚ ବିଧିର ବିଧାନ ଭିନ୍ନ! ସମୟଚକ୍ରରେ ପୁଅ ଏବେ ବେକାର ହୋଇ ଘରେ ବସିରହୁଛି। ତାକୁ କିଛି କହିଲେ କି ବୁଝେଇଲେ, ସେ ତାକୁ ଅନ୍ୟ ଅର୍ଥରେ ବୁଝୁଛି। କୌଣସି କାମଧନ୍ଦା କିମ୍ବା ରୋଜଗାର ପନ୍ଥା ନ ଥାଇ ମୋ ସହ ସେ ଅଯଥା ଯୁକ୍ତିତର୍କ କରୁଛି, ରାଗ ଗରଗର ଓ ତମତମ ହୋଇ ମୋ ସହ ମନ୍ଦ ଆଚରଣ, ଖରାପ ବ୍ୟବହାର କରୁଛି। ମୋ ରୋଜଗାରରେ ପରିବାର ଚଳୁଥିଲେ ବି ମୁଁ ଏବେ ନାଚାର, ନିରୁପାୟ, ଅସହାୟ ମୋ ପରିବାରରେ। ଗାଁ ଛାଡ଼ି ସହରରେ ଘର ତିଆରି କରି ପରିବାର ସହ ରହିଲି। କିନ୍ତୁ ଶାନ୍ତି ନାହିଁ ମୋ ଜୀବନରେ। ସବୁବେଳେ ଘରେ ଲାଗିରହୁଛି ଅଶାନ୍ତି, ଅରାଜକତା, ବିଶୃଙ୍ଖଳା, ସ୍ୱେଚ୍ଛାଚାରିତା! ସ୍ୱପ୍ନ ମୋର ଭାଙ୍ଗି ଧୂଳିସାତ୍ ହେବାକୁ ଯାଉଛି, ହୋ ବନ୍ଧୁ।''

ସୌଭାଗ୍ୟ ବାବୁଙ୍କ ମୁହଁରୁ ତାଙ୍କର ଏଭଳି ଅବସୋସ, ଅନ୍ତର୍ଦହନର କଥା ଶୁଣି ମୁଁ ଏବେକାର ସମାଜ ଓ ପରିବାରର ଚଳନ୍ତି ଚିତ୍ରକୁ ଦେଖି ସ୍ୱତଃ ଉଚ୍ଚାରି ବସିଲି, ''କେଉଁ ସ୍ୱପ୍ନ, କେଉଁ ଆଶା, କେଉଁ ବୁଝାମଣାକୁ ନେଇ ଜୀବନ ଜିଇବେ କହିଲେ? ଅନ୍ୟମାନେ ଆପଣଙ୍କ ସ୍ୱପ୍ନ ଓ ଆଶା ସମ୍ପର୍କରେ ଯଦି ଜାଣିଯିବେ, ତେବେ ଆପଣ ପ୍ରତିମୁହୂର୍ତ୍ତରେ ଅନ୍ୟମାନଙ୍କର ବ୍ଲାକମେଲିଂର ଶିକାର ଜରୁର ହେବେ। କ'ଣ ବୁଝିପାରୁନାହାନ୍ତି, ସମ୍ପର୍କ ଏବେ କେମିତି ସଙ୍କଟ ଘେରରେ! ସାଇବର୍ ଲୁଟେରା ପରି ସର୍ବତ୍ର ମାତିଛନ୍ତି, ସମ୍ପର୍କ ଲୁଟେରାମାନେ! ଭଲଭାବରେ ଭାବିଦେଖିଲେ ଆଜ୍ଞା, ଆମ ନିୟନ୍ତ୍ରଣରେ କ'ଣ କିଛି ଅଛି କି? ସବୁକିଛି ଆମର ପ୍ରାରବ୍ଧ କର୍ମର ଫଳ, ବିଧିନିର୍ଦ୍ଦେଶ! କାଳର ବଶ ଏବଂ ସମୟର ଦାସ ହେବାକୁ ଆମେ ସଭିଏଁ ଯେମିତି ବସ୍ତୁତଃ ବାଧ!

ଯଥାର୍ଥରେ ଭଗବାନ୍ ବୁଦ୍ଧ କହିଥିଲେ, 'କାମନାର ବିନାଶରେ ଦୁଃଖର ବିନାଶ!' କୌଣସି ଈପ୍ସିତ ବସ୍ତୁ ପାଇବା ପାଇଁ ବା କୌଣସି ନା କୌଣସି କ୍ଷେତ୍ରରେ ସଫଳ ହେବା ପାଇଁ ସ୍ୱପ୍ନାବିଷ୍ଟ ହେବା ଏବଂ ମନରେ ଆଶାପୋଷଣ କରିବା ନିଶ୍ଚିତଭାବେ କାମନାର ପର୍ଯ୍ୟାୟଭୁକ୍ତ ବା ପରିସରଭୁକ୍ତ। ତେବେ ପରବର୍ତ୍ତୀ କାଳରେ ଯଦି ଈପ୍ସିତ ବସ୍ତୁ ପ୍ରାପ୍ତି ହେଉନାହିଁ ବା କୌଣସି ନା କୌଣସି କ୍ଷେତ୍ରରେ ଅସଫଳ ଓ ଭଗ୍ନମନୋରଥ ହେବାକୁ ପଡୁଛି, ତେବେ ତାହା ଆମ ମନରେ ଯଥେଷ୍ଟ ଆଘାତ ଦେବ, ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କରିବ ନିଶ୍ଚୟ।

ମୋ:୯୪୩୭୦୯୦୯୮୫

## ଏଇ ଭାରତରେ

ପୁଅର ଦୁର୍ଘଟଣା ପରେ ଜୈବିକ କୃଷି ଆରମ୍ଭ କରି ଏବେ ବଗିଚାରେ ୧୦୦ରୁ ଊର୍ଦ୍ଧ୍ୱ ଫସଲ କରୁଛନ୍ତି କେରଳର କେ.ଏସ୍. ଶ୍ରୀଜେ। ବଗିଚାରେ ଦେଶୀ ପନିପରିବା ସହ ୨୦୦ରୁ ଊର୍ଦ୍ଧ୍ୱ ବିଦେଶୀ ଗଛ ରହିଛି। ୨୦୧୪ରେ ଶ୍ରୀଜେଙ୍କ ପୁଅର ଦୁର୍ଘଟଣା କୋଏମ୍ବାଟୁରରେ ହୋଇଥିଲା ଓ ସେତେବେଳେ ସେ ମେକାନିକାଲ ଇଞ୍ଜିନିୟରିଂ ଛାତ୍ର ଥିଲେ। ପୁଅର ଚିକିତ୍ସା ପାଇଁ ତାମିଲନାଡୁ ଯାଇଥିଲେ ଓ ସେଠାରେ ସେ ଦେଢ଼ବର୍ଷ ରହିଗଲେ। ଏହି ସମୟରେ ସେ ଏକୁଟିଆ ରହିବା ଯୋଗୁ ତାଙ୍କ ଘର ଚାରିପାଖରେ ପନିପରିବା ଚାଷ ଆରମ୍ଭ କରିଥିଲେ। ପରେ ସେଠାରୁ କେରଳ ଫେରି ସେ ତାମିଲନାଡୁରେ ଆରମ୍ଭ କରିଥିବା ଚାଷକୁ ଆଗେଇ ନେବା ସହ ଜୈବିକ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ପରେ ପାଖାପାଖି ୬ଗୁଣ୍ଠ ଜମିରେ ବଗିଚା କରି ୨୫ ପ୍ରକାର ପରିବା ଓ ୮ ପ୍ରକାର ଫଳ ଉତ୍ପାଦନ କରୁଛନ୍ତି। ଏହା ମଧ୍ୟରେ କିଛି ବିଦେଶୀ ଫଳ ମଧ୍ୟ ରହିଛି। ସେ ଜୈବିକ ଖତ ପ୍ରୟୋଗ କରିବା ସହ ପରାଗରେଣୁ ପାଇଁ ବଗିଚାରେ ମହୁଚାଷ ମଧ୍ୟ କରୁଛନ୍ତି। ପରିବାରର ଆବଶ୍ୟକତା ପୂରଣ କରିବା ପରେ ସେ ପରିବା ଓ ମହୁ ବିକ୍ରି କରି ବର୍ଷକୁ ପାଖାପାଖି ୬୦ ହଜାର ଟଙ୍କା ରୋଜଗାର କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ଜୁନ୍ ୧୯୭୬

- ଲେବାନନ୍‌ର ରାଜଧାନୀ ବେରୁଟ୍‌ର ରାସ୍ତାଘାଟରେ ଭୀଷଣ ସଂଘର୍ଷ ଘଟି ୧୦୦ ବ୍ୟକ୍ତି ନିହତ।
- ଜାତିସଂଘର ୪ର୍ଥ ବାଣିଜ୍ୟ ଓ ଉନ୍ନୟନ ସମ୍ମିଳନୀ ଉଦ୍‌ଯାପନର ଅବ୍ୟବହିତ ପୂର୍ବରୁ ବିଭିନ୍ନ ବ୍ୟବହାର୍ଯ୍ୟ ସାମଗ୍ରୀର ମହଜୁଦୀକରଣ ପାଇଁ ଏକ ଆନ୍ତର୍ଜାତିକ ମହଜୁଦ ଭଣ୍ଡାର ଗଠନ ପ୍ରସ୍ତାବ ଗୃହୀତ।

## ଚିରନ୍ତନୀ

ଯେ ରାଜନ ଗଢ଼ିଲା ଏ ପାଷାଣର ଗିରି,
ଯେ ବିରାଟ କଳ୍ପନାରୁ ଉଦ୍ଭୁତ ଏ ଶିରୀ,
ବିଶ୍ୱ ପାଇଁ କରିଲା ଦାଦନ
ଅନ୍ତରର ବିପୁଳ ବେଦନ,
ହେବାକୁ ନିବଂଶ
ଲୋଡ଼ିଲା ଅଯଶ
ବଂଶ ଗର୍ବ
କରି ଖର୍ବ!

(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ପିଅନ ପଦବୀ ପୂରଣ ହେଉ

ମହାଶୟ,

କର୍ଣାଟକରେ ୫୪ ହଜାର ପିଅନ ପଦବୀ ପୂରଣ ପାଇଁ ଅଳ୍ପ କିଛିଦିନ ତଳେ ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇଥିଲା । ଏଥିପାଇଁ ସାଢ଼େ ୨୫ ଲକ୍ଷ ଆଶାୟୀ ଆବେଦନ କରିଥିଲେ । ଏହି ପରିପ୍ରେକ୍ଷୀରେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାରେ ଗତ ୩ ଦଶନ୍ଧି ଧରି ପିଅନ ପଦବୀ ପୂରଣ ହେଉ ନାହିଁ କିମ୍ବା ନୂତନ ପଦବୀ ସୃଷ୍ଟି ହେଉନାହିଁ । ଯଦି ଅନ୍ୟ ରାଜ୍ୟରେ ପିଅନ ପଦବୀ ପୂରଣ ହୋଇପାରୁଛି, ତେବେ ଓଡ଼ିଶାରେ କାହିଁକି ହେବ ନାହିଁ । ଏବେ ସୁଦ୍ଧା ରାଜ୍ୟର ସରକାରୀ, ଅର୍ଦ୍ଧ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ହଜାର ହଜାର ପିଅନ ପଦବୀ ଖାଲିପଡିଛି । ଅବସର ହେତୁ ପ୍ରତି ମାସରେ ଏହି ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଫଳରେ ସରକାରୀ କାର୍ଯ୍ୟରେ ବାଧାସୃଷ୍ଟି ହେବା ସହ ବେକାରି ବୃଦ୍ଧି ପାଉଛି । ରାଜ୍ୟ ସରକାର ଖାଲି ପଡିଥିବା ପିଅନ ପଦବୀ ପୂରଣ କଲେ ଏହି ଅସୁବିଧା ଦୂର ହେବ । ସରକାର ଏହାର ତୁରନ୍ତ ବିଚାର କରିବାକୁ ଅନୁରୋଧ ।

-ଅକ୍ଷୟ କୁମାର ମହାନ୍ତି , ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମେଡିକାଲ କଲେଜ, ଅନ୍ୟ ସମସ୍ୟା ନିରାକରଣ ଆଶା

- ଜୁନ୍ ୨ରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦ୍ରାପଡ଼ା ଜିଲା ଗସ୍ତ
- ପର୍ଯ୍ୟଟନ, କ୍ଷୁଦ୍ରଶିଳ୍ପ ଜିଲା ଆର୍ଥିକ ସ୍ଥିତି ସୁଧାରିବ
- ଜଳ ପରିଚାଳନାକୁ ଗୁରୁତ୍ୱ ପାଇଁ ଦାବି ରହିବ

କେନ୍ଦ୍ରାପଡ଼ା, ୩୧।୫ (ଜଗନ୍ନାଥ ଧଳ)



ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ।

ରାଜ୍ୟର ବିଭିନ୍ନ ଜିଲା ଗସ୍ତ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ରାପଡ଼ା ଜିଲାକୁ ସୋମବାର ଆସୁଛନ୍ତି। ରଥଦାଣ୍ଡରେ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହେବା ସହ ଜିଲା ଉନ୍ନୟନ ସମ୍ପର୍କରେ ସେ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜିଲା ପ୍ରଶାସନ ଓ ଜିଲା ଭାଜପା ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ଘନଘନ ବୈଠକ ହୋଇ ଏ ସମ୍ପର୍କରେ ସମୀକ୍ଷା କରାଯାଉଛି। ଅପରପକ୍ଷରେ ଭାଜପା ରାଜ୍ୟ ଶାସନ ଭାର ନେବାର ବର୍ଷପୂର୍ତ୍ତି ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲାବାସୀଙ୍କ ଆଗ୍ରହ ବଢ଼ିଛି। ଜିଲାର ମୌଳିକ ସମସ୍ୟାର ସମାଧାନ ହେବ ବୋଲି ସେମାନେ ଆଶା ରଖିଛନ୍ତି। ଗସ୍ତ ଅବସରରେ ମେଡିକାଲ କଲେଜ, ସିଟି ହସ୍ପିଟାଲ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଆଦି ଘୋଷଣା ହେବା ସମ୍ଭାବନା ଥିବା ଆଲୋଚନା ହେଉଛି। ସେହିପରି କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ ଏହି ଜିଲାରେ ପାନୀୟ ଜଳ ସହ କ୍ଷେତକୁ ଜଳ ପରିଚାଳନା ସମସ୍ୟାକୁ ଗୁରୁତ୍ୱ ଦେବାକୁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ମନୋଜ କୁମାର ନାୟକ କହିଛନ୍ତି, ଜିଲାର ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି। ସିଟି ହସ୍ପିଟାଲ ଓ ମେଡିକାଲ କଲେଜ ସ୍ଥାପନ ପାଇଁ ଦୀର୍ଘଦିନରୁ ଆନ୍ଦୋଳନ ହୋଇଆସୁଛି। ମୁଖ୍ୟମନ୍ତ୍ରୀ ମାଝୀ ଜିଲା ମୁଖ୍ୟ ଚିକିତ୍ସାଳୟ ଅନତି ଦୂରରେ ତ୍ରିରଙ୍ଗା ଶୋଭାଯାତ୍ରା କରିବେ। ସେହିପରି ଶ୍ରୀବଳଦେବଜୀଉ ମନ୍ଦିରକୁ ଯିବେ। ଏହାର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଥିବା ବିଭିନ୍ନ ସମସ୍ୟାର ସମାଧାନ ଲାଗି ଜିଲାବାସୀ ଆଶା କରିଛନ୍ତି। ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ଜିଲାରେ ଜଳ ପରିଚାଳନା ଏକ ମୌଳିକ ଆବଶ୍ୟକତା। ସମୁଦ୍ର ତଟାଞ୍ଚଳ ପାଇଁ ଏହି ଜିଲାର ଭୂଗର୍ଭରେ ଥିବା ଜଳ ଲୁଣିଆ ହୋଇଛି। ଦୀର୍ଘଦିନ ଧରି ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ସରୁ ନ ଥିଲେ ମଧ୍ୟ ଏହାର ସମୀକ୍ଷା ହେଉନାହିଁ। ସେହିପରି କ୍ଷେତକୁ ଜଳ ପରିଚାଳନା କୃଷି ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଛି। ଜଳ ନିଷ୍କାସନ ହୋଇ ପାରୁ ନ ଥିବାରୁ ଖରିଫ ଚାଷ ପ୍ରଭାବିତ ହେଉଛି। ଅପରପକ୍ଷରେ କେନାଲ ମାଧ୍ୟମରେ ଜଳ ସେଚନ ବ୍ୟବସ୍ଥା ଠପ ପଡ଼ିଛି। ଜିଲା ଉନ୍ନୟନ କାର୍ଯ୍ୟ ସମୀକ୍ଷା ସମୟରେ ମୁଖ୍ୟମନ୍ତ୍ରୀ ମାଝୀ ଏଥିପ୍ରତି ଧ୍ୟାନ ଦେବେ ବୋଲି ସେ ଆଶା ରଖିଛନ୍ତି। ବୁଦ୍ଧିଜୀବୀ ଉତ୍କଳ କେଶରୀ ପାହାଡସିଂ କହିଛନ୍ତି, ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ଅଭାବରୁ କେନ୍ଦ୍ରାପଡ଼ା ଜିଲା ବିକାଶରେ ବାଧା ଆସିଛି। ଜିଲାରେ ବୃହତ, କ୍ଷୁଦ୍ର ଓ କୁଟୀରଶିଳ୍ପ ଏକ ଆକାଂକ୍ଷିତ ସମସ୍ୟା। ବୃହତ ଶିଳ୍ପ ପ୍ରତିଷ୍ଠା, ବନ୍ଦର ଆଦି ଏହି ଜିଲାର ନିର୍ବାଚନୀ ପ୍ରତିଶ୍ରୁତି ପାଲଟିଛି। ସାଧାରଣ ଯୁବବର୍ଗଙ୍କୁ ନିଯୁକ୍ତିଭିତ୍ତିକ ତାଲିମ ବ୍ୟବସ୍ଥା ନାହିଁ। ସେହିପରି ଯୁବ ଶିଳ୍ପୋଦ୍ୟୋଗୀଙ୍କୁ ବ୍ୟାଙ୍କ ପକ୍ଷରୁ ହେଉଥିବା କଟକଣା ଜିଲା ବିକାଶକୁ ପଙ୍ଗୁ କରିଛି। ଜିଲା ଉନ୍ନୟନ ଅର୍ଥକୁ ହଡପ କରାଯାଉଥିବା ନେଇ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଏହାକୁ ନଜର ଦେବାକୁ ସେ ଅନୁରୋଧ କରିଛନ୍ତି। ଉତ୍କଳ ଯୁବକ ସଂଘର ସଭାପତି ଗୌତମ କୁମାର ବେହେରା କହିଛନ୍ତି, ପର୍ଯ୍ୟଟନ ଶିଳ୍ପ ଏହି ଜିଲାକୁ ସ୍ୱତନ୍ତ୍ର ପରିଚୟ ଦେଇପାରିବ। ଜିଲାରେ ଆଧ୍ୟାତ୍ମିକ ଓ ପରିବେଶ ପର୍ଯ୍ୟଟନସ୍ଥଳୀ ଅଛି। ଜାତୀୟ ଉଦ୍ୟାନ ଭିତରକନିକା ଏଠାରେ ଥିବାରୁ ସାମୁଦ୍ରିକ ଗବେଷଣା କେନ୍ଦ୍ର ସ୍ଥାପନା ନିହାତି ଜରୁରୀ ହୋଇଛି। ସେହିପରି ତଟକ୍ଷୟକୁ ରୋକିବାକୁ ଉପକୂଳ କେନାଲ ଓ ୧୦ କିଲୋମିଟରର ହେନ୍ତାଳ ବଣ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଆଗତ ହେବା ଆବଶ୍ୟକ। ଶିଳ୍ପ ନିର୍ମାଣ ହେଲେ ଜିଲାରେ ବଢ଼ୁଥିବା ଦାଦନ ସମସ୍ୟା ସମାଧାନ ହେବ।



ଗଣେଶଚନ୍ଦ୍ର ସାମଲ



ଗୌତମ ବେହେରା




ମନୋଜ ନାୟକ



ଉତ୍କଳ କେଶରୀ ପାହାଡ଼ସିଂହ

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅସ୍ମିତା



@ ସୁଜାତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାବାଳିକା ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ




ଦୋଷୀ ସାବ୍ୟସ୍ତ ପରେ ସେକ୍ ମୋହିତଙ୍କୁ ଜେଲକୁ ନିଆଯାଉଛି।

ଯାଜପୁରଟାଉନ,୩୧।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଜଣେ ୫ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାର ଶନିବାର ରାୟ ପ୍ରକାଶ ପାଇଛି। ଯାଜପୁର ପୋକ୍‌ସୋ(୨)ବିଚାରପତି ବିଜୟ କୁମାର ଜେନା ମାମଲାର ଚୂଡ଼ାନ୍ତ ଶୁଣାଣି କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦେୟରେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହିତ ମୃତା ନାବାଳିକାଙ୍କ ମା'ଙ୍କୁ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ରୋଡ୍ ପାନାସିଆ(ଫେରୋକ୍ରମ) ଅଞ୍ଚଳର ଏକ ଭଡ଼ାଘରେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରରୁ ଆସି ଜଣେ ଅନୁସୂଚିତ ଜନଜାତିର ମହିଳା ରହୁଥିଲେ। ତାଙ୍କର ୩ ବର୍ଷର ପୁଅ ଓ ୫ ବର୍ଷର ଝିଅ ଥିଲେ। ମହିଳା ଜଣକ ସବୁଦିନ ଅନ୍ୟତ୍ର କାମ କରିବାକୁ ଯାଉଥିଲେ। କାମକୁ ଗଲାବେଳେ ପୁଅକୁ ସାଙ୍ଗରେ ନେଇ ଯାଉଥିଲେ। ଝିଅକୁ ଘରେ ଛାଡ଼ି ଦେଉଥିଲେ। ୨୦୧୬ ଜାନୁଆରୀ ୩ରେ ମହିଳା ଜଣକ କାମକୁ ଯାଇ ସନ୍ଧ୍ୟାରେ ଫେରିବାବେଳକୁ ଝିଅ ଘରେ ନ ଥିବା ଦେଖିଥିଲେ। ଚାରିଆଡ଼େ ଖୋଜାଖୋଜି କରିବାବେଳେ ପଡ଼ୋଶୀ ପାନାସିଆ ରେଳଲାଇନ ପାଖରେ ଜଣେ ଛୋଟ ଝିଅ ପଡ଼ି ରହିଛି ବୋଲି ତାଙ୍କୁ କହିଥିଲେ। ମହିଳା ଓ ତାଙ୍କର କେତେଜଣ ପଡ଼ୋଶୀ ସେଠାରେ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ତାଙ୍କ ଝିଅର ମୃତଦେହ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସମୟରେ ଉକ୍ତ ଅଞ୍ଚଳର ସେକ୍ ମୋହିତ ଓରଫ୍ ମେଜୋ କବାଡ଼ିଆ ଏକ ଅଖାରେ ଝିଅଟିର ମୃତଦେହ ଆଣି ରେଳ ଲାଇନରେ ପକାଇ ଥିବା ଜଣାପଡ଼ିଥିଲା। ମା' କାମକୁ ଗଲା ପରେ ନାବାଳିକା ୩/୪ଟି ମଦ ବୋତଲ ନେଇ ସେକ୍ ମେଜୋଙ୍କ କବାଡ଼ି ଦୋକାନକୁ ବିକ୍ରି କରିବା ପାଇଁ ଯାଇଥିଲେ। ସେଠାରେ କେହି ନ ଥିବା ଦେଖି ମେଜୋ ନାବାଳିକାଙ୍କୁ ନିଜ ଘରକୁ ନେଇ ବଳାତ୍କାର କରିଥିଲେ। ବଳାତ୍କାର ସମୟରେ ନାବାଳିକାଙ୍କ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ଫଳରେ ମେଜୋ ପ୍ରମାଣ ନଷ୍ଟ ପାଇଁ ସେହିଠାରେ ନାବାଳିକାଙ୍କ ତଣ୍ଟି ଚିପି ମାରି ଦେଇଥିଲେ। ଏହାପରେ ମୃତଦେହକୁ ଅଖାରେ ପୁରାଇ ସନ୍ଧ୍ୟା ସମୟରେ ପାନାସିଆ ରେଳଲାଇନ କଡ଼ରେ ପକାଇ ଦେଇଥିଲେ। ମେଜୋ ମୃତଦେହ ଅଖାରେ ପୁରାଇ ନେଇକି ଯାଉଥିବାବେଳେ ସ୍ଥାନୀୟ ଲୋକ ଦେଖିଥିବା କହିଥିଲେ। ପରେ ଏନେଇ ନାବାଳିକାଙ୍କ ମା'ଯାଜପୁର ରୋଡ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୩/୨୦୧୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମେଜୋଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଚାରପତି ୩୫ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରୁଥିଲେ।

# ଜାହାଜରେ ଲୁହା ପ୍ଲେଟ ବୋଝେଇ ବେଳେ ଛିଡ଼ିଲା ଚେନ



ଜାହାଜର ଚେନ୍ ଛିଡ଼ିଯାଇଛି।

- ପାରାଦୀପ ପିଆଇସିଟି ବର୍ଥରେ ଅଘଟଣ
- ବର୍ତ୍ତିଗଲେ ୨୫ ଶ୍ରମିକ

ପାରାଦୀପ ୩୧।୫(ଶରତ ରାଉତ)

ପାରାଦୀପ ବନ୍ଦରରୁ ବିଓଟି (ବିଲ୍ଡ ଅପରେଟ ଟ୍ରାନ୍ସଫର) ବେସିସରେ ୩୦ ବର୍ଷିଆ ଲିଜ ନେଇଥିବା ଘରୋଇ କମ୍ପାନୀ ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) ବର୍ଥରେ ଶନିବାର ଅଘଟଣ ଘଟିଛି। ପଣ୍ୟ ନେବାକୁ ଆସିଥିବା ଏକ ଜାହାଜ (ଏମଭି ଫୁଆଟ ସେଜିନ)ରେ ଲୁହା ପ୍ଲେଟ ବୋଝେଇବେଳେ କ୍ରେନ ଶିକୁଳି ଛିଡ଼ିଯାଇଛି। ଫଳରେ ବର୍ଥ ଓ ପୋତାଶ୍ରୟ ମଧ୍ୟରେ ଭାରି ପ୍ଲେଟ ପଡ଼ିବା ଯୋଗୁ କ୍ଷତି ହୋଇଛି। ଏଥିଯୋଗୁ ଉଚ୍ଚ ଶବ୍ଦ ହୋଇଥିଲା। ସୌଭାଗ୍ୟବଶତଃ ତଳେ କାମ କରୁଥିବା ୨୫ ରୁ ଅଧିକ ଶ୍ରମିକ ବର୍ତ୍ତି ଯାଇଥିଲେ। ଯେଉଁ ଜାଗାରେ ସେମାନେ କାମ କରୁଥିଲେ ତା'ଠାରୁ ସାମାନ୍ୟ ଦୂରରେ ଏପରି ଘଟଣା ଘଟିଥିଲା। ଏହାପରେ ଅନ୍ୟ କ୍ରେନ ସହାୟତାରେ ଜାହାଜରେ ବୋଝେଇ ହେଉଥିବା ଜଣାପଡ଼ିଛି। ପାରାଦୀପ ବନ୍ଦର ଅଧିକାରୀ, ଡକ୍ ସେଫ୍ଟି ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ଘଟଣା ସମ୍ପର୍କରେ କମ୍ପାନୀ ମ୍ୟାନେଜର ଶାରଦା ନାୟକଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ମୋବାଇଲ୍ ଫୋନ ଉଠାଇ ନ ଥିଲେ। ସୂଚନାଯୋଗ୍ୟ, ଉକ୍ତ କମ୍ପାନୀ ୨୦୧୫ରେ ପାରାଦୀପ ବନ୍ଦର ସହ ଏମ୍ଓୟୁ କରିଥିଲା। ୨୦୧୮ରୁ ପଣ୍ୟ କାରବାର କଲାଣି। ଏହି ସମୟ ମଧ୍ୟରେ ଏକାଧିକ ବାର ଦୁର୍ଘଟଣା ଘଟି ସାରିଲାଣି।

DSPL-89

ଓଡ଼ିଶା ସରକାର

ରତୁସ୍ରାବ ସମ୍ପର୍କିତ ପରିଚ୍ଛନ୍ନତା ଦିବସ

୨୮ ମଇ ୨୦୨୫

"କିଶୋରୀ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଋତୁସ୍ରାବ ସମୟରେ ପରିଚ୍ଛନ୍ନତା ଅତ୍ୟନ୍ତ ଜରୁରୀ। "ଖୁସି" ଯୋଜନାରେ ସରକାରଙ୍କ ତରଫରୁ କିଶୋରୀମାନଙ୍କୁ ଦିଆଯାଉଥିବା ସାନିଟାରୀ ପ୍ୟାଡ୍‌ର ସଦୁପଯୋଗ କରନ୍ତୁ।"

ଋତୁସ୍ରାବ ପରିଚ୍ଛନ୍ନତା ସମ୍ପର୍କିତ କିଛି ସରଳ ଉପାୟ

- ପ୍ରତିଦିନ ସ୍ନାନ କରନ୍ତୁ ଓ ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ।
- ସାନିଟାରୀ ପ୍ୟାଡ୍ ବ୍ୟବହାର କରନ୍ତୁ ଓ ୪-୬ ଘଣ୍ଟା ଅନ୍ତରରେ ତାହାକୁ ବଦଳାନ୍ତୁ।
- ରକ୍ତସ୍ରାବର ଭରଣା ପାଇଁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଲୌହସାର ଓ ଫଲିକ ଏସିଡ୍ ବଟିକା ଖାଆନ୍ତୁ।
- ଅନିୟମିତ କିମ୍ବା ଅତ୍ୟଧିକ ସ୍ରାବ ହେଲେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରାମର୍ଶ କରନ୍ତୁ।

OIPR-10003/13/0195/2526

ଅଧିକ ସୂଚନା ପାଇଁ ଆଶା / ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

# କନ୍ୟାପକ୍ଷଙ୍କ ଇଙ୍ଗିତ, ନିନ୍ଦାର ପ୍ରତିବାଦ

ନୟାଗଡ଼/ଶରଣକୁଳ,୩୧।୫ (ଲୋକନାଥ ମିଶ୍ର/ଦୀପକ କର)


ଶରଣକୁଳ ଲଡୁବାବା ବୃଷଵ ପିଠିରେ ବସି ବରବେଶରେ ଆସି ପୂଜା ପାଉଛନ୍ତି।

- ବିବାହ ନ କରି କ୍ଷୁବ୍ଧ ହୋଇ ଫେରିଯାଇଥିଲେ ବରପକ୍ଷ
- ଦୋଷ ସ୍ୱୀକାର ପରେ ବିବାହ କଲେ ଚନ୍ଦ୍ରଶେଖର
- ଶୀତଳଷଷ୍ଠୀ ଯାତ୍ରା ପାଇଁ ଉତ୍ସବମୁଖର ଶରଣକୁଳ ଲଡୁବାବାଙ୍କ ପୀଠ

ପ୍ରସିଦ୍ଧ ଶୀତଳଷଷ୍ଠୀ ଓ ଶିବ ବିବାହ ଯାତ୍ରା ସମ୍ବଲପୁର ପରେ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବକ୍ଷେତ୍ର ନୟାଗଡ଼ ଜିଲାର ଶରଣକୁଳଠାରେ ବିଜେ ଲଡୁବାବାଙ୍କ ପବିତ୍ର ବିବାହୋତ୍ସବ ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ବିବାହ ଉତ୍ସବରେ ବର ଓ କନ୍ୟାଯାତ୍ରୀଙ୍କ ମଧ୍ୟରେ ଗୀତ ମାଧ୍ୟମରେ ବାକ୍ ବିନିମୟ ମୁଖ୍ୟ ଆକର୍ଷଣ। ତେବେ ଲଡୁବାବାଙ୍କ ଚଳନ୍ତୀ ପ୍ରତିମା ଚନ୍ଦ୍ରଶେଖର କନ୍ୟା ଘର ପକ୍ଷର ଇଙ୍ଗୀତ ଓ ନିନ୍ଦା ସହ୍ୟ କରି ନ ପାରି କ୍ଷୁବ୍ଧ ହୋଇ ବରଯାତ୍ରୀଙ୍କୁ ନେଇ ଫେରି ଯାଇଥିଲେ। ପରେ କନ୍ୟାପକ୍ଷ ଦୋଷ ସ୍ୱୀକାର କରି କ୍ଷମା ପ୍ରାର୍ଥନା ପୂର୍ବକ ପୁନଃ ଆମନ୍ତ୍ରଣ କରାଇ ବିବାହ ବେଦୀକୁ ପାଛୋଟି ଆଣିବା ପରେ ଚନ୍ଦ୍ରଶେଖର ପାର୍ବତୀଙ୍କୁ ବିବାହ କରିଥିଲେ।

ଶନିବାର ସନ୍ଧ୍ୟାରେ ଲଡୁବାବାଙ୍କ ଚଳନ୍ତୀ ପ୍ରତିମା ଚନ୍ଦ୍ରଶେଖରଙ୍କୁ ସୁବାସିତ ଜଳରେ ସ୍ନାନ କରାଯାଇ ଅଙ୍ଗବସ୍ତ୍ର ଓ ଅଳଙ୍କାର ପରିଧାନ କରାଯାଇଥିଲା। ପରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି କରାଯାଇଥିଲା। ଏହାପରେ ସୁସଜ୍ଜିତ ବୃଷଭ ବିମାନ ସାହାଯ୍ୟରେ ସ୍ୱତନ୍ତ୍ର ପଟୁଆରରେ ନିଜ ଗ୍ରାମ ଭିକାରୀପଡ଼ା ରଘୁନାଥପୁର ବ୍ରାହ୍ମଣ ଶାସନର ଭୋଗ ମଣ୍ଡପରେ ଚନ୍ଦ୍ରଶେଖର ଅବସ୍ଥାନ କରି ଅପେକ୍ଷାରତ ଥିଲେ। ସେପଟେ ମଧ୍ୟସ୍ଥତା କରୁଥିବା ପାର୍ଶ୍ୱଦେବତା ଗୋପୀନାଥ ବ୍ୟାଘ୍ର ବାହାନ ବିମାନରେ ଉପବେଶନ କରି ପାର୍ବତୀଙ୍କ ସହ ଦୁର୍ଗା ବଜାରର ଚାଳି ମଣ୍ଡପକୁ ବିଜେ କରିଥିଲେ। ଚାଳି ମଣ୍ଡପରେ ଗୋପୀନାଥ ଓ ପାର୍ବତୀଙ୍କ ଆଳତି ଏବଂ ଭୋଗ କାର୍ଯ୍ୟ ସମାପନ କରାଯିବା ପରେ ଉଭୟଙ୍କୁ ଭିକାରୀପଡ଼ା ରଘୁନାଥପୁର ବ୍ରାହ୍ମଣ ଶାସନର ଭୋଗମଣ୍ଡପକୁ ନିଆଯାଇଥିଲା। ସେଠାରେ ଗୋପୀନାଥ ବର ଧରିବା ପାଇଁ ପ୍ରସ୍ତୁତି ହୋଇଥିଲେ। ଭୋଗମଣ୍ଡପରେ ଚନ୍ଦ୍ରଶେଖର ଓ ମା' ପାର୍ବତୀଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯିବା ସହ ମହାଆଳତି କରାଯାଇ ବନ୍ଦାପନା କରାଯାଇଥିଲା। ପରେ ପ୍ରଭୁ ଚନ୍ଦ୍ରଶେଖର ଭିକାରୀପଡା ରଘୁନାଥପୁର ଶାସନର ବ୍ରାହ୍ମଣମାନଙ୍କୁ ବରଯାତ୍ରୀ ରୂପେ ନେଇ ବାହାରିଥିଲେ। ସେହିପରି କନ୍ୟା ଘର ପକ୍ଷରୁ ଗୋପୀନାଥ ଲଡୁବାବାଙ୍କ ସେବାକାରୀମାନଙ୍କ ସହ ମା' ପାର୍ବତୀଙ୍କୁ ନେଇ ବିବାହ ମଣ୍ଡପ ଅଭିମୁଖେ ବାହାରିଥିଲେ। ତେବେ ବିବାହମଣ୍ଡପରୁ ୫୦ ଫୁଟ ଦୂରରେ ବର ଓ କନ୍ୟାଯାତ୍ରୀ ଅଟକି ରହିଥିଲେ। ଏଠାରେ ଉଭୟଙ୍କ ମଧ୍ୟରେ ଗୀତ ମାଧ୍ୟମରେ ୧ ଘଣ୍ଟା ଧରି ବାକ୍ ବିନିମୟ ହୋଇଥିଲା। ଉଭୟପକ୍ଷ ନିଜ ନିଜର ଗୁଣଗାନ କରିବା ସହ ଅନ୍ୟପକ୍ଷର ନିନ୍ଦାଗାନ କରିଥିଲେ। ତେବେ ଚନ୍ଦ୍ରଶେଖର ବାକ୍ ବିନିମୟ ସମୟରେ ଇଙ୍ଗୀତ ସହ୍ୟ କରି ନ ପାରି କ୍ଷୁବ୍ଧ ହୋଇ ନିଜକୁ ଅପମାନ ବୋଧ କରି ବରଯାତ୍ରୀଙ୍କୁ ନେଇ ଫେରି ଯାଇଥିଲେ। ପରିସ୍ଥିତି ବିଗିଡି ଯାଇଥିବା ଦେଖି କନ୍ୟାପକ୍ଷ ସେମାନଙ୍କ ଦୋଷ ସ୍ୱୀକାର କରି କ୍ଷମା ପ୍ରାର୍ଥନା ପୂର୍ବକ ପୁନଃ ଆମନ୍ତ୍ରଣ କରାଇ ବିବାହ ବେଦୀକୁ ବରଯାତ୍ରୀଙ୍କୁ ପାଛୋଟି ଆଣିଥିଲେ। ବାକ୍ ବିନିମୟ ସମୟରେ କନ୍ୟାଯାତ୍ରୀଙ୍କ ପକ୍ଷରୁ ସୀମାଞ୍ଚଳ ପୁଷ୍ପପାଳକ ଓ ବରଯାତ୍ରୀଙ୍କ ପକ୍ଷରୁ ଗୋଲଖ ବିହାରୀ ବଡପଣ୍ଡା ଗୀତ ଆବୃତ୍ତି କରିଥିଲେ। ବିଳମ୍ବିତ ରାତ୍ରିରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚ୍ଛା ଚୋଖବନ୍ତ କର ବିବାହ କାର୍ଯ୍ୟ ସମାପନ କରିଥିଲେ। ପ୍ରତି ସୁଆର ସଞ୍ଜୟ ମହାପାତ୍ର ଓ କଲ୍ୟାଣୀ ପ୍ରତିହାରୀ ହାଣ୍ଡିଏ ପିଠାର ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡଙ୍କଠାରୁ ୨୧୦୦ଟଙ୍କା ପାଇଥିଲେ। ସେହିପରି ରବିବାର ରାତ୍ରିରେ ୧୬ ଶମ୍ଭୁ ମେଳଣ ହେବାର ରହିଛି। ବଡପଣ୍ଡା କୈଳାସ ମହାପାତ୍ର, ଗୋଲଖ ବିହାରୀ ବଡପଣ୍ଡା, ସୀମାଞ୍ଚଳ ପୁଷ୍ପପାଳକ, ଶିବ ପୁଷ୍ପପାଳକ, ସୁନୀଲ ବଡପଣ୍ଡା, କଲ୍ୟାଣୀ ପଢ଼ିଆରୀ ଓ ସେବାୟତମାନେ ବିବାହ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

# ରଣପୁରରେ ତ୍ରିରଙ୍ଗା ଶୋଭାଯାତ୍ରା


ରଣପୁରରେ ଶନିବାର ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କ ନେତୃତ୍ୱରେ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକମାନେ।

ରଣପୁର, ୩୧।୫ (ସୁକାନ୍ତ କିଶୋର ଡାକୁଆ)

ଅପରେଶନ ସିନ୍ଦୂରର ସଫଳତା ପାଇଁ ସାରା ଦେଶରେ ଚର୍ଚ୍ଚା ଲାଗି ରହିଛି। ଭାରତୀୟ ସେନାଙ୍କ ଏହାର ସମର୍ଥନରେ ଶନିବାର ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କ ନେତୃତ୍ୱରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ମାଧ୍ୟମରେ ଭାରତୀୟ ସେନାଙ୍କ ବୀରତା ଓ ସାହସକୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ରଣପୁର ବସଷ୍ଟାଣ୍ଡଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ପଞ୍ଚୁବୋଳ ପଡିଆ ଶହୀଦ ରଘୁଦିବାକର ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁ ଲୋକ ତ୍ରିରଙ୍ଗା ପତାକା ଧରି ଭାରତୀୟ ସେନାଙ୍କୁ ସମ୍ମାନ ଜଣାଇଥିଲେ। ଏହି ଶୋଭାଯାତ୍ରାରେ ୧୨୦ ମିଟର ଲମ୍ବର ଜାତୀୟ ପତାକା ନେଇ କଲେଜ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରଛାତ୍ରୀ ସାମିଲ ହୋଇ ଅପରେଶନ ସିନ୍ଦୂରର ସଫଳତା ପ୍ରତି ସମ୍ମାନ ଜଣାଇଥିଲେ। ଏହି ଶୋଭାଯାତ୍ରାରେ ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ସାଂସଦ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ସାମାଜିକ କର୍ମୀ ତାପସ ରଞ୍ଜନ ମାଝୀ, ସାମାଜିକ କର୍ମୀ ପୂର୍ଣ୍ଣିମା ମହାପାତ୍ରଙ୍କ ସହ ବହୁବ୍ୟକ୍ତି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭାରତ ମାତା କି ଜୟ ନାରାରେ ସମଗ୍ର ରଣପୁର ପ୍ରକମ୍ପିତ ହୋଇଥିଲା। ଏହି ଅପରେଶନ ସିନ୍ଦୂରରେ ଭାରତୀୟ ସେନାଙ୍କ ଦ୍ୱାରା ପାକିସ୍ତାନର ୯ଟି ଉଗ୍ରବାଦୀ କ୍ୟାମ୍ପକୁ ଧୂଳିସାତ କରାଯାଇଛି। ଉଗ୍ରବାଦଙ୍କୁ ପ୍ରଶ୍ରୟ ଦେଉଥିବା ପାକିସ୍ତାନକୁ ମଧ୍ୟ ଉଚିତ ଜବାବ ଦିଆଯାଇଛି। ଭାରତୀୟ ସେନାର ସାହାସିକତାକୁ ପ୍ରଶଂସା ତଥା ସେନାଙ୍କ ମନୋବଳ ବଢ଼ାଇବାକୁ ସାରା ଦେଶରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଉଥିବା ବେଳେ ନୟାଗଡ଼ ଜିଲା ରଣପୁରରେ ପୁରୀ ଏମ୍‌ପି ପାତ୍ର ନିଜେ ଉପସ୍ଥିତ ରହି ଏହି ଶୋଭାଯାତ୍ରା କରିଥିଲେ।

## ମା' ଭାନୁମତୀ ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟ

ଖଣ୍ଡପଡ଼ା,୩୧।୫(ଅଜୟ କୁମାର ମହାରଣା): ଖଣ୍ଡପଡ଼ା ବ୍ଲକ ଅଧୀନ ବଡବାଣପୁର ପଞ୍ଚାୟତ ହଟିଆପଲ୍ଲୀ ଗ୍ରାମ ନିକଟ କଣ୍ଟିଲୋ- ଗଣିଆ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ମା' ଭାନୁମତି ମନ୍ଦିରର ହୁଣ୍ଡି ଓ ଭଣ୍ଡାର ଘର ତାଲା କାଟି ସମସ୍ତ ଜିନିଷ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ସୂଚନାଯୋଗ୍ୟ, ବାଣପୁର ପଞ୍ଚାୟତ ଅଧୀନ ଘଣଶାଳିଆ ଓ ହଟିଆପଲ୍ଲୀ ଗ୍ରାମ ମଧ୍ୟରେ ନିଛାଟିଆ ସ୍ଥାନ ତଥା ମୁଖ୍ୟ ରାସ୍ତା କଡ଼ରେ ଥିବା ଉକ୍ତ ମନ୍ଦିର ପରିସରରୁ ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ଲୁଟକରିଛନ୍ତି। ଶନିବାର ସକାଳୁ ପୂଜକ ମନ୍ଦିରକୁ ପୂଜାର୍ଚ୍ଚନା ଲାଗି ଆସିବା ବେଳେ ଏପରି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ମନ୍ଦିର ପରିଚାଳନା କମିଟି ଏ ସମ୍ପର୍କରେ ଆଲୋଚନା କରି କଣ୍ଟିଲୋ ଫାଣ୍ଡିରେ ଅଭିଯୋଗ କରିଛନ୍ତି।

## ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ଜଣେ ମୃତ


ଲଗାଣ ବର୍ଷାରେ ଭୁଶୁଡ଼ି ଥିବା ଓ ରବିଙ୍କ ମୃତ୍ୟୁ ଘଟିଥିବା ସ୍ଥାନ।

ନୂଆଗାଁ ୩୧।୫ (ଧନେଶ୍ୱର ସାହୁ): ନୟାଗଡ଼ ଜିଲା ନୂଆଗାଁ ଥାନା ମାଉଳେଢ଼ି ପଞ୍ଚାୟତ ସମ୍ପତା ଗ୍ରାମରେ ଶନିବାର ଘରର କାନ୍ଥ ଭୁଶୁଡ଼ି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ରବି ନାୟକ (୪୮)। ମିଳିଥିବା ସୂଚନା ମୁତାବକ, ସମ୍ପତା ଗ୍ରାମର ରବି ପୁରୁଣା ମାଟି ଘରକୁ ଭାଙ୍ଗି ନୂତନ ଘରକାମ ଆରମ୍ଭ କରିଥିଲେ। ଶନିବାର ଶ୍ରମିକମାନେ ଘର ନିର୍ମାଣ କାମ ଶେଷ କରି ଯିବା ପରେ ଅପରାହ୍ନରେ ରବି ନିର୍ମାଣ ସ୍ଥାନକୁ ଯାଇଥିଲେ। ସମ୍ପତା ଅଞ୍ଚଳରେ ବର୍ଷା ହୋଇଥିବା ବେଳେ ପୂର୍ବରୁ ବର୍ଷାରେ ଭିଜିକି ଥିବା କାନ୍ଥ ରବିଙ୍କ ଉପରେ ମାଡି ବସିଥିଲା। ଖବରପାଇ ସ୍ଥାନୀୟ ଲୋକ ଘଟଣାସ୍ଥଳରୁ ଗୁରୁତର ରବିଙ୍କୁ ଉଦ୍ଧାର କରି ଏକ କାର ଯୋଗେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ରବିଙ୍କୁ ମୃତ ଘୋଷଣା କରିଥିଲେ।

# ୧୨ ଶମ୍ଭୁ, ୩୫୬ ଶୈବପୀଠରେ ବିବାହ ଉତ୍ସବ



ପ୍ରତାପପୁର ଶିବମନ୍ଦିରରେ ଠାକୁରଙ୍କୁ ବେଢ଼ା ପ୍ରଦକ୍ଷିଣା କରାଯାଉଛି। ବିନାୟକପୁରରେ ଶୀତଳଷଷ୍ଠୀ ଲାଗି ପୂଜାର୍ଚ୍ଚନା ଚାଲିଛି।

ନୟାଗଡ଼, ୩୧।୫(ଲୋକନାଥ ମିଶ୍ର)

- ବିନାୟକପୁରରେ ବର,କନ୍ୟା ପକ୍ଷଙ୍କ ମଧ୍ୟରେ ବଚନିକା ମାଧ୍ୟମରେ ଶାସ୍ତ୍ର ତର୍କ
- ପ୍ରତାପପ୍ରସାଦରେ ଶୀତଳଷଷ୍ଠୀ ଯାତ୍ରାରୁ ମୋ ଗାଁ ମହୋତ୍ସବ

ଶିବ ବିବାହ ପାଇଁ ନୟାଗଡ଼ ଜିଲାର ୧୨ ଶମ୍ଭୁ ବଡପଣ୍ଡୁଅରର ଉଗ୍ରେଶ୍ୱର, ନନ୍ଦିପୁରର ଧବଳେଶ୍ୱର, ଚନ୍ଦ୍ରଶେଖରପୁରର ନୀଳକଣ୍ଠେଶ୍ୱର, ଗୁଣ୍ଡୁବାରର କପିଳେଶ୍ୱର, ବାହାଡାଝୋଲାର ପୁଲେଶ୍ୱର, ଯଦୁପୁରର ସିଦ୍ଧେଶ୍ୱର, ରାଜସୁନାଖଳାର ମଧୁକେଶ୍ୱର, କଲ୍ୟାଣପୁରର ମୁକ୍ତେଶ୍ୱର, ଯାଜ୍ଞପାଟଣାର ବୃଦ୍ଧିକେଶ୍ୱର, ମାଳିସାହିର ଗଡେଶ୍ୱର, ଗୋବିନ୍ଦପୁରର ସୋମନାଥ ଦେବ ଓ ଶରଣକୁଳର ଲଡୁବାବାଙ୍କ ପୀଠ ସମେତ ୩୫୬ ଶୈବ ପୀଠ ଉତ୍ସବ ମୁଖରିତ ହୋଇଉଠିଛି। ସେହିପରି ନୟାଗଡ଼ ସହରର ରାମେଶ୍ୱର, ବିଶ୍ୱନାଥ, ସିଦ୍ଧେଶ୍ୱର ଓ ସ୍ୱପ୍ନେଶ୍ୱରଙ୍କ ସମେତ ଜିଲାର ସବୁ ଶିବ ମନ୍ଦିରରେ ଶିବ ବିବାହ ହୋଇଛି। ଓଡ଼ଗାଁ ବ୍ଲକର ବିନାୟକପୁର ଗାଁରେ ନୀଳକଣ୍ଠେଶ୍ୱର ଦେବ ଜୟଦୁର୍ଗାଙ୍କୁ ବିବାହ କରିଛନ୍ତି। ପରେ ଗୁଆରୀ ଭୋଗ ଖାଇ ଠାକୁରାଣୀଠାକୁର ମନ୍ଦିରକୁ ବିଜେ କରିଥିଲେ। ଶିବ ବିବାହ ସମୟରେ ଗାଁ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା। ଶିବଙ୍କ ପକ୍ଷରେ ରହୁଥିବା ପରିବାର ବରପକ୍ଷ ଓ ମା' ପାର୍ବତୀଙ୍କ ସହ ରହୁଥିବା ପରିବାର କନ୍ୟାପକ୍ଷ ହୋଇଥିଲେ। ପ୍ରଭୁ ନୀଳକଣ୍ଠେଶ୍ୱର ମନ୍ଦିର ପରିକ୍ରମା କରି ସାରିବା ପରେ ଶୋଭାଯାତ୍ରାରେ ବୃଷଭ ପିଠିରେ ବସି ବୁଲି ପଣ୍ଡିମ ପଟ ମଣ୍ଡପ ବିଜକୁ ଯାଇଥିଲେ। ମଣ୍ଡପର କିଛି ବାଟରେ ବରପକ୍ଷର ଶୋଭାଯାତ୍ରାକୁ ଅଟକାଇ କନ୍ୟାପକ୍ଷ ଆସିବାର ପ୍ରଶ୍ନ କରିଥିଲେ। ବର ଓ କନ୍ୟାପକ୍ଷଙ୍କ ମଧ୍ୟରେ ବଚନିକା ମାଧ୍ୟମରେ ଶାସ୍ତ୍ର ଉପସ୍ଥାପନ କରିଯିବା ତର୍କ ବେଶ ବିମୋହିତ କରିଥିଲା। ଅନ୍ୟପକ୍ଷେ ନୟାଗଡ଼ ବ୍ଲକ ପ୍ରତାପ ପ୍ରସାଦରେ ଶୀତଳଷଷ୍ଠୀ ଯାତ୍ରାରେ ମୋ ଗାଁ ମହୋତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ଏହା ୪ ଦିନ ଧରି ଚାଲି ୩ ତାରିଖରେ ଉଦ୍‌ଯାପିତ ହେବ। ଶୀତଳଷଷ୍ଠୀ ଯାତ୍ରାର ଶିବ ବିବାହ ପାଇଁ ନୀଳକଣ୍ଠେଶ୍ୱରଙ୍କ ପୀଠରେ ଶନିବାର ସକାଳ ୬ଟାରେ ଘିଅ ଜଳ ଆବାହନ, କଳସ ଯାତ୍ରା, ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ଚଣ୍ଡୀପାଠ ଓ ହୋମ କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଯାତ୍ରା ସଂଘର୍ଷ ଦ୍ୱାରା ଲକ୍ଷ୍ମଣ ବଧ ପୌରାଣିକ ନାଟକ କରାଯାଇଥିଲା। ରାତି ସାଢ଼େ ୯ଟାରେ ଶିବ ପାର୍ବତୀଙ୍କ ବିବାହ ଅବସରରେ ରୋଷଣୀ ଶୋଭାଯାତ୍ରା ଗାଁ ପରିକ୍ରମା କରିଛି। ବିଳମ୍ବିତ ରାତିରେ ନୀଳକଣ୍ଠେଶ୍ୱରଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ବରପିତା ଓ ମାତା ଭାବେ ରଘୁନାଥ ନନ୍ଦ ଓ ବାସନ୍ତୀ ନନ୍ଦ ଏବଂ କନ୍ୟାପିତା ମାତା ଭାବେ ପ୍ରଫୁଲ୍ଲ କୁମାର ନାୟକ ଓ ଶୈଳବାଳା ନାୟକ କାର୍ଯ୍ୟ ତୁଲାଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅସ୍ମିତା


@ ସୁଜାତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

DSPL-89
ଓଡ଼ିଶା ସରକାର
ରତୁସ୍ରାବ ସମ୍ପର୍କିତ ପରିଚ୍ଛନ୍ନତା ଦିବସ
୨୮ ମଇ ୨୦୨୫
"କିଶୋରୀ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ରତୁସ୍ରାବ ସମୟରେ ପରିଚ୍ଛନ୍ନତା ଅତ୍ୟନ୍ତ ଜରୁରୀ। "ଖୁସି" ଯୋଜନାରେ ସରକାରଙ୍କ ତରଫରୁ କିଶୋରୀମାନଙ୍କୁ ଦିଆଯାଉଥିବା ସାନିଟାରୀ ପ୍ୟାଡ୍‌ର ସଦୁପଯୋଗ କରନ୍ତୁ।"
ରତୁସ୍ରାବ ପରିଚ୍ଛନ୍ନତା ସମ୍ପର୍କିତ କିଛି ସରଳ ଉପାୟ
- ପ୍ରତିଦିନ ସ୍ନାନ କରନ୍ତୁ ଓ ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ।
- ସାନିଟାରୀ ପ୍ୟାଡ୍ ବ୍ୟବହାର କରନ୍ତୁ ଓ ୪-୬ ଘଣ୍ଟା ଅନ୍ତରରେ ତାହାକୁ ବଦଳାନ୍ତୁ।
- ରକ୍ତସ୍ରାବର ଭରଣା ପାଇଁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଲୌହସାର ଓ ଫଲିକ ଏସିଡ୍ ବଟିକା ଖାଆନ୍ତୁ।
- ଅନିୟମିତ କିମ୍ବା ଅତ୍ୟଧିକ ସ୍ରାବ ହେଲେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରାମର୍ଶ କରନ୍ତୁ।
ଅଧିକ ସୂଚନା ପାଇଁ ଆଶା / ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
OIPR-10003/13/0195/2526

## ନିୟୋଜିତ ହେବେ ୭୫ ପ୍ଲାଟୁନ୍ ପୋଲିସ ଫୋର୍ସ

ସମ୍ବଲପୁର ସହରରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣକୁ ପ୍ରାଥମିକତା ଦିଆଯାଇଛି। ବିଭିନ୍ନ ସ୍ଥାନରେ ୧୭୦ପ୍ଲାଟୁନ ପୋଲିସ ଫୋର୍ସଙ୍କୁ ନିୟୋଜିତ କରାଯିବ। ସେମାନଙ୍କ ଶୃଙ୍ଖଳିତ ପରିଚାଳନା ପାଇଁ ୭ଜଣ ଏଏସ୍‌ପି ପାହ୍ୟା ଅଧିକାରୀ ରହିବେ ବୋଲି କହିଛନ୍ତି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶଶାଙ୍କ ଶେଖର ବେହୁରା।




# ଜାଗେଶ୍ୱର ପୀଠରେ ମହିଳାଙ୍କ ହଳଦୀ ପରମ୍ପରା

ସମ୍ବଲପୁର ମୁଦିପଡ଼ା ଶ୍ରୀଶ୍ରୀ ଜାଗେଶ୍ୱର ପୀଠରେ ମହିଳାଙ୍କ ହଳଦୀ ଓ ତୈଳାଭିଷେକ ନୀତି ଶୀତଳଷଷ୍ଠୀ ଯାତ୍ରାର ଅନନ୍ୟ ପରମ୍ପରା ଓ ମୁଖ୍ୟ ଆକର୍ଷଣ। ଏହିକ୍ରମରେ ଶନିବାର ମଧ୍ୟାହ୍ନରେ ଅଞ୍ଚଳର ମହିଳାମାନେ ସମବେତ ହୋଇଥିଲେ। ପଣ୍ଡିତଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ସେମାନେ ହଳଦୀ, ପାଣି, ତୈଳ ନେଇ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଏହାପରେ ନିକଟସ୍ଥ ପୋଖରୀରେ ପାଣି ପାଲଟା ନୀତି ସମ୍ପନ୍ନ ହୋଇଥିଲା। ଦୁଲ୍‌ଦୁଲି ବାଜାର ତାଳରେ ସାତଟି କଳସରେ ପାଣି ଧରି ମହିଳାମାନେ ମନ୍ଦିର ପ୍ରବେଶ କରିଥିଲେ। ପୂଜକ ଗୋବିନ୍ଦ ପଣ୍ଡା ମହାଦେବଙ୍କୁ ଗଣଷଣ କରିଥିଲେ।

**ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ**


ଶନିବାର ସମ୍ବଲପୁର ମୁଦିପଡା ଜାଗେଶ୍ୱର ବାବାଙ୍କ ହଳଦୀ କାର୍ଯ୍ୟକ୍ରମରେ ସାମିଲ ବାଳିକାମାନେ।

ଜାଗେଶ୍ୱର ବାବାଙ୍କ ଜୟ ଓ ହୁଳହୁଳିରେ ମନ୍ଦିର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ପୂଜକଙ୍କ ପରେ ମହିଳାମାନେ ମଧ ଜାଗେଶ୍ୱର ବାବାଙ୍କୁ ଗଣଷଣ କରିଥିଲେ। ଦେବ ଗଣଷଣ ପରେ ମହିଳାମାନଙ୍କର ହଳଦୀମଖା କାର୍ଯ୍ୟକ୍ରମ ହୋଇଥିଲା। ସେମାନେ ପରସ୍ପରକୁ ହଳଦୀ ଲଗାଇ ଉତ୍ସବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସାମିଲ ହୋଇ ଜାଗେଶ୍ୱର ବାବାଙ୍କ ଆଶୀର୍ବାଦ ନେଇଥିଲେ। ବିଧାୟକ ମିଶ୍ର ଓ ଯାତ୍ରା କମିଟି କର୍ମକର୍ତ୍ତାମାନଙ୍କୁ ମଧ ମହିଳାମାନେ ହଳଦୀ ଲେପନ କରିଥିଲେ। ଏହାପରେ ଦୁଲଦୁଲି ବାଜାର ତାଳରେ ବିଧାୟକଙ୍କ ସମେତ ଉପସ୍ଥିତ ସମସ୍ତେ ନୃତ୍ୟ କରିଥିଲେ। ହଳଦୀ ଆମ ସଂସ୍କୃତିର ଅନନ୍ୟ ପରମ୍ପରା। ବିବାହ ପୂର୍ବରୁ ହଳଦୀ ଲଗାଇବା ଦ୍ୱାରା ମୁହଁର ଆକର୍ଷଣ ବଢ଼ିଥାଏ। ତେଣୁ ଜାଗେଶ୍ୱର ବାବା ବରବେଶରେ ସଜ୍ଜିତ ହେବା ପୂର୍ବରୁ ମୁହଁରେ ହଳଦୀ ଲଗାଇବା ଦ୍ୱାରା ଆହୁରି ଆକର୍ଷିତ ହୋଇଥାନ୍ତି।

**–ରିପୋର୍ଟ: ବି.ଶଙ୍କର, ସମ୍ବଲପୁର**






# ଲୋକ କଳାକାରଙ୍କ ମହାସଙ୍ଗମର ତୀର୍ଥଭୂଇଁ


ଐତିହାସିକ ସମ୍ବଲପୁର ମାଟିର ସଂସ୍କୃତି ଅପୂର୍ବ। ଏଭଳି ବିଭିନ୍ନ ଆକର୍ଷଣ ଓ ବୈଚିତ୍ର୍ୟ ବହନ କରି ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଜନମାନସକୁ ଶକ୍ତ ଏବଂ ଆତ୍ମୀୟତାର ରଜ୍ଜୁରେ ବାନ୍ଧି ରଖିଆସିଛି। ଏଠାରେ ଦିଅଁ ଦିଅଁ ନୁହନ୍ତି, କିମ୍ବା ଭକ୍ତ ଭକ୍ତ ନୁହେଁ। ଦିଅଁ ଓ ଭକ୍ତ ଏକ ଓ ଅଭିନ୍ନ ଅଟନ୍ତି। ସ୍ନେହ ମମତାର ଭାବରେ ବାନ୍ଧି ହୋଇଥାଏ ସମ୍ପର୍କର ଡୋରି। ଅଲିଅଳି ଝିଅ ହୋଇ ଭକ୍ତଙ୍କ ଘରକୁ ଚାଲିଆସନ୍ତି ଜଗଜ୍ଜନନୀ ମାତା ପାର୍ବତୀ। ପୁଣି ମାତାପିତାଙ୍କ ଆଖିରୁ ଆନନ୍ଦାଶ୍ରୁ ଝରାଇ ମେଲାଣି ନିଅନ୍ତି। ସାଂସାରିକ ନିୟମରେ ବନ୍ଧା ମାତାପିତା ଉପହାର ସହ ଭାବର ଅର୍ଘ୍ୟ ବାଢି ଦେଇ ଦେବଦେବ ମହାଦେବଙ୍କ ହାତରେ କନ୍ୟା ପାର୍ବତୀଙ୍କୁ ଦାନ କରନ୍ତି। କାହିଁ ଯେ କେତେ ଆକୁଳତା, ବ୍ୟାକୁଳତା ଓ ଅଶ୍ରୁଳ ଅନୁଭବ ଅଜାଡି ପଡେ, ସେହି କନ୍ୟା ବିଦାୟବେଳାରେ। ତେଣୁ ଭାରତୀୟ ସଂସ୍କୃତିରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏଭଳି ସମ୍ପର୍କ କେବଳ ନିଆରା ନୁହେଁ, ବରଂ ଅନନ୍ୟ, ଯେଉଁଥିପାଇଁ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ବର୍ତ୍ତମାନ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ନିଜସ୍ୱ କଳା ଓ ସଂସ୍କୃତିର ପରିଚୟ ପ୍ରଦାନ ସାଙ୍ଗକୁ ଏହି ଯାତ୍ରା ତଥା ପର୍ବ ଦେଶ ବିଦେଶର କଳା ଓ କଳାକାରଙ୍କୁ ଆପଣାର କରିଛି। ଏଥିସହ ମାଟିକୁ ଲୋକକଳାକାରଙ୍କ ମହାସଙ୍ଗମର ତୀର୍ଥଭୂଇଁରେ ପରିଣତ କରିଛି ଲୋକାଚାରର ପର୍ବ ଶୀତଳଷଷ୍ଠୀ।

ବୈଶାଖ ଅକ୍ଷୟ ତୃତୀୟାରୁ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଅନୁକୂଳ ହୋଇଥାଏ। ମହାଦେବଙ୍କ ପୂଜାର୍ଚ୍ଚନା ସହ ଅକ୍ଷୀଥାଳ (ଥାଳଉଠା) ଉଠେ। ପଡ଼ାର ମୁରବିମାନେ ଥାଳ ବୁଲାଇ ଶିବ ବିବାହ ପାଇଁ ପ୍ରତୀକଭାବେ ଅର୍ଥ ସଂଗ୍ରହ କରିଥାନ୍ତି। କନ୍ୟା ମାତାପିତା ଚୟନ ହୁଏ। କନ୍ୟା ବୋଝ ନୁହେଁ ରତ୍ନ। ମା'ବାପା ପୁଅ ପାଇଁ ଉତ୍ତମ କନ୍ୟା ଖୋଜନ୍ତି। ଠିକ୍ ସେମିତି ମହାଦେବଙ୍କ ପାଇଁ କନ୍ୟା ଖୋଜା ହୋଇଥାଏ। ଶୀତଳଷଷ୍ଠୀ ଯାତ୍ରାର ବରପିତା, ପଡ଼ା ମୁରବିମାନେ ଶଙ୍ଖ, ଘଣ୍ଟି, ଦୁଲଦୁଲି ବାଜା ଓ କିନ୍ନରମାନଙ୍କ ନୃତ୍ୟ ତଳେ ମନୋନୀତ କନ୍ୟା ମାତାପିତାଙ୍କ ବାସଭବନକୁ ଯାଇଥାନ୍ତି। ପାର୍ବତୀଙ୍କ ମା'ବାପାଙ୍କୁ ସର୍ଗିପତ୍ର ପେଣ୍ଡାଏ ଦେଇ ବିବାହ ସକାଶେ ସଂକଳ୍ପ କରାଯାଏ।

ନିଉତା ଓ ଗୁଆଗୁଁଡ଼ା ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ତିଥିରେ ନନ୍ଦପଡ଼ା ନୃସିଂହ ମହାପ୍ରଭୁ ଓ ଜ୍ୟେଷ୍ଠ ଚତୁର୍ଥୀ ତିଥିରେ ଝାଡୁଆପଡ଼ା, ମୁଦିପଡ଼ା, ବଡ଼ବଜାର, ଠାକୁରପଡ଼ା, ବୁଢ଼ାରଜା ଶିବ ମନ୍ଦିରରୁ ବାର ହନୁମାନ ଶଙ୍ଖ, ଘଣ୍ଟ ଓ ଦୁଲଦୁଲି ବାଜା ସହ ଅଞ୍ଚଳ ପରିକ୍ରମା କରନ୍ତି। ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀଗତେ ଷଷ୍ଠୀତିଥିରେ ଶିବ ପାର୍ବତୀଙ୍କ ବିବାହ ହୋଇଥାଏ। ଉକ୍ତ ଦିନ ସକାଳେ ପୂର୍ବବର୍ଷର କନ୍ୟା ମାତାପିତା ମନ୍ଦିରକୁ ଆସି ଝିଅଜ୍ୱାଇଁ ମାତା ପାର୍ବତୀ ଓ ଶିବଙ୍କୁ ନିଜ ବାସଭବନକୁ ନେଇଥାନ୍ତି। ଝିଅଜ୍ୱାଇଁଙ୍କୁ ପାଟବସ୍ତ୍ର, ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାର ଉପହାର ଦେଇ ପୂର୍ବ ବର୍ଷର ଗଣ୍ଠାଳ ଫିଟାଇ ଦିଅନ୍ତି। ଏହାପରେ ନୂତନ ଚୟନ କନ୍ୟା ମାତା ଆତ୍ମୀୟ ପରିଜନ ଓ ବନ୍ଧୁବାନ୍ଧବଙ୍କ ସହ ମନ୍ଦିରରୁ ମାତା ପାର୍ବତୀଙ୍କୁ କନ୍ୟା ରୂପରେ ନିଜ ଘରକୁ ନେଇଥାନ୍ତି। କନ୍ୟା ମାତାଙ୍କ ଭାଇ ମଉଳାଭାର ଆଣିଥାନ୍ତି। ଅଳଙ୍କାର ଧାରଣ, ଲୁଗାପଟା, ମିଷ୍ଟାନ୍ନ ଇତ୍ୟାଦି ପନ୍ଧାଣି ଭାର ନେଇ ବରପକ୍ଷ କନ୍ୟା ମାତାପିତାଙ୍କ ବାସଭବନକୁ ଯାଆନ୍ତି। ପଣ୍ଡିତଙ୍କ ପୂଜାର୍ଚ୍ଚନା ପରେ ପିନ୍ଧାଣି ସମ୍ପନ୍ନ ହୋଇଥାଏ। ଏହାପରେ କନ୍ୟାପକ୍ଷ ବରାତିରେ ଆସିବାକୁ ମନ୍ଦିରକୁ ଯାଇ ନିମନ୍ତ୍ରଣ ଦିଅନ୍ତି। ଜ୍ୟେଷ୍ଠଶୁକ୍ଳପକ୍ଷ ପଞ୍ଚମୀ ତିଥି ବିବାହ ସକାଳେ ମନ୍ଦିରରେ ରୁଦ୍ରାଭିଷେକ ହୋଇଥାଏ। ସନ୍ଧ୍ୟାରେ କନ୍ୟାପକ୍ଷ ବରାତି ଆସିବାକୁ ନିମନ୍ତ୍ରଣ କରିଥାନ୍ତି। ଏହାପରେ ଶିବଙ୍କୁ ରୁପା ଓ ସୁନା ଅଳଙ୍କାର ପିନ୍ଧାଇ ବରବେଶରେ ସଜ୍ଜିତ କରାଇ ମଧ୍ୟରାତ୍ରିରେ ବରାତିରେ ବାହାରିଥାନ୍ତି। ବ୍ରାହ୍ମ ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ଲୌକିକ ରୀତିନୀତିରେ ଶିବ ଓ ପାର୍ବତୀଙ୍କ ବିବାହ ହୋଇଥାଏ।



# ଭାରତୀୟ ସଂସ୍କୃତିରେ ଅନନ୍ୟ ପରମ୍ପରା

ଶୀତଳଷଷ୍ଠୀ ଭାରତୀୟ ସଂସ୍କୃତିରେ ଏକ ଅନନ୍ୟ ପରମ୍ପରା ବହନ କରି ଆସିଛି। ବୈଶାଖ ମାସ ଅକ୍ଷୟତୃତୀୟା ଗୋଧୂଳି ଲଗ୍ନରେ ଯାତ୍ରା ସକାଶେ ଶୁଭ ଅନୁକୂଳ ହୁଏ। ଗ୍ରୀଷ୍ମଋତୁରେ ଜଗଜ୍ଜନନୀ ମାତା ପାର୍ବତୀ ଓ ଦେବଦେବ ମହାଦେବଙ୍କ ଲୌକିକ ବିବାହ ସମ୍ପୂର୍ଣ୍ଣ ଲୋକାଚାର ଅନୁଯାୟୀ ହୋଇଥାଏ। ଜ୍ୟେଷ୍ଠ ମାସର ପ୍ରଚଣ୍ଡ ରୌଦ୍ରତାପରେ ଜୀବଜଗତ ଅସ୍ତବ୍ୟସ୍ତ ହୋଇ ପଡ଼ିଥାନ୍ତି। ଗଛଲତା ସବୁଜିମା ହରାଇ ମ୍ଳାନ ଏବଂ ଧୂସର ହୋଇ ପଡ଼ିଥାନ୍ତି। ଯେତେବେଳେ ପୁଷ୍କରିଣୀ, ନାଳ, ନଦୀ ଶୁଷ୍କ ହୋଇ ଉଠେ, ସମଗ୍ର ଜୀବଜଗତ ଚାତକ ପକ୍ଷୀ ପରି ବର୍ଷାକୁ ଚାହିଁ ରହିଥାନ୍ତି। ସେହି ପୃଷ୍ଠଭୂମିରେ ପାଳିତ ହୁଏ ଶୀତଳଷଷ୍ଠୀ ଯାତ୍ରା। ଏହି ପର୍ବରେ ଆକାଶ ରୂପୀ ମହାଦେବ



ଶନିବାର ନନ୍ଦପଡାର ପାର୍ବତୀଙ୍କୁ କନ୍ୟା ମାତାପିତା ନିଜ ବାସଭବନକୁ ନେଉଛନ୍ତି।


ଓ ଧରାରୂପୀ ମାତା ପାର୍ବତୀଙ୍କ ମିଳନ ବର୍ଷାର ଆଗମନକୁ ସଙ୍କେତ ଦେଇଥାଏ, ଯାହାକି ଜନଜୀବନରେ ଶୀତଳତା ଭରିଦେବା ସହ ଧରାପୃଷ୍ଠକୁ ଶୀତଳ କରିଥାଏ।


ଐତିହାସିକ ତଥ୍ୟ ଅନୁସାରେ ଉତ୍କଳୀୟ ବ୍ରାହ୍ମଣମାନେ ସମ୍ବଲପୁର ବାଲିବନ୍ଧା ସାମିଆଗୁଡି(ସୋମନାଥ ମନ୍ଦିର)ରେ ପ୍ରଥମେ ଶିବପାର୍ବତୀ ବିବାହ ଶୁଭାରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସମ୍ବଲପୁର ସହରରେ ଦେବ ବିବାହ ପରମ୍ପରାକୁ ସମସ୍ତ ବର୍ଗ ଗ୍ରହଣ କରିନେଇଥିଲେ। ମହାଦେବଙ୍କୁ କନ୍ୟାଦାନ କରିବାର ସୌଭାଗ୍ୟ ମାନବୀୟ ଦମ୍ପତିଙ୍କୁ ଏହି ଯାତ୍ରା ପ୍ରଦାନ କରିଛି। ସାଧାରଣ ପରିବାର ଦେବୀ ପାର୍ବତୀଙ୍କୁ ଝିଅ, ଭଉଣୀ, ନାତୁଣୀ, ଭାଣିଜୀ, ଝିଆରୀ ରୂପେ ପାଇ ଜୀବନକୁ ସାର୍ଥକ ମଣିଥାନ୍ତି। ସ୍ୱୟଂ ପ୍ରଭୁ ଶିବ ହେଲେ ସ୍ୱୟମ୍ଭୁ। ତାଙ୍କର ଜାତିଗୋତ୍ର ନାହିଁ। ତେଣୁ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ଜାତି, ଗୋତ୍ର ନିର୍ବିଶେଷରେ କନ୍ୟା ମାତାପିତା ଚୟନ କରାଯାଏ। ଶୀତଳଷଷ୍ଠୀର ଏହି ବୈଚିତ୍ର୍ୟ ବିଶେଷ ଆକର୍ଷଣ ବର୍ତ୍ତମାନ ମଧ୍ୟ ଅତୁଟ ରହିଛି। ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଜ୍ୟେଷ୍ଠ କୃଷ୍ଣପକ୍ଷ ଚତୁର୍ଦ୍ଦଶୀରୁ ଆରମ୍ଭ ହୋଇ ଜ୍ୟେଷ୍ଠ ଶୁକ୍ଳପକ୍ଷ ସପ୍ତମୀ ଅପରାହ୍ନରେ ଦେବ ଦମ୍ପତିଙ୍କ ମନ୍ଦିର ପ୍ରବେଶ ସହିତ ଯାତ୍ରା ସମାପନ ହୋଇଥାଏ। ୭ ଦିନ ବ୍ୟାପୀ ଏହି ଯାତ୍ରା ବିଭିନ୍ନ ରୀତିନୀତି ଲୋକାଚାରରେ ପାଳିତ ହୋଇଥାଏ। ସାରା ସହର ସାଂସ୍କୃତିକ କାର୍ଯ୍ୟକ୍ରମରେ ଝଙ୍କୃତ ହୋଇଥାଏ। ବନ୍ଧୁ ପରିଜନ, ଆତ୍ମୀୟଙ୍କ ଆଗମନରେ ପୂରି ଉଠେ ଘର। ରଙ୍ଗବେରଙ୍ଗର ଆଲୋକମାଳାରେ ଝଟକୁଥାଏ ଶୈବପୀଠ। ଅତ୍ୟାଧୁନିକ ସାଜସଜ୍ଜାରେ ଚମକୁଥାଏ ବିବାହ ମଣ୍ଡପ ଓ ପାର୍ବତୀଙ୍କ ମାତାପିତା ବାସଭବନ। ସାଧାରଣ ବିବାହରେ ଯେପରି ରୀତିନୀତି ଅନୁସରଣ କରାଯାଇଥାଏ, ଠିକ୍ ସେହିପରି ଦେବ ବିବାହରେ ମଧ୍ୟ ସମସ୍ତ ରୀତିନୀତି ପରମ୍ପରାକୁ ଗ୍ରହଣ କରାଯାଇଥାଏ। ତେଣୁ ମାତା ପାର୍ବତୀ ଓ ଦେବଦେବ ମହାଦେବଙ୍କ ଲୌକିକ ବିବାହ ସମ୍ପୂର୍ଣ୍ଣ ଲୋକାଚାର ଅନୁଯାୟୀ ହୋଇଥାଏ।

**ସମ୍ପୂର୍ଣ୍ଣ ଲୋକାଚାରରେ ହୁଏ ଦେବ ବିବାହ**

ବିବାହ ସମ୍ପନ୍ନ ହେବା ପରେ ଦେବଦମ୍ପତି ଗଣ୍ଡାଳ ହୋଇ ଭକ୍ତଙ୍କୁ ଆଶୀର୍ବାଦ ଦେଇଥାନ୍ତି। ସେହି ସମୟରେ ଆକାଶ ମାର୍ଗରୁ ଦେବତାଗଣ ବର୍ଷା ରୂପରେ ପୁଷ୍ପ ବୃଷ୍ଟି କରିଥାନ୍ତି। ଏଭଳି ଅନବଦ୍ୟ ଦୃଶ୍ୟ ବାସ୍ତବିକ ଅବର୍ଣ୍ଣନୀୟ। ଯଥାର୍ଥରେ ଗ୍ରୀଷ୍ମ ଅନ୍ତେ ବର୍ଷା ଆଗମନର ସଙ୍କେତ ଦେଇଥାଏ। ଏହି ଯାତ୍ରା କଳା, ସଂସ୍କୃତି ଓ ପରମ୍ପରାର ଅପୂର୍ବ ମିଳନ କ୍ଷେତ୍ର ହୋଇଥାଏ। ସମବେତ ଲକ୍ଷାଧିକ ଭକ୍ତ ଓ ଦର୍ଶକଙ୍କୁ ଏହା ଆମୋଦିତ କରିଥାଏ।

**–ରିପୋର୍ଟ: ବି.ଶଙ୍କର, ସମ୍ବଲପୁର**





# ପୁରୀ ସହ ସମ୍ପର୍କ ଯୋଡ଼େ ସମ୍ବଲପୁର ଶୀତଳଷଷ୍ଠୀ


ସମ୍ବଲପୁର ହୀରାଖଣ୍ଡ ସାମ୍ରାଜ୍ୟର ପ୍ରତାପଶାଳୀ ରାଜା ଭାବେ ପରିଗଣିତ ବଳିଆର ସିଂଦେବ ୧୬୧୭ ମସିହାରୁ ୧୬୫୭ ପ୍ରାୟ ଚାଳିଶ ବର୍ଷ ଧରି ଶାସନ କରିଥିଲେ। ବଳରାମ ଦେବଙ୍କ ଦ୍ୱାରା ୧୫୪୪ ମସିହାରେ ସମ୍ବଲପୁରରେ ରାଜଧାନୀ ସ୍ଥାପନ ହେବା ପରଠାରୁ ହୀରାଖଣ୍ଡ ସାମ୍ରାଜ୍ୟର ସୀମା ବୃଦ୍ଧି ପାଇବାରେ ଲାଗିଥିଲା। ତେବେ ବଳିଆର ସିଂଦେବଙ୍କ ପରାକ୍ରମ ଯୋଗୁ ସେ ଅଠରଟି ଗଡର ମଉଣମଣି ହୋଇ ପାରିଥିଲେ। ତାଙ୍କ ସମୟରେ ଦେବଗଡଠାରୁ ଆରମ୍ଭ କରି ପଶ୍ଚିମରେ ଛତିଶଗଡ ଅଧୀନ ମହାସମୁନ୍ଦ, ଚମ୍ପା, ରାୟପୁର ପର୍ଯ୍ୟନ୍ତ ହୀରାଖଣ୍ଡ ସାମ୍ରାଜ୍ୟର ସୀମା ରହିଥିଲା। ସେ ଅଠରଗଡ ଜିତିବା ପରେ ଜଗନ୍ନାଥ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ପୁରୀକୁ ଯାଇଥିଲେ। ଗଜପତି ମହାରାଜାଙ୍କ ଅନୁରୋଧ ରଖି ସେ ମନ୍ଦିର ଦର୍ଶନ ପରେ ରାଜବାଟୀ ଯାଇଥିଲେ। ବଳିଆର ସିଂଦେବଙ୍କ ପରାକ୍ରମ ସେତେବେଳ ପର୍ଯ୍ୟନ୍ତ ଚାରିଆଡେ ପ୍ରଚାରିତ ହେଇ ସାରିଥିଲା। ପୁରୀ ଗଜପତି ମହାରାଜା ତାଙ୍କ ଶକ୍ତି ପରୀକ୍ଷା କରିବା ପାଇଁ ରାଜବାଟୀ ଭିତରେ ଆଠଜଣ ମଲ୍ଲଙ୍କ ସହିତ ଯୁଦ୍ଧ କରିବାକୁ ବ୍ୟବସ୍ଥା କରିଥିଲେ। ବଳିଆର ସିଂଦେବଙ୍କୁ ରାଜବାଟୀ ପରିସରରେ ହଠାତ୍ ମଲ୍ଲମାନେ ଆକ୍ରମଣ କରିବା ମାତ୍ରେ ଅଣ୍ଟାରେ ରଖିଥିବା କମରପଟିରେ ପାଲଟା ଆକ୍ରମଣ କରି ସମସ୍ତ ମଲ୍ଲଙ୍କୁ ପରାସ୍ତ କରିଥିଲେ। ଗଜପତି ମହାରାଜା ବଳିଆର ସିଂଦେବଙ୍କ ପରାକ୍ରମ ଦେଖି ଆଶ୍ଚର୍ଯ୍ୟ ହେବା ସହ ତାଙ୍କୁ ହୀରାଖଣ୍ଡ ଛତ୍ରପତି ଅଠରଗଡ ମଉଡମଣୀ ଉପାଧି ପ୍ରଦାନ କରିଥିଲେ। ଏହାସହ ଗଜପତି ତାଙ୍କର ରାଜଜେମା ପଦ୍ମାବତୀଙ୍କୁ ବଳିୟାର ସିଂଦେବଙ୍କ ପୁଅ ରତନ ସିଂଦେବଙ୍କ ସହ ବିବାହ କରାଇଥିଲେ। ଏହାସହିତ ବଳିଆର ସିଂଦେବଙ୍କ ସହ ଗଜପତି ମହାରାଜ ଅଠରଟି ବ୍ରାହ୍ମଣ ପରିବାର ସମ୍ବଲପୁରକୁ ପଠାଇଥିଲେ। ସେମାନେ ପୁରୁଷୋତ୍ତମପୁର, ବୀରରାମଚନ୍ଦ୍ରପୁର, ଉଷନା ବଡପଦରୁ ଆସି ସମ୍ବଲପୁରର ହୋତାପଡାରେ ରହିଥିଲେ। ସେମାନେ ବାଲିବନ୍ଧା ସୋମନାଥ ମନ୍ଦିରର ପୂଜା ଦାୟିତ୍ୱ ତୁଲାଉଥିଲେ। ପୁରୀରୁ ଆସିଥିବା ସେହି ବ୍ରାହ୍ମଣମାନଙ୍କ ଦ୍ୱାରା ସମ୍ବଲପୁରର ପ୍ରଥମ ଶୀତଳଷଷ୍ଠୀ ୧୬୭୯ ମସିହାରେ ସୋମନାଥ ମନ୍ଦିରରୁ ଆରମ୍ଭ ହୋଇଥିବା ଜଣାଯାଏ। ଶୀତଳଷଷ୍ଠୀ ପରମ୍ପରା ପୁରୀରେ ମଧ୍ୟ ରହିଛି। ତେଣୁ ସମ୍ବଲପୁରର ଶୀତଳଷଷ୍ଠୀ ପରମ୍ପରା ସହ ପୁରୀର ଘନିଷ୍ଠ ସମ୍ପର୍କ ରହିଛି। ତେବେ ସମ୍ବଲପୁରରେ ଶୀତଳଷଷ୍ଠୀ ପରମ୍ପରାରେ ସ୍ଥାନୀୟ ଚାଲିଚଳନ ଏବଂ ରୀତିନୀତି ମଧ୍ୟ ଯୋଡି ହୋଇ ଏହାକୁ ଆହୁରି ଆକର୍ଷଣୀୟ କରିପାରିଛି। ସମ୍ବଲପୁରର ମହାରାଜା ଅଜିତ ସିଂହଙ୍କ ସମୟରେ ନନ୍ଦପଡାରେ ବମବରାଡ ବାଲୁଙ୍କେଶ୍ୱର ମନ୍ଦିର ନିର୍ମାଣ ପରେ ସେଠାରେ ଶିବ ବିବାହ ଅଧିକ ଉତ୍ସାହ ଉଦ୍ଦୀପନାର ସହ ଆୟୋଜନ ହୋଇ ପରମ୍ପରାରେ ପରିଣତ ହୋଇଥିଲା।

**–ରିପୋର୍ଟ: ଭବାନୀ ଶଙ୍କର ଭୋଇ,ସମ୍ବଲପୁର**









# ବିନା ନିମନ୍ତ୍ରଣରେ ସାମିଲ ହୁଅନ୍ତି କିନ୍ନର

ଶୀତଳଷଷ୍ଠୀ ହେଉଛି ମାନବୀୟ ରୀତିନୀତିରେ ଶିବ ପାର୍ବତୀଙ୍କ ବାହାଘର ପରମ୍ପରା। ସମ୍ବଲପୁରରେ ଏହି ପରମ୍ପରା ଦୀର୍ଘ ଚାରିଶହ ବର୍ଷ ହେବ ପାଳନ କରାଯାଇ ଆସୁଛି। ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ମହାଦେବ ଶିବ ବରବେଶରେ ସଜ୍ଜିତ ହୋଇ ବରଯାତ୍ରୀଙ୍କୁ ଧରି ଶୋଭାଯାତ୍ରାରେ ବାହାରନ୍ତି ବାହାଘର ପାଇଁ। ଦେବ ଦମ୍ପତିଙ୍କ ବିବାହ ଶୋଭାଯାତ୍ରାରେ ଦେବତା, ମାନବ, ରାକ୍ଷସ, ପିଶାଚ ଏବଂ ବାରଙ୍ଗନା ସମସ୍ତେ ସାମିଲ ହୁଅନ୍ତି। ତେବେ ଏହି ବିବାହ ଶୋଭାଯାତ୍ରାରେ ପ୍ରତିବର୍ଷ କିନ୍ନରମାନଙ୍କ ଯୋଗଦାନ ରହିଥାଏ। କେବଳ ଓଡ଼ିଶା ନୁହେଁ, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ ସମେତ ଅନ୍ୟାନ୍ୟ ରାଜ୍ୟରୁ କିନ୍ନରମାନେ ଶୀତଳଷଷ୍ଠୀରେ ସାମିଲ ହେବାକୁ ସମ୍ବଲପୁରରେ ପହଞ୍ଚିଥାଆନ୍ତି। କୁହାଯାଏ ମହାଦେବ ବି ଅର୍ଦ୍ଧନାରୀଶ୍ୱର ବେଶ ଧାରଣ କରିଥିଲେ। ସେଥିପାଇଁ ଶୀତଳଷଷ୍ଠୀରେ ସାମିଲ ହେଲେ କିନ୍ନର ଜନ୍ମରୁ ମୁକ୍ତି ମିଳେ ବୋଲି କିନ୍ନର ସମାଜର ବିଶ୍ୱାସ ରହିଛି। ସମ୍ବଲପୁର କିନ୍ନର ସମାଜ ସଭାପତି ବିନ୍ଦିଆ ମାଝୀ କୁହନ୍ତି, ପ୍ରତିବର୍ଷ ଆମେ ଶୀତଳଷଷ୍ଠୀକୁ ଅପେକ୍ଷା କରିଥାଉ। ବିଭିନ୍ନ ରାଜ୍ୟରୁ ସାମିଲ ହେବା ପାଇଁ କିନ୍ନରମାନେ ମଧ୍ୟ ସମ୍ବଲପୁର ଆସିଥାନ୍ତି। ଏମାନଙ୍କୁ ସୂଚନା କିମ୍ବା ନିମନ୍ତ୍ରଣ ଦିଆଯାଏନା। ଏଠାକୁ ଆସିବା ପରେ ସେମାନେ ସଙ୍ଗଠିତ ହୋଇ ସ୍ୱତନ୍ତ୍ର ଭାବେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଏହି ସାଂସ୍କୃତିକ ମହାକୁମ୍ଭରେ ସାମିଲ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ କଳାକାରଙ୍କ ସହ ସେମାନେ ସାମିଲ ହୁଅନ୍ତି। ଏଥିପାଇଁ ସେମାନେ କୌଣସି ପାରିଶ୍ରମିକ ଦାବି କରନ୍ତି ନାହିଁ। ଶୀତଳଷଷ୍ଠୀ ସାରି ସମ୍ବଲପୁରରୁ ଗଲାବେଳକୁ ବାପଘରୁ ଶାଶୁଘରକୁ ଯିବା ଭଳି ବହୁତ ଦୁଃଖ ଲାଗେ ବୋଲି ମାଝୀ କହିଛନ୍ତି।


—ଭବାନୀ ଶଙ୍କର ଭୋଇ,ସମ୍ବଲପୁର














# ସହରକୁ ଭାରୀଯାନ ପ୍ରବେଶ ନିଷେଧ


ସମ୍ବଲପୁର,୩୧।୫(ପ୍ରମୋଦ ବହିଦାର)

ପବିତ୍ର ଶୀତଳଷଷ୍ଠୀ ଯାତ୍ରା ପାଇଁ ସମ୍ବଲପୁର ସହର ଚଳଚଞ୍ଚଳ ହୋଇ ଉଠିଛି। ସହର ମଧ୍ୟକୁ ଜିଲା ଓ ରାଜ୍ୟ ବାହାରୁ ଅନେକ ଲୋକଙ୍କ ସମାଗମ ହୋଇ ସାରିଛି। ରାସ୍ତାଘାଟରେ ଲୋକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ଏହାବ୍ୟତୀତ ଚଳିତବର୍ଷ ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହେବାକୁ ରାଜ୍ୟ ଓ କେନ୍ଦ୍ରମନ୍ତ୍ରୀ ଓ ବିଧାୟକ ସମ୍ବଲପୁରରେ ଆସି ପହଞ୍ଚି ସାରିଛନ୍ତି। ଏଭଳି ପରିସ୍ଥିତିରେ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶଶାଙ୍କ ଶେଖର ବେହୁରା କହିଛନ୍ତି, ଶୀତଳଷଷ୍ଠୀ ଯାତ୍ରା ସମୟରେ ସ୍ୱତନ୍ତ୍ର ଭାବେ ଟ୍ରାଫିକ ପରିଚାଳନା ବ୍ୟବସ୍ଥା କରାଯାଇଛି। ସେ ଦେଇଥିବା ସୂଚନା ଅନୁସାରେ ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ହୋଇଥିବା ବ୍ୟବସ୍ଥା ଅନୁସାରେ ଶୀତଳଷଷ୍ଠୀ ଯାତ୍ରାର ତିନିଦିନ ଧରି ଅର୍ଥାତ ଶନିବାର ସନ୍ଧ୍ୟାରୁ ଆସନ୍ତା ୨ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ସହର ମଧ୍ୟକୁ ଭାରୀଯାନ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିବା ବେଳେ କେତେକ ସ୍ଥାନକୁ ଚାରିଚକିଆ ଯାନର ପ୍ରବେଶକୁ ମଧ୍ୟ ବାରଣ କରାଯାଇଛି।

## ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି

ଅଇଁଠାପାଲି ଆଦର୍ଶମାର୍ଗ ଛକରୁ ଲକ୍ଷ୍ମୀଟକିଜ ଛକ ମଧ୍ୟରେ, ଚର୍ଚ୍ଚ ଛକରୁ ବୁଢାରାଜା ମଧ୍ୟରେ, ସରଲାକାନୀ ଛକରୁ ସାକ୍ଷୀପଡ଼ା ଦେଇ ଶକ୍ତି ମିଷ୍ଟାନ୍ନ ଭଣ୍ଡାର ଅଶୋକା ଟକିଜ୍ ଛକ ଏବଂ ଧନୁପାଲି ଛକରୁ ଜେଲଖାନା ଛକ ମଧ୍ୟରେ ଚାରିଚକିଆ ଯାନ ଚଳାଚଳ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। ତେବେ ସହର ମଧ୍ୟକୁ ଆସିବାକୁ ଚାହୁଁଥିବା ଚାରିଚକିଆ ଯାନ ଆରୋହୀମାନେ ବିକଳ୍ପ ରାସ୍ତା ଭାବେ ଜାତୀୟ ରାଜପଥ-୫୩ରୁ ଧନକଉଡ଼ା ନିକଟସ୍ଥ ଜୟଗୁରୁ ଛକ, କାବେରି ହୋଟେଲ ଛକ, ପଞ୍ଚଗଛିଆ ଛକ, ରେମେଡ୍ ଛକ ଏବଂ କଟକ ବାବ ଦେବଗଡ଼ ଅଞ୍ଚଳରୁ ଆସୁଥିବା ଚାରିଚକିଆ ଯାନଗୁଡ଼ିକ ଧନକଉଡା ଛକ ଦେଇ ସମ୍ବଲପୁର ସହରକୁ ପ୍ରବେଶ କରିବେ। ସେହିପରି ଧନୁପାଲି, ମାନେଶ୍ୱର ବା ଚୌଧୁରୀଛକକୁ ଆସୁଥିବା ଗାଡ଼ିଗୁଡ଼ିକ ଜୟନ୍ତପୁର ଛକଦେଇ ଯିବା ଆସିବା କରି ପାରିବ। କେତେକ ଚାରିଚକିଆ ଯାନ ସହରରୁ ବିଶେଷ କରି ବୁଢ଼ାରଜା ଅଞ୍ଚଳରୁ ସହର ବାହାରକୁ ଯିବାକୁ ହେଲେ ସେମାନେ ଜଗନ୍ନାଥ କଲୋନୀସ୍ଥିତ ରେଳ ଅଣ୍ଡର ପାସ ଓ ନୂତନ ରେଳ ଓଭର ବ୍ରିଜ୍‌କୁ ଯାତାୟତ ପାଇଁ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରାଯାଇଛି। ତେବେ ଉକ୍ତ ରାସ୍ତା ଗୁଡ଼ିକରେ ଏହି ସମୟରେ ଆମ୍ବୁଲାନ୍ସ ଓ ଦମକଳ ଆଦି ଜରୁରୀକାଳୀନ ଯାନଗୁଡ଼ିକର ପ୍ରବେଶ ପାଇଁ ଅନୁମତି ରହିଛି। ସହର ମଧ୍ୟରେ ପୁରୁଣା ପୌରପରିଷଦ ଛକରୁ ଲକ୍ଷ୍ମୀଟକିଜ ଛକ ମଧ୍ୟରେ ଦୁଇଚକିଆ ଯାନକୁ ମିଶାଇ କୌଣସି ଯାନବାହନ ଚଳାଚଳକୁ ଆଦୌ ଅନୁମତି ଦିଆଯିବ ନାହିଁ। ବାଇକ ଅରୋହୀ ବା ଅଟୋ ରିଙ୍ଗରୋଡ଼ରେ ଯାଇ ବାଲିବନ୍ଧା ଛକରୁ ପ୍ରବେଶ କରି ପାରିବେ। ସେହିପରି ସହରରେ ଅତିରିକ୍ତ ଟ୍ରାଫିକ କଟକଣା ସଦୃଶ ବଡ଼ବଜାର ଷ୍ଟେଟବ୍ୟାଙ୍କ ଛକରୁ ମାଳିବାରୀ ଛକ ଓ ମୁଦିପଡ଼ା ଛକରୁ ପାଣିଟାଙ୍କି ଛକ ଦେଇ ଚର୍ଚ୍ଚ ଛକ ମଧ୍ୟରେ ରାସ୍ତାକୁ ଶନିବାର ସନ୍ଧ୍ୟାରୁ ଆସନ୍ତା ଜୁନ ୨ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଅବରୋଧ କରାଯିବ। ଏହି ସମୟରେ କେବଳ ଦୁଇଚକିଆ ଯାନକୁ ସୁବିଧା ଦେଖି ଛଡ଼ାଯିବ। ସେହିପରି ଜୁନ ୧ ଓ ୨ ତାରିଖ ସନ୍ଧ୍ୟାରେ ବାଲିବନ୍ଧା ଛକରୁ ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିବ। ସେମାନେ ଏଲ୍‌ଆଇସି ଛକ ଦେଇ ଯାତାୟତ କରି ପାରିବେ। ଏଭଳି କଟକଣାକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।






# ଆଇନ ଉଲ୍ଲଂଘନ କରୁଛନ୍ତି ଘରୋଇ ସ୍କୁଲ

ଯାଜପୁର,୩୧।୫
(ହର୍ଷବର୍ଦ୍ଧନ ବେହେରା)

କେନ୍ଦ୍ରୀୟ ଶିକ୍ଷା ମାଧ୍ୟମିକ ବୋର୍ଡ (ସିବିଏସ୍‌ଇ)ର ସହବନ୍ଧିତ ଆଇନ ୨୦୧୮ରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ, ଘରୋଇ ବିଦ୍ୟାଳୟ ଖୋଲିବା ପାଇଁ ଟ୍ରଷ୍ଟରେ ଗୋଟିଏ ପରିବାରର ଏକାଧିକ ସଦସ୍ୟ ରହିପାରିବେ ନାହିଁ। ଏହାବାଦ ନନ୍ ପ୍ରଫିଟ ଶିକ୍ଷାନୁଷ୍ଠାନ ଭାବରେ ସ୍କୁଲଗୁଡ଼ିକ ପଞ୍ଜୀକରଣ ହେଉଛି ସତ, କିନ୍ତୁ ପରିଚାଳନା ଖର୍ଚ୍ଚକୁ ବାଦ୍ ଦେଲେ ଘରୋଇ ସ୍କୁଲ ମାଲିକମାନେ ଅତ୍ୟଧିକ ଲାଭ ରଖୁଛନ୍ତି। ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ଅନେକ ଘରୋଇ ସ୍କୁଲ ମାଲିକ କୋଟିପତି ସାଜିଥିବାବେଳେ ଶିକ୍ଷା ବିଭାଗ ଅଧିକାରୀମାନେ ଏଥିରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରୁଥିବା ଅଭିଯୋଗ ହେଉଛି। ଘରୋଇ ସ୍କୁଲରେ ଶିକ୍ଷା ବାବଦକୁ ଦାବି ହେଉଥିବା ଦେୟ ଓ ମିଳୁଥିବା ସୁବିଧାସୁଯୋଗକୁ ଅବଲୋକନ କଲେ ଶିକ୍ଷା ଅଧିକାର ଆଇନ ଓ ସିବିଏସ୍‌ଇ ଆଇନର ଉଲ୍ଲଂଘନ ହେଉଛି। ଏହିକ୍ରମରେ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଯାଜପୁର ଜିଲାପାଳଙ୍କ ସମେତ ସିବିଏସ୍‌ଇ ସେକ୍ରେଟାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ସେ ପତ୍ରରେ ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦେୟ ଜିଲା ପ୍ରଶାସନ ନିର୍ଦ୍ଧାରଣ କରିବା ସହ ବେଆଇନ କାର୍ଯ୍ୟ ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସିବିଏସ୍‌ଇ ଆଇନକୁ ଉଲ୍ଲଂଘନ କରି ସହବନ୍ଧିତ ପ୍ରମାଣପତ୍ର ହାତେଇ ଥିବା ଅନେକ ଘରୋଇ ବିଦ୍ୟାଳୟକୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱୀକୃତି ମିଳି ନ ଥିବ ଦେଖିବାକୁ ମିଳିଛି। ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲ ସ୍ଥାପନ କରିବା ପାଇଁ ଉଭୟ ଜିଲା ପ୍ରଶାସନ ଓ ସିବିଏସ୍‌ଇ ଅନୁମତି ପତ୍ର ଆବଶ୍ୟକ ହୋଇଥାଏ। ମାତ୍ର ଯାଜପୁର ଜିଲାର କେତେକ ଘରୋଇ ସ୍କୁଲର ଟ୍ରଷ୍ଟ ସମ୍ପର୍କରେ ଅନୁଧ୍ୟାନ କଲେ ଜଣାପଡ଼ିଛି ଯେ, ଏକାଧିକ ପରିବାର ସଦସ୍ୟ ସେଥିରେ ରହିଛନ୍ତି। ସେହିପରି ଅନେକ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୨୫% ପ୍ରତିଶତ ସଂରକ୍ଷିତ ସିଟ୍‌ରେ ଗରିବ ଛାତ୍ରୀଛାତ୍ରଙ୍କ ନାମଲେଖାକୁ ବାଦ୍ ଦିଆଯାଉଛି। ଏହାସହ ସ୍କୁଲଗୁଡ଼ିକରେ ଦିବ୍ୟାଙ୍ଗ ମୈତ୍ରୀ ପରିବେଶ ନିର୍ମାଣ ହୋଇ ନ ଥିବା ଦେଖିବାକୁ ମିଳିଛି।

## ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ଶିଶୁ ଅଧିକାର କର୍ମୀ

ଏନେଇ ବହୁ ପୂର୍ବରୁ ଜନତା ଦରବାରକୁ ଯାଇ ଜନମତ ଗଢ଼ିତୋଳିବାକୁ ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଇ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ପରୋକ୍ଷରେ ପ୍ରୋତ୍ସାହନ ଦିଆଯାଉଥିବା ଅଭିଯୋଗ ହେଉଛି। କେତେକ ଘରୋଇ ଶିକ୍ଷାନୁଷ୍ଠାନରେ ସ୍ୱୀକୃତି ପ୍ରମାଣପତ୍ର ବା ସିଓଆର(ସାର୍ଟିଫିକେଟ ଅଫ ରିକଗ୍‌ନାଇଜେଶନ) ନାହିଁ। ଏହାସହ ଆବଶ୍ୟକ ଡିଗ୍ରୀ ନ ଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନିଯୁକ୍ତି ଦେଇ ଘରୋଇ ସ୍କୁଲଗୁଡ଼ିକ ବ୍ୟବସାୟରେ ମାତିଛନ୍ତି। ଅଥଚ ଏହାର ନିରାକରଣ ପାଇଁ ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଏଯାଏ ଗ୍ରହଣ ହୋଇନାହିଁ। ଶିକ୍ଷାନୁଷ୍ଠାଗୁଡ଼ିକର ଭିତ୍ତିଭୂମି ତଥା ଅନ୍ୟାନ୍ୟ ଦିଗଗୁଡିକୁ ଯାଞ୍ଚ କରା ନ ଯାଇ ସ୍ୱୀକୃତି ଦିଆଯାଇଛି। ସ୍ୱୀକୃତି ପାଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ଆବଶ୍ୟକ ଜମି ଏବଂ ଶ୍ରେଣୀ ଗୃହ ଅଛି କି ନାହିଁ, ଉପଯୁକ୍ତ ଫୋରମ୍‌ରେ ପରିଚାଳନା କମିଟି ଗଠନ ହୋଇଛି ନା ନାହିଁ, କମିଟି ରେଜିଷ୍ଟ୍ରିଭୁକ୍ତ କି ନୁହେଁ ପ୍ରଭୃତି ଦିଗ ଉପରେ ମନୋନୀତ ଏକ ସ୍ୱତନ୍ତ୍ର ଟିମ ଯାଞ୍ଚ କରିବେ ବୋଲି ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।ହେଲେ କୌଣସି ଯାଞ୍ଚ କିମ୍ବା କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏପରିକି ଭଡାଘରେ ସ୍କୁଲ ଚାଲିଥିଲେ ହେଁ ତାକୁ ସ୍ୱୀକୃତି ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ, ନିର୍ବାଚିତ ନେତୃବର୍ଗଙ୍କ ପିଲାମାନଙ୍କୁ ସରକାରୀ ସ୍କୁଲରେ ପାଠ ପଢ଼ାଇବାକୁ ବାଧ୍ୟତାମୂଳକ କରାଗଲେ ସରକାରଙ୍କ ଶିକ୍ଷା ଅଧିକାର ଆଇନର ଯଥାର୍ଥତା ରହିବ ବୋଲି ମତପ୍ରକାଶ ପାଇଛି।

# ସୁପରଭାଇଜରଙ୍କୁ ଆକ୍ରମଣ ଅଭିଯୋଗ

ଚଣ୍ଡିଖୋଲ,୩୧।୫
(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ଥାନା ରାଧାଦେଇପୁର ପଞ୍ଚାୟତ ବାଙ୍ଗରୁ ଗୁଣ୍ଠା ଗ୍ରାମରେ ଏକ ରାସ୍ତା କାର୍ଯ୍ୟ ଚାଲିଥିବାବେଳେ କେତେଜଣ ବ୍ୟକ୍ତି ପହଞ୍ଚି ରାସ୍ତାକାମରେ ନିୟୋଜିତ ସୁପରଭାଇଜରଙ୍କୁ ଆକ୍ରମଣ କରିବା ସହ ଦାଦାବଟି ମାଗିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୬୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଗତ ୧୭ ତାରିଖରେ ବାଙ୍ଗରୁ ଗୁଣ୍ଠା ନିକଟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ବାଲିଚନ୍ଦ୍ରପୁର ଥାନା ମାଣ୍ଟୁକା ଗ୍ରାମର ନିମାଇଁ ଚରଣ ଦଳେଇ ସୁପରଭାଇଜରଭାବେ ସେଠାରେ କାର୍ଯ୍ୟ କରାଉଥିଲେ। ଏହି ସମୟରେ ସେହି ପଞ୍ଚାୟତର ଧୁଳେଶ୍ୱର ଦାସ, କୁଳମଣି ଦାସ ଓ ରାଜେଶ କୁମାର ନାୟକଙ୍କ ସମେତ ୬ ଜଣ ଆସି ନିମାଇଁଙ୍କୁ ମାଡ଼ ମାରିବା ସହ ଦାଦାବଟି ମାଗିଥିଲେ। ଏଥିସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏସମ୍ପର୍କରେ ଥାନା ଅଧିକାରୀ ମଧୁସ୍ମିତା ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଯେହେତୁ ଜାତିଆଣ ମାମଲା ରହିଛି ତେଣୁ ଡିଏସ୍‌ପି ଲକ୍ଷ୍ମୀଧର ସ୍ୱାଇଁଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ସେ ତଦନ୍ତ କରିବା ପରେ ଯାହାକିଛି ପଦକ୍ଷେପ ନେବେ।

**OFFICE OF THE PRINCIPAL, ROURKELA COLLEGE, ROURKELA**
No. 762/RCR/ Date. 31.05.2025
**WALK-IN-INTERVIEW**
(FOR ENGAGEMENT OF GUEST FACULTY 2025-2026)
A walk-in-Interview for engagement of Guest Faculty for the session 2025 - 2026 will be held in the office of the undersigned from **10:00 A.M.** to **1:00 P.M.** on **18.06.2025** in the subjects **Education, Library Science, English, Political Science, History, Economics, Odia** and from **10:00 A.M.** to **1:00 P.M.** on **19.06.2025** in **Psychology, Geography, Sociology, Hindi, Commerce and Logic & Philosophy** in strict adherence to DHE, Govt. of Odisha letter No. 26445/H.E. dated 23.05.2025. The interested candidates must have a Master's Degree in the subject concerned from a recognised University with at least 55% marks or its equivalent grade with a Second Class in the Bachelor's Degree.
**Sd./- Principal**
**Rourkela College, Rourkela**

# ଭୋଟକାରେ ବିକଶିତ କୃଷି ସଂକଳ୍ପ ଅଭିଯାନ

ରସୁଲପୁର,୩୧।୫(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ଭୋଟକା ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ମା' ହିଙ୍ଗୁଳାଙ୍କ ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଭାରପ୍ରାପ୍ତ କୃଷି ଅଧିକାରୀ ଆଶିଷ ବେହେରା ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ସ୍ମୃତିରେଖା ରାଉତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ବଳ ଅଧିକାରୀ ଭାବେ ଆଇସିଏମଆର-ସିଫାର ପ୍ରଧାନ ବିଜ୍ଞାନୀ ଡ. ପ୍ରିୟବ୍ରତ ସ୍ୱାଇଁ ଯୋଗଦେଇ ମଧୁର ଜଳରେ ମତ୍ସ୍ୟଚାଷ ଉପରେ ସୂଚନା ଦେଇଥିଲେ। ଆଇସିଏମଆର ସିଓ୍ୱାର ପ୍ରାଣୀ ଚିକିତ୍ସା ବିଜ୍ଞାନ ଗବେଷଣାର ବୈଜ୍ଞାନିକ ବିଶ୍ୱନାଥ ସାହୁ ପ୍ରାଣୀ, ପକ୍ଷୀ ପାଳନ ଓ ଚାଷ ସମ୍ପର୍କରେ କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ର ବିଜ୍ଞାନୀ ଡ. ଲଳିତ କୁମାର ମହାନ୍ତି ଖରିଫ ଓ ରବି ଋତୁରେ କ୍ଷେତରେ ଜଳ ଏବଂ କ୍ଷେତ୍ର ପରିଚାଳନା ସମ୍ପର୍କରେ କହିଥିଲେ। କୃଷି ସମ୍ପ୍ରସାରଣ କୃଷି ବିଜ୍ଞାନୀ ସୁବ୍ରତ କୁମାର ପାଣିଗ୍ରାହୀ କୃଷି ସମ୍ପ୍ରସାରଣ ପାଇଁ ଏସଏଚଜି ମହିଳାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍ୟାନ କୃଷି ବିଶେଷଜ୍ଞ ଶୁଭଶ୍ରୀ ଶୁଭଦର୍ଶିନୀ ଉଦ୍ୟାନ କୃଷି ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଉପରେ ଆଧାରିତ ସଂଗୀତ ଗାନ କରାଯାଇଥିଲା। ଅଧିକାରୀମାନେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ଗୋ ଓ କୁକୁଡା ପାଳନ, ମହିଳା ଗୋଷ୍ଠୀର ସଭାନେତ୍ରୀ, ସଂପାଦିକାମାନଙ୍କ ସହ ଆଲୋଚନା କରି ମତାମତ ସଂଗ୍ରହ କରିଥିଲେ। କୃଷିକୁ ବିକଶିତ କରିବାକୁ ହେଲେ କ'ଣ ଭିତ୍ତିଭୂମି ରହିଛି, ଉକ୍ତ ଭିତ୍ତିଭୂମିରେ କି ପ୍ରକାର ସହଯୋଗ କରାଗଲେ ସଂପୃକ୍ତ କୃଷିର ବିକାଶ ହୋଇପାରିବ, ସେ ଦିଗରେ ଆଲୋଚନା କରି ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ ବିକଶିତ କୃଷି ସଂକଳ୍ପ ଅଭିଯାନ ସମ୍ପର୍କରେ ସଚେତନ ହୋଇଥିଲେ। ଏକ ସଚେତନତା ରଥ ପଞ୍ଚାୟତ ପରିକ୍ରମା କରିଥିଲା। ଚାଷୀଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଉନ୍ନତ କୃଷି ଯୋଜନା ସମ୍ପର୍କିତ ପ୍ରଚାରପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୟଦେବ ସିଟ୍, ବ୍ଲକ ସହକାରୀ କୃଷି ଅଧିକାରୀ ଅରଜିତ ଉପାଧ୍ୟାୟ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

# ମହିଳାଙ୍କ ମଙ୍ଗଳସୂତ୍ର ଲୁଟ

ଧର୍ମଶାଳା,୩୧।୫(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅଧୀନ ଅଭୟପୁର ଗ୍ରାମର ବୀରେନ୍ଦ୍ର ସାହୁ ଓ ତାଙ୍କ ସ୍ତ୍ରୀ କନକଲତା ଯାଜପୁର ଟାଉନ୍ ଯାଉଥିବାବେଳେ ଶନିବାର ଅପରାହ୍ନ ୩ଟାରେ ଲୁଟ୍‌ର ଶିକାର ହୋଇଛନ୍ତି। ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତିବଜାର-କାଏମା ରାସ୍ତାର ଲକ୍ଷ୍ମୀକଲ୍ୟାଣ ମଣ୍ଡପଠାରେ ୨ ଦୁର୍ବୃତ୍ତ ଆସି କନକଲତାଙ୍କ ମଙ୍ଗଳସୂତ୍ର ଲୁଟି ନେଇଥିଲେ। ତେବେ ଲୋକେ ପାଟି କରିବାରୁ ଦୁର୍ବୃତ୍ତ ମଙ୍ଗଳସୂତ୍ର ଫୋପାଡ଼ି ଦେଇ ଫେରାର ହୋଇଯାଇଛନ୍ତି।

ସୂଚନା ମୁତାବକ, ବାଇକ୍‌ରେ ବୀରେନ୍ଦ୍ର ଓ ସ୍ତ୍ରୀ କନକଲତାଙ୍କ ସହ ଯିଥିଲେ। ସେମାନେ ବୀରେନ୍ଦ୍ରଙ୍କ ଶଶୁର ଘରକୁ ଯାଉଥିଲାବେଳେ ଲକ୍ଷ୍ମୀକଲ୍ୟାଣ ମଣ୍ଡପ ନିକଟରେ ଅଟକିଥିଲେ। ଏହି ସମୟରେ ଏକ ବାଇକ୍‌ରେ ଦୁର୍ବୃତ୍ତ ଆସି କନକଲତା ପିନ୍ଧିଥିବା ୫ଗ୍ରାମ ଓଜନର ମଙ୍ଗଳସୂତ୍ର ଛିଡ଼ାଇନେଇଥିଲେ। ବୀରେନ୍ଦ୍ର ଓ ସ୍ଥାନୀୟ ଲୋକେ ପାଟିକରି ପିଛା କରିବାରୁ ନିକଟରେ ଥିବା ୧୪ ନମ୍ବର କେନାଲ ରାସ୍ତାରେ ଦୁର୍ବୃତ୍ତ ମଙ୍ଗଳସୂତ୍ରକୁ ଫୋପାଡ଼ି ଦେଇ ସେବତୀପୁର ଆଡ଼କୁ ପଳାଇଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ।

**कार्यालय, कार्यपालन अभियंता**
**खारंग जल संसाधन संभाग, बिलासपुर (छ.ग.)**
**निविदा निरस्तीकरण आदेश**
आदेश क्रमांक /व.ले.लि/ बिलासपुर, दिनांक ................
निविदा सूचना क्र. 26/व.ले.लि/2024-25 दिनांक 28.02.2025 निविदा सिस्टम क्र. 164758 (प्रथम आमंत्रण) बिलासपुर जिले के विकासखण्ड मस्तुरी अंन्तर्गत ग्राम सीपत स्थित पनभरिया जलाशय का उन्नयन कार्य राशि रूपये 267.01 लाख को एकल निविदा होने के कारण निविदा निरस्त किया जाता है।
स्वा:/- कार्यपालन अभियंता
खारंग जल संसाधन संभाग,
बिलासपुर (छ.ग.)
विज्ञापन क्र. जी-242505677/ दिनांक 04.03.2025
G-252601272/3

# ନାବାଳିକାଙ୍କୁ ଅସଦାଚରଣ: ଅଭିଯୁକ୍ତ ଗିରଫ

ଧର୍ମଶାଳା,୩୧।୫(ବଟକୃଷ୍ଣ ପରିଡ଼ା):

ଯାଜପୁର ଜିଲା ଜେନାପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ପାଇକରାପୁର ଗ୍ରାମର ହରିହର ମଲିକ(୨୯)। ଚଳିତ ମାସ ୨୦ତାରିଖରେ ସ୍ଥାନୀୟ ଏକ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଥିବାସମୟରେ ଅଭିଯୁକ୍ତ ନାବାଳିକାଙ୍କ ଘରେ ପଶି ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ନଂ.୧୯୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମଇନା ପରେ ଯାଜପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

# କିଡ୍‌ନୀ ରୋଗରେ ଆକ୍ରାନ୍ତ ଖବରଦାତାଙ୍କୁ ସହାୟତା

କାଏମା,୩୧।୫
(ଶିବପ୍ରସାଦ ମହାନ୍ତି):

କିଡ୍‌ନୀ ରୋଗରେ ଆକ୍ରାନ୍ତ ଖବରଦାତା ସନ୍ଦୀପ୍ତ ରାୟଙ୍କୁ ଧର୍ମଶାଳା ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଶନିବାର ସହାୟତା ରାଶି ପ୍ରଦାନ କରାଯାଇଛି। ସେ କିଛି ଦିନ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କର ଦୁଇ କିଡ୍‌ନୀ ନଷ୍ଟ ହୋଇଯାଇଛି। ନୂତନ କିଡନୀ ରୋପଣ କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଏଥିପାଇଁ ବହୁ ଟଙ୍କାର ଆବଶ୍ୟକ ରହିଛି। ମାତ୍ର ଏତେଗୁଡ଼ିଏ ଟଙ୍କା ଜମା କରିବା ତାଙ୍କ ପରିବାର ପକ୍ଷେ ଅସମ୍ଭବ ହୋଇପଡିଛି। ଧର୍ମଶାଳା ବିଧାୟକ ଏକଥା ଜାଣିବା ପରେ ତାଙ୍କ ଦ୍ୱାରା ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟକୁ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ରାଜେଶ ପାଳଙ୍କ ନେତୃତ୍ୱରେ ଟ୍ରଷ୍ଟର ସଦସ୍ୟ ରମେଶ ବେହେରା, ଆଲୋକ ପ୍ରଧାନ, ହିମାଂଶୁ ଶେଖର ମହାନ୍ତି, ଖବରଦାତା ଗୁଲାମ ଗସ ଓ ସଞ୍ଜୟ କୁମାର ମିଶ୍ର ସନ୍ଦୀପ୍ତଙ୍କ ଯାଜପୁର ଟାଉନସ୍ଥିତ ଘରେ ପହଞ୍ଚି ଅର୍ଥରାଶି ପ୍ରଦାନ କରିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

**GOVERNMENT OF ODISHA** No.O-226
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
E.Mail - rw_sundargarh@yahoo.co.in
**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-03 of 2025-26**
1. Name of the Work : Building Work, 2. Total No. of works : 01 no. Building, 3. Estimated cost : Rs. 56.03 Lakhs, 4. Class of contractor : Only 'B', 5. Period of completion : 09 calendar months, 6. Type of Tender : Double Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-03 of 2025-26 | 04.06.2025 11.00 A.M. | 18.06.2025 06.00 P.M. |

Further details can be seen from the website www.tendersorissa.gov.in.
Sd./-Superintending Engineer
Rural Works Division,
Sundargarh
OIPR-25046/11/0056/2526

e-Procurement Cell
**OFFICE OF THE EXECUTIVE ENGINEER BUILDING CONSTRUCTION DEPARTMENT BUILDING DIVISION NO. – 1, RANCHI**
(Behind State Guest House Morhabadi) Dindayal Nagar Booty Road Ranchi-834008
**Short Term e-Procurement Notice**
Date – 30-05-2025

| Sl. No. | Tender Reference No. | Work Name | Amount (Rs.) | Completion Time |
|---|---|---|---|---|
| 1 | BCD/Div.No.-1, Ranchi/12/2025-26 | Construction of New Veterinary Hospital Building (G+1) at Singhmore, Ranchi | 29359000 | Nine Month |
| 2 | Start Date of Submission of Bids | 09-06-2025 at 11.00 AM | | |
| 3 | Last Date/Time of Submission of Bids | 19-06-2025 at 11.00 AM | | |
| 4 | Date/Time of Opening of Bid | 20-06-2025 at 11.00 AM | | |
| 5 | Helpline Number of e-procurement Cell | 8527519262 | | |
| 6 | e-mail ID | eebcddiv1ranchi@gmail.com | | |
| | Note : - Cost of bidding document (Non Refundable) & Bid Security Shall be payable on online through http://Jharkhandtenders.gov.in Any Change can be on Website http://Jharkhandtenders.gov.in Any Other information can be on Website http://Jharkhandtenders.gov.in | | | |

Executive Engineer
Building Construction Department
Building Division No. 1, Ranchi
PR 354004 Building(25-26)D

**कार्यालय जिला परिषद, हजारीबाग**
पुनः अल्पकालीन ई–निविदा आमंत्रण सूचना संख्या :– 08/2025–26
दिनांक 30/05/2025
मद का नाम :– जिला खनिज फाउण्डेशन ट्रस्ट।

| क्र0 | प्रखण्ड | योजना का नाम | प्राक्कलित राशि | परिमाण विपत्र का मूल्य | अग्रधन की राशि | योजना पूर्ण करने की तिथि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | बड़कागांव | पंचायत गरसुल्ला के उत्क्रमित मध्य विद्यालय से ग्राम बिहड़ के ऑगनबाड़ी केन्द्र तक पथ निर्माण। | 10622400.00 | 10000.00 | 213000.00 | एक वर्ष |

1. वेबसाईट में निविदा प्रकाशन की तिथि 04.06.2025
2. ई–निविदा प्राप्ति की तिथि एवं समय 05.06.25 से 19.06.2025 अपराह्न 5:00 बजे तक।
3. निविदा खोलने का स्थान– जिला परिषद, हजारीबाग।
4. निविदा खोलने की तिथि एवं समय 21.06.2025 पूर्वाह्न 10:00 बजे।
5. निविदा आमंत्रित करने वाले पदाधिकारी का नाम एवं पता – जिला अभियंता, जिला परिषद, हजारीबाग।
6. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
7. ई–निविदा प्रकोष्ठ का दूरभाष सं0–06546 261406 ई–मेल – districtboardhazaribag@gmail.com
8. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता बंद कर दिया जाता है तो उसकी सारी जवाबदेही आपकी होगी।
9. निविदा की शर्तें कार्यालय के सूचना पट्ट या www.jharkhandtenders.gov.in पर देखा जा सकता है।

जिला अभियंता,
जिला परिषद, हजारीबाग
PR 353948 District(25-26).D

ऑक्टस acts
ଅଗଷ୍ଟ ୨୦୨୫ ବ୍ୟାଚ୍ ପାଇଁ ଆଇସିଟି ଡୋମେନ୍‌ରେ
**ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ**
ପାଇଁ ନାମଲେଖା ଘୋଷଣା
ସି-ଡ୍ୟାକ୍ ଇଞ୍ଜିନିୟରିଂରେ ସ୍ନାତକ (ଚୟନିତ ଶୃଙ୍ଖଳା) କିମ୍ବା ବିଜ୍ଞାନରେ ସ୍ନାତକୋତ୍ତର (ଚୟନିତ ଶୃଙ୍ଖଳା) ଅଥବା ଏମ୍.ସି.ଏ. ନିମନ୍ତେ ନିମ୍ନଲିଖିତ ୧୩ଟି କ୍ୟାରିୟର ଅଭିମୁଖୀ ପୂର୍ଣ୍ଣକାଳୀନ ୨୪ ସପ୍ତାହବ୍ୟାପୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଘୋଷଣା କରୁଛି । **ସାଧାରଣ ଏବଂ ପାଠ୍ୟକ୍ରମ ପାଇଁ ବିଶେଷ ଭାବେ ପ୍ରଯୁଜ୍ୟ ଯୋଗ୍ୟତା ମାନଦଣ୍ଡ ପାଇଁ ଦୟାକରି acts.cdac.in ପରିଦର୍ଶନ କରନ୍ତୁ ଏବଂ ନାମଲେଖା ପୁସ୍ତିକା ଦେଖନ୍ତୁ ।**

**ଆଇସିଟିରେ ସ୍ନାତକୋତ୍ତର (ପୋଷ୍ଟ ଗ୍ରାଜୁଏଟ୍) ଡିପ୍ଲୋମା**
- ଆଡଭାନ୍ସଡ଼ କମ୍ପ୍ୟୁଟିଂ (ପିଜି-ଡିଏସି)
- ବିଗ୍ ଡାଟା ଆନାଲିଟିକ୍ସ (ପିଜି-ଡିବିଡିଏ)
- ଏମ୍ବେଡେଡ୍ ସିଷ୍ଟମ୍ସ ଡିଜାଇନ୍ (ପିଜି-ଡିଇଏସଡି)
- ଆଇଟି ଇନ୍‌ଫ୍ରାଷ୍ଟ୍ରକ୍ଚର, ସିଷ୍ଟମ୍ସ ଆଣ୍ଡ ସିକ୍ୟୁରିଟି (ପିଜି-ଡିଆଇଟିଆଇଏସ୍‌ଏସ୍)
- ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ପିଜି-ଡିଏଆଇ)
- ଭିଏଲ୍‌ଏସ୍‌ଆଇ ଡିଜାଇନ୍ (ପିଜି-ଡିଭିଏଲ୍‌ଏସ୍‌ଆଇ)
- ମୋବାଇଲ କମ୍ପ୍ୟୁଟିଂ (ପିଜି-ଡିଏମ୍‌ସି)
- ଆଡ଼ଭାନ୍ସଡ଼ ସିକ୍ୟୋର୍ ସଫ୍ଟୱେର ଡେଭଲପମେଣ୍ଟ (ପିଜି-ଡିଏସ୍‌ଏସ୍‌ଡି)
- ଏଚ୍‌ପିସି ସିଷ୍ଟମ୍ ଆଡ଼ମିନିଷ୍ଟ୍ରେସନ୍ (ପିଜି-ଡିଏଚ୍‌ପିସିଏସ୍‌ଏ)
- ରୋବୋଟିକ୍ସ ଆଣ୍ଡ ଆଲାଏଡ୍ ଟେକ୍ନୋଲୋଜିସ୍ (ପିଜି-ଡିଆର୍‌ଏଟି)
- ଫିନ୍‌ଟେକ୍ ଆଣ୍ଡ ବ୍ଲକ୍‌ଚେନ୍ ଡେଭଲପମେଣ୍ଟ (ପିଜି-ଡିଏଫ୍‌ବିଡି)
- ସିକ୍ୟୁରିଟି ଆଣ୍ଡ ଫରେନ୍‌ସିକ୍ସ (ପିଜି-ଡିସିଏସ୍‌ଏଫ୍)
- ଅନ୍‌ମ୍ୟାନଡ୍ ଏୟାରକ୍ରାଫ୍ଟ ସିଷ୍ଟମ୍ ପ୍ରୋଗ୍ରାମିଂ (ପିଜି-ଡିୟୁଏଏସ୍‌ପି)

ନ୍ୟାସନାଲ କମନ୍ କ୍ୟାମ୍ପସ୍ ପ୍ଲେସମେଣ୍ଟ ପ୍ରୋଗ୍ରାମ୍ (ଏନ୍‌ସିସିପିପି)ର ଆୟୋଜନ ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ, ନଏଡା ଓ ପୁଣେରେ ଅନୁଷ୍ଠିତ ହୋଇଛି

सीडैक CDAC — CENTRE FOR DEVELOPMENT OF ADVANCED COMPUTING

**ପାଠ୍ୟକ୍ରମର ବିଶେଷତା**
- ଉତ୍କୃଷ୍ଟ ପ୍ଲେସମେଣ୍ଟ ରେକର୍ଡ ସହ ସୁପ୍ରତିଷ୍ଠିତ ପାଠ୍ୟକ୍ରମ ।
- ୯୦୦ ଘଣ୍ଟାର ଥିଓରି + ଲ୍ୟାବ୍ + ପ୍ରୋଜେକ୍ଟ ସହ ୨୪ ସପ୍ତାହବ୍ୟାପୀ ପୂର୍ଣ୍ଣକାଳୀନ ପାଠ୍ୟକ୍ରମ ।
- ଅଧିକାଂଶ ସେଣ୍ଟରରେ ଦିନ ପିଛା ୬-୮ ଘଣ୍ଟାର ଥିଓରୀ + ସପ୍ତାହରେ ୬ ଦିନର ଲ୍ୟାବ୍ ଅଧିବେଶନ ।
- ପାଠ୍ୟକ୍ରମ ଅବଧିରେ ନିରବଚ୍ଛିନ୍ନ ଲ୍ୟାବ୍ ଓ ଆଭ୍ୟନ୍ତରୀଣ ମୂଲ୍ୟାୟନ ।
- ସମସ୍ତ ସେଣ୍ଟରରେ କେନ୍ଦ୍ରୀକୃତ ପାଠ୍ୟକ୍ରମ-ଅଭିମୁଖୀ ଥିଓରୀ ପରୀକ୍ଷା ।
- ସି-ଡ୍ୟାକ୍, ଆକାଡେମିଆ ଓ ଆଇସିଟି ଶିଳ୍ପର ଡୋମେନ୍ ବିଶେଷଜ୍ଞଙ୍କ ପରାମର୍ଶ ସହ ପାଠ୍ୟକ୍ରମଗୁଡ଼ିକୁ ଡିଜାଇନ୍ ଓ ବିକଶିତ କରାଯାଇଛି ।
- ସି-ଡ୍ୟାକ୍ ଓ ଆଇସିଟି ଶିଳ୍ପରେ ବ୍ୟାପକ ଡୋମେନ୍ ଜ୍ଞାନ ରଖୁଥିବା ଏକ୍ସପର୍ଟ ଫାକଲ୍ଟି।
- ଆଇସିଟି ଶିଳ୍ପର ମାନକ ସହ ପ୍ରାସଙ୍ଗିକ ହୋଇଥିବା ଟ୍ୟୁଟୋରିଆଲ, ପ୍ରାୟୋଗିକ ଅଭିଜ୍ଞତା ଓ ପ୍ରକଳ୍ପ ।
- ଆପ୍ଟିଚ୍ୟୁଡ୍, ଫଳପ୍ରଦ ଯୋଗାଯୋଗ ଏବଂ ସାକ୍ଷାତ୍‌କାର ଦକ୍ଷତା ପରେ ବିଶେଷ ପ୍ରଶିକ୍ଷଣ ।
- ବ୍ୟାପକ ପ୍ଲେସମେଣ୍ଟ ଓରିଏଣ୍ଟେସନ୍ ଏବଂ ଅଞ୍ଚଳୱାରୀ ସାଧାରଣ କ୍ୟାମ୍ପସ୍ ପ୍ଲେସମେଣ୍ଟ ।

**ମହତ୍ତ୍ୱପୂର୍ଣ୍ଣ ତାରିଖ**
ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ
ଜୁନ୍ ୨୫, ୨୦୨୫
ସି-ଡ୍ୟାକ୍ କମନ୍ ଆଡମିଶନ୍ ଟେଷ୍ଟ (ସି-କ୍ୟାଟ୍)
ସି-କ୍ୟାଟ୍ I: ଜୁଲାଇ ୦୫, ୨୦୨୫
ସି-କ୍ୟାଟ୍ II: ଜୁଲାଇ ୦୬, ୨୦୨୫
ପାଠ୍ୟକ୍ରମ ଆରମ୍ଭ ତାରିଖ
ଅଗଷ୍ଟ ୨୧, ୨୦୨୫
CBC-06132/12/0007/2526

ପାଠ୍ୟକ୍ରମ ଏଠାରେ ଉପଲବ୍ଧ: • ବେଙ୍ଗାଲୁରୁ • ଭୁବନେଶ୍ୱର • ଚେନ୍ନାଇ • ଗୁଆହାଟୀ • ହାଇଦ୍ରାବାଦ • ଇନ୍ଦୋର • ଜୟପୁର • କୋଚି • କୋଲକାତା • କରାଡ଼ • ମୁମ୍ବାଇ • ନାଗପୁର • ନାସିକ • ନୂଆଦିଲ୍ଲୀ • ନଏଡା • ପାଟନା • ପୁଣେ • ସିଲଚର୍ • ଥିରୁଭାନନ୍ତପୁରମ୍
ଡିୟୁଏଏସ୍‌ପି ପାଠକ୍ରମଗୁଡ଼ିକ ନିମ୍ନଲିଖିତ ଏନ୍‌ଆଇଇଏଲ୍‌ଇଟି ସେଣ୍ଟରରେ ମଧ୍ୟ ଉପଲବ୍ଧ: ଔରାଙ୍ଗାବାଦ, ଭୁବନେଶ୍ୱର, କାଲିକଟ୍, ଇମ୍ଫାଲ, ଶ୍ରୀନଗର
ପାଠ୍ୟକ୍ରମ, ପାଠ୍ୟଖସଡ଼ା, ସି-କ୍ୟାଟ୍, ଯୋଗ୍ୟତା, ପଞ୍ଜୀକରଣ ଓ ଆବେଦନ, ନାମଲେଖା ଓ ଶିକ୍ଷାଦାନ ମାଧ୍ୟମ ସମ୍ବନ୍ଧୀୟ ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ ୱେବ୍‌ସାଇଟ୍ www.cdac.in / acts.cdac.in
+91 20 25503134
9373731598
Available between 10am-1pm & 2pm-5pm on working days
www.facebook.com/OfficiallyACTS
www.cdac.in ; acts.cdac.in

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଡିମାଣ୍ଡ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)
କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁକୋ ବ୍ୟାଙ୍କ, ବକ୍ସିବାଜାର ରୋଡ଼ ଶାଖାର** ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ବକ୍ସିବାଜାର ରୋଡ଼ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଆଣ୍ଡ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶ, ଠିକଣା - ୧: ଚନ୍ଦ୍ରାଲୋକ ଆପାର୍ଟମେଣ୍ଟ ନିକଟ, ପ୍ରଫେସରପଡା, ପୋ: କଲେଜ ସ୍କୋୟାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୩, ଠିକଣା - ୨: ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ନୂଆଶାସନ, ଧୁରୁସିଆ, ଥାନା: ଖୁଣ୍ଟୁଣୀ, କଟକ - ୭୫୪୦୨୭ | ୧୯.୦୫.୨୦୨୫ ସୁଦ୍ଧା ଟ.୪୨,୫୩,୫୪୦.୪୮ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧) ମେସର୍ସ ଶ୍ରୀ ଆଣ୍ଡ କୋଃ ନାମରେ ଥିବା ସମସ୍ତ କଳକବ୍ଜା ଓ ଯନ୍ତ୍ରପାତି ସହିତ କଞ୍ଚାମାଲ ଓ ସମ୍ପୂର୍ଣ୍ଣ ହୋଇଥିବା ଦ୍ରବ୍ୟର ଷ୍ଟକ୍, ୨) ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୩୨/୧୧୯୮(ଅଂଶ), ଖାତା ନଂ.: ୧୬୨, ଅନୁରୂପ ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ରେଭିନ୍ୟୁ ଗ୍ରାମ: ନୂଆଶାସନ, କ୍ଷେତ୍ର: ଏକର ୦.୪୫୯ ଡିସିମିଲି, ନୂଆଶାସନ ଗ୍ରାମର ସୀମା ଅଧିନ, ତହସିଲ: ଆଠଗଡ, ଥାନା: ଗୁରୁଡିଝାଟିଆ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଇଡ୍‌କୋ ରୋଡ, ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ.: ୫/ସି, ଦକ୍ଷିଣ: ଇଡ୍‌କୋ ପ୍ଲଟ୍ ନଂ.: ୫, ପୂର୍ବ: ଇଡ୍‌କୋ ପ୍ଲଟ୍ ନଂ.: ୫/ଇ | ୦୩.୦୭.୨୦୨୩ / ୧୯.୦୫.୨୦୨୫ |

ଆପଣ ଆମର **ବକ୍ସିବାଜାର ରୋଡ଼ ଶାଖା** ସହିତ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରଦର୍ଶିତ ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆକ୍ଟ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ଡିମାଣ୍ଡ ନୋଟିସ୍ ଉପରଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA)ରେ ପରିଣତ ହୋଇଛି । ଏଣୁ ଏହି ନୋଟିସ୍‌ର **୬୦ ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ଆପଣଙ୍କୁ ପଇଠ କରିବାକୁ ପଡିବ। ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କ ବନ୍ଧକ ଥିବା ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ । କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ଆପଣ ଉପରୋକ୍ତ କଥିତ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ବ୍ୟାଙ୍କର ଲିଖିତ ସହମତି ବିନା ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍ ବ୍ୟାଙ୍କକୁ ଉପଲବ୍ଧ ଥିବା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଅଧିକାରକୁ ପ୍ରତିହତ କରିବ ନାହିଁ । ଏତଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ : ଭୁବନେଶ୍ୱର
ତାରିଖ : ୩୧.୦୫.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

# ବିଭିନ୍ନ ଶୈବପୀଠରେ ଶିବ ବିବାହ



ତାରପୁରସ୍ଥିତ ବାନାମ୍ବର ମହାଦେବ ମନ୍ଦିରରେ ଶିବ- ପାର୍ବତୀଙ୍କ ବିବାହ କରାଯାଉଛି।

**ରଘୁନାଥପୁର, ୩୧।୫ (ରାଜେନ୍ଦ୍ର ନାରାୟଣ ସିଂହ)**

ଶୀତଳ ଷଷ୍ଠୀ ଉପଲକ୍ଷେ ରଘୁନାଥପୁର ବ୍ଲକର ପ୍ରସିଦ୍ଧ ଶୈବ ପୀଠ କୋରକୋରା ପଣ୍ଡୁଆସ୍ଥିତ ରୁଦ୍ରେଶ୍ୱର ପୀଠରେ ଶନିବାର ଶିବବିବାହ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଜା, ବାଣ, ରୋଷଣୀ, ହରିବୋଲ, ହୁଳହୁଳି ଧ୍ୱନି ସହ ବୈଦିକ ରୀତିରେ ଏହି ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ରୁଦ୍ରେଶ୍ୱର ମହାଦେବଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଇ ହଜାର ହଜାର ଭକ୍ତ ବରଯାତ୍ରୀଙ୍କ ଗହଣରେ ବିବାହ ମଣ୍ଡପକୁ ନିଆଯାଇଥିଲା। ସେଠାରେ କନ୍ୟା ଯାତ୍ରୀଙ୍କ ପକ୍ଷରୁ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାଦେବଙ୍କୁ ବରଣି କରାଯାଇଥିଲା। ମା' ପାର୍ବତୀ ଦେବୀଙ୍କ ସହ ବୈଦିକ ମନ୍ତ୍ରରେ ମହାଦେବଙ୍କ ସହ ବିବାହ ସମ୍ପନ୍ନ ହୋଇଥିଲା। ଏଥିରେ ବର(ଶିବ)ଙ୍କ ବାପା ଭାବେ ସୁମିତ କୁମାର ମଣ୍ଡଳ ଓ ମା' ଭାବେ ମୋନାଲିସା ମଣ୍ଡଳ ବରଣି ହୋଇଥିବା ବେଳେ କନ୍ୟା (ଦେବୀ ପାର୍ବତୀ)ଙ୍କ ବାପାଭାବେ ସୁଶାନ୍ତ କୁମାର ମହାପାତ୍ର ଓ ମା' ଭାବେ ସୁଷମା ମହାପାତ୍ର କନ୍ୟାଦାନ କରିଥିଲେ। ଏହି ଦେବ ବିବାହରେ ଆଖପାଖର ବହୁ ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ପ୍ରଭୁ ଶ୍ରୀରୁଦ୍ରେଶ୍ୱର ଓ ଦେବୀ ପାର୍ବତୀଙ୍କୁ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ। ସେହିପରି ଗୋଠିଣା ଗ୍ରାମର ସିଦ୍ଧ ହରିହର ରଘୁନାଥଜୀଉ, ତରିକୁନ୍ଦ ଉତ୍ତରେଶ୍ୱର, ବରାଗୋଳ ଇସାଣେଶ୍ୱର, ଗୋଠିଣା ଶଙ୍କରେଶ୍ୱର, ତାରପୁର ବାନାମ୍ବର ସମେତ ବିଭିନ୍ନ ଶୈବପୀଠରେ ଶିବ ବିବାହ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି।

# କୃଷିକ୍ଷେତ୍ରରେ ନୂତନ ଜ୍ଞାନକୌଶଳକୁ ଗୁରୁତ୍ୱ

**ଜଗତ୍‌ସିଂହପୁର, ୩୧।୫ (ପ୍ରମୋଦ କୁମାର ନାୟକ)**

## ବିକଶିତ କୃଷି ସଂକଳ୍ପ ଅଭିଯାନର ତୃତୀୟ ଦିନ

ଦେଶବ୍ୟାପୀ ବିକଶିତ କୃଷି ସଂକଳ୍ପ ଅଭିଯାନ ଚାଲିଛି। ଏହି ଅଭିଯାନ ୧୨ ଜୁନ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ରୀୟ କୃଷି ମନ୍ତ୍ରାଳୟ, ରାଜ୍ୟ କୃଷି ବିଭାଗ ଏବଂ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ(ଆଇସିଏଆର୍) ମିଳିତ ଭାବେ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। କାର୍ଯ୍ୟକ୍ରମରେ ନୂତନ କୃଷି ପ୍ରଯୁକ୍ତି, ବିଭିନ୍ନ ସରକାରୀ ଯୋଜନା ଏବଂ ଉନ୍ନତ ବୀଜ ଓ ରୋଗ ପ୍ରତିରୋଧ ବିଷୟରେ ଚାଷୀମାନଙ୍କୁ ସୂଚନା ଦିଆଯାଉଛି। ଏହି କାର୍ଯ୍ୟକ୍ରମର ୩ୟ ଦିନ ଶନିବାର ଜଗତ୍‌ସିଂହପୁର ଜିଲାରେ କୁଜଙ୍ଗ ବ୍ଲକର ବାଗୋଇ, ମଙ୍ଗରଜପୁର, ଗରେଇ, ଗୋବର୍ଦ୍ଧନପୁର ଓ ଏରସମା ବ୍ଲକର ଗୋଡା, ରାଜପୁର୍ ଗ୍ରାମରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଫାଟୁଆ ରୋଗ ଗବେଷଣା ସଂସ୍ଥାର ନିର୍ଦ୍ଦେଶକ ଡ.ରବୀନ୍ଦ୍ର ପ୍ରସାଦ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ସଭା ସ୍ଥାନରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବୈଜ୍ଞାନିକମାନେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ବିକଶିତ ହୋଇଥିବା ନୂତନ ଜ୍ଞାନକୌଶଳ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇବା ସହ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ।



କୃଷି କ୍ଷେତ୍ରରେ ନୂତନ ଟେକ୍ନୋଲୋଜି ପ୍ରୟୋଗ କରିବା ଉପରେ ପ୍ରଶିକ୍ଷଣ ଦିଆଯାଉଛି।

କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକଙ୍କ ସମେତ ବିଶ୍ୱଜିତ୍ ପଣ୍ଡା, ବିଭୁଦତ୍ତ ସାହୁ, ସୀତାରତ୍ନମାଲା ଦାସ, ସୁଶ୍ରୀ ସଫିଆ ସ୍ୱାଇଁ, ସମଲେଇ ପ୍ରସାଦ ପରିଡ଼ା, ଶ୍ୱେତପଦ୍ମା ଭୋଇ, କୃଷିବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଜୀବନଜିତ୍ ସେନ, ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ. ପ୍ରଦୀପ୍ତ ମାଝି, ଡ.ଦ୍ୱାରିକା ମୋହନ ଦାସ, ସସ୍ମିତା ପୁରୋହିତ, ସରିତା ଦାସ, ବଳିଆ ମାଝି, ବିଜୟିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଭାରତୀୟ କୃଷି ଗବେଷଣା ପରିଷଦ ପକ୍ଷରୁ ଡ.ଜ୍ୟୋତିର୍ମୟୀ ମହାନ୍ତି, ଡ. ଯଯାତି କେଶରୀ ମହାପାତ୍ର, ଡ.ଜିତେନ୍ଦ୍ର କୁମାର ବିଶ୍ୱାଳ, ଡ.ହିମାଂଶୁ ଶେଖର ସ୍ୱାଇଁ, ଡ. ସ୍ମୃତିରେଖା ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

ଏହି ଅଭିଯାନ ପାଇଁ ଜଗତ୍‌ସିଂହପୁରରେ ତିନୋଟି ଦଳ ଗଠନ କରାଯାଇଛି। ପ୍ରତି ଦଳରେ ଏହି ଅଭିଯାନ ପାଇଁ ଜଗତ୍‌ସିଂହପୁରରେ ୩ ଦଳ ଗଠନ କରାଯାଇଛି। ପ୍ରତି ଦଳରେ କୃଷି ବିଜ୍ଞାନ କେନ୍ଦ୍ର (କେଭିକେ), ଜଗତ୍‌ସିଂହପୁର ଆଇସିଏଆର୍ ସିଆଇଏଫ୍‌ଏ (ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର), ଆଇସିଏଆର୍ ଏନ୍‌ଆଇଏଫ୍‌ଏମ୍‌ଡି (ଜାତୀୟ ପାଦ ଓ ମୁଖ ରୋଗ ପ୍ରତିଷ୍ଠାନ), ଜିଲା କୃଷି ବିଭାଗ, ଜିଲା ଉଦ୍ୟାନ ବିଭାଗ, ଜିଲା ମୃତ୍ତିକା ସଂରକ୍ଷଣ ବିଭାଗ ଏବଂ ଜିଲା ମତ୍ସ୍ୟ ବିଭାଗର ବୈଜ୍ଞାନିକ ଓ ଅଧିକାରୀମାନେ ଯୋଗଦେଇଛନ୍ତି।

# ଆଇନସେବା ପ୍ରାଧିକରଣ ସଚେତନତା ଶିବିର

**କେନ୍ଦ୍ରାପଡ଼ା, ୩୧।୫ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପିଏଲ୍ ଓ ପିଭଏସ (ପ୍ରାଇଭେଟ ଲ ଆଣ୍ଡ ପର୍ସନ ଅର ପାର୍ଟି ଭଏସ୍) ସମ୍ପର୍କରେ ଏକ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ନାନକାର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ ଶିବିରରେ ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ସାଧାରଣ ଲୋକଙ୍କ ପାଇଁ ଆଇନ ହୋଇଛି। ତେବେ ସଚେତନତା ନ ଥିବାରୁ ବିଭିନ୍ନ ମାମଲାରେ ସେମାନେ ହତୋତ୍ସାହ ହୋଇପଡୁଛନ୍ତି। ପିଏଲ୍ ଓ ପିଭଏସ ଅନୁଯାୟୀ ଆର୍ଥିକ ଅନଗ୍ରସର ବ୍ୟକ୍ତି ଆଇନସେବା ପ୍ରାଧିକରଣର ସାହାଯ୍ୟ ନେଲେ ମାମଲା ଭାରାକ୍ରାନ୍ତରୁ ମୁକ୍ତି ମିଳିବ। ବିଦ୍ୟୁତ୍ ମାମଲା ହେଉ ଅଥବା ବ୍ୟାଙ୍କ ସେବା ଆଦି କ୍ଷେତ୍ରରେ ଏହା ବହୁ ଉପଯୋଗୀ। ସେହିପରି ସାମୂହିକ ମାମଲାରେ ବସ୍ତି ବାସିନ୍ଦା ଉପକୃତ ହେବେ ବୋଲି ପ୍ରାଧିକରଣ ସଚିବ ମହାପାତ୍ର ମତ ରଖିଥିଲେ। ଶିବିରରେ ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ଶତପଥୀ, ପ୍ରଫେସର ମହେନ୍ଦ୍ର କୁମାର ପ୍ରଧାନ ଆଲୋଚକ ଭାବେ ଯୋଗଦେଇ ଏହି ଆଇନକୁ ତର୍ଜମା କରିଥିଲେ। ଶିବିରକୁ ପ୍ରାଧିକରଣ କର୍ମଚାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ଶାନ୍ତନୁ ବଳ, ତପନ କୁମାର ମହାନ୍ତି, ପାରାଲିଗାଲ ସ୍ୱେଚ୍ଛାସେବୀ ରବିନାରାୟଣ ମହାନ୍ତି, ଚିତ୍ତ ରଞ୍ଜନ ମଲ୍ଲିକ, ଅକ୍ଷୟ କୁମାର ମଲ୍ଲିକ, ରୀତାରାଣୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।


**OFFICE OF THE PRINCIPAL, ROURKELA COLLEGE, ROURKELA**

No. 762/RCR/ Date. 31.05.2025

**WALK-IN-INTERVIEW**

(FOR ENGAGEMENT OF GUEST FACULTY 2025-2026)

A walk-in-Interview for engagement of Guest Faculty for the session 2025 - 2026 will be held in the office of the undersigned from **10:00 A.M.** to **1:00 P.M.** on **18.06.2025** in the subjects **Education, Library Science, English, Political Science, History, Economics, Odia** and from **10:00 A.M.** to **1:00 P.M.** on **19.06.2025** in **Psychology, Geography, Sociology, Hindi, Commerce and Logic & Philosophy** in strict adherence to DHE, Govt. of Odisha letter No. 26445/H.E. dated 23.05.2025. The interested candidates must have a Master's Degree in the subject concerned from a recognised University with at least 55% marks or its equivalent grade with a Second Class in the Bachelor's Degree.

Sd./- Principal
Rourkela College, Rourkela


# ବନ୍ଦର ବରିଷ୍ଠ କଲ୍ୟାଣ ଅଧିକାରୀଙ୍କ ଅବସର



ଅବସରକାଳୀନ କାର୍ଯ୍ୟକ୍ରମରେ ନିରୋଜ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପାରାଦୀପ,୩୧।୫ (ଶରତ ରାଉତ)**

ପାରାଦୀପ ବନ୍ଦରର ବରିଷ୍ଠ କଲ୍ୟାଣ ଅଧିକାରୀ ନିରୋଜ ପଟ୍ଟନାୟକ ଶନିବାର ବନ୍ଦର ସେବାରୁ ଅବସର ଗ୍ରହଣ କରିଛନ୍ତି। ୧୯୯୨ରେ ପାରାଦୀପ ବନ୍ଦରରେ କନିଷ୍ଠ ହିନ୍ଦୀ ଅନୁବାଦକ ଭାବେ ସେ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୦୫ରେ ସେ ପଦୋନ୍ନତି ପାଇ ବନ୍ଦରରେ ହିନ୍ଦୀ ଅଧିକାରୀ ହୋଇଥିଲେ। ଏହିସମୟରେ ହିନ୍ଦୀର ପ୍ରଚାର ପ୍ରସାର ପାଇଁ ସେ ବହୁ ଉଦ୍ୟମ କରିଥିଲେ। ଏଥିଯୋଗୁ ପାରାଦୀପ ବନ୍ଦର ବିଭିନ୍ନ ମଞ୍ଚରେ ସେ ସମ୍ମାନିତ ହୋଇଥିଲେ। ୨୦୧୯ରେ ବରିଷ୍ଠ କଲ୍ୟାଣ ଅଧିକାରୀଭାବେ ପଦୋନ୍ନତି ପାଇଥିଲେ। ଏହି ସମୟରେ ପଟ୍ଟନାୟକ ବନ୍ଦରର ଶ୍ରମିକ ଓ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟାକୁ ସ୍ଥାନୀୟ ୟୁନିଅନମାନଙ୍କ ସହିତ ସମନ୍ୱୟ ରଖି ସେମାନଙ୍କ ସହଯୋଗରେ ସମାଧାନ କରିବାରେ ସଫଳ ହୋଇଥିଲେ। ନିଜ ଚାକିରି ଜୀବନ ମଧ୍ୟରେ ପଟ୍ଟନାୟକ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ, ଜଗନ୍ନାଥ ଲଳିତ କଳା ସଂସଦ, ସାଗରିକା କଳା ନିକେତନ, କାନ୍ସାସ, ଜଗନ୍ନାଥ ସମାଜ, ଭେଟରାନ ଫୁଟବଲ କ୍ଲବ ଆଦି ଅନୁଷ୍ଠାନ ସହ ସଂଶ୍ଳିଷ୍ଟ ଥିଲେ। ଜଣେ ଫୁଟବଲ ଖେଳାଳି ଭାବେ ବନ୍ଦରର କର୍ମଚାରୀ ଓ ଅନ୍ୟମାନଙ୍କୁ ନେଇ ସବୁଦିନ ସକାଳେ ଫୁଟବଲ ଖେଳିବା ସଙ୍ଗେସଙ୍ଗେ ଅନ୍ୟମାନଙ୍କୁ ଉତ୍ସାହିତ କରୁଥିଲେ। ବନ୍ଦରର ଜଣେ ଅଧିକାରୀ ଭାବେ ତାଙ୍କ ମନରେ ଅହଙ୍କାର ନ ଥିଲା ଏବଂ ଅନେକ ସମୟରେ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ମିଡ଼ିଆ ସଂଯୋଜକ ଭାବରେ କାର୍ଯ୍ୟ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଆୟୋଜିତ ଅବସରକାଳୀନ କାର୍ଯ୍ୟକ୍ରମରେ ପ୍ରଶାସନିକ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ନିଜର ଅନୁଭୂତି ରଖିବା ସଙ୍ଗେ ସଙ୍ଗେ ପଟ୍ଟନାୟକଙ୍କର ସରସ ଓ ନିରାମୟ ଜୀବନ କାମନା କରିଥିଲେ ।

# ଦେଶରେ ପ୍ରତିବର୍ଷ ୧୪ ଲକ୍ଷ ଲୋକଙ୍କ ଜୀବନ ନେଉଛି ତମାଖୁ

**ଜଗତ୍‌ସିଂହପୁର, ୩୧।୫ (ପ୍ରମୋଦ କୁମାର ନାୟକ)**

## ବ୍ୟାପକ ସଚେତନତାକୁ ଗୁରୁତ୍ୱ

ତମାଖୁ ସେବନ ଓ ଏହାଦ୍ୱାରା ସୃଷ୍ଟ ରୋଗର ଭୟାବହତା ଦିନକୁଦିନ ବଢିଚାଲିଛି। ମୃତ୍ୟୁ ହାର ମଧ୍ୟ ଚିନ୍ତାର କାରଣ ହେଲାଣି। ଭାରତରେ ବିଭିନ୍ନ କାରଣରୁ ଯେତେ ଲୋକଙ୍କ ମୃତ୍ୟୁ ହେଉଛି ତାର ୧୦% କେବଳ ତମାଖୁଜନିତ। ଅର୍ଥାତ୍ ବର୍ଷକୁ ପାଖାପାଖି ୧୪ ଲକ୍ଷ ଲୋକ ତମାଖୁ ସେବନ ଯୋଗୁ ଜୀବନ ହରାଉଛନ୍ତି। ବିଶେଷକରି ଯୁବପିଢ଼ି ଏହାଦ୍ୱାରା ଅଧିକ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ଯେଉଁମାନେ ପରିବାର, ଦେଶର ଭବିଷ୍ୟତ ସେମାନେ ଆଜି ପଥଭ୍ରଷ୍ଟ ହେଉଛନ୍ତି। ତେଣୁ ତମାଖୁ ମୁକ୍ତ ଦେଶ ଗଠନ ପାଇଁ ପ୍ରତ୍ୟେକ ବ୍ରତୀ ହେବା ଉଚିତ। ଏନେଇ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛିବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ କନଭେନ୍ସନ ହଲରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଉପଲକ୍ଷେ ଆୟୋଜିତ ସଚେତନତା ଅଭିଯାନର ଶୁଭାରମ୍ଭ ଅବସରରେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଜିଲାରୁ ଆଭାସୀ ମାଧ୍ୟମରେ ଆମ ସଂକଳ୍ପ ଅଭିଯାନରେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଅବକାରୀ ଅଧୀକ୍ଷକ ଅନିତା ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲା କ୍ରୀଡ଼ା ଅଧିକାରୀ ତଥା ଅବକାରୀ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ତମାଖୁ, ବିଷାକ୍ତ ମଦ ଓ ଡ୍ରଗ୍ସ ବ୍ୟବହାର ରୋକିବା ପାଇଁ ରାଜ୍ୟବ୍ୟାପୀ ସଚେତନତା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟ ସଚେତନତା ବିଶ୍ୱ ତମାଖୁ ନିଷେଧ ଦିବସ ଅର୍ଥାତ୍ ମେ' ୩୧ରୁ ଆରମ୍ଭ ହୋଇ ଜୁନ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟ ଜୁନ ୨୬ରୁ ଅଗଷ୍ଟ ୧୫, ତୃତୀୟ ପର୍ଯ୍ୟାୟ ଅକ୍ଟୋବର ୨ ଏବଂ ଚତୁର୍ଥ ପର୍ଯ୍ୟାୟ ଡିସେମ୍ବର ୨୫ରୁ ୨୦୨୬ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରାୟ ଏକ ବର୍ଷ ଧରି ଏହି ଅଭିଯାନ ଜାରି ରହିବ। ତମାଖୁ ସେବନର ଅପକାରିତା ଏବଂ ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନକୁ ଘରେ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଜିଲାରେ ମଧ୍ୟ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି ଯାହା ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳବାସୀଙ୍କୁ ସଚେତନ କରାଇବ।


**कार्यालय, कार्यपालन अभियंता**
**खारंग जल संसाधन संभाग, बिलासपुर (छ.ग.)**
**निविदा निरस्तीकरण आदेश**

आदेश क्रमांक /व.ले.लि/ बिलासपुर, दिनांक ................

निविदा सूचना क्र. 26/व.ले.लि/2024-25 दिनांक 28.02.2025 निविदा सिस्टम क्र. 164758 (प्रथम आमंत्रण) बिलासपुर जिले के विकासखण्ड मस्तुरी अंन्तर्गत ग्राम सीपत स्थित पनभरिया जलाशय का उन्नयन कार्य राशि रूपये 267.01 लाख को एकल निविदा होने के कारण निविदा निरस्त किया जाता है।

स्वा:/- कार्यपालन अभियंता
खारंग जल संसाधन संभाग,
बिलासपुर (छ.ग.)

विज्ञापन क्र. जी-242505677/ दिनांक 04.03.2025
G-252601272/3



**GOVERNMENT OF ODISHA** No.O-226

**OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH**

E.Mail - rw_sundargarh@yahoo.co.in

**E-PROCUREMENT NOTICE**

**BID IDENTIFICATION NO. ONLINE-SESNG-03 of 2025-26**

1. Name of the Work : Building Work, 2. Total No. of works : 01 no. Building, 3. Estimated cost : Rs. 56.03 Lakhs, 4. Class of contractor : Only 'B', 5. Period of completion : 09 calendar months, 6. Type of Tender : Double Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Superintending Engineer, Rural Works Division, Sundargarh** | **Online-SESNG-03 of 2025-26** | **04.06.2025 11.00 A.M.** | **18.06.2025 06.00 P.M.** |

Further details can be seen from the website www.tendersorissa.gov.in.

Sd./-Superintending Engineer
Rural Works Division,
Sundargarh

OIPR-25046/11/0056/2526


# ବାଣ ବ୍ୟବସାୟୀଙ୍କ ପରଲୋକ

**ରଘୁନାଥପୁର, ୩୧।୫ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ବହୁ ପୁରୁଣା ବାଣ ବ୍ୟବସାୟୀ ହାଡ଼ିବନ୍ଧୁ ପଟ୍ଟନାୟକ(୯୧)ଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି। ଛୋଟବେଳେ ସେ ବାଣ ତିଆରି କରିବା ବେଳେ ବାଣ ବିସ୍ଫୋରଣ ହେବାରୁ ଭିନ୍ନକ୍ଷମ ହୋଇଥିଲେ। ମାତ୍ର ହାଡ଼ିବନ୍ଧୁ ତାଙ୍କ ପେସା ଛାଡ଼ି ନ ଥିଲେ। ୫ ରୁ ୬ ଦଶନ୍ଧି ଧରି ବ୍ଲକ ଅଞ୍ଚଳରେ ତାଙ୍କ ହାତ ତିଆରି ବାଣର ଯଥେଷ୍ଟ ଚାହିଦା ଥିଲା। ତାଙ୍କ ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ହାଡ଼ିବନ୍ଧୁଙ୍କ ମୃତଦେହକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ସାମାଜିକ କର୍ମୀ ଜ୍ଞାନରଞ୍ଜନ ପଟ୍ଟନାୟକ, ସମିତି ସଭ୍ୟ କମଳାକାନ୍ତ ପରିଡ଼ା, ନୃସିଂହ ପଟ୍ଟନାୟକ, ବନବିହାରୀ ପଟ୍ଟନାୟକ, ଜଗବନ୍ଧୁ ନାୟକ, ଦିଲୀପ ନାୟକ, ହରିହର ଦାସ, ପ୍ରକାଶ ପଟ୍ଟନାୟକ,ସାରଦା ପଟ୍ଟନାୟକ, ଅଜିତ ମହାରଣା, ଅଶୋକ ପଟ୍ଟନାୟକ,ତପନ ମହାରଣା ଓ ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ନାତି ଚିରଞ୍ଜୀବୀ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।


**e-Procurement Cell**
**OFFICE OF THE EXECUTIVE ENGINEER BUILDING CONSTRUCTION DEPARTMENT BUILDING DIVISION NO. – 1, RANCHI**
**(Behind State Guest House Morhabadi) Dindayal Nagar Booty Road Ranchi-834008**
**Short Term e-Procurement Notice**

Date – 30-05-2025

| Sl. No. | Tender Reference No. | Work Name | Amount (Rs.) | Completion Time |
|---|---|---|---|---|
| 1 | BCD/Div.No.-1, Ranchi/12/2025-26 | Construction of New Veterinary Hospital Building (G+1) at Singhmore, Ranchi | 29359000 | Nine Month |
| 2 | Start Date of Submission of Bids | | 09-06-2025 at 11.00 AM | |
| 3 | Last Date/Time of Submission of Bids | | 19-06-2025 at 11.00 AM | |
| 4 | Date/Time of Opening of Bid | | 20-06-2025 at 11.00 AM | |
| 5 | Helpline Number of e-procurement Cell | | 8527519262 | |
| 6 | e-mail ID | | eebcddiv1ranchi@gmail.com | |
| | Note : - Cost of bidding document (Non Refundable) & Bid Security Shall be payable on online through http://Jharkhandtenders.gov.in Any Change can be on Website http://Jharkhandtenders.gov.in Any Other information can be on Website http://Jharkhandtenders.gov.in | | | |

Executive Engineer
Building Construction Department
Building Division No. 1, Ranchi

PR 354004 Building(25-26)D



**कार्यालय जिला परिषद, हजारीबाग**

पुनः अल्पकालीन ई–निविदा आमंत्रण सूचना संख्या :– 08/2025–26

दिनांक 30/05/2025

मद का नाम :– जिला खनिज फाउण्डेशन ट्रस्ट।

| क्र0 | प्रखण्ड | योजना का नाम | प्राक्कलित राशि | परिमाण विपत्र का मूल्य | अग्रधन की राशि | योजना पूर्ण करने की तिथि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | बड़कागांव | पंचायत गरसुल्ला के उत्क्रमित मध्य विद्यालय से ग्राम बिहड़ के ऑगनबाड़ी केन्द्र तक पथ निर्माण। | 10622400.00 | 10000.00 | 213000.00 | एक वर्ष |

1. वेबसाईट में निविदा प्रकाशन की तिथि 04.06.2025
2. ई–निविदा प्राप्ति की तिथि एवं समय 05.06.25 से 19.06.2025 अपराहन् 5:00 बजे तक।
3. निविदा खोलने का स्थान– जिला परिषद, हजारीबाग।
4. निविदा खोलने की तिथि एवं समय 21.06.2025 पूर्वाहन् 10:00 बजे।
5. निविदा आमंत्रित करने वाले पदाधिकारी का नाम एवं पता – जिला अभियंता, जिला परिषद, हजारीबाग।
6. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
7. ई–निविदा प्रकोष्ठ का दूरभाष सं0–06546 261406 ई–मेल – districtboardhazaribag@gmail.com
8. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता बंद कर दिया जाता है तो उसकी सारी जवाबदेही आपकी होगी।
9. निविदा की शर्तें कार्यालय के सूचना पट्ट या www.jharkhandtenders.gov.in पर देखा जा सकता है।

जिला अभियंता,
जिला परिषद, हजारीबाग

PR 353948 District(25-26).D



ॲक्टस acts

अଗଷ୍ଟ ୨୦୨୫ ବ୍ୟାଚ୍ ପାଇଁ ଆଇସିଟି ଡୋମେନ୍‌ରେ
**ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ**
ପାଇଁ ନାମଲେଖା ଘୋଷଣା

ସି-ଡ୍ୟାକ୍ ଇଞ୍ଜିନିୟରିଂରେ ସ୍ନାତକ (ଚୟନିତ ଶୃଙ୍ଖଳା) କିମ୍ବା ବିଜ୍ଞାନରେ ସ୍ନାତକୋତ୍ତର (ଚୟନିତ ଶୃଙ୍ଖଳା) ଅଥବା ଏମ୍.ସି.ଏ. ନିମନ୍ତେ ନିମ୍ନଲିଖିତ ୧୩ଟି କ୍ୟାରିୟର ଅଭିମୁଖୀ ପୂର୍ଣ୍ଣକାଳୀନ ୨୪ ସପ୍ତାହବ୍ୟାପୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଘୋଷଣା କରୁଛି । **ସାଧାରଣ ଏବଂ ପାଠ୍ୟକ୍ରମ ପାଇଁ ବିଶେଷ ଭାବେ ପ୍ରଯୁଜ୍ୟ ଯୋଗ୍ୟତା ମାନଦଣ୍ଡ ପାଇଁ ଦୟାକରି acts.cdac.in ପରିଦର୍ଶନ କରନ୍ତୁ ଏବଂ ନାମଲେଖା ପୁସ୍ତିକା ଦେଖନ୍ତୁ ।**

**ଆଇସିଟିରେ ସ୍ନାତକୋତ୍ତର (ପୋଷ୍ଟ ଗ୍ରାଜୁଏଟ୍) ଡିପ୍ଲୋମା**
- ଆଡଭାନ୍ସଡ୍ କମ୍ପ୍ୟୁଟିଂ (ପିଜି-ଡିଏସି)
- ବିଗ୍ ଡାଟା ଆନାଲିଟିକ୍ସ (ପିଜି-ଡିବିଡିଏ)
- ଏମ୍ବେଡେଡ୍ ସିଷ୍ଟମ୍ସ ଡିଜାଇନ୍ (ପିଜି-ଡିଇଏସ୍‌ଡି)
- ଆଇଟି ଇନ୍‌ଫ୍ରାଷ୍ଟ୍ରକ୍ଚର୍, ସିଷ୍ଟମ୍ସ ଆଣ୍ଡ ସିକ୍ୟୁରିଟି (ପିଜି-ଡିଆଇଟିଆଇଏସ୍‌ଏସ୍)
- ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ପିଜି-ଡିଏଆଇ)
- ଭିଏଲ୍‌ଏସ୍‌ଆଇ ଡିଜାଇନ୍ (ପିଜି-ଡିଭିଏଲ୍‌ଏସ୍‌ଆଇ)
- ମୋବାଇଲ କମ୍ପ୍ୟୁଟିଂ (ପିଜି-ଡିଏମ୍‌ସି)
- ଆଡ୍‌ଭାନ୍ସଡ୍ ସିକ୍ୟୋର୍ ସଫ୍ଟୱେର୍ ଡେଭଲପମେଣ୍ଟ (ପିଜି-ଡିଏଏସ୍‌ଏସ୍‌ଡି)
- ଏଚ୍‌ପିସି ସିଷ୍ଟମ୍ ଆଡ୍‌ମିନିଷ୍ଟ୍ରେସନ୍ (ପିଜି-ଡିଏଚ୍‌ପିସିଏସ୍‌ଏ)
- ରୋବୋଟିକ୍ସ ଆଣ୍ଡ ଆଲାଏଡ୍ ଟେକ୍ନୋଲୋଜିସ୍ (ପିଜି-ଡିଆର୍‌ଏଟି)
- ଫିନ୍‌ଟେକ୍ ଆଣ୍ଡ ବ୍ଲକ୍‌ଚେନ୍ ଡେଭଲପମେଣ୍ଟ (ପିଜି-ଡିଏଫ୍‌ବିଡି)
- ସିକ୍ୟୁରିଟି ଆଣ୍ଡ ଫରେନ୍ସିକ୍ସ (ପିଜି-ଡିସିଏସ୍‌ଏଫ୍)
- ଅନ୍‌ମ୍ୟାନଡ୍ ଏୟାରକ୍ରାଫ୍ଟ ସିଷ୍ଟମ୍ ପ୍ରୋଗ୍ରାମିଂ (ପିଜି-ଡିୟୁଏଏସ୍‌ପି)

ନ୍ୟାସନାଲ କମନ୍ କ୍ୟାମ୍ପସ୍ ପ୍ଲେସମେଣ୍ଟ ପ୍ରୋଗ୍ରାମ୍ (ଏନ୍‌ସିସିପିପି)ର ଆୟୋଜନ ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ, ନଏଡା ଓ ପୁଣେରେ ଅନୁଷ୍ଠିତ ହୋଇଛି

सीडैक CDAC — CENTRE FOR DEVELOPMENT OF ADVANCED COMPUTING

**ପାଠ୍ୟକ୍ରମର ବିଶେଷତା**
- ଉତ୍କୃଷ୍ଟ ପ୍ଲେସମେଣ୍ଟ ରେକର୍ଡ ସହ ସୁପ୍ରତିଷ୍ଠିତ ପାଠ୍ୟକ୍ରମ ।
- ୯୦୦ ଘଣ୍ଟାର ଥିଓରି + ଲ୍ୟାବ୍ + ପ୍ରୋଜେକ୍ଟ ସହ ୨୪ ସପ୍ତାହବ୍ୟାପୀ ପୂର୍ଣ୍ଣକାଳୀନ ପାଠ୍ୟକ୍ରମ ।
- ଅଧିକାଂଶ ସେଣ୍ଟରରେ ଦିନ ପିଛା ୬-୮ ଘଣ୍ଟାର ଥିଓରୀ + ସପ୍ତାହରେ ୬ ଦିନର ଲ୍ୟାବ୍ ଅଧିବେଶନ ।
- ପାଠ୍ୟକ୍ରମ ଅବଧିରେ ନିରବଚ୍ଛିନ୍ନ ଲ୍ୟାବ୍ ଓ ଆଭ୍ୟନ୍ତରୀଣ ମୂଲ୍ୟାୟନ ।
- ସମସ୍ତ ସେଣ୍ଟରରେ କେନ୍ଦ୍ରୀକୃତ ପାଠ୍ୟକ୍ରମ-ଅଭିମୁଖୀ ଥିଓରୀ ପରୀକ୍ଷା ।
- ସି-ଡ୍ୟାକ୍, ଆକାଡେମିଆ ଓ ଆଇସିଟି ଶିଳ୍ପର ଡୋମେନ୍ ବିଶେଷଜ୍ଞଙ୍କ ପରାମର୍ଶ ସହ ପାଠ୍ୟକ୍ରମଗୁଡ଼ିକୁ ଡିଜାଇନ୍ ଓ ବିକଶିତ କରାଯାଇଛି ।
- ସି-ଡ୍ୟାକ୍ ଓ ଆଇସିଟି ଶିଳ୍ପରେ ବ୍ୟାପକ ଡୋମେନ୍ ଜ୍ଞାନ ରଖୁଥିବା ଏକ୍ସପର୍ଟ ଫାକଲ୍ଟି।
- ଆଇସିଟି ଶିଳ୍ପର ମାନକ ସହ ପ୍ରାସଙ୍ଗିକ ହୋଇଥିବା ଟ୍ୟୁଟୋରିଆଲ୍, ପ୍ରାୟୋଗିକ ଅଭିଜ୍ଞତା ଓ ପ୍ରକଳ୍ପ ।
- ଆପ୍ଟିଚ୍ୟୁଡ୍, ଫଳପ୍ରଦ ଯୋଗାଯୋଗ ଏବଂ ସାକ୍ଷାତ୍‌କାର ଦକ୍ଷତା ପରେ ବିଶେଷ ପ୍ରଶିକ୍ଷଣ ।
- ବ୍ୟାପକ ପ୍ଲେସ୍‌ମେଣ୍ଟ ଓରିଏଣ୍ଟେସନ୍ ଏବଂ ଅଞ୍ଚଳୱାରୀ ସାଧାରଣ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ।

**ମହତ୍ତ୍ୱପୂର୍ଣ୍ଣ ତାରିଖ**

ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ
ଜୁନ୍ ୨୫, ୨୦୨୫

ସି-ଡ୍ୟାକ୍ କମନ୍ ଆଡମିଶନ୍ ଟେଷ୍ଟ (ସି-କ୍ୟାଟ୍)
ସି-କ୍ୟାଟ୍ I: ଜୁଲାଇ ୦୫, ୨୦୨୫
ସି-କ୍ୟାଟ୍ II: ଜୁଲାଇ ୦୬, ୨୦୨୫

ପାଠ୍ୟକ୍ରମ ଆରମ୍ଭ ତାରିଖ
ଅଗଷ୍ଟ ୨୧, ୨୦୨୫

CBC-06132/12/0007/2526

**ପାଠ୍ୟକ୍ରମ ଏଠାରେ ଉପଲବ୍ଧ:** • ବେଙ୍ଗାଲୁରୁ • ଭୁବନେଶ୍ୱର • ଚେନ୍ନାଇ • ଗୁଆହାଟୀ • ହାଇଦ୍ରାବାଦ • ଇନ୍ଦୋର • ଜୟପୁର • କୋଚି • କୋଲକାତା • କରାଡ୍ • ମୁମ୍ବାଇ • ନାଗପୁର • ନାସିକ • ନୂଆଦିଲ୍ଲୀ • ନଏଡା • ପାଟନା • ପୁଣେ • ସିଲଚର୍ • ଥିରୁଭାନନ୍ତପୁରମ୍

ଡିୟୁଏଏସ୍‌ପି ପାଠକ୍ରମଗୁଡ଼ିକ ନିମ୍ନଲିଖିତ ଏନ୍‌ଆଇଇଏଲ୍‌ଇଟି ସେଣ୍ଟରରେ ମଧ୍ୟ ଉପଲବ୍ଧ: ଔରାଙ୍ଗାବାଦ, ଭୁବନେଶ୍ୱର, କାଲିକଟ୍, ଇମ୍ଫାଲ, ଶ୍ରୀନଗର

ପାଠ୍ୟକ୍ରମ, ପାଠ୍ୟଖସଡ଼ା, ସି-କ୍ୟାଟ୍, ଯୋଗ୍ୟତା, ପଞ୍ଜୀକରଣ ଓ ଆବେଦନ, ନାମଲେଖା ଓ ଶିକ୍ଷାଦାନ ମାଧ୍ୟମ ସମ୍ବନ୍ଧୀୟ ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ ୱେବ୍‌ସାଇଟ୍ www.cdac.in / acts.cdac.in

+91 20 25503134
9373731598
Available between 10am-1pm & 2pm-5pm on working days

www.facebook.com/OfficiallyACTS | www.cdac.in ; acts.cdac.in



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଡିମାଣ୍ଡ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁକୋ ବ୍ୟାଙ୍କ, ବକ୍ସିବଜାର ରୋଡ୍ ଶାଖାର** ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ବକ୍ସିବଜାର ରୋଡ୍ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଆଣ୍ଡ କୋଃ, ସ୍ୱତ୍ତ୍ୱାଧିକାରୀ: **ଶ୍ରୀ ଶ୍ରୀରାଜ ଦାଶ,** ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶ, **ଠିକଣା - ୧:** ଚନ୍ଦ୍ରାଲୋକ ଆପାର୍ଟମେଣ୍ଟ ନିକଟ, ପ୍ରଫେସରପଡା, ପୋ: କଲେଜ ସ୍କୋୟାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୩, **ଠିକଣା - ୨:** ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ନୂଆଶାସନ, ଧୁରୁସିଆ, ଥାନା: ଖୁଣ୍ଟୁଣୀ, କଟକ - ୭୫୪୦୨୭ | ୧୯.୦୫.୨୦୨୫ ସୁଦ୍ଧା ଟ.୪୨,୫୩,୫୪୦.୪୮ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧) ମେସର୍ସ ଶ୍ରୀ ଆଣ୍ଡ କୋଃ ନାମରେ ଥିବା ସମସ୍ତ କଳକବ୍ଜା ଓ ଯନ୍ତ୍ରପାତି ସହିତ କଞ୍ଚାମାଲ ଓ ସମ୍ପୂର୍ଣ୍ଣ ହୋଇଥିବା ଦ୍ରବ୍ୟର ଷ୍ଟକ୍, ୨) ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୩୨/୧୧୯୮(ଅଂଶ), ଖାତା ନଂ.: ୧୬୨, ଅନୁରୂପ ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ରେଭିନ୍ୟୁ ଗ୍ରାମ: ନୂଆଶାସନ, କ୍ଷେତ୍ର: ଏକର ୦.୪୫୯ ଡିସିମିଲ, ନୂଆଶାସନ ଗ୍ରାମର ସୀମା ଅଧିନ, ତହସିଲ: ଆଠଗଡ, ଥାନା: ଗୁରୁଡିଝାଟିଆ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଇଡ୍‌କୋ ରୋଡ, ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ.: ୫/ସି, ଦକ୍ଷିଣ: ଇଡ୍‌କୋ ପ୍ଲଟ୍ ନଂ.: ୫, ପୂର୍ବ: ଇଡ୍‌କୋ ପ୍ଲଟ୍ ନଂ.: ୫/ଇ | ୦୩.୦୭.୨୦୨୩ / ୧୯.୦୫.୨୦୨୫ |

ଆପଣ ଆମର **ବକ୍ସିବଜାର ରୋଡ୍ ଶାଖା** ସହିତ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରଦର୍ଶିତ ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆକ୍ଟ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ଡିମାଣ୍ଡ ନୋଟିସ୍ ଉପରଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (**NPA**)ରେ ପରିଣତ ହୋଇଛି । ଏଣୁ ଏହି ନୋଟିସ୍‌ର **୬୦ ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ଆପଣଙ୍କୁ ପଇଠ କରିବାକୁ ପଡିବ। ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କ ବନ୍ଧକ ଥିବା ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ । କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ଆପଣ ଉପରୋକ୍ତ କଥିତ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ବ୍ୟାଙ୍କର ଲିଖିତ ସହମତି ବିନା ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍ ବ୍ୟାଙ୍କକୁ ଉପଲବ୍ଧ ଥିବା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଅଧିକାରକୁ ପ୍ରତିହତ କରିବ ନାହିଁ । ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ : ଭୁବନେଶ୍ୱର
ତାରିଖ : ୩୧.୦୫.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

## ୪ରୁ ଛତ୍ରପୁରରେ ହକି ଲିଗ୍ ଚାମ୍ପିୟନଶିପ୍

ଛତ୍ରପୁର,(ସନ୍ତୋଷ ପାଢ଼ୀ): ପଞ୍ଚମ ଏଡିଶନ ଓଡ଼ିଶା ନାଭାଲ ଟାଟା ହକି ଗ୍ରାସ ରୁଟ୍ ଲିଗ୍ ଚାମ୍ପିୟନଶିପ ଫେଜ୍-୧(ଗ୍ରୁପ-୨) ଜୁନ୍ ୪ ତାରିଖରୁ ଛତ୍ରପୁର ହକି ଟ୍ରେନିଂ ସେଣ୍ଟରଠାରେ ଆରମ୍ଭ ହେବ। ଏନେଇ ୨ ତାରିଖ ଅପରାହ୍ନରେ ଛତ୍ରପୁର ସହରରେ ଏକ ରାଲି ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ୫ଶହ ପ୍ରତିଯୋଗୀ ଭାଗ ନେବେ । ଉକ୍ତ ରାଲି ଛତ୍ରପୁର ଠାକୁରାଣୀ ମନ୍ଦିର ଠାରୁ ଆରମ୍ଭ ହୋଇ ପୁରୁଣା ବସଷ୍ଟାଣ୍ଡ, ରିକାପଲୀ, ବଜାର ଛକ ଦେଇ ଛତ୍ରପୁର ହକି ଟ୍ରେନିଂ ସେଣ୍ଟର ରେ ପହଞ୍ଚିବ ।

## ଜିଲାସ୍ତରୀୟ ପୁରୁଷ କବାଡି ଟୁର୍ଣ୍ଣାମେଣ୍ଟ ବୁଗୁଡ଼ା ଚମ୍ପିୟନ, ନାଉଳି ରନର୍ସଅପ

ବୁଗୁଡ଼ା,୩୧।୫(କାଳିଚରଣ ଦାଶ)

ସ୍ଥାନୀୟ ଶ୍ରୀକର ଭଞ୍ଜ ସ୍ପୋର୍ଟ୍ସ ଆଣ୍ଡ କଲଚୁରାଲ ଆସୋସିଏଶନ ତରଫରୁ ଆୟୋଜିତ ଜିଲାସ୍ତରୀୟ ପୁରୁଷ କବାଡି ଟୁର୍ଣ୍ଣାମେଣ୍ଟରେ ବୁଗୁଡ଼ା ଦଳ ଚାମ୍ପିୟନ ହୋଇଛି। ନାଉଳି ଦଳ ରନର୍ସଅପ ହୋଇଛି। ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ଏହି ଦିବା-ରାତ୍ର ଟୁର୍ଣ୍ଣାମେଣ୍ଟରେ ୧୩ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚରେ ପଞ୍ଚମା ଦଳକୁ ପରାସ୍ତ କରି ବୁଗୁଡ଼ା ଦଳ ଏବଂ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ କରାତୁଳି ଦଳକୁ ହରାଇ ନାଉଳି ଦଳ ଫାଇନାଲରେ ପ୍ରବେଶ କରିଥିଲେ। ଉଭୟ ଦଳ ଫାଇନାଲରେ ପରସ୍ପରକୁ ଭେଟିଥିଲେ। ଆସୋସିଏଶନ ସମ୍ପାଦକ ଅନିଲ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ାବିତ୍ ଶରତ ଚନ୍ଦ୍ର ପଟ୍ଟନାୟକ, ଆସୋସିଏଶନ ସଭାପତି ପ୍ରାକ୍ତନ ପ୍ରଫେସର ସୁବାସ ଚନ୍ଦ୍ର ପରିଡା, କ୍ରୀଡ଼ାବିତ ଦୁର୍ଗା ପ୍ରସାଦ ଦାଶ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ପ୍ରଦୀପ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅକ୍ଷୟ ସାହୁ, ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ମହାନ୍ତି, ସହ-ସମ୍ପାଦକ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ବେଷ୍ଟ ରାଡାର ଭାବେ ନାଉଳି ଦଳର ରାଖାଲ ବେହେରା, ବେଷ୍ଟ ଡିଫେଣ୍ଡର ଭାବେ ବୁଗୁଡ଼ା ଦଳର ରବୀନ୍ଦ୍ର ବେହେରା ଓ ଅଲରାଉଣ୍ଡର ଭାବେ ବୁଗୁଡ଼ା ଦଳର ପବିତ୍ର ପୂଜାରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକଙ୍କ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ନାଁ କରିଥିବା ଏମ.ଶ୍ରୀନିବାସ ଦୋରାଙ୍କୁ ପୁରସ୍କୃତ କରାଯାଇଥିଲା। ପିପୁଲ୍ସ କଲେଜ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଚାଲିଥିଲା।

# ୩ ଶୈବପୀଠରେ ଶୀତଳଷଷ୍ଠୀ ଯାତ୍ରା

ଆସିକା, ୩୧।୫ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସହରର ବିଭିନ୍ନ ଶୈବ ପୀଠରେ ଶୁକ୍ରବାର ଶୀତଳଷଷ୍ଠୀ ଓ ଶିବ ବିବାହ ଅନୁଷ୍ଠିତ ହୋଇଛି। ଏଥିପାଇଁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳଙ୍କ ଭିଡ ହୋଇଥିଲା । ଆସିକା ଏନଏସିର ତାଲୁକା ଛକସ୍ଥିତ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ମନ୍ଦିର ପରିଚାଳନା କମିଟି ସଭାପତି ପ୍ରସନ୍ନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଭଗବାନ ଶିବ ଓ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଛି। ଏଥିରେ କନ୍ୟାପିତା ରୂପେ ବିପିନ ବିହାରୀ ଦାସ ଓ ବରପିତା ଭାବେ ଭିକାରୀ ପାତ୍ର ଦାୟିତ୍ୱ ତୁଲାଇଥିଲେ । ସେହିଭଳି ବଜାରସାହିସ୍ଥିତ ତ୍ରିବିଦ୍ଧେଶ୍ୱରଙ୍କ ପୀଠରେ ମନ୍ଦିର ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ଗଙ୍ଗାଧର ଶତପଥୀ ଶିବ ବିବାହ କାର୍ଯ୍ୟରେ ଆଚାଯ ଭାବେ ଯୋଗ ଦେଇଥିଲେ। ଏଠାରେ କନ୍ୟାପିତା ରୂପେ ବାବୁଲି ମହାରଣା ଓ ବରପିତା ରୂପେ ସୁବାସ ମୁନି କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିଭଳି ପୁଡୁଗେଶ୍ୱରପଲ୍ଲୀସ୍ଥିତ ପୁଡୁଗେଶ୍ୱର ମହାଦେବଙ୍କ ପୀଠରେ ଗ୍ରାମ ସଭାପତି ସୂର୍ଯ୍ୟ ନାରାୟଣ ନାହାକଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ସୁନିଲ ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ । କନ୍ୟାପିତା ରୂପେ ଗଣେଶ ମହାନ୍ତି ଓ ବରପିତା ରୂପେ ବାପି ବିଶ୍ୱାଳ ଉପସ୍ଥିତ ଥିଲେ । ପାରମ୍ପରିକ ବରଯାତ୍ରୀ ଶୋଭାଯାତ୍ରା, ନିର୍ବନ୍ଧ, ନଗର ପରିକ୍ରମା, ବାଟବରଣଠାରୁ ଆରମ୍ଭ କରି ହସ୍ତଗ୍ରନ୍ଥି, କଉଡି ଖେଳ, ବନ୍ଦାପନା, ହୋମ ପୂଜାଆଦି ସମ୍ପନ୍ନ ହୋଇଥିଲା।

# ଜି.ଉଦୟଗିରି ଠାରେ ଶୀତଳଷଷ୍ଠୀ ଯାତ୍ରା

ଜି.ଉଦୟଗିରି,୩୧।୫ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)



ଜି.ଉଦୟଗିରି ସ୍ଥିତ ଶ୍ରୀ ଧବଳେଶ୍ୱର ଓ ଶ୍ରୀ ଆନନ୍ଦେଶ୍ୱର ମହାପ୍ରଭୁ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଶୁକ୍ରବାର ବିବାହ ନିମନ୍ତେ ଗୁଆ ଅନୁକୂଳ ହୋଇଥିଲା। ଶନିବାର ଉଭୟ ଠାକୁର ନିଜ ନିଜ ମନ୍ଦିରରୁ ପିତା ଓ ବରଯାତ୍ରୀଙ୍କ ସହ ଆସିବା ପରେ ଗାନ୍ଧୀ ଛକ ଠାରେ କନ୍ୟା ପିତାଙ୍କ ଦ୍ୱାରା ଉଭୟ ଠାକୁରଙ୍କ ବାଟ ବରଣ ହୋଇଥିଲା। ଉଭୟ ଠାକୁର ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଶାସ୍ତ୍ର ରୀତିନୀତି ଅନୁଯାୟୀ ଉଭୟ ମନ୍ଦିର ପ୍ରାଙ୍ଗଣରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଧବଳେଶ୍ୱର ମନ୍ଦିର ପୂଜକ ସନ୍ତୋଷ ମୁନିଙ୍କ ଉପସ୍ଥିତିରେ ବାବା ଧବଳେଶ୍ୱର ଠାକୁରଙ୍କ ବିବାହ ନିମନ୍ତେ ପ୍ରତାପ କୁମାର ପଣ୍ଡା ବରପିତା ହୋଇଥିବା ବେଳେ କନ୍ୟାପିତା ସୁବାସ ଚନ୍ଦ୍ର ଦାସ କନ୍ୟାଦାନ କରିଥିଲେ। ବରିଷ୍ଠ ପୁରୋହିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ।

# ବର୍ଷବ୍ୟାପୀ ନିଶାଦ୍ରବ୍ୟ ବିରୋଧରେ ଅଭିଯାନ କରିବ ଅବକାରୀ ବିଭାଗ

## ଯୁବପିଢିଙ୍କୁ ନିଶାଦ୍ରବ୍ୟଠାରୁ ଦୂରେଇ ରଖିବାକୁ ପ୍ରୟାସ

ଫୁଲବାଣୀ, ୩୧।୫(ରାକେଶ କୁମାର ରାଉତ)

ଅବକାରୀ ବିଭାଗ ପକ୍ଷରୁ ବର୍ଷବ୍ୟାପୀ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ କରାଯିବ। ଏହି ଅବସରରେ ଫୁଲବାଣୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। କମ୍ପାନୀମାନେ ଆକର୍ଷଣୀୟ ବିଜ୍ଞାପନ, ଫ୍ଲେଭରଯୁକ୍ତ ଉତ୍ପାଦ ଓ ଇ-ସିଗାରେଟ ଜରିଆରେ ଯୁବକମାନଙ୍କୁ ଟାର୍ଗେଟ କରୁଛନ୍ତି। ସେମାନଙ୍କ ଏହି ତରିକାକୁ ଚିହ୍ନି ଯୁବପିଢ଼ିଙ୍କୁ ତମାଖୁ ଦ୍ରବ୍ୟରୁ ଦୂରେଇ ରହିବାକୁ ପରାମର୍ଶ ଦେବା ଓ ଏନେଇ ଶିକ୍ଷା ଓ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ। ପଞ୍ଚାୟତିରାଜ ବିଭାଗ, କ୍ରୀଡା ବିଭାଗ, ମିଶନ ଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ନିଶା ଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ, ପୋଲିସ ବିଭାଗ ଅଭିଯାନରେ ଅବକାରୀ ବିଭାଗକୁ ସହାୟତା କରିବେ। ସଚେତନତା ରଥ ଦ୍ୱାରା ଲୋକକଳା ମାଧ୍ୟମରେ ଜିଲାରେ ସଚେତନତା ସୃଷ୍ଟି କରାଯିବ। ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ଏସ୍‌ପି ହରିଶ ବି.ସି, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଉପ ଜିଲାପାଳ ଭିକାରୀ ସାହୁ, ଡ଼ିଏଫଓ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅକ୍ଷୟ ସେଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶେଷ ପର୍ଯ୍ୟାୟରେ ଠାକୁରାଣୀ ଯାତ୍ରା ବାଘ ନାଚରେ ଦୁଲୁକୁଛି ସହର, ମନମୋହୁଛି ମିନାବଜାର

ପୁରୁଷୋତ୍ତମପୁର,୩୧।୫ (ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁରର ପ୍ରସିଦ୍ଧ ଐତିହାସିକ ପଞ୍ଚ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରାର ଶେଷ ପର୍ଯ୍ୟାୟର ଶନିବାର ୨୫ ଦିନରେ ପହଞ୍ଚିଛି। ମା' ପଞ୍ଚଠାକୁରାଣୀଙ୍କ ଆଶୀର୍ବାଦ ଭିକ୍ଷା ଲାଗି ବଡବଜାର ଅସ୍ଥାୟୀ ମନ୍ଦିରରେ ଭକ୍ତଙ୍କ ଭିଡ ଲାଗି ରହିଛି। ଏହି ଅବସରରେ ମାନସିକଧାରୀଙ୍କ ବିଭିନ୍ନ ବେଶ ମାନ ଦେଖିବାକୁ ମିଳୁଛି। ବିଶେଷକରି ମା' ଙ୍କ ପ୍ରସିଦ୍ଧ ବାଘବେଶ ଅଧିକ ଆକର୍ଷଣ ପାଲଟି ସହରକୁ ଦୁଲୁକାଇ ଦେଉଛି। ଏହି ମନୋରଞ୍ଜନ କାର୍ଯ୍ୟକ୍ରମକୁ ଏନ୍‌ଏସି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ସଭାପତି ରବିନ୍ଦ୍ର ମହାରଣା ଓ ନିଳାଞ୍ଚଳ ମହାପାତ୍ର ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ।

## ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଦିଗପହଣ୍ଡି,୩୧।୫ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଏନ୍‌ଏସିର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବିନାଶ ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଏବଂ କର୍ମଚାରୀ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ଡ. ଅଶୋକ କର୍ଣ୍ଣଙ୍କୁ ନବରଙ୍ଗପୁର ପୌରପାଳିକା ନିର୍ବାହୀ ଅଧିକାରୀ ଭାବେ ବଦଳି ହେବା ପରେ ଏହି ପଦବୀ ଖାଲି ପଡିଥିଲା। ମୁଖ୍ୟ କିରାଣୀ ରାଜକିଶୋର ରଥ, କାଳୁ ଚରଣ ପ୍ରଧାନ, ମୃତ୍ୟୁଞ୍ଜୟ ଦାସ, ଡିଇଓ ସନ୍ତୋଷ ପାଢୀ, ହରିକୃଷ୍ଣ ସାହୁ, ବାଳକୃଷ୍ଣ ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ଇଂ.ମମତା କୁମାରୀ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଇଂ.ରଶ୍ମିରାଣୀ ନାହାକ, ସ୍ୱାଗତିକା ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ୪ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମୋହନା,୩୧।୫(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ବ୍ଲକର ୪ ଜଣ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରଗ୍ରହଣ କରିଥିବା ଶିକ୍ଷକ ଶଙ୍କର ପଣ୍ଡା, ସଂସାରୀ ସେଠୀ, ପ୍ରସନ୍ନ ନାୟକ ଓ ରାଜେନ୍ଦ୍ର ପ୍ରସାଦ ନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ କୁରେସ ସେଠୀ, ଏବଇଓ ଯୁଧିଷ୍ଠିର ବେହେରା, ଶିକ୍ଷାବିତ୍ ମଧୁସୁଦନ ପାଢୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଆଦର୍ଶ କଲୋନୀ ପରିଦର୍ଶନ କଲେ ବିଧାନସଭା ଷ୍ଟାଣ୍ଡିଂ କମିଟି

ଗୋପାଳପୁର,୩୧।୫(ନବୀନ ରାଜ ଆଚାରୀ)

ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଆଦର୍ଶ କଲୋନୀକୁ ଶନିବାର ବିଧାନସଭା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ସନାତନ ବିଜୁଳିଙ୍କ ନେତୃତ୍ୱରେ ଏକ ଟିମ୍ ପରିଦର୍ଶନ କରିଥିଲେ। ପୂର୍ବାହ୍ନରେ ଏହି ଟିମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଆଦର୍ଶ କଲୋନୀ ପରିଦର୍ଶନ କରିବା ସହ କିଭଳି ହିତାଧିକାରୀଙ୍କୁ ସରକାରୀ ଜମି ଯୋଗାଇ ଦିଆଯାଇଥିଲା ଏବଂ ପୂର୍ବରୁ ଉକ୍ତ କିସମ କଣ ରହିଥିଲା, କେତେ ହିତାଧିକାରୀଙ୍କ ଜାଗା ପ୍ରଦାନ କରାଯାଇଥିଲା ଅଧିକାରୀମାନଙ୍କୁ ପଚରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ବାସଗୃହ ପ୍ରଦାନ କରାଯାଇଛି। ଡ୍ରେନେଜ ଓ ରାସ୍ତା ମଧ୍ୟ କରାଯାଇଛି। ଉନ୍ନୟନମୂଳକ କାର୍ଯ୍ୟ କେଉଁ ପାଣ୍ଠିରୁ ଆସିଥିଲା ଓ କିଭଳି ଖର୍ଚ୍ଚ ହୋଇଥିଲା ଏବଂ ଯୋଜନା ସମ୍ପର୍କରେ ଅଧିକାରୀ ପଚାରି ବୁଝିଥିଲେ। ହିତାଧିକାରୀଙ୍କ ଘରକୁ ଯାଇ ଆଲୋଚନା କରିଥିଲେ। କଲୋନୀ ପରିଦର୍ଶନରେ ଛତ୍ରପୁର ଅଭିମୁଖେ ଯାଇଥିଲେ। ଏହି କମିଟିରେ ବିଧାୟକ ଦେବୀ ରଂଜନ ତ୍ରିପାଠୀ, ଅରବିନ୍ଦ ମହାପାତ୍ର, ପ୍ରତାପ ନାୟକଙ୍କ ସମେତ ଅନ୍ୟ ଜନ ପ୍ରତିନିଧି ରହିଥିଲେ। ଏହି ଅବସରରେ ବିଜ୍ଞାପିତ ପରିଷଦ ଅଧ୍ୟକ୍ଷ ଏ. ଜାନକୀରାମ, ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଏନଏସି କାର୍ଯ୍ୟକାରୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, ଜେଇ ମଞ୍ଜିତା ରଥ, କାଉନସିଲର ଏମ. ମୋହନ, ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**OFFICE OF THE PRINCIPAL, ROURKELA COLLEGE, ROURKELA**

No. 762/RCR/ Date. 31.05.2025

**WALK-IN-INTERVIEW**

**(FOR ENGAGEMENT OF GUEST FACULTY 2025-2026)**

A walk-in-Interview for engagement of Guest Faculty for the session 2025 - 2026 will be held in the office of the undersigned from **10:00 A.M.** to **1:00 P.M.** on **18.06.2025** in the subjects **Education, Library Science, English, Political Science, History, Economics, Odia** and from **10:00 A.M.** to **1:00 P.M.** on **19.06.2025** in **Psychology, Geography, Sociology, Hindi, Commerce and Logic & Philosophy** in strict adherence to DHE, Govt. of Odisha letter No. 26445/H.E. dated 23.05.2025. The interested candidates must have a Master's Degree in the subject concerned from a recognised University with at least 55% marks or its equivalent grade with a Second Class in the Bachelor's Degree.

Sd./- Principal
Rourkela College, Rourkela

**कार्यालय, कार्यपालन अभियंता**
**खारंग जल संसाधन संभाग, बिलासपुर (छ.ग.)**
**निविदा निरस्तीकरण आदेश**

आदेश क्रमांक /व.ले.लि/ बिलासपुर, दिनांक ................

निविदा सूचना क्र. 26/व.ले.लि/2024-25 दिनांक 28.02.2025 निविदा सिस्टम क्र. 164758 (प्रथम आमंत्रण) बिलासपुर जिले के विकासखण्ड मस्तुरी अंन्तर्गत ग्राम सीपत स्थित पनभरिया जलाशय का उन्नयन कार्य राशि रूपये 267.01 लाख को एकल निविदा होने के कारण निविदा निरस्त किया जाता है।

स्वा: /- कार्यपालन अभियंता
खारंग जल संसाधन संभाग,
बिलासपुर (छ.ग.)

विज्ञापन क्र. जी-242505677/ दिनांक 04.03.2025
G-252601272/3

## ଶୁଖୁଆ ହାଟରେ ଓଜନ ଠକେଇ ଅଭିଯୋଗ

ଗଞ୍ଜାମ,୩୧।୫(ବିଦ୍ୟାଧର ସାହୁ)

୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଠାରେ ଜିଲା ପ୍ରସିଦ୍ଧ ହୁମା ଶୁଖୁଆ ହାଟ ଅବସ୍ଥିତ। ସେଠାରେ ପ୍ରତ୍ୟେକ ରବିବାର ହାଟ ବସୁଥିଲେ ମଧ୍ୟ ଶନିବାର ରାତିରୁ ସୋରଡ, ସୋନପୁର, ସୁମାଣ୍ଡି ଆଦି ସ୍ଥାନରୁ ଶୁଖୁଆ ବେପାରୀ ମାନେ ଆସି ସେଠାରେ ଡେରା ପକାନ୍ତି। ବିଭିନ୍ନ ରକମର ଶୁଖୁଆ ଏଠାରେ ହୋଲସେଲ ବିକ୍ରି ହୁଏ। ଏଠାରେ ୨ କିଲୋଗ୍ରାମକୁ ଏକ ବିଷା ଆକାରରେ ଶୁଖୁଆ ବିକ୍ରି ହୋଇଥାଏ । ଗୋଲରା ବିଷା ପ୍ରତି ୧୪୦, ଖଇଙ୍ଗା ୨୫୦ ଏବଂ ଅନ୍ୟାନ୍ୟ ଶୁଖୁଆ ପ୍ରାୟ ୨୦୦ ଟଙ୍କାରେ ବିକ୍ରି ହେଉଛି। ବର୍ତ୍ତମାନ ଉକ୍ତ ହାଟରେ ଶୁଖୁଆ ବେପାରୀ ମାନେ ଓଜନରେ ଠକେଇ କରୁଥିବା ଅଭିଯୋଗ ହୋଇଛି। କିଲେ ଶୁଖୁଆ ଅନ୍ୟ ସ୍ଥାନରେ କିମ୍ବା କମ୍ପ୍ୟୁଟର କାଣ୍ଟାରେ ଓଜନ କଲେ ତାହା ୮୦୦ ଗ୍ରାମ ହେଉଥିବା ପୁଇଁତୋଳା ଗ୍ରାମର ଶିବରାମ ଜେନା ଅଭିଯୋଗ କରିଛନ୍ତି । ଉକ୍ତ ହାଟ ଏବେ ମତ୍ସ୍ୟ ବିଭାଗ ଅଧୀନରେ ରହିଛି। ପ୍ରତ୍ୟେକ ମାସରେ ଓଜନ ମାପ ଦଣ୍ଡ କରିବା ନିୟମ ଥିଲେ ମଧ୍ୟ ତାହା କରାଯାଉନି ଫଳରେ ବେପାରୀ ମାନେ ମନଇଚ୍ଛା ବିକ୍ରି କରୁଛନ୍ତି।

## ଷ୍ଟ୍ରିଟଲାଇଟ୍ ନାହିଁ, ଲୋକେ ହଇରାଣ

ଚିକିଟି,୩୧।୫ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ୍ ଅନ୍ତର୍ଗତ ନୂଆପଡା ଗ୍ରାମ କେଉଟସାହିରେ ଦୀର୍ଘଦିନ ଧରି ଷ୍ଟ୍ରିଟଲାଇଟ ନାହିଁ। ଯାହା ଫଳରେ ରାତିରେ ଯାତାୟତ ବେଳେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସାହି ବାସିନ୍ଦା ପକ୍ଷରୁ ବାରମ୍ବାର ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ବିଦ୍ୟୁତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ସାହି ବାସିନ୍ଦା ଅବସରପ୍ରାପ୍ତ ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ଟି.କୁର୍ମୁସ୍ୱାମୀ ଅଭିଯୋଗ କରିଛନ୍ତି। ଦୀର୍ଘ ଏକ ସପ୍ତାହ ଧରି ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ଲାଗିରହିଛି। ଫଳରେ ସାହିର ଅନେକ ସ୍ଥାନରେ ପାଣି ଜମା ହୋଇ ଖାଲଖମା ଜଣାପଡୁନାହିଁ। ଷ୍ଟ୍ରିଟ ଲାଇଟ ନ ଥିବାରୁ ଲୋକେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ନୂଆପଡା ପଞ୍ଚାୟତ ସରପଞ୍ଚ ବି.ସନମୁଖଙ୍କୁ ପଚାରିବାରୁ ସେ କହିଲେ ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଉକ୍ତ ସାହିରେ ଷ୍ଟ୍ରିଟଲାଇଟର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

**GOVERNMENT OF ODISHA** No.O-226
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**

E.Mail - rw_sundargarh@yahoo.co.in

**E-PROCUREMENT NOTICE**

**BID IDENTIFICATION NO. ONLINE-SESNG-03 of 2025-26**

1. Name of the Work : Building Work, 2. Total No. of works : 01 no. Building, 3. Estimated cost : Rs. 56.03 Lakhs, 4. Class of contractor : Only 'B', 5. Period of completion : 09 calendar months, 6. Type of Tender : Double Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-03 of 2025-26 | 04.06.2025 11.00 A.M. | 18.06.2025 06.00 P.M. |

Further details can be seen from the website www.tendersorissa.gov.in.

Sd./-Superintending Engineer
Rural Works Division,
Sundargarh

OIPR-25046/11/0056/2526

**e-Procurement Cell**
**OFFICE OF THE EXECUTIVE ENGINEER BUILDING CONSTRUCTION DEPARTMENT BUILDING DIVISION NO. – 1, RANCHI**
**(Behind State Guest House Morhabadi) Dindayal Nagar Booty Road Ranchi-834008**
**Short Term e-Procurement Notice**

Date – 30-05-2025

| Sl. No. | Tender Reference No. | Work Name | Amount (Rs.) | Completion Time |
|---|---|---|---|---|
| 1 | BCD/Div.No.-1, Ranchi/12/2025-26 | Construction of New Veterinary Hospital Building (G+1) at Singhmore, Ranchi | 29359000 | Nine Month |
| 2 | Start Date of Submission of Bids | | 09-06-2025 at 11.00 AM | |
| 3 | Last Date/Time of Submission of Bids | | 19-06-2025 at 11.00 AM | |
| 4 | Date/Time of Opening of Bid | | 20-06-2025 at 11.00 AM | |
| 5 | Helpline Number of e-procurement Cell | | 8527519262 | |
| 6 | e-mail ID | | eebcddiv1ranchi@gmail.com | |
| | Note : - Cost of bidding document (Non Refundable) & Bid Security Shall be payable on online through http://Jharkhandtenders.gov.in Any Change can be on Website http://Jharkhandtenders.gov.in Any Other information can be on Website http://Jharkhandtenders.gov.in | | | |

Executive Engineer
Building Construction Department
Building Division No. 1, Ranchi

PR 354004 Building(25-26)D

**कार्यालय जिला परिषद, हजारीबाग**

पुनः अल्पकालीन ई–निविदा आमंत्रण सूचना संख्या :– 08/2025–26

दिनांक 30/05/2025

मद का नाम :– जिला खनिज फाउण्डेशन ट्रस्ट।

| क्र0 | प्रखण्ड | योजना का नाम | प्राक्कलित राशि | परिमाण विपत्र का मूल्य | अग्रधन की राशि | योजना पूर्ण करने की तिथि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | बड़कागांव | पंचायत गरसुल्ला के उत्क्रमित मध्य विद्यालय से ग्राम बिहड़ के ऑंगनबाड़ी केन्द्र तक पथ निर्माण। | 10622400.00 | 10000.00 | 213000.00 | एक वर्ष |

1. वेबसाईट में निविदा प्रकाशन की तिथि 04.06.2025
2. ई–निविदा प्राप्ति की तिथि एवं समय 05.06.25 से 19.06.2025 अपराह्न 5:00 बजे तक।
3. निविदा खोलने का स्थान– जिला परिषद, हजारीबाग।
4. निविदा खोलने की तिथि एवं समय 21.06.2025 पूर्वाह्न 10:00 बजे।
5. निविदा आमंत्रित करने वाले पदाधिकारी का नाम एवं पता – जिला अभियंता, जिला परिषद, हजारीबाग।
6. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
7. ई–निविदा प्रकोष्ठ का दूरभाष सं0–06546 261406 ई–मेल – districtboardhazaribag@gmail.com
8. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता बंद कर दिया जाता है तो उसकी सारी जवाबदेही आपकी होगी।
9. निविदा की शर्तें कार्यालय के सूचना पट्ट या www.jharkhandtenders.gov.in पर देखा जा सकता है।

जिला अभियंता,
जिला परिषद, हजारीबाग

PR 353948 District(25-26).D


ॲक्टस acts

ଅଗଷ୍ଟ ୨୦୨୫ ବ୍ୟାଚ୍ ପାଇଁ ଆଇସିଟି ଡୋମେନ୍‌ରେ **ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ** ପାଇଁ ନାମଲେଖା ଘୋଷଣା

ସି-ଡ୍ୟାକ୍ ଇଞ୍ଜିନିୟରିଂରେ ସ୍ନାତକ (ଚୟନିତ ଶୃଙ୍ଖଳା) କିମ୍ବା ବିଜ୍ଞାନରେ ସ୍ନାତକୋତ୍ତର (ଚୟନିତ ଶୃଙ୍ଖଳା) ଅଥବା ଏମ୍.ସି.ଏ. ନିମନ୍ତେ ନିମ୍ନଲିଖିତ ୧୩ଟି କ୍ୟାରିୟର ଅଭିମୁଖୀ ପୂର୍ଣ୍ଣକାଳୀନ ୨୪ ସପ୍ତାହବ୍ୟାପୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଘୋଷଣା କରୁଛି । **ସାଧାରଣ ଏବଂ ପାଠ୍ୟକ୍ରମ ପାଇଁ ବିଶେଷ ଭାବେ ପ୍ରଯୁଜ୍ୟ ଯୋଗ୍ୟତା ମାନଦଣ୍ଡ ପାଇଁ ଦୟାକରି acts.cdac.in ପରିଦର୍ଶନ କରନ୍ତୁ ଏବଂ ନାମଲେଖା ପୁସ୍ତିକା ଦେଖନ୍ତୁ ।**

**ଆଇସିଟିରେ ସ୍ନାତକୋତ୍ତର (ପୋଷ୍ଟ ଗ୍ରାଜୁଏଟ୍) ଡିପ୍ଲୋମା**

- ଆଡଭାନ୍ସଡ୍ କମ୍ପ୍ୟୁଟିଂ (ପିଜି-ଡିଏସି)
- ବିଗ୍ ଡାଟା ଆନାଲିଟିକ୍ସ (ପିଜି-ଡିବିଡିଏ)
- ଏମ୍ବେଡେଡ୍ ସିଷ୍ଟମ୍ସ ଡିଜାଇନ୍ (ପିଜି-ଡିଇଏସ୍‌ଡି)
- ଆଇଟି ଇନ୍‌ଫ୍ରାଷ୍ଟ୍ରକ୍ଚର, ସିଷ୍ଟମ୍ସ ଆଣ୍ଡ ସିକ୍ୟୁରିଟି (ପିଜି-ଡିଆଇଟିଆଇଏସ୍‌ଏସ୍)
- ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ପିଜି-ଡିଏଆଇ)
- ଭିଏଲ୍‌ଏସ୍‌ଆଇ ଡିଜାଇନ୍ (ପିଜି-ଡିଭିଏଲ୍‌ଏସ୍‌ଆଇ)
- ମୋବାଇଲ କମ୍ପ୍ୟୁଟିଂ (ପିଜି-ଡିଏମ୍‌ସି)
- ଆଡ୍‌ଭାନ୍ସଡ୍ ସିକ୍ୟୋର୍ ସଫ୍ଟୱେର୍ ଡେଭଲପମେଣ୍ଟ (ପିଜି-ଡିଏସ୍‌ଏସ୍‌ଡି)
- ଏଚ୍‌ପିସି ସିଷ୍ଟମ୍ ଆଡ୍‌ମିନିଷ୍ଟ୍ରେସନ୍ (ପିଜି-ଡିଏଚ୍‌ପିସିଏସ୍‌ଏ)
- ରୋବୋଟିକ୍ସ ଆଣ୍ଡ ଆଲାଏଡ୍ ଟେକ୍ନୋଲୋଜିସ୍ (ପିଜି-ଡିଆର୍‌ଏଟି)
- ଫିନ୍‌ଟେକ୍ ଆଣ୍ଡ ବ୍ଲକ୍‌ଚେନ୍ ଡେଭଲପମେଣ୍ଟ (ପିଜି-ଡିଏଫ୍‌ବିଡି)
- ସିକ୍ୟୁରିଟି ଆଣ୍ଡ ଫରେନ୍‌ସିକ୍ସ (ପିଜି-ଡିସିଏସ୍‌ଏଫ୍)
- ଅନ୍‌ମ୍ୟାନଡ୍ ଏୟାରକ୍ରାଫ୍ଟ ସିଷ୍ଟମ୍ ପ୍ରୋଗ୍ରାମିଂ (ପିଜି-ଡିୟୁଏଏସ୍‌ପି)

ନ୍ୟାସନାଲ କମନ୍ କ୍ୟାମ୍ପସ୍ ପ୍ଲେସମେଣ୍ଟ ପ୍ରୋଗ୍ରାମ୍ (ଏନ୍‌ସିସିପିପି)ର ଆୟୋଜନ ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ, ନଏଡା ଓ ପୁଣେରେ ଅନୁଷ୍ଠିତ ହୋଇଛି

ସୀ-डैक CDAC

**ପାଠ୍ୟକ୍ରମର ବିଶେଷତା**

- ଉତ୍କୃଷ୍ଟ ପ୍ଲେସମେଣ୍ଟ ରେକର୍ଡ ସହ ସୁପ୍ରତିଷ୍ଠିତ ପାଠ୍ୟକ୍ରମ ।
- ୯୦୦ ଘଣ୍ଟାର ଥିଓରି + ଲ୍ୟାବ୍ + ପ୍ରୋଜେକ୍ଟ ସହ ୨୪ ସପ୍ତାହବ୍ୟାପୀ ପୂର୍ଣ୍ଣକାଳୀନ ପାଠ୍ୟକ୍ରମ ।
- ଅଧିକାଂଶ ସେଣ୍ଟରରେ ଦିନ ପିଛା ୬-୮ ଘଣ୍ଟାର ଥିଓରୀ + ସପ୍ତାହରେ ୬ ଦିନର ଲ୍ୟାବ୍ ଅଧିବେଶନ ।
- ପାଠ୍ୟକ୍ରମ ଅବଧିରେ ନିରବଚ୍ଛିନ୍ନ ଲ୍ୟାବ୍ ଓ ଆଭ୍ୟନ୍ତରୀଣ ମୂଲ୍ୟାୟନ ।
- ସମସ୍ତ ସେଣ୍ଟରରେ କେନ୍ଦ୍ରୀକୃତ ପାଠ୍ୟକ୍ରମ-ଅଭିମୁଖୀ ଥିଓରୀ ପରୀକ୍ଷା ।
- ସି-ଡ୍ୟାକ୍, ଆକାଡେମିଆ ଓ ଆଇସିଟି ଶିଳ୍ପର ଡୋମେନ୍ ବିଶେଷଜ୍ଞଙ୍କ ପରାମର୍ଶ ସହ ପାଠ୍ୟକ୍ରମଗୁଡ଼ିକୁ ଡିଜାଇନ୍ ଓ ବିକଶିତ କରାଯାଇଛି ।
- ସି-ଡ୍ୟାକ୍ ଓ ଆଇସିଟି ଶିଳ୍ପରେ ବ୍ୟାପକ ଡୋମେନ୍ ଜ୍ଞାନ ରଖୁଥିବା ଏକ୍ସପର୍ଟ ଫାକଲ୍ଟି।
- ଆଇସିଟି ଶିଳ୍ପର ମାନକ ସହ ପ୍ରାସଙ୍ଗିକ ହୋଇଥିବା ଟ୍ୟୁଟୋରିଆଲ, ପ୍ରାୟୋଗିକ ଅଭିଜ୍ଞତା ଓ ପ୍ରକଳ୍ପ ।
- ଆପ୍ଟିଚ୍ୟୁଡ୍, ଫଳପ୍ରଦ ଯୋଗାଯୋଗ ଏବଂ ସାକ୍ଷାତ୍କାର ଦକ୍ଷତା ପରେ ବିଶେଷ ପ୍ରଶିକ୍ଷଣ ।
- ବ୍ୟାପକ ପ୍ଲେସମେଣ୍ଟ ଓରିଏଣ୍ଟେସନ୍ ଏବଂ ଅଞ୍ଚଳୱାରୀ ସାଧାରଣ କ୍ୟାମ୍ପସ୍ ପ୍ଲେସମେଣ୍ଟ ।

**ମହତ୍ତ୍ୱପୂର୍ଣ୍ଣ ତାରିଖ**

ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ
ଜୁନ୍ ୨୫, ୨୦୨୫

ସି-ଡ୍ୟାକ୍ କମନ୍ ଆଡମିଶନ୍ ଟେଷ୍ଟ (ସି-କ୍ୟାଟ୍)
ସି-କ୍ୟାଟ୍ I: ଜୁଲାଇ ୦୫, ୨୦୨୫
ସି-କ୍ୟାଟ୍ II: ଜୁଲାଇ ୦୬, ୨୦୨୫

ପାଠ୍ୟକ୍ରମ ଆରମ୍ଭ ତାରିଖ
ଅଗଷ୍ଟ ୨୧, ୨୦୨୫

CBC-06132/12/0007/2526

**ପାଠ୍ୟକ୍ରମ ଏଠାରେ ଉପଲବ୍ଧ:** • ବେଙ୍ଗାଲୁରୁ • ଭୁବନେଶ୍ୱର • ଚେନ୍ନାଇ • ଗୁଆହାଟୀ • ହାଇଦ୍ରାବାଦ • ଇନ୍ଦୋର • ଜୟପୁର • କୋଚି • କୋଲକାତା • କରାଡ଼ • ମୁମ୍ବାଇ • ନାଗପୁର • ନାସିକ • ନୂଆଦିଲ୍ଲୀ • ନଏଡା • ପାଟନା • ପୁଣେ • ସିଲଚର୍ • ଥିରୁଭାନନ୍ତପୁରମ୍
ଡିୟୁଏଏସ୍‌ପି ପାଠକ୍ରମଗୁଡ଼ିକ ନିମ୍ନଲିଖିତ ଏନ୍‌ଆଇଇଏଲ୍‌ଇଟି ସେଣ୍ଟରରେ ମଧ ଉପଲବ୍ଧ: ଔରାଙ୍ଗାବାଦ, ଭୁବନେଶ୍ୱର, କାଲିକଟ୍, ଇମ୍ଫାଲ, ଶ୍ରୀନଗର
ପାଠ୍ୟକ୍ରମ, ପାଠ୍ୟଖସଡ଼ା, ସି-କ୍ୟାଟ୍, ଯୋଗ୍ୟତା, ପଞ୍ଜୀକରଣ ଓ ଆବେଦନ, ନାମଲେଖା ଓ ଶିକ୍ଷାଦାନ ମାଧ୍ୟମ ସମ୍ବନ୍ଧୀୟ ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ ୱେବ୍‌ସାଇଟ୍ www.cdac.in / acts.cdac.in

+91 20 25503134
9373731598
Available between 10am-1pm & 2pm-5pm on working days

www.facebook.com/OfficiallyACTS

www.cdac.in ; acts.cdac.in


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଡିମାଣ୍ଡ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁକୋ ବ୍ୟାଙ୍କ, ବଜ୍ରକବାଟି ରୋଡ୍ ଶାଖାର** ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ବଜ୍ରକବାଟି ରୋଡ୍ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଆଣ୍ଡ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶ, ଠିକଣା - ୧: ଚନ୍ଦ୍ରାଲୋକ ଆପାର୍ଟମେଣ୍ଟ ନିକଟ, ପ୍ରଫେସରପଡା, ପୋ: କଲେଜ ସ୍କୋୟାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୩, ଠିକଣା - ୨: ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ନୂଆଶାସନ, ଧୁରୁସିଆ, ଥାନା: ଖୁଣ୍ଟୁଣୀ, କଟକ - ୭୫୪୦୨୭ | ୧୯.୦୫.୨୦୨୫ ସୁଦ୍ଧା ଟ.୪୨,୫୩,୫୪୦.୪୮ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧) ମେସର୍ସ ଶ୍ରୀ ଆଣ୍ଡ କୋଃ ନାମରେ ଥିବା ସମସ୍ତ କଳକବ୍ଜା ଓ ଯନ୍ତ୍ରପାତି ସହିତ କଞ୍ଚାମାଲ ଓ ସମ୍ପୂର୍ଣ୍ଣ ହୋଇଥିବା ଦ୍ରବ୍ୟର ଷ୍ଟକ୍, ୨) ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୩୨/୧୧୯୮(ଅଂଶ), ଖାତା ନଂ.: ୧୬୨, ଅନୁରୂପ ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ରେଭିନ୍ୟୁ ଗ୍ରାମ: ନୂଆଶାସନ, କ୍ଷେତ୍ର: ଏକର ୦.୪୫୯ ଡିସିମିଲି, ନୂଆଶାସନ ଗ୍ରାମର ସୀମା ଅଧିନ, ତହସିଲ: ଆଠଗଡ, ଥାନା: ଗୁରୁଡିଝାଟିଆ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଇଡ୍‌କୋ ରୋଡ, ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ.: ୫/ସି, ଦକ୍ଷିଣ: ଇଡ୍‌କୋ ପ୍ଲଟ୍ ନଂ.: ୫, ପୂର୍ବ: ଇଡ୍‌କୋ ପ୍ଲଟ୍ ନଂ.: ୫/ଇ | ୦୩.୦୭.୨୦୨୩ / ୧୯.୦୫.୨୦୨୫ |

ଆପଣ ଆମର **ବଜ୍ରକବାଟି ରୋଡ୍ ଶାଖା** ସହିତ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରଦର୍ଶିତ ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆକ୍ଟ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ରେଜିଷ୍ଟ୍ରେଡ୍ ଡ଼ାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ଡ଼ିମାଣ୍ଡ ନୋଟିସ୍ ଉପରଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (**NPA**)ରେ ପରିଣତ ହୋଇଛି । ଏଣୁ ଏହି ନୋଟିସ୍‌ର **୬୦ ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ଆପଣଙ୍କୁ ପଇଠ କରିବାକୁ ପଡିବ। ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କ ବନ୍ଧକ ଥିବା ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ । କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ଆପଣ ଉପରୋକ୍ତ କଥିତ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ବ୍ୟାଙ୍କର ଲିଖିତ ସହମତି ବିନା ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍ ବ୍ୟାଙ୍କକୁ ଉପଲବ୍ଧ ଥିବା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଅଧିକାରକୁ ପ୍ରତିହତ କରିବ ନାହିଁ । **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ଭୁବନେଶ୍ୱର
ତାରିଖ : ୩୧.୦୫.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

**ସଂକ୍ଷେପରେ**

## ଦୁର୍ଘଟଣାଗ୍ରସ୍ତଙ୍କୁ ଚିକିତ୍ସା ଯୋଗାଇବ ଏକେ ହସ୍ପିଟାଲ

**ପାଣିକୋଇଲି,୩୧।୫(ବିକାଶ ମଲ୍ଲିକ):**

ପାଣିକୋଇଲି ପୁରୁଣା ଟୋଲଗେଟ ନିକଟରେ ଥିବା ଏକେ ମଲ୍‌ଟି ସ୍ପେସିଆଲିଟି ଆଣ୍ଡ କାଜୁଆଲିଟି ପ୍ରାଇଭେଟ ହସ୍ପିଟାଲ ଏଣିକି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇବ। ରାଜପଥ କର୍ତ୍ତୃପକ୍ଷ ଦୁର୍ଘଟଣାଗ୍ରସ୍ତଙ୍କୁ ଚିକିତ୍ସା କରାଇବା ପାଇଁ ଏହି ହସ୍ପିଟାଲ ସହ ଚୁକ୍ତି କରିଛନ୍ତି। ଆହତଙ୍କ ନମିତ୍ତେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା କରାଯାଇଛି ଓ ୨୪ ଘଣ୍ଟିଆ ରହଣୀ ବ୍ୟବସ୍ଥା କରାଯାଇଛି। ୨ ରାଜପଥର ସଂଯୋଗସ୍ଥଳ ପାଣିକୋଇଲି ହୋଇଥିବାବେଳେ ପ୍ରତ୍ୟହ ଏଠାରେ ଦୁର୍ଘଟଣା ଘଟୁଛି। ଏଠାରେ ଥିବା ଟ୍ରମା କେୟାର ମଧ୍ୟ ଉଦ୍‌ଘାଟନ ହୋଇନି। ଫଳରେ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ହଠାତ ପରିଚୟ ମିଳୁ ନ ଥିବାରୁ ସ୍ୱେଚ୍ଛାସେବୀ ସଂଗଠନ ସ୍ଥାନୀୟ ଘରୋଇ ଚିକିତ୍ସାଳୟରେ ନିଜ ଅର୍ଥ ଦେଇ ସେମାନଙ୍କୁ ଚିକିତ୍ସା କରାଉଛନ୍ତି। ଗୁରୁତରମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଛି। ତେଣୁ ସମସ୍ତ ସମାଜିକ କର୍ମୀ ଓ ସ୍ୱେଚ୍ଛାସେବୀଙ୍କୁ ଏହାର ସୁବିଧା ନେବା ପାଇଁ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ସୂଚନା ଦେଇଛନ୍ତି।

# ପିମ୍ପୁଡ଼ିଆ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା


ମହିଳାମାନେ ନଳକୂପରୁ ପାଣି ସଂଗ୍ରହ କରୁଛନ୍ତି।


ଅଚଳ ହୋଇପଡିଥିବା ସୋଲାର ପମ୍ପ।

**କାଳିଆପାଣି,୩୧।୫(ଅସିତ ମହାନ୍ତ):**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିମ୍ପୁଡ଼ିଆ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପଞ୍ଚାୟତର ମହାରଣା ସାହି ଏବଂ ଅର୍ଜୁନଝର ମୁଣ୍ଡାସାହି ବାସିନ୍ଦା ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି। ଏହା କେବଳ ଏ ବର୍ଷର କଥା ନୁହେଁ। ପୂର୍ବ ବର୍ଷ ମଧ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ହେଲେ ସମସ୍ୟା ସୁଧୁରିବା ବଦଳରେ ବଢ଼ିବାରେ ଲାଗିଛି। ମାତ୍ର ସେମାନଙ୍କ ସମସ୍ୟା ବୁଝିବାକୁ କେହିନାହାନ୍ତି। ଖରାଦିନ ଆସିଲେ ସାହିର ବାସିନ୍ଦା ପାନୀୟ ଜଳ ପାଇଁ ତ୍ରାହିତ୍ରାହି ଡାକନ୍ତି। ଏନେଇ ମହାରଣା ସାହି ବାସିନ୍ଦା ସରପଞ୍ଚଙ୍କ ନିକରେ ଅଭିଯୋଗ କରିବା ପରେ ସରପଞ୍ଚ ଏକ ସୋଲାର ପଏଣ୍ଟକୁ ମରାମତି କରାଇଥିଲେ। ହେଲେ ସୋଲାର ପଏଣ୍ଟ ଏବେ ଅଚଳ ହୋଇ ପଡ଼ିଛି। ଏଠାରେ ଗୋଟାଏ ନଳକୂପ ରହିଛି। ଗାଁର ସବୁ ଲୋକେ ସେହି ନଳକୂପ ଉପରେ ନିର୍ଭର କରୁଛନ୍ତି। ମାତ୍ର ଏହା ଗ୍ରାମବାସୀଙ୍କ ପାଇଁ ପ୍ରଯୁଜ୍ୟ ହେଉନାହିଁ।

**ସମାଧାନ ନ ହେଲେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ଗ୍ରାମବାସୀ**

ସେହିପରି ମେଗା ପାନୀୟ ଜଳ ପ୍ରକଳ୍ପ ଯୋଜନାରେ ପ୍ରତିଘରକୁ ପାଇପ ପାଣି ଯୋଗାଇ ଦିଆଯାଇଛି। ହେଲେ ୩ ବର୍ଷ ହେବ ପାଣି ଆସୁନି ବୋଲି ଲୋକେ ଅଭଯୋଗ କରିଛନ୍ତି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ନ ହେଲେ ଉଭୟ ଗ୍ରାମବାସୀ ବ୍ଲକ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରଦୀପ୍ତ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଯାହା ଅସୁବିଧା ରହିଛି, ସେ ସବୁର ସମାଧାନ କରାଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ଏହାର ସମାଧାନ କରାଯାଉଛି।

## କୋରେଇରେ ବିକଶିତ କୃଷି ସଂକଳ୍ପ ଶିବିର

**ପାଣିକୋଇଲି,୩୧।୫(ବିକାଶ ମଲ୍ଲିକ):**

କୋରେଇ ବ୍ଲକ୍ ଅନ୍ତର୍ଗତ ଜହ୍ନା ହାଇସ୍କୁଲ୍‌ରେ ବ୍ଲକ୍‌ସ୍ତରୀୟ ବିକଶିତ କୃଷି ସଂକଳ୍ପ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କୃଷି ଅଧିକାରୀ କବିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥିଭାବେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ବବିତା ମିଶ୍ର, ସମ୍ମାନିତ ଅତିଥି ଭାବେ କୃଷି ବୈଜ୍ଞାନିକ ଡ. ଲିପିକା ଦାଶ, ବୈଜ୍ଞାନିକ ବିଜୟ ରାଉତରାୟ, ମତ୍ସ୍ୟ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ମଦନ ଆର୍. ବାଡେ, ଯାଜପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି (କୃଷି ବିଭାଗ) ଜିତେନ୍ଦ୍ର କୁମାର ବିଶ୍ୱାଳ, ବ୍ଲକ ସହକାରୀ କୃଷି ଅଧିକାରୀ ମଧୁମିତା ବାରିକ, ଅମ୍ଳାନଜ୍ୟୋତି ସୋର, ଉଦ୍ୟାନ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ରଶ୍ମିତା ପାତ୍ର, କୃଷି ଓଭରସିଅର ଜୟଶ୍ରୀ ମେକାପ୍, ପଞ୍ଚାୟତ କୃଷି ଅଧିକାରୀ କେଶବ ବେଜ, ଚାରୁ ଚନ୍ଦ୍ର ପ୍ରଧାନ ଏବଂ କ୍ଷୀରୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଯୋଗଦେଇଥିବା ଅଧିକାରୀମାନେ ଆଧୁନିକ ଚାଷ ପ୍ରଣାଳୀ ସମ୍ପର୍କରେ ଚାଷୀଙ୍କୁ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ କୃଷିଭିତ୍ତିକ ବିଭାଗରେ ଯୋଜନାଗୁଡ଼ିକ କିଭଳି କାର୍ଯ୍ୟକାରୀ ହେବ ସେନେଇ ସୂଚନା ଦେଇଥିଲେ। ସେହିପରି ବ୍ଲକ୍‌ର କରଦା ପଞ୍ଚାୟତରେ ମଧ୍ୟ ଶିବିର ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ୍‌ର ବହୁ ଚାଷୀ ଯୋଗଦେଇଥିଲେ। କୃଷି ବିଭାଗର କର୍ମଚାରୀ ଶିବିରକୁ ପରିଚାଳନା କରିଥିଲେ।



ଶିବିରରେ ଯୋଗ ଦେଇଥିବା ଅତିଥି ଓ ଅଧିକାରୀ।

## ଈଶାନେଶ୍ୱର ମନ୍ଦିରରେ ଶିବ ବିବାହ ଉତ୍ସବ

**ପାଣିକୋଇଲି,୩୧।୫ (ବିକାଶ ମଲ୍ଲିକ):**

କୋରେଇ ବ୍ଲକ୍ ଅଧୀନ ଗୋଳେଇପୁର ପଞ୍ଚାୟତ ସୋତି ଗ୍ରାମର ଆରାଧ୍ୟ ଦେବତା ବାବା ଈଶାନେଶ୍ୱର ମହାଦେବଙ୍କ ପୀଠରେ ଶିବପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବେଦଜ୍ଞ ବ୍ରାହ୍ମଣ ନୀଳମଣି ପଣ୍ଡା, ସହଯୋଗୀ ଗଦାଧର ଦାଶ, ନାରାୟଣ ପଣ୍ଡା, ବିଶ୍ୱନାଥ ପଣ୍ଡା, ତ୍ରିନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ବିବାହ ଉତ୍ସବରେ କନ୍ୟାପିତାଭାବେ ଗ୍ରାମର ଅଦୈତ୍ୟ ଚରଣ ଦାଶ ଓ ତାଙ୍କ ସହଧର୍ମିଣୀ ପଦ୍ମାବତୀ ଦାଶ କାର୍ଯ୍ୟ ତୁଲାଇଥିଲେ। ବରପିତା ଭାବେ ଗ୍ରାମର ମଧୁସୁଦନ ଦାଶ ଓ ସହଧର୍ମିଣୀ ମିତାଞ୍ଜଳି ଦାଶ ଯୋଗଦେଇ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଫୁଲ୍ଲ କୁମାର ପାଳ, କୃତ୍ତିବାସ ଖଣ୍ଡାଇ, ଗୋପାଳ ଚନ୍ଦ୍ର ଦାଶ, ବିନୋଦ ଦଳାଇ, ଅଲେଖ ଦାଶ, ଶିବ ବାରିକ, ଚିନ୍ତାମଣି ଦାଶ, କୃଷ୍ଣଚନ୍ଦ୍ର ଦାଶ, ସୂର୍ଯ୍ୟମଣି ସାହୁ, ରବି ନାୟକ, ସୁଲୋଚନା ପଣ୍ଡା, ବିଣାପାଣୀ ମଲ୍ଲିକ, ଅଭୟ କୁମାର ସ୍ୱାଇଁ, ନବକିଶୋର ଦାଶ, ମହେନ୍ଦ୍ର କୁମାର ଦାଶ, ବିବେକାନନ୍ଦ ଦାସ ଓ ବଟକୃଷ୍ଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଶିବ ପାର୍ବତୀଙ୍କ ବିବାହ କାର୍ଯ୍ୟ ଚାଲିଛି।

## କଂଗ୍ରେସକୁ ମଜଭୁତ କରିବାର ସମୟ ଆସିଛି: କାଡ଼ାମ


କଂଗ୍ରେସ ବିଧାୟକ ଦଳନେତା ରାମଚନ୍ଦ୍ର କାଡ଼ାମଙ୍କୁ କର୍ମୀମାନେ ସ୍ୱାଗତ କରୁଛନ୍ତି।

**ପାଣିକୋଇଲି,୩୧।୫ (ବିକାଶ ମଲ୍ଲିକ):**

କଂଗ୍ରେସ ବିଧାୟକ ଦଳନେତା ରାମଚନ୍ଦ୍ର କାଡ଼ାମ ଶନିବାର ଦଳୀୟ କାର୍ଯ୍ୟକ୍ରମରେ କେନ୍ଦୁଝରଗସ୍ତ କରିଛନ୍ତି। ଏହିଅବସରରେ ପାଣିକୋଇଲିଠାରେ ଯୁବ କଂଗ୍ରେସ ନେତା ରାକେଶ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କଂଗ୍ରେସକୁ ମଜଭୁତ କରିବାର ସମୟ ଆସିଯାଇଛି। ଯଦି ଆମେ ଦଳକୁ ମଜଭୁତ କରିପାରିଲେ ତେବେ ୨୦୨୯ରେ ନିଶ୍ଚୟ ସରକାର କରିବା ବୋଲି କାଡାମ ନିଜ ପ୍ରତିକ୍ରିୟାରେ କର୍ମୀମାନଙ୍କ ଉଦ୍ଦ୍ୟେଶରେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାଗୁଣି ଜେନା, ଗଣେଶ୍ୱର ଦାସ, ନାରାୟଣ ବେହେରା, ସେକ ବଦ୍ରିଉଦ୍ଦିନ, ନୀଳମଣି ମହାପାତ୍ର, ଉମାକାନ୍ତ ବେହେରା, ଅରୁପାନନ୍ଦ ମଲ୍ଲିକ, ସତ୍ୟ ପ୍ରକାଶ କୁଅଁର, ବାଦଲ ବେହେରା, ପ୍ରଫୁଲ୍ଲ ପାଢ଼ୀ, କିଶୋର ମଲ୍ଲିକ, ଦିଲୀପ ସେନାପତି, ବିରଜା ଚୌଧୁରୀ ଓ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅନିରୁଦ୍ଧ ରାଉତରାୟ ଏସ୍‌ପି ପାହ୍ୟାକୁ ପଦୋନ୍ନତି

**ପାଣିକୋଇଲି,୩୧।୫(ବିକାଶ ମଲ୍ଲିକ):**

ପାଣିକୋଇଲିସ୍ଥିତ ଯାଜପୁର ଜିଲା ପୋଲିସ ମୁଖ୍ୟାଳୟର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି) ଭାବେ କାର୍ଯ୍ୟରତ ଅନିରୁଦ୍ଧ ରାଉତରାୟଙ୍କୁ ପଦୋନ୍ନତି ମିଳିଛି। ତାଙ୍କୁ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟର ମୋଟ ୧୬ ଏଏସ୍‌ପିଙ୍କୁ ଏସପି ର୍‌ୟାଙ୍କକୁ ପଦୋନ୍ନତି ମିଳିଥିବାବେଳେ ରାଉତରାୟ ଏହି ତାଲିକାରେ ରହିଛନ୍ତି।

## ବିଜ୍ଞାପନ ପାଇଁ ବ୍ୟବହାର ହେଉଛି ବୃକ୍ଷ

- କଣ୍ଟା ବାଡ଼ାଯାଇ ଲଗାଯାଉଛି ପୋଷ୍ଟର
- ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ
- ଆନ୍ଦୋଳନକୁ ଓହ୍ଲାଇବେ ପରିବେଶବିତ୍

**ବରୀ,୩୧।୫(ମହେନ୍ଦ୍ର ସ୍ୱାଇଁ):**

ଯାଜପୁର ଜିଲା ବରୀ ବ୍ଲକ୍ ଅଞ୍ଚଳର ରାସ୍ତାକଡ଼ରେ ଥିବା ବୃକ୍ଷଗୁଡ଼ିକରେ ବିଭିନ୍ନ ବିଜ୍ଞାପନର ପୋଷ୍ଟର ଲଗାଯାଉଛି। ବୃକ୍ଷଗୁଡ଼ିକରେ କଣ୍ଟାବାଡ଼ା ଯାଇ ଏହି କାର୍ଯ୍ୟ କରାଯାଉଛି। ଫଳରେ ଏଥିଯୋଗୁ ଅଧିକାଂଶ ବୃକ୍ଷ କ୍ଷତିଗ୍ରସ୍ତ ହେଉଛି। ହେଲେ ଏଥିପ୍ରତି ବନ ବିଭାଗର ଦୃଷ୍ଟି ପଡୁନାହିଁ ବୋଲି ଅଭିଯୋଗ ହୋଇଛି। ସରକାର ଚାରାରୋପଣକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଏଠାରେ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜଳସମ୍ପଦ ବିଭାଗଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟୀକ ପ୍ରତିଷ୍ଠାନଗୁଡ଼ିକ ବୃକ୍ଷରେ କଣ୍ଟାବାଡ଼ାଇ ବିଜ୍ଞାପନ ପୋଷ୍ଟର ଲଗାଉଛନ୍ତି। ଏନେଇ ପରିବେଶବିତ୍‌ମାନେ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ ମଧ ଏହାର କୌଣସି ସମାଧାନ ହୋଇ ପାରୁନାହିଁ। ଫଳରେ ପରିବେଶ ସୁରକ୍ଷା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଥ୍ୟା ପ୍ରଚାର କରୁଛନ୍ତି ବୋଲି ପରିବେଶ ବିତ୍‌ମାନେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେ ନେଲେ ପରିବେଶବିତ୍‌ମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


ଗଛରେ ଲଗାଯାଇଥିବା ବିଜ୍ଞାପନ ପୋଷ୍ଟର।

## ସିଆଇଟିୟୁର ପ୍ରତିଷ୍ଠା ଦିବସ ପାଳିତ



ସିଆଇଟିୟୁର ପ୍ରତିଷ୍ଠା ଦିବସରେ ସାମିଲ ହୋଇଥିବା କର୍ମକର୍ତ୍ତା।

**ଯାଜପୁରରୋଡ୍,୩୧।୫(ପବିତ୍ର ରଞ୍ଜନ ମହାନ୍ତି):**

ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ୍‌ସ(ସିଆଇଟିୟୁ)ର ୫୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସିଆଇଟିୟୁର ଯାଜପୁର ଜିଲା କମିଟି ପକ୍ଷରୁ ସିଆଇଟିୟୁ ସହ ଅନୁବନ୍ଧିତ ନିର୍ମାଣ ଶ୍ରମିକ ସଂଘ, ବ୍ୟାସନଗର ମ୍ୟୁନିସିପାଲିଟି ସଫେଇ ସଂଘ, ପାଚିକା ସଂଘ, ଓଡ଼ିଶା ରେଲୱେ ହକର ସଂଘଙ୍କ ଏକ ମିଳିତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ସହର ପରିକ୍ରମା କରି ଡୋଲୀପୁର ନେତାଜୀ ନଗର କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ପରେ ସିଆଇଟିୟୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଦିଲୀପ କୁମାର ଦାସ, ସନ୍ତୋଷ ବରାଳ, ତ୍ରିଲୋଚନ ରାଉତ, ପାନୀ କିସ୍କୁ, ଲାଲମଣି ମୁଣ୍ଡା, ବିଜୟା ଲକ୍ଷ୍ମୀ ମହାନ୍ତି, ମାଳତୀ ହାଂସଦା, ସମୀର ମୁଖୀ, ଭାଗବତ ମୁଖୀ ଓ କୁନି ପୂର୍ତ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଭା ପୂର୍ବରୁ ସାଥୀ ପ୍ରଫୁଲ୍ଲ ନାୟକ ୫୬ତମ ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ଶ୍ରମିକ ଶ୍ରେଣୀର ଲାଲ ପତାକା ଉତ୍ତୋଳନ କରିଥିଲେ।

ସଭାରେ ୪ ଶ୍ରମ କୋର୍ଡକୁ ବାତିଲ କରିବା, ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ଶ୍ରମିକମାନଙ୍କ ମାସିକ ସର୍ବନିମ୍ନ ମଜୁରୀ ୨୬୦୦୦ ଟଙ୍କା ଧାର୍ଯ୍ୟ କରିବା, ଶ୍ରମିକମାନଙ୍କର ଦୈନିକ ୮ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟକୁ ସୁନିଶ୍ଚିତ କରିବା, ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ପ୍ରଦାନ କରିବା ଆଦି ୧୭ଦଫା ଦାବିରେ ଆସନ୍ତା ଜୁଲାଇ ୯ ତାରିଖ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଜିଲା ସଭାପତି ନାୟକ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧରେ ମନ୍ମଥ ରାୟ, ଦୀପକ ମୁଖୀ, ସଦାନନ୍ଦ ମୁଖୀ, ମାନୀ ପାଳିଆ, ନୀତାଶା ଟିୟୁ, ସନ୍ତୋଷ ପୃଷ୍ଟି, ପ୍ରଦୀପ ମହାନ୍ତି ଓ ଡଲି ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଗାନ୍ଧୀଙ୍କ ସ୍ମୃତିରେ ପଦଯାତ୍ରା, ଜନସଭା

**ବରୀ,୩୧।୫(ମହେନ୍ଦ୍ର ସ୍ୱାଇଁ):**

ମହାତ୍ମା ଗାନ୍ଧୀ ୧୯୩୪ ମେ'୩୦ରେ ହରିଜନ ପଦଯାତ୍ରାରେ ଆସି ବରୀ ଅନ୍ୟାସୀପୁରରେ ରାତ୍ରିଯାପନ କରିଥିଲେ। ଏହା ପରଦିନ ଅର୍ଥାତ୍ ୩୧ ତାରିଖ ସକାଳେ ବରୀର ଅରଙ୍ଗାବାଦ, ବାଗଦା, ବରୀ ମାଉଣ୍ଡ, ନୂଆଗାଁ ଆଦି ଅଞ୍ଚଳରେ ପଦଯାତ୍ରା କରିଥିଲେ। ପରେ ଯାଜପୁର ବ୍ଲକ ଅଧୀନ ସାହସପୁରର ଗୋବିନ୍ଦପୁରଠାରେ ରାତ୍ରିଯାପନ କରିଥିଲେ। ଏହିସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଶନିବାର ବରୀର ସାମାଜିକ କର୍ମୀ ସତ୍ୟରଞ୍ଜନ କରଙ୍କ ନେତୃତ୍ୱରେ ଏକ ସ୍ମାରକୀ ପଦଯାତ୍ରା ସହ ଜନସଭା ଅନୁଷ୍ଠିତ ହୋଇଯାଇଛି। ବରୀ ବାଗଦା ବାମନଚନ୍ଦ୍ର ଦାସଙ୍କ ଚୌପାଢ଼ୀଠାରୁ ପଦଯାତ୍ରା ଆରମ୍ଭ ହୋଇ ସାହସପୁରର ଗୋବିନ୍ଦପୁର ଆମ୍ୱତୋଟା ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବରୀ ଅଞ୍ଚଳର ସଂଗ୍ରାମୀ ଯୁବକମାନେ ସାମିଲ ହୋଇଥିଲେ। ବରୀ ଅଞ୍ଚଳର ସାମାଜିକ କର୍ମୀ କୁଳମଣି ଶୁକ୍ଳ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ପ୍ରଶାନ୍ତ ବେହୁରିଆ, ସାବିତ୍ରୀ ଦାଶ, ପ୍ରଶାନ୍ତ ପରିହାଢ଼ୀ, ସ୍ନେହଲତା ଧଳ, ଅପୂର୍ବ ସାହୁ, ସୀମାନ୍ତ ପାତ୍ର, ଏସ୍‌କେ ମନିରଉଦ୍ଦିନ, ଦିଲ୍ଲୀପ ଦେବତା, ତିଳୋତ୍ତମା ସେଠୀ, ତାରାକାନ୍ତ ଆଚାର୍ଯ୍ୟ, ତପନ ବେହେରା ଓ ମୋହନ ଜେନା ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। ବହୁ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ବିଭିନ୍ନ ଛକ ବଜାରରେ ପଦଯାତ୍ରାକୁ ସ୍ୱାଗତ କରିଥିଲେ। ସାହାସପୁର ପଞ୍ଚାୟତର ବୁଦ୍ଧିଜୀବୀ, ସାମାଜିକ କର୍ମୀ, କୃଷକ ପ୍ରତିନିଧି ଏବଂ ଯୁବଗୋଷ୍ଠୀ ପଦଯାତ୍ରାକୁ ସ୍ୱାଗତ କରିବା ସହ ସାଧାରଣ ସଭାର ଆୟୋଜନ କରିଥିଲେ।

ସାମାଜିକ କର୍ମୀ ନବଘନ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡାକ୍ତର ରାଜକିଶୋର ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରଫେସର ସୁଧୀର ଜେନା, ସମ୍ମାନିତ ଅତିଥିଭାବେ ରାମଚନ୍ଦ୍ର ଶୁକ୍ଳ, ମିହିର ଦାସ, ରବୀନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରାର ଆଭିମୁଖ୍ୟ ଉଲ୍ଲେଖ କରିଥିଲେ। ସଭାରେ ଗଣେଶ ଚନ୍ଦ୍ର ସାହୁ ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଅଶୋକ ରାଉତ ସ୍ୱାଗତ ଅଭିଭାଷଣ ଦେଇଥିଲେ। ନବକିଶୋର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗାନ୍ଧିଜୀଙ୍କ ବିଚାରରେ ସ୍ୱାଧୀନ ଭାରତର ଏକ ନମ୍ବର ଭଲ କାମ 'ନିଶା ନିବାରଣ'କୁ ହାତକୁ ନେବାକୁ ଆହ୍ୱାନ କରାଯାଇଥିଲା। ଉପସ୍ଥିତ ବହୁ ନାଗରିକ ଏଥିରେ ସହମତି ପ୍ରକାଶ କରିଥିଲେ। ସ୍ଥାନୀୟ ଆୟୋଜକଙ୍କ ମଧରେ ଅନିଲ ସାହାଣୀ, ଶୈଳେନ୍ଦ୍ର ରାଉତ, ବସନ୍ତ ଜେନା, ଗଣେଶ ଦାସ, ବୈରାଗୀ ଦାସ, ସଦାନନ୍ଦ ସାହୁ, ନାରାୟଣ ବେହେରା, କୁଳମଣି ଦାସ, ଶ୍ୟାମ ସୁନ୍ଦର ଦାସ, ଦୀପ୍ତିକାନ୍ତ ସାହୁ, ରାଜୀବ ସେଠୀ ଓ ଅଶୋକ ସେନାପତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ନବଘନ ପାଣି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସାହସପୁରଠାରେ ସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାନ୍ତ ବେହୁରିଆ ଧନ୍ୟବାଦ ଦେଇଥିଲେ।


ଗାନ୍ଧିଜୀଙ୍କ ସ୍ମୃତିରେ ବାହାରିଥିବା ପଦଯାତ୍ରା।

# ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ପିଲା, ଭବିଷ୍ୟତ ପାଇଁ ବୋଝ ହେବେ

- ଆବଶ୍ୟକ ଶିକ୍ଷକ ପଦବୀ ଖାଲି
- ବଖରାଏ ଘରେ ଏକାଧିକ ଶ୍ରେଣୀର ପିଲା ପାଠ ପଢୁଛନ୍ତି
- ୨୧ ବିଦ୍ୟାଳୟରେ ଜଣେ ଜଣେ ଶିକ୍ଷକ

ପଟ୍ଟାମୁଣ୍ଡାଇ, ୩୧।୫ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବର୍ଷବର୍ଷ ଧରି ବହୁସଂଖ୍ୟକ ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ଭୁଶୁଡି ପଡିଛି। ପ୍ରାଥମିକ ବିଦ୍ୟାଳୟରୁ ଉଚ୍ଚ ଓ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକ ପଦବୀ ଖାଲି ଯୋଗୁ ଗୁଣାତ୍ମକ ଶିକ୍ଷା ବିପର୍ଯ୍ୟସ୍ତ ସ୍ଥିତିକୁ ଆସିଗଲାଣି। ଗୁଣାତ୍ମକ ଶିକ୍ଷା ଲାଭରୁ ବଞ୍ଚିତ ପିଲାମାନେ ଭବିଷ୍ୟତ ଜୀବନରେ ନିଜ ପାଇଁ, ପରିବାର ଓ ସମାଜ ଲାଗି ବୋଝ ହେବାକୁ ବସିଲେଣି। ସରକାର ଏହାର ପ୍ରତିକାର କରିବା ପରିବର୍ତ୍ତେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ସରକାର ଦଣ୍ଡମୁକ୍ତ କରି ଅଣ୍ଡା, ଲଡ୍ଡୁ ଓ ମାଗଣା ଆହାର କେନ୍ଦ୍ରରେ ପରିଣତ କରିଛନ୍ତି। ପ୍ରାଥମିକ ସ୍ତରରୁ ଛାତ୍ରୀଛାତ୍ରଙ୍କୁ ଆହାର ଅଶାରେ ଥାଳି ଧରାଇ ମାଗଣା ଖିଆ ଶିକ୍ଷା ଦିଆଗଲାଣି। ଏଭଳି ସାଙ୍ଘାତିକ ପରିସ୍ଥିତିରେ ସକାରାତ୍ମକ ପ୍ରତିକାର ପାଇଁ ଶାସନ ବ୍ୟବସ୍ଥା ଚିନ୍ତା ପ୍ରକଟ କରୁ ନ ଥିବାବେଳେ ଭିନ୍ନ ସଙ୍ଗଠନମାନେ ସ୍ୱର ନ ଉଠାଇ ନୀରବି ଗଲେଣି। ଏ ନେଇ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକଙ୍କୁ ପଚାରିବାରେ ଯେପରି ଭାବେ ଶିକ୍ଷକଙ୍କ ଅବସର ହେଉଛ, ସେହି ଅନୁଯାୟୀ ନିଯୁକ୍ତି ନାହିଁ। ଫଳରେ ଶିକ୍ଷକ ପଦବୀ ଖାଲି ପଡୁଛି।

ଆଇନଜୀବୀ ଆଲୋକ ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୧୦୮ଟି ପ୍ରାଥମିକ, ୬୮ ଉଚ୍ଚ ପ୍ରାଥମିକ, ୨୧ଟି ନୋଡାଲ ଉଚ୍ଚବିଦ୍ୟାଳୟ, ୬୮ଟି ଉଚ୍ଚ ବିଦ୍ୟାଳୟ ଓ ୭ ମହାବିଦ୍ୟାଳୟକୁ ମିଶାଇ ମୋଟ୍ ୨୭୨ଟି ଶିକ୍ଷାନୁଷ୍ଠାନ ରହିଛି। ଚଳିତ ଶିକ୍ଷାବର୍ଷ ଆରମ୍ଭ ସୁଦ୍ଧା ଏଥିରୁ ୨୧ଟି ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଅନେକାଂଶ ସ୍କୁଲରେ ବଖରାଏ ଘରେ ଏକାଧିକ ଶ୍ରେଣୀର ପିଲା ବସି ପାଠ ପଢ଼ିଛନ୍ତି। ଯେତିକି ବି ଶିକ୍ଷକ ଅଛନ୍ତି ସେମାନଙ୍କ ମଧ୍ୟରୁ ସଂଖ୍ୟାଧିକଙ୍କୁ ଶିକ୍ଷା ସହାୟକ ବାହାନାରେ ଢେର୍ କମ୍ ପାରିଶ୍ରମିକରେ ଖଟାଯାଉଛି। ହାଇସ୍କୁଲଗୁଡ଼ିକରେ ବି ଅବସ୍ଥା ସାଙ୍ଘାତିକ। କେଉଁଠି ଗଣିତ ଓ ବିଜ୍ଞାନ ଶିକ୍ଷକ ନ ଥିବାରୁ କ୍ରୀଡ଼ା ଓ ସଂସ୍କୃତ ଶିକ୍ଷକଙ୍କୁ ଏହି ବିଷୟ ପଢ଼ାଇବାକୁ ବାଧ କରାଯାଉଛି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ଗୋଦାବରୀଶ ସ୍କୁଲ ଖୋଲିବାକୁ ସ୍ଥିର କରାଯାଇଛି। ମାତ୍ର ସରକାରୀ ସ୍ତରରେ ଥିବା ସ୍କୁଲଗୁଡ଼ିକରେ ଶିକ୍ଷକ ପଦବୀ ଖାଲି ରହୁଥିବା ବେଳେ ନୂଆ ଗୋଦାବରୀଶ ସ୍କୁଲକୁ ଶିକ୍ଷକ ଦେବେ କିପରି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିଯୋଗୁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକରେ ପିଲା ସଂଖ୍ୟା କମୁଥିବାବେଳେ କେତେକ ଜାଗାରେ ସରକାର ପ୍ରାଥମିକ ବିଦ୍ୟାଳୟମାନ ବନ୍ଦ କରିବାରେ ଲାଗିଛନ୍ତି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକର ଅବସ୍ଥା ଆଦୌ ଭଲ ନାହିଁ। ବହୁ ସରକାରୀ ବିଏଡ୍, ସିଟି, ସଂସ୍କୃତ ଟୋଲ୍ ଓ କଲେଜ ଶିକ୍ଷକ ଅଭାବରୁ ସାଙ୍ଘାତିକ ସ୍ଥିତିରେ। ଯୁକ୍ତ ୨ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଜଣେ ହେଲେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଏଠାରେ ବି ଶିକ୍ଷକ ମରୁଡ଼ି ଅବସ୍ଥା।


ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

ବିଶେଷକରି ବିଜ୍ଞାନର ବିଭିନ୍ନ ବିଷୟ ଓ ଓଡ଼ିଆ ପଢ଼ାଇବା ଲାଗି ଶିକ୍ଷକ ସଙ୍କଟ ବଡ଼ ସମସ୍ୟା ସୃଷ୍ଟି କରୁଥିବାରୁ ବେକାର ଯୁବତୀଯୁବକ ଓ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଠିକାରେ ଆଣି ସରକାର କାମଚଳା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ଲକ୍ଷାଧିକ ସରକାରୀ ଚାକିରି ଖାଲି ପଡ଼ିଥିବା ବେଳେ ନିଯୁକ୍ତି ନ ପାଇ ବହୁ ବେକାର ଯୁବତୀଯୁବକଙ୍କ ବୟସ ଅତିକ୍ରମ କରିଯାଉଛି। ଅଥଚ ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ମହାବିଦ୍ୟାଳୟ ଅନ୍ୟ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଶିକ୍ଷକ ନିଯୁକ୍ତି ହୋଇପାରୁନାହିଁ। ଅଥଚ ନିଜ ପିଲାଙ୍କ ଭବିଷ୍ୟତ ନଷ୍ଟ ହୋଇଯାଉଥିବା ବେଳେ ଲୋକେ ସମ୍ମିଳିତ ସ୍ୱର ଉଠାଉ ନାହାନ୍ତି। ଶିକ୍ଷବିତ୍ ପ୍ରେମାନନ୍ଦ ପଣ୍ଡା କୁହନ୍ତି, ଛାତ୍ର ସଂସଦଗୁଡ଼ିକଠାରୁ ଆରମ୍ଭ କରି ଛାତ୍ର ସଙ୍ଗଠନ, ରାଜନୈତିକ ଦଳ ଏବଂ ସାମାଜିକ ସଙ୍ଗଠନଗୁଡିକ ବି ଏ ପ୍ରସଙ୍ଗରେ ନୀରବ ରହି କୋମାକୁ ଗଲେଣି। ଫଳରେ ପିଲାଙ୍କ ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀ ଉଠୁଛି। ସକାରାତ୍ମକ ମନୋଭାବ ନେଇ ମୂଳରୁ ଚୂଳ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରା ନ ଗଲେ ଗୁଣାତ୍ମକ ଶିକ୍ଷା ପାଇବାରୁ ପିଲା ପଛେଇ ଯିବେ। ଏହି ଗୁରୁତର ସମସ୍ୟା ସମାଧାନ ପାଇଁ ସଂକୀର୍ଣ୍ଣ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସବୁବର୍ଗର ଲୋକେ, ବିଶେଷ କରି ଛାତ୍ର ଓ ଯୁବକମାନେ ସ୍ୱର ଉତ୍ତୋଳନ ନ କଲେ ଏହି ଗୁରୁତର ବ୍ୟାଧି ବଢ଼ି ଚାଲିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

## ସମ୍ପନ୍ନହେଲା ଦେବ ଦମ୍ପତିଙ୍କ ବିବାହ


ଗୁପ୍ତେଶ୍ୱର ମହାଦେବଙ୍କ ବିବାହ ଉତ୍ସବ।

ପଟ୍ଟାମୁଣ୍ଡାଇ, ୩୧।୫ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଗୁପ୍ତେଶ୍ୱର ମହାଦେବ ମନ୍ଦିରରେ ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ଶନିବାର ଦେବ ମହାଦେବ ଓ ମା' ପାର୍ବତୀଙ୍କ ବିବାହ ମହୋତ୍ସବ ଦେବ ରୀତୀନୀତି ଅନୁସାରେ ସମ୍ପନ୍ନ ହୋଇଯାଇଛି। ୩ ଦିନ ଧରି ଚାଲୁଥିବା ଏହି ଆଧିତ୍ମିକ ମହୋତ୍ସବରେ କନ୍ୟା ଘର ପକ୍ଷରୁ ଲଗ୍ନପାକ ଦିଅ ମଙ୍ଗୁଳା, ଗୁଆ ଚଳନ, ବର ନିମନ୍ତ୍ରଣ ଆଦି କର୍ମ ଶେଷ ପରେ ଶନିବାରସକାଳୁ ଠାକୁର, ଠାକୁରାଣୀଙ୍କୁ ବରଣ କରାଯାଇଥିଲା। ଶିବାଳୟରୁ ମହାଦେବଙ୍କ ଚଳନ୍ତି ପ୍ରତିମା ବରବେଶରେ ସୁସଜ୍ଜିତ ବିମାନ ଯୋଗେ ଶୋଭାଯାତ୍ରାରେ ବାହାରିଥିଲେ। ଶ୍ରଦ୍ଧାଳୁମାନେ ବାଜା ବାଣ ରୋସଣିର ତାଳେ ତାଳେ ନାମ ସଂକୀର୍ତ୍ତନ ଶଙ୍ଖଧ୍ୱନୀ ଓ ପଣ୍ଡିତମାନଙ୍କର ମନ୍ତ୍ରୋଚାରଣ ମଧ୍ୟରେ ଠାକୁର ଗ୍ରାମ ପରିକ୍ରମା କରିଥିଲେ। ଗାଁ ଦାଣ୍ଡରେ ଭକ୍ତମାନେ ଠାକୁରଙ୍କ ଦର୍ଶନ କରି କୃତାର୍ଥ ହୋଇଥିଲେ। ଏଥିରେ କନ୍ୟା ପିତା ଭାବେ ଭାସ୍କର ରାଉତରାୟ ଓ ବରପିତା ଭାବେ ଆଦିକନ୍ଦ ପରିଡା ସେବକ ଭାବେ ବିବାହ ସମ୍ପନ୍ନ କରିଥିଲେ। ପଣ୍ଡିତ ପ୍ରଶାନ୍ତ ଦାଶ, ଦୀପ୍ତି ରଞ୍ଜନ ଦ୍ୱିବେଦୀ, ଚିତ୍ତରଞ୍ଜନ ପଣ୍ଡା, ମୃତ୍ୟୁଞ୍ଜୟ ପଣ୍ଡା ପ୍ରମୁଖ ଶୁଭ ବିବାହ ଦେବ ପ୍ରତିନିଧି ଭାବେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ ସାମିଲ ହୋଇ ଠାକୁରଙ୍କ ବିଭୁକୃପା ଲାଭ କରିଥିଲେ। ଗୁପ୍ତେଶ୍ୱର ସାଂସ୍କୃତିକ ପରିଷଦର ସମସ୍ତ ସାଦସ୍ୟ ଓ ଗ୍ରାମବାସୀ ଏହି ଉତ୍ସବକୁ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ନୂତନ ଅଧ୍ୟକ୍ଷ ହେଲେ ଦୁଃଶାସନ ପରିଡ଼ା

ପଟ୍ଟାମୁଣ୍ଡାଇ, ୩୧।୫ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜର ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁ ଓ ପ୍ରାଧ୍ୟାପକ ରଞ୍ଜିତ ସେନାପତି ଶନିବାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଉଭୟ ବିଦାୟୀ ଅଧ୍ୟକ୍ଷ ପ୍ରଫେସର ଭୂୟାଁ ଓ ପ୍ରାଧ୍ୟାପକ ସେନାପତିଙ୍କୁ କଲେଜ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିସହ ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧ୍ୟକ୍ଷ ଭାବେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡ. ଦୁଃଶାସନ ପରିଡା ବିଦାୟୀ ଅଧ୍ୟକ୍ଷଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ଡ. ପରିଡାଙ୍କ ଯୋଗଦାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ଶେଷ ହେଲା ଦେବଦମ୍ପତିଙ୍କ ବିବାହ


ଆର୍ତ୍ତେଶ୍ୱର ପୀଠରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ଚାଲିଛି।

ଡେରାବିଶ, ୩୧।୫ (ବେବର୍ତ୍ତା ଅଜୟ ଦାସ)

### ଉତ୍ସବମୁଖର ଆର୍ତ୍ତେଶ୍ୱରଙ୍କ ପୀଠ

ଶୀତଳ ଷଷ୍ଠୀ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ଜଗନାଥପୁରସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ଶନିବାର ଦେବଦମ୍ପତିଙ୍କ ବିବାହ ଶେଷ ହୋଇଛି। ଏହି ଅବସରରେ ପୂର୍ବାହ୍ନରେ ବୀର ନୀଳକଣ୍ଠପୁରଠାରୁ ଏକ ସୁସଜ୍ଜିତ ବିମାନରେ ମହାଦେବ ବାଣ, ବାଜା ଓ ଘଣ୍ଟ ସଂକୀର୍ତ୍ତନ ପରୁଆର ମଧ୍ୟରେ ଆର୍ତ୍ତେଶ୍ୱରଙ୍କ ପୀଠକୁ ଗମନ କରିଥିଲେ। ପରୁଆର ମଧ୍ୟରେ ଥିଲେ ବରଯାତ୍ରୀ ଦଳ। ବର ବେଶରେ ଆସିଥିବା ମହାଦେବେ ପୀଠରେ ପହଞ୍ଚିବା ପରେ ବୈଦିକ ରୀତି ଅନୁସାରେ କନ୍ୟାଘର ପକ୍ଷରୁ ଶ୍ରୀଜୀଉଙ୍କୁ ବରଣୀ କରାଯାଇଥିଲା। ପରେ ଆର୍ତ୍ତେଶ୍ୱରଙ୍କର ବେଢ଼ା ମଧ୍ୟରେ ନିର୍ମିତ ହୋଇଥିବା ସୁସଜ୍ଜିତ ବେଦିରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର ପକ୍ଷରୁ ପଣ୍ଡିତ ରାମାକାନ୍ତ ଆଚାର୍ଯ୍ୟ ଓ କନ୍ୟା ପକ୍ଷରୁ ପଣ୍ଡିତ ରଘୁନାଥ ମିଶ୍ର ପୁରୋଧା ଭାବେ କାର୍ଯ୍ୟନିର୍ବାହ କରଥିଲେ।

ଏହି ବିବାହ କାର୍ଯ୍ୟରେ ବର ପିତା ଭାବେ ଶିକ୍ଷାବିତ ପ୍ରଦୀପ୍ତ କୁମାର ନାୟକ ଓ ବିଦ୍ୟାରାଣୀ ନାୟକ ଏବଂ କନ୍ୟା ପିତା ଭାବେ ଦିବାକର ସ୍ୱାଇଁ ଓ ମା' ଭାବେ ସୁପ୍ରଭା ପରିଡ଼ା ଦାୟିତ୍ୱ ନିର୍ବାହ କରିଥିଲେ। ବିବାହ ସମ୍ପନ୍ନ ପରେ କନ୍ୟାଘର ପକ୍ଷରୁ ଆସିଥିବା ମହିଳାମାନେ ଉଭୟ ବର କନ୍ୟା ଭାବେ ଦେବଦମ୍ପତିଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ସହ ଅର୍ଥ ପ୍ରଦାନ କରି ବନ୍ଦାପନା କରିଥିଲେ। ଶେଷରେ ଉଭୟ କନ୍ୟା ଓ ବର ପକ୍ଷର ଉପସ୍ଥିତ ଥିବା ଶ୍ରଦ୍ଧାଳୁ ବର ଓ କନ୍ୟା ଯାତ୍ରୀ ଭୋଜି ଭାତରେ ଆପ୍ୟାୟିତ ହୋଇଥିଲେ। ଦୀର୍ଘବର୍ଷ ଧରି ଚାଲିଆସୁଥିବା ଏହି ଦେବ ଦମ୍ପତିଙ୍କ ବିବାହ ଉତ୍ସବ ପାଇଁ ମନ୍ଦିର ବେଢ଼ା ଉତ୍ସବମୁଖର ହୋଇଥିଲା। ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ଏହି ଆତ୍ମିକ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନାରାୟଣ ଲେଙ୍କା, ଭାଗବତ ସାହୁ, ସନ୍ତୋଷ କୁମାର ରାଉତ, ଈଶ୍ୱର ଚନ୍ଦ୍ର ପୃଷ୍ଟି, ହୃଷୀକେଶ ଦାସ, କୈଳାସ ଚନ୍ଦ୍ର ଲେଙ୍କା, ଅଭିମନ୍ୟୁ ରାଉତ, ଅଜୟ କୁମାର ମହାଭୋଇ, ରାଜ କିଶୋର ମଲିକ, ଶରତ ଚନ୍ଦ୍ର ମଲିକ, ବୀରବର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ବ୍ଲକ ଅଧୀନ ପଲେଇ ପଞ୍ଚାୟତର ଅଳଙ୍ଗା ମଲ୍ଲିକେଶ୍ୱରପୁରସ୍ଥିତ ମଲ୍ଲିକେଶ୍ୱର ଶୈବ ପୀଠ ଏବଂ ରଘୁଦେଇପୁର ପଞ୍ଚାୟତ ଅଧୀନ ରାଜନଗରସ୍ଥିତ ଉମାକାନ୍ତେଶ୍ୱର ମନ୍ଦିର ବେଢାରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେହିପରି ଇନ୍ଦାଳୋ ପଞ୍ଚାୟତ ବାଲିସାହିସ୍ଥିତ ନନ୍ଦା ମହାଦେବଙ୍କ ପୀଠରେ ୯ମ ବାର୍ଷିକ ଶିବ ପାର୍ବତୀ ବିବାହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଏହି ପୀଠରେ ଅଙ୍କୁରାରୋପଣ କରାଯାଇଥିବା ବେଳେ ଶନିବାର ଶିବ ପାର୍ବତୀଙ୍କ ବିବାହ ଯଥାରୀତି ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବିଜୟ କୁମାର ପଣ୍ଡା ଓ ଦେବେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦେବ ଦମ୍ପତିଙ୍କ ପିତାମାତା ବିବାହ କାର୍ଯ୍ୟ ସମାପନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ମନୋରଞ୍ଜନ ପଣ୍ଡା, ଶୁଭ ପ୍ରକାଶ ପଣ୍ଡା, ବାପି ଶତପଥୀ, ବିଷ୍ଣୁ ଚରଣ ପଣ୍ଡା, ନିମାଇଁ ଚରଣ ରଥ, ଦେବପ୍ରସାଦ ରଥ, ସୌମ୍ୟରଞ୍ଜନ ପଣ୍ଡା, ପ୍ରଦୀପ୍ତ ପଣ୍ଡା ଓ ଉମାକାନ୍ତ ପଣ୍ଡାଙ୍କ ସମେତ ବାଲିସାହି ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାର୍ଶାଘାଇ ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

ମାର୍ଶାଘାଇ, ୩୧।୫ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପିକା ମେନକା ପାଲ, ପ୍ରାଣୀ ବିଜ୍ଞାନ ବିଭାଗ ପ୍ରୟୋଗଶାଳା ସହାୟକ ଭରତ ଚନ୍ଦ୍ର ବାରିକ, ଧନ୍ଦାମୂଳକ ଶିକ୍ଷା କର୍ମଚାରୀ କିଶୋର କିଶୋର ଚନ୍ଦ୍ର ନାୟକଙ୍କ ଉଦ୍ଦେଶ୍ୟରେ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଣୟ କୁମାର ପଣ୍ଡିତ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କଲେଜ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦୀପକ କୁମାର ଦାସ, ବିତ୍ତ ଅଧିକାରୀ ପ୍ରାଧ୍ୟାପକ ବିଜୟ ପାତ୍ର, ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ଦାସ, ବିପିନ ବିହାରୀ ନାଥ, ସୁକାନ୍ତ କୁମାର ପ୍ରଧାନ, ଖଗେଶ୍ୱର ନାୟକ, ଶାଶ୍ୱତ ଚନ୍ଦନ ସାମନ୍ତରାୟ, ମନୋଜ କୁମାର ରାଉତ ପ୍ରମୁଖ ଯୋଗଦେଇ ସେମାନଙ୍କ ଦୀର୍ଘ ୩ ଦଶନ୍ଧି ଧରି କର୍ତ୍ତବ୍ୟ ନିଷ୍ଠା, ଅବଦାନ, ସାଧୁତା ଉପରେ ଆଲୋକପାତ କରିଥିଲେ। ଅବସର ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ। କଲେଜ ମୁଖ୍ୟ ଲିପିକ ଅଜିତ କୁମାର ବାରିକ, ଅମିୟ ରଞ୍ଜନ ଜେନା, ସଂଘମିତ୍ରା ସାମଲ, ପ୍ରଶାନ୍ତ ବେହେରା, ସବେମିରା ଲେଙ୍କା, ମହେନ୍ଦ୍ର କୁମାର ପରିଡା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ବସନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦୀପକ କୁମାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।


ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ।

## ବଜ୍ରପାତରେ ଛାତ ଫାଟିଲା: ୩ ଆହତ

ରାଜନଗର, ୩୧।୫ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ କୃଷ୍ଣନଗର ପଞ୍ଚାୟତ ବାଘୁଆ ଗାଁରେ ଶନିବାର ବଜ୍ରପାତରେ କୋଠା ଘରର ଛାତ ଫାଟିଥିବାବେଳେ ଘରେ ଥିବା ୩ ମାସର ଶିଶୁ ସମେତ ୩ ଜଣ ଆହତ ହୋଇଛନ୍ତି। ସୂଚନା ମୁତାବକ, ଅପରାହ୍ନ ୪ଟାରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ବାଘୁଆ ଗାଁର ମଣ୍ଟୁ କୁମାର ଦାସଙ୍କ କୋଠାଘର ଉପରେ ବଜ୍ରପାତ ଘଟିଥିଲା। କୋଠାଘରର ଛାତ ଫାଟିବା ସହ କାନ୍ଥ ମଧ ଫାଟି ଯାଇଛି। ଘର ନିକଟରେ ଥିବା ନଡ଼ିଆ ଗଛ ଜଳିଯିବା ସହ ଚିରି ହୋଇଯାଇଛି। ଘର ଭିତରେ ଥିବା ମଣ୍ଟୁ ଦାସଙ୍କ ୩ ମାସର ନାତୁଣୀ ଲକ୍ଷ୍ମୀ ଚେତା ହରାଇଥିବାବେଳେ ତାଙ୍କ ସ୍ତ୍ରୀ କାମିନୀବାଳା(୪୩), ବୋହୂ ଝିଲି (୨୪) ବେହୋସ ହୋଇ ପଡିଥିଲେ। ଶାଶୁ, ବୋହୂ ସୁସ୍ଥ ହୋଇଥିବାବେଳେ ୩ ମାସର ଶିଶୁ ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡିଛି।

## ପେଣ୍ଠ ବାତ୍ୟା ଆଶ୍ରୟସ୍ଥଳରୁ ଚୋରି ଅଭିଯୋଗ

ରାଜନଗର, ୩୧।୫ (ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ହାତିନା ପଞ୍ଚାୟତ ପେଣ୍ଠ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ବାତ୍ୟା ଆଶ୍ରୟସ୍ଥଳର ସମ୍ପାଦକ ଘନଶ୍ୟାମ ବଳ ଓ କମିଟି ସଦସ୍ୟ କରିଥିବା ଅଭିଯୋଗ ମୁତାବକ ଚଳିତ ମାସ ୨୯ ତାରିଖ ରାତିରେ ବାତ୍ୟା ଆଶୟସ୍ଥଳ କବାଟ ଭାଙ୍ଗି ବିଭିନ୍ନ ସାମଗ୍ରୀ ଲୁଟ ହୋଇଛି। ଏକଥା ଜାଣିବା ପରେ ହାତିନା ସରପଞ୍ଚ ସମୀର ସେଠୀଙ୍କ ଉପସ୍ଥିତିରେ କମିଟି ସଦସ୍ୟମାନେ ଚୋରି କରିଥିବା ୭ ଜଣଙ୍କୁ ପଚାରିବାରୁ ସେମାନେ ପାଲଟା କମିଟି ସଦସ୍ୟମାନଙ୍କୁ ଧମକ ଦେଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି।

## ବଜ୍ରପାତରେ ଘରେ ଫାଟ, ବିଦ୍ୟୁତ୍ ଉପକରଣ ନଷ୍ଟ

ଡେରାବିଶ, ୩୧।୫
(ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ ଅଞ୍ଚଳରେ ଶନିବାର ଅପରାହ୍ନରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ଶନିବାର ପୂର୍ବାହ୍ନରେ ପ୍ରବଳ ଖରା ଓ ରୈଦ୍ରତାପରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇପଡିଥିଲା। ଅପରାହ୍ନରେ ବଜ୍ରପାତ ପ୍ରଭାବରେ ଚାନ୍ଦୋଳ ପଞ୍ଚାୟତ ଗୌଡବିଶ ଗ୍ରାମ ପୃଥ୍ୱିରାଜ ବେହେରାଙ୍କ ଘରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପୃଥ୍ୱିରାଜଙ୍କ କୋଠା ଘରର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ବେଳେ ସମସ୍ତ ବୈଦ୍ୟୁତିକ ସରଞ୍ଜାମ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ପ୍ରଭାକର ଭୂୟାଁ, ଅଶୋକ କୁମାର ଘଡ଼ାଇଙ୍କ ଆଂଶିକ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି।

# କୃଷକ ବିକାଶ ସମବାୟ ସମିତି ପକ୍ଷରୁ ମୁଗମଣ୍ଡି ଉଦ୍‌ଘାଟିତ

ମାର୍ଶାଘାଇ,୩୧।୫
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କୃଷକ ବିକାଶ ସମବାୟ ସମିତି ପକ୍ଷରୁ ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ ପଞ୍ଚାୟତ ଅନ୍ତର୍ଗତ ନୀଳାଦ୍ରିପୁର ଗ୍ରାମରେ ମୁଗମଣ୍ଡି ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀ ହସିଲେ ଦେଶ ହସିବ। ଚାଷୀମାନଙ୍କୁ କିପରି ସର୍ବୋତ୍ତମ ସେବା ପ୍ରଦାନ କରି ହେବ ତାହା ସରକାରଙ୍କ ମୂଳ ଲକ୍ଷ୍ୟ। କୌଣସି କ୍ଷେତ୍ରରେ ଚାଷୀମାନେ ଯେପରି ହଇରାଣ ନ ହେବେ, ସେଥିପ୍ରତି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସତର୍କ ରହିବ ବୋଲି ମତ ପ୍ରକାଶ କରିଥିଲେ। କୃଷକ ବିକାଶ ସମବାୟ ସମିତି ମାଧ୍ୟମରେ ଚାଷୀଙ୍କଠାରୁ ପର୍ଯ୍ୟାପ୍ତ ପରିମାଣର ମୁଗ କ୍ରୟ କରାଯିବ। ଚାଷୀମାନେ ମୁଗ ବିକ୍ରି କରିବାକୁ କୌଣସି ସମସ୍ୟାରେ ପଡିବେ ନାହିଁ। ଚାଷୀମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନାର ସୁଫଳ ସେମାନେ ନେବା ଉଚିତ ବୋଲି ସେ କହିଥିଲେ। ଏଥିରେ ସଭାପତିତ୍ୱ କରି କୃଷକ ବିକାଶ ସମବାୟ ସମିତିର ସଭାପତି ପ୍ରମୋଦ କୁମାର ସାହୁ କହିଛନ୍ତି, ଚଳିତବର୍ଷ କୃଷକ ବିକାଶ ସମବାୟ ସମିତି ମାଧ୍ୟମରେ ଚାଷୀଙ୍କଠାରୁ ୫୦୦ କୁଇଣ୍ଟାଲ ମୁଗ କ୍ରୟ କରାଯିବାର ଲକ୍ଷ୍ୟ ରଖାଯାଇଛି। କୌଣସି ଜଣେ ହେଲେ ଚାଷୀ ଯେପରି ଅଭାବୀ ବିକ୍ରିର ସମ୍ମୁଖୀନ ନ ହେବେ ସେଥିପ୍ରତି ସମବାୟ ସମିତି ଯତ୍ନବାନ ହେବ। ଏହି କାର୍ଯ୍ୟକ୍ରମରେ କୃଷକ ବିକାଶ ସମବାୟ ସମିତିର ସମ୍ପାଦକ ଅରବିନ୍ଦ ସାହୁ ଯୋଗଦେଇ କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ସ୍କିମ ଅଧିକାରୀ ନିରଞ୍ଜନ ରାଉତ, କୃଷକ ବିକାଶ ସମବାୟ ସମିତି ନିର୍ଦ୍ଦେଶକ ଧର୍ମପଦ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷକ ବିକାଶ ସମବାୟ ସମିତିର କର୍ମଚାରୀ ସର୍ବଶ୍ରୀ ବଳଭଦ୍ର ପଣ୍ଡା, ସ୍ମୃତି ରଞ୍ଜନ ସେଠୀଙ୍କ ସମେତ ଚାଷୀ ମୁରଲୀ ପାତ୍ର, ଅଶୋକ ଦାସ, ଗଙ୍ଗାଧର ପ୍ରଧାନ, ଫକୀର ସାମଲ, ଏକାଦଶୀ ପଣ୍ଡା, ରାଜକିଶୋର ପଣ୍ଡା, ଅମର ପ୍ରସାଦ ଦାସ, ବିଜ୍ଞାନ ଦାସ, ବୀରକିଶୋର ଦାସ, ବିଚିତ୍ରାନନ୍ଦ ଦାସ, ବିନୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିମାନେ ମୁଗ ମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।

# ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଜୁଳି କାଟ: ଜନଜୀବନ ଅସ୍ତବ୍ୟସ୍ତ

କୁଜଙ୍ଗ,୩୧।୫ (ମନୋଜ ପ୍ରଧାନ)

କୁଜଙ୍ଗ ଅଞ୍ଚଳରେ ଅସହ୍ୟ ଗୁଳୁଗୁଳି ହେଉଥିବାବେଳେ ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ ହେବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗାଁ ଗହଳି ଠାରୁ ବଜାର ଘାଟ ସବୁଠି ବିଜୁଳି କାଟ ଚିନ୍ତାର କାରଣ ପାଲଟିଛି । ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଜୁଳି କାଟରେ ବୃଦ୍ଧା, ବୃଦ୍ଧ, ଶିଶୁ ଓ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଜୁଳି ବିଭାଗର ମନମାନି ବିରୋଧରେ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବା ପରେ ବି ଅବସ୍ଥା ସୁଧୁରୁନାହିଁ। ସାଧାରଣ ଉପଭୋକ୍ତା ଭାବି ଥିଲେ, ଘରୋଇ କମ୍ପାନୀ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ନେଲେ ବିଜୁଳି ଯୋଗାଣରେ ସୁଧାର ଆସିବ। ମାତ୍ର ସୁଧାର ଆସିବା ପରିବର୍ତ୍ତେ ଅବସ୍ଥା ଯଥା ପୂର୍ବ ତଥା ପରଂ ରହିଛି। ବିଭାଗୀୟ ଏସ୍‌ଡିଓ କମଳାକାନ୍ତ ବିଶୋଇଙ୍କୁ ବିଜୁଳି କାଟ ସମ୍ପର୍କରେ ପଚାରିବାରେ, ସେ ଅସ୍ୱୀକାର କରିବା ସାଙ୍ଗକୁ ଯାନ୍ତ୍ରିକ ତ୍ରୁଟି ଦେଖା ଗଲେ ବ୍ରେକ୍ ଡାଉନ ନିଆଯାଇ କାମ ହେଉଛି ବୋଲି କହିଛନ୍ତି। କନିଷ୍ଠ ଯନ୍ତ୍ରୀ ଅମରେନ୍ଦ୍ର ନନ୍ଦଙ୍କୁ ପଚାରିବାରେ ସେ ସମାନ କଥା ଦୋହରାଇବା ସହ ବିଦ୍ୟୁତ୍ ଯୋଗାଣର ଦୂରତା ୭୦ କିମିରୁ ଊର୍ଦ୍ଧ୍ୱ ହେଉ ଥିବାରୁ ବହୁସମୟ ଯାନ୍ତ୍ରିକ ତ୍ରୁଟି ହେଉଛି। ଫଳରେ ବ୍ରେକ ଡାଉନ ନେବାରୁ ବିଜୁଳି କାଟ ହେଉଛି। କିପରି ଏ ସମସ୍ୟା ଦୂର ହେବା ସେସମ୍ପର୍କରେ ପଚାରିବାରୁ ଚଟୁଆ ଫିଡର କାର୍ଯ୍ୟକ୍ଷମ ହେଲେ ଦୂର ହେବ ବୋଲି ନନ୍ଦ କହିଥିଲେ। କାହିଁକି କାର୍ଯ୍ୟକ୍ଷମ ହେଉନି ବିଷୟରେ ସେ କହିଥିଲେ ଜନସାଧାରଣଙ୍କ ଅସହଯୋଗ ଯୋଗୁ ଏହା ହୋଇପାରୁନାହିଁ। ବିଭିନ୍ନ ସ୍ଥାନରେ ଜନସାଧାରଣ ତାର ଟଣାକୁ ବିରୋଧ କରିବାରୁ ଏଭଳି ସମସ୍ୟା ଉପୁଜିଛି।

ସୂଚନାଯୋଗ୍ୟ, ଦୀର୍ଘ ୮ ବର୍ଷ ପୂର୍ବେ ଚଟୁଆ ଫିଡର ନିମନ୍ତେ ବଡ଼ଗବପୁର ଦଣ୍ଡାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଷ୍ଟ୍ରକଚର କରାଯାଇଛି। ହେଲେ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଯେକୌଣସି ଛୋଟ ବଡ଼ ପ୍ରକଳ୍ପ ପାଇଁ ସରକାର ତ୍ୱରିତ ବେଗରେ ଅଣ୍ଟା ଭିଡ଼ି ସମାଧାନ କରୁଥିବାବେଳେ ବହୁ ଲୋକଙ୍କ ସ୍ୱାର୍ଥ ପାଇଁ ତତ୍ପରତା ପ୍ରକାଶ କ'ଣ ପାଇଁ କରୁନାହାନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏନେଇ ପ୍ରଶାସନ, ଅଞ୍ଚଳର ବୁଦ୍ଧିଜୀବୀ ଓ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଡାକି ବିଜୁଳି କାଟ ସମସ୍ୟା ଦୂର ପାଇଁ ପଦକ୍ଷେପ ନେବାକୁ ମାଟି ସୁରକ୍ଷା ମଞ୍ଚ ସଂଯୋଜକ ହୃଷୀକେଶ ନାଥ ଦାବି କରିଛନ୍ତି।

# ଦୁତିକେଶ୍ୱରଙ୍କ ପୀଠରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

ଓଡ଼ଗାଁ, ୩୧।୫
(ଆଦର୍ଶ କୁମାର ପଟ୍ଟନାୟକ)


ଶିବପାର୍ବତୀଙ୍କ ବିବାହ ଚାଲିଛି।

ନୟାଗଡ଼ ଜିଲା ଓଡ଼ଗାଁ ନିକଟସ୍ଥ ଜାମୁପାଟଣା ଶୁଳିଆ ପାହାଡ଼ ପାଦଦେଶରେ ଆର୍ବିଭୂତ ପଶ୍ଚିମାଭିମୁଖି ଶିବ ପ୍ରଭୁ ଶ୍ରୀଦୁତିକେଶ୍ୱର ମହାଦେବଙ୍କ ପୀଠରେ ବୈଦିକ ରୀତିମତେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ପବିତ୍ର ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଦେବଦମ୍ପତିଙ୍କ ବିବାହ ପାଇଁ ଚଳିତବର୍ଷ ପନ୍ତିଖାରୀ ଶାସନ ବିଭୂତି ରଞ୍ଜନ ଷଡ଼ଙ୍ଗୀ ଦମ୍ପତି କନ୍ୟା ପିତା ଓ ମାତା ଏବଂ ନୟାଗଡ଼ ଜିଲା ପୂର୍ବତନ ଜିଲାପାଳ ହେମନ୍ତ କୁମାର ପାଢ଼ୀ ବର ପିତା ଭାବେ ଦାୟିତ୍ୱ ତୁଲାଇ ଥିଲେ। ମନ୍ଦିର ପୁରୋହିତ ରବିନାରାୟଣ କରଙ୍କ ଦ୍ୱାରା ବୈଦିକ ମନ୍ତ୍ର ଉଚ୍ଚାରଣ ପୂର୍ବକ ପ୍ରଥମ ବରଣ, ଦିତୀୟ ବରଣ, ଅଧିବାସ, ଲବଣି ଚଉରୀ, କନିଷ୍ଟ ବେଦୀ, ଶଢାର୍ଘ୍ୟ, ହସ୍ତଗଣ୍ଠି ଆଦି କର୍ମ ସମ୍ପାଦିତ ହୋଇଥିଲା। ପରେ ଦେବ ଦମ୍ପତି ମନ୍ଦିର ପରିକ୍ରମା ସାରି ମନ୍ଦିର ପ୍ରବେଶ କରିଥିଲେ। ମନ୍ଦିର ପରିଚାଳନା ସଦସ୍ୟ ଓ ପାଳିଆ ସେବାସୀ ପ୍ରଭୁଙ୍କ ସମସ୍ତ ନୀତି କାର୍ଯ୍ୟରେ ସହଯୋଗ କରିଥିଲେ। ସାଧାରଣତଃ ସମସ୍ତ ଶୈବପୀଠରେ ରାତିବେଳା ଶିବ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ପୂର୍ବକାଳରେ ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ଏହି ସ୍ଥାନରେ ରାତ୍ରୀ ସମୟରେ ହିଂସ୍ର ବଣ୍ୟଜନ୍ତୁମାନଙ୍କ ଗତାଗତ ବହୁଳ ମାତ୍ରାରେ ରହିଥିବାରୁ ରାତି ଆସିବା ପୂର୍ବରୁ ସମସ୍ତ ପୂଜାବିଧି ସାରି ସେବାସୀ ଓ କର୍ମକର୍ତ୍ତା ଚାଲି ଯାଉଥିଲେ। କାଳକ୍ରମେ ସେହି ପରମ୍ପରା ପ୍ରଭୁଙ୍କ ନିର୍ଦ୍ଦେଶ ବୋଲି ଭାବି ନେଇ ଆଜି ପର୍ଯ୍ୟନ୍ତ ଦିନବେଳା ଏହି ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇ ଆସୁଥିବା ଜନଶ୍ରୁତିରୁ ଜଣାଯାଏ। ଦୁତିକେଶ୍ୱର ମନ୍ଦିର ପରିଚାଳନା କମିଟିର ଉପସଭାପତି ପ୍ରଫୁଲ୍ଲ ମାଝିଙ୍କ ସହିତ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ସେବାୟତମାନେ ସହଯୋଗ କରିଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର କୋରପିଠା ପନ୍ତିଖାରୀ ଶାସନ, ମଶାବାରି, କୈବଲ୍ୟପୁର ରଙ୍ଗଣୀପାଟଣା, ଓଡ଼ଗାଁ, କୁରାଳ ରାବରା, ଗୋଠବଣ ଏବଂ ଅନ୍ୟ ସମସ୍ତ ଶୈବପୀଠରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ଖଣ୍ଡପଡ଼ାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ


ମହାରଣା ସେବାୟତ ରଥର ଅଖ ନିର୍ମାଣ କରୁଛନ୍ତି।

ଖଣ୍ଡପଡ଼ା,୩୧।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ାର ସହରରେ ଶ୍ରୀଜଗନ୍ନାଥଜୀଉଙ୍କ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ମହାରାଣା ସେବକମାନଙ୍କ ଦ୍ୱାରା ଆରମ୍ଭ ହୋଇଛି। ଖଣ୍ଡପଡ଼ା ରାଜବାଟୀ ପରିସରସ୍ଥିତ ରଥ ଖଳାରେ ପରମ୍ପରା ଅନୁଯାୟୀ ପୂଜାପାଠ ପରେ ରଥ ଅନୁକୂଳ କରାଯାଇ ପ୍ରଥମେ ରଥ ଚକ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରକାଶ ଥାଉକି ଖଣ୍ଡପଡ଼ା ରାଜପରିବାର ଦ୍ୱାରା ପରିଚାଳିତ ଶ୍ରୀଜଗନ୍ନାଥ ଜୀଉ ମନ୍ଦିର ଓ ସରକାରଙ୍କ ଦେବୋତର ବିଭାଗ ଅଧୀନ ଶ୍ରୀଜଗନ୍ନାଥ ଜୀଉଙ୍କ ମନ୍ଦିର ପକ୍ଷରୁ ପ୍ରତିବର୍ଷ ପବିତ୍ର ଘୋଷଯାତ୍ରା ନିମନ୍ତେ ୨ଟି ରଥ ନିର୍ମାଣ କରାଯାଇଥାଏ।

# ୧୧ଟି ଶୈବପୀଠରେ ଶିବପାର୍ବତୀଙ୍କ ବିବାହ ସମ୍ପନ୍ନ

ଗଣିଆ, ୩୧।୫(ସନ୍ତୋଷ କୁମାର ପ୍ରଧାନ)

ଶୀତଳଷଷ୍ଠୀ ଅବସରରେ ଗଣିଆ ବ୍ଲକର ୧୧ ଟି ଶୈବ ପୀଠରେ ଶିବପାର୍ବତୀଙ୍କ ବିବାହ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଚଳିତବର୍ଷର ବରପିତା ମାନସ କୁମାର ମହାଖୁଡ଼ ରାଉତପଡ଼ା ବିରାଜିତ ଶ୍ରୀଭୋଳେଶ୍ୱର ମହାଦେବଙ୍କୁ ବରବେଶରେ ସୁସଜ୍ଜିତ କରି ବାଣ ରୋସଣୀରେ ପଟୁଆର ମନ୍ଦିର ପରିକ୍ରମା କରିବା ପରେ ରାଉତପଡ଼ା ଗ୍ରାମ ପରିକ୍ରମା କରିଥିଲେ। ପରିକ୍ରମାରୁ ଫେରିବା ପରେ ମନ୍ଦିର ଫାଟକରେ ବାଟ ଜଗିବା ପ୍ରକ୍ରିୟା ସରିବା ପରେ କନ୍ୟାପିତା ଅନ୍ତର୍ଯ୍ୟାମୀ ପ୍ରଧାନ ବରଯାତ୍ରୀଙ୍କୁ ଅଭ୍ୟର୍ଥନା ଦେଇ ଠାକୁରଙ୍କୁ ବନ୍ଦାଣ କରି ନେଇ ବିବାହ ବେଦୀ ଉପରେ ଯଥାରୀତି ଠାକୁରଙ୍କ ବିବାହ ଉତ୍ସବ ସମ୍ପାଦନ କରାଯାଇଥିଲା। ଏହି ଉତ୍ସବରେ ଗଣିଆ ତଥା ଆଖପାଖ ଅଞ୍ଚଳର ପ୍ରାୟ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସେହିଭଳି ଗଣିଆ ବିରାଜିତ ଲିଙ୍ଗରାଜ ଦେବ ପୀଠରେ ବରପିତା ଭାବେ ସୁଶାନ୍ତ କୁମାର ଦଳବେହେରା ଓ କନ୍ୟାପିତା ଭାବେ ପ୍ରକାଶ କୁମାର ସାହୁ, ପଞ୍ଚୁପଲ୍ଲୀ ପ୍ରଗଣାସ୍ଥିତ ଶ୍ରୀ ଗୁପ୍ତେଶ୍ୱର ମହାଦେବଙ୍କ ପୀଠରେ ବରପିତା ଭାବେ ତପନ ରାଉତ ଓ କନ୍ୟାପିତା ଭାବେ କୃତିବାସ ସାହୁ, ଧୂଆମଡ଼ାସ୍ଥିତ ରାମେଶ୍ୱରଙ୍କ ପୀଠରେ ବରପିତା ଭାବେ ବେଣୁଧର ସାହୁ, କନ୍ୟାପିତା ଭାବେ ବିନୋଦ ବିହାରୀ ମହାରଣା ଶିବ ଓ ମା' ପାର୍ବତୀଙ୍କ ବିବାହ କାର୍ଯ୍ୟ କରାଇଥିବାବେଳେ, ଡଙ୍କାରିସାହିସ୍ଥିତ ଗଣପତିଶ୍ୱରଙ୍କ ପୀଠରେ, କଳାଶିମିଳିସ୍ଥିତ ଲିଙ୍ଗରାଜ ଦେବଙ୍କ ପୀଠରେ, ଇନ୍ଦିପଟ୍ଟାସ୍ଥିତ ବିଶ୍ୱନାଥ ଦେବଙ୍କ ପୀଠରେ, ଜଗନ୍ନାଥପ୍ରସାଦ ବାଲୁଙ୍କେଶ୍ୱର ଦେବଙ୍କ ପୀଠାରେ, କିଶୋରପ୍ରସାଦର ଭୋଳେଶ୍ୱର ମହାଦେବ, ପତଣ୍ଡାର ଲିଙ୍ଗରାଜ ଓ ବଡ଼ମୂଳର କପିଳେଶ୍ୱର ମହାଦେବ ପୀଠରେ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଶିବପାର୍ବତୀଙ୍କ ବିବାହତ୍ସୋବ ଅନୁଷ୍ଠିତ ହୋଇଥିଲା।

# ବଜ୍ରପାତରେ ଜଣେ ମୃତ

ଗଣିଆ,୩୧।୫
(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ଥାନା ବଡ଼ସିଲିଙ୍ଗା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତରେ ଜଣକର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଥିଲେ। ମୃତକ ହେଲେ ଅଖିନ୍ଦର ଯାନୀ(୨୭)। ଗୁରୁତର ବ୍ୟକ୍ତି ଜଣକ ହେଲେ ପଙ୍କଜ ମାଝୀ (୨୫)।

ଅଖିନ୍ଦର ଯାନୀ ଓ ପଙ୍କଜ ମାଝୀଙ୍କ ନିଜ ଛେଳି ବାହାରକୁ ଚରିବାକୁ ଯାଇଥିବାବେଳେ ତାଙ୍କୁ ଘରକୁ ଫେରାଇ ଆଣିବାକୁ ଯାଇଥିଲେ। ଠିକ ସେତିକି ବେଳେ ବର୍ଷା ହେବାରୁ ଉଭୟେ ଏକ ଆମ୍ବ ଗଛମୂଳେ ଆଶ୍ରୟ ନେଇଥିଲେ। ହଠାତ ବଜ୍ରପାତ ହେବାରୁ ଅଖିନ୍ଦର ଓ ପଙ୍କଜ ଘଟଣାସ୍ଥଳରେ ତାହାର ଶିକାର ହୋଇଥିଲେ। ପରେ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଅଖିନ୍ଦରଙ୍କୁ ମୃତ ଘୋଷଣା କରିଥିଲେ। ପଙ୍କଜଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅଖିନ୍ଦରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ପାରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# କବିସମ୍ରାଟଙ୍କ ସାଧନା ପୀଠରେ ଭଞ୍ଜ ଜୟନ୍ତୀ


କାଳଜୟୀ କାବ୍ୟଶିଳ୍ପୀ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ନୟାଗଡ଼,୩୧।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ଗତିଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ଓ ସଂସ୍କୃତି ପରିଷଦର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଶୁକ୍ରବାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ମାଳିସାହି ଗତିଶ୍ୱର ମହାଦେବ ଓ ଢେଙ୍କଣା ରଘୁନାଥଙ୍କ ଆଶୀର୍ବାଦରେ କିଭଳି ଘୁମୁସର ରାଜପୁତ୍ର ଉପେନ୍ଦ୍ର କବି ସମ୍ରାଟରେ ପରିଣତ ହୋଇ ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଭଳି କାଳଜୟୀ କୃତୀମାନ ସୃଷ୍ଟି କଲେ ସେ ନେଇ ଆଲୋକପାତ କରିଥିଲେ। ଭଞ୍ଜଙ୍କ ସାହିତ୍ୟ ଉତ୍କଳୀୟ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲା। ସମ୍ପୃକ୍ତ ପୀଠର ବିକାଶ ପାଇଁ ସହଯୋଗ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଭଞ୍ଜ ସାହିତ୍ୟ ବିଶାରଦ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଥିଲେ ରୀତିଯୁଗର ଶ୍ରେଷ୍ଠତମ କବି। ଉପମା, ଅଳଙ୍କାର, ଶ୍ଳେଷ, ଶବ୍ଦ, ଅର୍ଥ, ସାଙ୍ଗୀତିକତାର ପ୍ରୟୋଗାତ୍ମକ ଶୈଳୀରେ ସେ ଥିଲେ କାଳଜୟୀ ଓ ସାରସ୍ୱତ ସ୍ରଷ୍ଟା ବୋଲି ଟିପ୍ପଣୀ ଦେଇଥିଲେ। ଏଥିରେ ବିଶିଷ୍ଟ ସାରସ୍ୱତ ସାଧକ ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ଓ ପ୍ରଖ୍ୟାତ କଣ୍ଠଶିଳ୍ପୀ ସୁରଗନ୍ଧର୍ବ ନବକିଶୋର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡ. ପ୍ରେମାନନ୍ଦ ସରସ୍ୱତୀଙ୍କ ପ୍ରଣୀତ 'କାଳଜୟୀ କାବ୍ୟଶିଳ୍ପୀ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ପୁସ୍ତକ ଲୋକାର୍ପିତ ହୋଇଥିଲା। ପରିଷଦର ଉପସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର ସ୍ୱାଗତ ସମ୍ଭାଷଣ ରଖିଥିଲେ ଓ ସହ ସମ୍ପାଦକ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ବିଶ୍ୱନାଥ ମହାପାତ୍ର ସଭା ସଞ୍ଚାଳନ କରିଥିଲା ବେଳେ ନୟାଗଡ଼ ଜିଲା ଲେଖକ ପରିଷଦର ସମ୍ପାଦକ ଏସ୍‌ଏ ଖାଲିକ, ଅଧ୍ୟାପିକା ନୀଳିମା ନନ୍ଦ, ପ୍ରବୀଣ ସଂଯୋଜକ ଗୋପୀନାଥ ସେଠୀ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ ବିଜୟାନନ୍ଦ ମହାପାତ୍ର ଓ ଭୂମିକା ମହାପାତ୍ରଙ୍କ ଭଞ୍ଜ ସଙ୍ଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସକାଳେ ଉପେନ୍ଦ୍ର ଭଞ୍ଜଙ୍କ ଆରାଧ ଦେବତା ଢେଙ୍କଣା ଗ୍ରାମର ରଘୁନାଥଙ୍କର ମଠରୁ ଆଜ୍ଞାମାଳ ଯାଇ ମାଳିସାହିଠାରେ ଅବସ୍ଥାପିତ କବିସମ୍ରାଟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ, ରାମଚନ୍ଦ୍ର ମହାପାତ୍ର ଓ ତବିରୁନ ବିବି ପ୍ରମୁଖ ସହଯୋଗ କରିଥିଲେ।

# ଶିବ ବିବାହରେ ମର୍ଦ୍ଦରାଜପୁର ଚଳଚଞ୍ଚଳ


ମର୍ଦ୍ଦରାଜପୁର ମନ୍ଦିରରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଚାଲିଛି।

ଖଣ୍ଡପଡ଼ା,୩୧।୫
(ଅଜୟ କୁମାର ମହାରଣା)

ଶିବ ବିବାହ ପାଇଁ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଖଳିସାହି, ମର୍ଦ୍ଦରାଜପୁର, ବୋଦଶା ଆଦି ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ମର୍ଦ୍ଦରାଜପୁରରେ ଏହି ଯାତ୍ରା ପାଇଁ ସ୍ୱତନ୍ତ୍ରତା ରହିଛି। ଗ୍ରାମର ଆରାଧ୍ୟ ଦେବତା ମୁକ୍ତି କ୍ଷେତ୍ର ମୁଣ୍ଡିଆ ହନୁମାନଙ୍କ ପ୍ରାଙ୍ଗଣରେ ପ୍ରଭୁ ଶିବ ଏବଂ ମା' ପାର୍ବତୀଙ୍କ ମଧ୍ୟରେ ଜ୍ୟେଷ୍ଠ ଶୁକ୍ଳ ୫ମୀ ତିଥିରେ ଅନୁଷ୍ଠିତ ବିବାହ ଅତ୍ୟନ୍ତ ଆକର୍ଷଣୀୟ। ଏଥି ନିମନ୍ତେ ସମସ୍ତ ପ୍ରସ୍ତୁତି ସମ୍ପନ୍ନ ହୋଇଯାଇଛି। ଏହି ଉତ୍ସବରେ ବରପକ୍ଷ ଚନ୍ଦନ କୁମାର ଗୋଚ୍ଛି ଓ ପ୍ରତିମା ଗୋଚ୍ଛି, କନ୍ୟା ପକ୍ଷ ପ୍ରମୋଦ କୁମାର ସାହୁ ଓ କଲ୍ୟାଣୀ ବେହେରାଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୁରୋହିତ କାର୍ଯ୍ୟରେ ବାଞ୍ଛାନିଧି ମିଶ୍ର ଓ ସରୋଜ ନନ୍ଦ ବିବାହ କର୍ମ ସମ୍ପାଦନା କରିଥିବାବେଳେ କନ୍ୟା ପିତା ଭାବେ ବିପିନ କୁମାର ରାଉତ ଏବଂ ବର ପିତା ଭାବେ କାହ୍ନୁ ଚରଣ ବେହେରା ବିବାହ କାର୍ଯ୍ୟ ପରିଚାଳନା କରିଥିଲେ। ମନ୍ଦିର ଘଣ୍ଟି ଘଣ୍ଟା ଧ୍ୱନୀ ମଧ୍ୟରେ ପୂଜକ ଆଜ୍ଞାମାଳ ଆଣି ଉଭୟଙ୍କୁ ଆମନ୍ତ୍ରଣ କରି ସନ୍ଧ୍ୟା ୬ଟାରେ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସେହିପରି ଖଣ୍ଡପଡ଼ା ସହରାଞ୍ଚଳରେ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବ, ଶ୍ରୀଲୋକନାଥ ଦେବ, ଶ୍ରୀବାଲୁଙ୍କେଶ୍ୱର ଦେବ ଓ ଶ୍ରୀସୁବର୍ଣ୍ଣେଶ୍ୱର ଦେବ ଏବଂ ଖଳିସାହିସ୍ଥିତ ନୀଳକଣ୍ଠେଶ୍ୱର ଦେବ, ବୋଦଶାର ବାଲୁଙ୍କେଶ୍ୱର ମହାଦେବଙ୍କ ବିବାହ କାର୍ଯ୍ୟ ପାରମ୍ପରିକ ଭାବେ ବିଧି ମୁତାବକ ସମ୍ପାଦନ ହୋଇଯାଇଛି। ରବିବାର ଶ୍ରୀଜୀଉ ତଥା ବରଯାତ୍ରୀ ସହ ଗ୍ରାମ ପରିକ୍ରମା କରାଯାଇ ଠାକୁର ମନ୍ଦିର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

# ବିଧାନସଭା ଷ୍ଟାଣ୍ଡିଂ କମିଟିର ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ

ଛତ୍ରପୁର,୩୧।୫ (ଦିଲ୍ଲୀପ ସାମଲ)

ବିଧାନସଭାର ନବମ ଷ୍ଟାଣ୍ଡିଂ କମିଟି ଶନିବାର ଗଞ୍ଜାମ ଜିଲ୍ଲା ଛତ୍ରପୁର ନିର୍ବାଚନମଣ୍ଡଳୀ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପ ଦେଖିଛନ୍ତି। ବିଧାୟକ ସନାତନ ବିଜୁଳିଙ୍କ ଅଧକ୍ଷତାରେ ଗଠିତ ଏହି ଷ୍ଟାଣ୍ଡିଂ କମିଟିର ସଦସ୍ୟ ବିଧାୟକ ଦେବିରଞ୍ଜନ ତ୍ରିପାଠୀ, ଅଧୀରଜ ମୋହନ ପାଣିଗ୍ରାହୀ, ଯୋଗେଶ କୁମାର ସିଂ, ଅରବିନ୍ଦ ମହାପାତ୍ର ଓ ଅମର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ପ୍ରତାପ ଚନ୍ଦ୍ର ନାୟକଙ୍କ ସମେତ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଛତ୍ରପୁର ବ୍ଲକ୍ ପୋଟଲାମପୁର ସ୍ଥିତ ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଚାଲିଥିବା କାର୍ଯ୍ୟକୁ ଦେଖିଥିଲେ। କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ସଦସ୍ୟ ମାନେ ବିରକ୍ତ ପ୍ରକାଶ କରିଥିଲେ। ପରେ ମେଗା ପ୍ରକଳ୍ପର ଅନ୍ୟାନ୍ୟ ଅଧିକାରୀ ଏବଂ ଇଂଜିନିୟର ମାନଙ୍କ ସହ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। କମିଟିର ସଦସ୍ୟମାନଙ୍କୁ ସ୍ଥାନୀୟ ବିଧାୟକ ଏବଂ ଜିଲାପ୍ରଶାସନଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ଷ୍ଟାଣ୍ଡିଂ କମିଟି ଚମାଖଣ୍ଡି ସ୍ଥିତ ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ କରିଥିଲେ। ସେଠାରେ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ରରେ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଚିପ୍ସ, ଚିଲି, ଟମାଟ ସସ୍ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀର ପ୍ରସ୍ତୁତ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ବେଳେ ଗଞ୍ଜାମ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଓଡ଼ିଶା ଜୀବିକା ମିଶନର ଛତ୍ରପୁର ବ୍ଲକ୍ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନାଙ୍କ ସମେତ ଅନ୍ୟାମାନେ ଉପସ୍ଥିତ ଥିଲେ।

# ବଳରାମପ୍ରସାଦ : ଶ୍ରୀଜଗନ୍ନାଥଙ୍କ ଦାରୁ ପୀଠରେ ଗୀତାଯଜ୍ଞ

ଖଣ୍ଡପଡ଼ା,୩୧।୫
(ଅଜୟ କୁମାର ମହାରଣା)

ଶନିବାର ଜ୍ୟେଷ୍ଠ ଶୁକ୍ଳପକ୍ଷ ୫ମୀ ତିଥିରେ ନୀଳମାଧବଜୀଉଙ୍କ ପାର୍ଶ୍ୱ ଠାକୁର ଶ୍ରୀଜଗନ୍ନାଥଙ୍କ ଦାରୁ ପୀଠ ବଳରାମପ୍ରସାଦଠାରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବଳରାମପ୍ରସାଦ ସଡ଼କ ନୂଆସାହି ଆନୁକୂଲ୍ୟରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଶୁକ୍ରବାର ପ୍ରଥମ ଦିବସରେ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ ଜଗନ୍ନାଥ ସଂସ୍କୃତିର ଆଦିପୀଠ ଶ୍ରୀନୀଳମାଧବ ଜୀଉଙ୍କ କ୍ଷେତ୍ରରେ ବିରାଜିତ ସୁଦର୍ଶନ, ବଳଭଦ୍ର, ମା' ସୁଭଦ୍ରା ଓ ଜଗନ୍ନାଥ ଜୀଉଙ୍କ ବିଗ୍ରହ ପରିବର୍ତ୍ତନ ପାଇଁ ବନଜାଗ ଓ ଦାରୁ ଛେଦନ ପ୍ରକ୍ରିୟା ୨୦୧୫ ମେ ୨୦ ତାରିଖରୁ ଆରମ୍ଭ ହୋଇଥିଲା। ଜଗତରନାଥ କାଳିଆ ସାଆନ୍ତ ନୂଆ ବିଗ୍ରହ ଧାରଣ କରିବେ, ଏଥିପାଇଁ ବନଯାଗୀ ଦଳ ମହାପ୍ରଭୁଙ୍କ ଆଜ୍ଞା ମାଳ ଧରି ୨୦୧୫ ମେ ୨୨ ତାରିଖ ଆଜିର ତିଥିରେ ବଳରାମପ୍ରସାଦ ଗ୍ରାମରେ ପହଞ୍ଚି ଚିହ୍ନଟ ହୋଇଥିବା ଦାରୁସ୍ଥଳରେ ପୂଜାର୍ଚ୍ଚନା ସହିତ ଭୂମି ଶୋଧନ, ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ବନଯାଗ ଦଳର ଦଳପତି ସ୍ୱର୍ଗତ ବାଇଧର ମିଶ୍ରଙ୍କ ସମେତ ସମସ୍ତ ବନଯାଗୀ ଦଳର ସଦସ୍ୟ ଓ ବେଦଜ୍ଞ ପଣ୍ଡିତ ପ୍ରମୁଖ ଦାରୁସ୍ଥଳରେ ଗୁପ୍ତ ନୀତି ସମ୍ପନ୍ନ କରି ଉକ୍ତ ଦାରୁ ଛେଦନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏଣୁ ଆଜିର ଏହି ପବିତ୍ର ଦିନକୁ ସମ୍ପୃକ୍ତ ଗ୍ରାମବାସୀ ପାରମ୍ପରିକ ରୀତିରେ ପାଳନ କରୁଥିବା ଜଣାପଡିଛି।

# ଦୁଇ ଭାଇଙ୍କ ଆକ୍ରମଣରେ ବୃଦ୍ଧା ଆହତ

ଦିଗପହଣ୍ଡି,୩୧।୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ପଞ୍ଚାୟତ ନବରଙ୍ଗପୁର ଗ୍ରାମର ୭୦ ବର୍ଷୀୟା ବୃଦ୍ଧା ଅନ୍ନପୂର୍ଣ୍ଣା ଗୌଡ଼ଙ୍କୁ ତାଙ୍କ ପଡୋଶୀ ସିଲୁ ଗୌଡ଼ ଓ ଫିଲୁ ଗୌଡ଼ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ବୃଦ୍ଧାଙ୍କ ଏତଲାକ୍ରମେ ଦିଗପହଣ୍ଡି ଥାନାରେ ନଂ.୧୯୧/୨୫ ମକଦ୍ଦମା ରୁଜୁ ହୋଇଛି। ଗୁରୁବାର ସନ୍ଧ୍ୟାରେ ପଡୋଶୀ ଘର ଲୋକେ ଅନ୍ନପୂର୍ଣ୍ଣାଙ୍କ ଘର ସମ୍ମୁଖରେ ସଜନାଗଛ ଓ ନଡ଼ିଆ ଗଛ ଡାଳ ଗଦା କରିଥିଲେ। ଘରକୁ ଯିବାଆସିବାରେ ଅସୁବିଧା ହେବାରୁ ବୃଦ୍ଧା ଜଣକ ପ୍ରତିବାଦ କରିଥଲେ। ଏଥିରେ ଉତ୍ତେଜିତ ହୋଇ ଦୁଇ ଭାଇ ତାଙ୍କୁ ମାଡ଼ ମାରିଥିବା ଏତଲାରେ ଉଲ୍ଲେଖ ରହିଛି।

# ଖଣ୍ଡପଡ଼ା ଅଞ୍ଚଳରେ ବଢୁଛି ବେକାରି ସମସ୍ୟା

## ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି ବହୁ ଯୁବକ

ଖଣ୍ଡପଡ଼ା,୩୧।୫
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଏକ ଶିଳ୍ପ ବିହୀନ ଜିଲା ଭାବେ ପରିଚିତ। ଜିଲାର ଏକମାତ୍ର ଶିଳ୍ପ ପାଣିପୋଇଲା ଗ୍ରାମସ୍ଥିତ ଚିନିକଳ ବନ୍ଦ ହୋଇଯାଇଛି। ବର୍ଷବର୍ଷ ଧରି ଆଖୁଚାଷ କରି ପରିବାର ପ୍ରତିପୋଷଣ କରୁଥିବା ବହୁ ଚାଷୀ ପରିବାର ଏବେ ଆଖୁଚାଷରୁ ଦୂରେଇ ଯାଇଛନ୍ତି। ସେମାନଙ୍କ ପିଲାମାନେ ଏବେ ରାଜ୍ୟ ବାହାରେ ଦାଦନ ଖଟୁଥିବା ଜଣାପଡିଛି। ସେହିପରି ବିଭିନ୍ନ କୁଟୀର ଶିଳ୍ପ ଉପରେ ନିର୍ଭର କରୁଥିବା ପରିବାରଗୁଡିକ ପାଖରେ କଞ୍ଚାମାଲର ଅଭାବ ସାଙ୍ଗକୁ ଭିତିଭୂମି ଦୁର୍ବଳ ଯୋଗୁ ଏହି ଧରଣର କୁଶଳୀ ଓ ଅଣକୁଶଳୀ କାରିଗର ଏବେ କୌଳିକ ବୃତିକୁ ଛାଡ଼ି ଦେଇ ବାହାରେ ଦାଦନ ଖଟୁଛନ୍ତି। ଅପରପକ୍ଷେ ବହୁ ଶିକ୍ଷିତ ଯୁବତୀଯୁବକ, ଏବେ ଉପଯୁକ୍ତ ନିଯୁକ୍ତି ଅପେକ୍ଷାରେ ଚାତକ ପରି ଚାହିଁ ରହିଥିବାବେଳେ ସମଗ୍ର ଅଞ୍ଚଳରେ ବେକାରୀ ସମସ୍ୟା ବେଳକୁ ବେଳ ବଢିବାରେ ଲାଗିଛି। ଏଥିପ୍ରତି ଜିଲା ପ୍ରଶାସନ ନତୁବା ରାଜ୍ୟ ସରକାରଙ୍କ ନିଘା ନ ଥିବା ପରି ମନେ ହେଉଛି।

# ୨ଶହ ମିଟର ରାସ୍ତା ପାଇଁ ଗ୍ରାମବାସୀ ହଇରାଣ

ପାରଳାଖେମୁଣ୍ଡି,୩୧।୫
(ଗିରିଧାରୀ ପରିଛା)



ଗଜପତି ଜିଲା କାଶୀନଗର ବ୍ଲକ ସୀତାପୁରୁ ପଞ୍ଚାୟତର ମିନିଗାଁଗୁଡ଼ା ଗ୍ରାମକୁ ବଳକା ଥିବା ୨ଶହ ମିଟର ରାସ୍ତା ଦୀର୍ଘଦିନ ଧରି ହୋଇପାରୁନାହିଁ। ଲୋକେ ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ରାସ୍ତା ନ ଥିବାରୁ ଯାତାୟାତ ପାଇଁ ବହୁ ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ। ମୁଖ୍ୟ ରାସ୍ତାଠାରୁ ଉକ୍ତ ଗ୍ରାମକୁ ଯିବାକୁ ହେଲେ ୧କି.ମି. ରାସ୍ତା ଯିବାକୁ ପଡେ। ୮ଶହ ମିଟର ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମାଟି ରାସ୍ତା ଦୀର୍ଘବର୍ଷ ତଳେ ହୋଇଥିବା ବେଳେ ଅବଶିଷ୍ଟ ୨୦୦ ମିଟର ରାସ୍ତା ଏପର୍ଯ୍ୟନ୍ତ ହୋଇ ନାହିଁ। ମୁଖ୍ୟ ରାସ୍ତାକୁ ଆସିବାକୁ ହେଲେ ୧ କି.ମି. ଚାଲିଚାଲି ଆସିବାକୁ ହୁଏ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ୮ଶହ ମିଟର ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇ ପଡିଲାଣି। ଗ୍ରାମରେ ଜରୁରୀ ସମୟରେ ଆମ୍ବୁଲାନ୍ସ ପହଞ୍ଚିପାରୁଛି। ରୋଗୀ ଓ ଗର୍ଭବତୀ ମହିଳା ନାହିଁ ନ ଥିବା ହଇରାଣ ହେଉଛନ୍ତି। ସେମାନଙ୍କୁ ପରିବାର ଲୋକେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଚଲାଇଚଲାଇ ନେଉଥିବା ଦେଖିବାକୁ ମିଳୁଛି। ବର୍ଷା ଦିନ ହେଲେ ଉକ୍ତ ରାସ୍ତା ପାଣି କାଦୁଅରେ ଭର୍ତ୍ତି ହୋଇ ରହୁଛି। ଏନେଇ ବହୁବାର ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନକୁ ଗ୍ରାମବାସୀ ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଗ୍ରାମକୁ କଂକ୍ରିଟ ରାସ୍ତା ନିର୍ମାଣ ନେଇ ଜିଲା ପ୍ରଶାସନ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏହା ନ ହେଲେ ଆମେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ, ଏହି ମିଟର ୨୦୦ ରାସ୍ତା ନିର୍ମାଣ ପାଇଁ ଚେଷ୍ଟା କରାଯାଇଥିଲେ ମଧ ଏହି ରାସ୍ତା ସ୍ଥାନୀୟ କିଛି ଲୋକଙ୍କ ପଟ୍ଟା ଜମି ଥିବାରୁ ରାସ୍ତା ନିର୍ମାଣ ହୋଇ ପାରୁନାହିଁ।

# ରିଲାଏନ୍ସ ଡିଜିଟାଲର 'ବୁଟ୍ ଅପ୍ ଇଣ୍ଡିଆ' ସେଲ୍

**ଭୁବନେଶ୍ୱର,୩୧।୫ (ଅଭୟ ଦାଶ)**

ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ ଅଫର ତଥା ସବୁଠାରୁ ବଡ଼ ଲାପଟପ୍ ସେଲ୍ 'ବୁଟ୍ ଅପ୍ ଇଣ୍ଡିଆ' ର ଶୁଭାରମ୍ଭ ଶନିବାରଠାରୁ ସର୍ବଭାରତୀୟସ୍ତରରେ ଆରମ୍ଭ ହୋଇଯାଇଛି। ଏହା କେବଳ ଏକ ସେଲ୍ ନୁହେଁ, ବୁଟ୍ ଅପ୍ ଇଣ୍ଡିଆ ହେଉଛି ଏକ ଶକ୍ତିଶାଳୀ ମିଶନ ବା ଏକ ଅଭିଯାନ। ଅପରପକ୍ଷରେ ଆଜିର ଛାତ୍ରଛାତ୍ରୀମାନଙ୍କୁ ଆସନ୍ତାକାଲିର ଅବସର ପାଇଁ ପ୍ରସ୍ତୁତ କରିବା ଏବଂ ସେମାନଙ୍କୁ ସଶକ୍ତ କରିବା ହେଉଛି ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ। ଏହି ଅଫର (ସେଲ) ୨୦୨୫ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଉପଲବ୍ଧ। ସେହିଭଳି ଶନିବାରଠାରୁ ଆରମ୍ଭ ହୋଇଥିବା ବୁଟ୍ ଅପ୍ ଇଣ୍ଡିଆ ସେଲକୁ କେବଳ ଏକ ଶପିଙ୍ଗ୍ ଇଭେଣ୍ଟ ଭାବେ ନୁହେଁ ବରଂ ଭାରତର ପରବର୍ତ୍ତୀ ପିଢ଼ିର ନେତା, ସୃଷ୍ଟିକର୍ତ୍ତା ଏବଂ ନବସୃଜନକାରୀଙ୍କ ପାଇଁ ଏକ ପ୍ରକୃତ ଲଞ୍ଚପ୍ୟାଡ୍ ଭାବେ ପ୍ରସ୍ତୁତ କରାଯାଇଛି। ଅପରପକ୍ଷରେ ବୁଟ୍ଅପ୍ ଇଣ୍ଡିଆ ସେଲ୍ ରିଲାଏନ୍ସ ଡିଜିଟାଲ ଏବଂ ମାଇ ଜିଓ ଷ୍ଟୋର ଏବଂ reliancedigital.in ରେ ଆକର୍ଷଣୀୟ ଅଫର ସହ ଉପଲବ୍ଧ ରହିଛି। ଉଲ୍ଲେଖଯୋଗ୍ୟ, ଲାପଟପ୍, ଆକ୍ସେସରିଜ୍ ଏବଂ ଅନ୍ୟାନ୍ୟ ଆଇଟି ଆବଶ୍ୟକ ସାମଗ୍ରୀର ଆକର୍ଷଣୀୟ ମୂଲ୍ୟ ସହ ବୁଟ୍ ଅପ୍ ସେଲ୍ ଅବିଶ୍ୱସନୀୟ ପୁରସ୍କାରରେ ପରିପୂର୍ଣ୍ଣ ରହିଛି। ସେହିପରି ଭାରତୀୟ ଛାତ୍ରମାନଙ୍କ ପାଇଁ ପ୍ରାୟ ୧ କୋଟିର ଛାତ୍ର ବୃତ୍ତି ଏବଂ ୨୫ଟି କାର, ୪୦ ଟି ବାଇକ୍ ଏବଂ ୪୫୦ ରୁ ଅଧିକ ଇଲେକ୍ଟ୍ରୋନିକ୍ ଉତ୍ପାଦ ଜିତିବାର ସୁଯୋଗ ରହିଛି। ଏପରିକି ପ୍ରତି ଗ୍ରାହକଙ୍କ ପାଇଁ ନିଶ୍ଚିତ ଉପହାର ଓ ପ୍ରତ୍ୟେକ କ୍ରୟକୁ ପୁରସ୍କାର ଯୋଗ୍ୟ କରିଥାଏ। ଏହି ସେଲ୍‌ରେ ବ୍ୟାଙ୍କ ଅଫର ଏବଂ କ୍ୟାଶ୍‌ବ୍ୟାକ୍ ଅନ୍ତର୍ଭୁକ୍ତ ରହିଛି।ବୁଟ୍ ଅପ୍ ଇଣ୍ଡିଆ ହେଉଛି ଏକ ସମନ୍ୱିତ ଅଭିଯାନ, ଯାହା ଇନ୍-ଷ୍ଟୋର ସକ୍ରିୟକରଣ, ସୋସିଆଲ ମିଡିଆ ଯୋଗାଯୋଗ ଏବଂ ବିଭିନ୍ନ କ୍ଷେତ୍ରରେ ନିୟୋଜିତ କାର୍ଯ୍ୟକଳାପ ସହ କାର୍ଯ୍ୟ କରିଥାଏ। ଏହି ଅଭିଯାନ ରିଲାଏନ୍ସ ଡିଜିଟାଲର ସମ୍ଭାବନାକୁ ପୋଷଣ କରିବା ଏବଂ ପ୍ରଯୁକ୍ତି ବିଦ୍ୟାକୁ ଅଧିକ ସୁଗମ କରିବା ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଇଥାଏ। ଆପଣ କଲେଜ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ର, ଆପଣଙ୍କ ପିଲାର ଭବିଷ୍ୟତରେ ନିବେଶ କରୁଥିବା ପିତାମାତା, ଉତ୍ପାଦକତା ପାଇଁ ବୃତ୍ତିଗତ ଅପ୍‌ଗ୍ରେଡ୍, ଉଚ୍ଚ କାର୍ଯ୍ୟଦକ୍ଷତା ପଛରେ ଦୌଡୁଥିବା ଗେମର, ସୃଜନଶୀଳ ସୀମାକୁ ଆଗକୁ ନେଉଥିବା ଜଣେ ସୃଷ୍ଟିକର୍ତ୍ତା ହୁଅନ୍ତୁ କିମ୍ବା ଡିଜିଟାଲ ଦୁନିଆକୁ ଅନୁସନ୍ଧାନ କରୁଥିବା ଜଣେ ବରିଷ୍ଠ ବ୍ୟକ୍ତି, ଆପଣଙ୍କ ପାଇଁ ଏକ ଲାପଟପ୍ ଅଛି, ଆସନ୍ତୁ ଏବଂ ବୁଟ୍ ଅପ୍ ଇଣ୍ଡିଆ ସେଲ୍‌ର ଲାଭ ଉଠାନ୍ତୁ ଏବଂ ଆପଣଙ୍କର ସ୍ୱପ୍ନକୁ ସାକାର କରନ୍ତୁ ଏହା କେବଳ ଏକ ବିକ୍ରୟ ନୁହେଁ, ଏହା ଭବିଷ୍ୟତ ପାଇଁ ଆପଣଙ୍କର ଲଞ୍ଚ ପ୍ୟାଡ୍ ବୋଲି ଭାବି ନିଅନ୍ତୁ।




# ଏନ୍‌ଏସ୍‌ଇ ଏମର୍ଜ ପ୍ଲାଟ୍‌ଫର୍ମରେ ବିଡବ୍ଲ୍ୟୁଏଲ୍

**ଭୁବନେଶ୍ୱର,୩୧।୫:** ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ପରିବହନ ଷ୍ଟାର୍ଟଅପ୍ କମ୍ପାନୀ ବ୍ଲୁ ୱାର୍ଟର ଲଜିଷ୍ଟିକ୍ସ (ବିଡବ୍ଲ୍ୟୁଏଲ୍)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀର ଉଲ୍ଲେଖନୀୟ ଅଭିବୃଦ୍ଧି ସହ ୨୦୨୫ ଜୁନ୍ ୩ ରେ ଏନ୍‌ଏସ୍‌ଇ ଏମର୍ଜ ପ୍ଲାଟ୍‌ଫର୍ମରେ ତାଲିକାଭୁକ୍ତ ହେବାକୁ ଯାଉଛି। କମ୍ପାନୀର ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ)ର ବିଡିଂ ଚୂଡ଼ାନ୍ତ ଦିବସ ପର୍ଯ୍ୟନ୍ତ ୯.୩୬ ଗୁଣ ସବ୍‌ସ୍କ୍ରାଇବ କରାଯାଇଛି, ଯାହା ୨୫୩.୯୧ କୋଟି ଟଙ୍କାର ବିଡ୍ ହାସଲ କରିଛି। ଅପରପକ୍ଷରେ କମ୍ପାନୀ ଆଇପିଓରୁ ୪୦.୫ କୋଟି ଟଙ୍କା ଉଠାଇବାକୁ ଲକ୍ଷ୍ୟ ରଖିଥିଲା।


## OFFICE OF THE PRINCIPAL, BHADRAK HIGHER SECONDARY SCHOOL, BHADRAK

Letter No. 1557/Date 29.05.2025

ADVERTISEMENT FOR ENGAGEMENT OF GUEST FACULTIES IN DIFFERENT SUBJECTS FOR THE SESSION 2025-26

**No.CAD-590** : Eligible candidates are invited to report for engagement of Guest faculties in different subjects in Bhadrak Higher Secondary School, Bhadrak for the session 2025-26 as per the following schedule, Selection of candidates, period of engagement and payment of remuneration shall be as per the Government guidelines, issued vide letter No. 6819, dt. 28.05.2025. Candidates are required to report with all Original Testimonials / Documents along with one set of self-attested photocopies in support of their qualification, Computer Knowledge and experiences. Candidates are instructed to visit college website at, www.bhadrakcollege.ac.in for detail information/Guidelines.

**Interview Schedule**

| Sl. No. | Date of Interview | Reporting time | Venue | Subjects |
|---|---|---|---|---|
| 01 | 17.06.2025 | 10.00 A.M. to 2.00 P.M. | Concerned Department | English, Odia, Sanskrit, Hindi, Urdu, Economics, Pol. Sc, Logic, History, Sociology, Statistic, Education, Psychology, Commerce, Physics, Chemistry, Botany, Zoology |

Sd./ Principal
Bhadrak H.S. School, Bhadrak

OIPR-11028/11/0012/2526


# ଆଦାନୀ ପୋର୍ଟ୍ସକୁ ବଡ଼ ସଫଳତା

**ଭୁବନେଶ୍ୱର,୩୧।୫**

ଆଦାନୀ ପୋର୍ଟ୍ସ ଆଣ୍ଡ ସ୍ପେଶାଲ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଏପିଏସ୍‌ଇଜେଡ୍)କୁ ନିକଟରେ ଏକ ବଡ଼ ସଫଳତା ମିଳିଛି। ଏପରିକି କମ୍ପାନୀ ୧୫ ବର୍ଷର ଏକ ନନ୍-କନ୍‌ଭର୍ଟିବଲ୍ ଡିବେଞ୍ଚର (ଏନ୍‌ସିଡି) ମାଧ୍ୟମରେ ସଫଳତାର ସହ ୫,୦୦୦ କୋଟି ଟଙ୍କା ସଂଗ୍ରହ କରିଛି। ଏପିଏସ୍‌ଇଜେଡ୍‌ର ଦୃଢ଼ ଆର୍ଥିକ ଏବଂ ପ୍ରଯୋଜିତମୂଳକ କ୍ରେଡିଟ୍ ରେଟିଂରେ ଏଏଏ- ଷ୍ଟାବୁଲ ହାର ୭.୭୫% ପ୍ରତି ବର୍ଷ ଦ୍ୱାରା ସମର୍ଥିତ ଏବଂ ଏଲ୍‌ଆଇସି ଦ୍ୱାରା ସମ୍ପୂର୍ଣ୍ଣ ଭାବେ ସବ୍‌ସ୍କ୍ରାଇବ୍ଡ ହୋଇଛି। ଡିବେଞ୍ଚରଗୁଡ଼ିକ ବିଏସ୍‌ଇରେ ତାଲିକାଭୁକ୍ତ ହେବ। ଏହି ଇସ୍ୟୁ ଆକର୍ଷଣୀୟ ମୂଲ୍ୟରେ ବିବିଧ ଉତ୍ସରୁ ଦୀର୍ଘକାଳୀନ ପୁଞ୍ଜି ପ୍ରତି ଏପିଏସ୍‌ଇଜେଡ୍‌ର ଗଭୀର ପ୍ରବେଶକୁ ଦର୍ଶାଉଛି ଏବଂ ଏପିଏସ୍‌ଇଜେଡ୍‌ର ଋଣ ପରିପକ୍ୱତା ପ୍ରୋଫାଇଲକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି। ଏହି କାରବାର ଆଜି ପର୍ଯ୍ୟନ୍ତ ଏହାର ଦୀର୍ଘତମ ଅବଧି ଜାରି ପାଇଁ ଘରୋଇ ବଜାରରେ ଏପିଏସ୍‌ଇଜେଡ୍ ପ୍ରବେଶକୁ ହାଇଲାଇଟ୍ କରିଛି ଏବଂ ଭାରତୀୟ ପୁଞ୍ଜିବଜାର ଇତିହାସରେ ସବୁଠାରୁ ଦୀର୍ଘତମ ମଧ୍ୟରୁ ଗୋଟିଏ ବୋଲି କୁହାଯାଉଛି। ଏହି ଆୟ ଏପିଏସ୍‌ଇଜେଡ୍‌ର ୟୁଏସ୍ ଡଲାର ବଣ୍ଡର ପ୍ରସ୍ତାବିତ କ୍ରୟ ବ୍ୟାକ୍ ପାଇଁ ପାଣ୍ଠି ଯୋଗାଇବ, ଯାହା ୨୦୨୫ ମେ ୩୧ରେ ବୋର୍ଡ ଅନୁମୋଦନ ପାଇଁ ପଡ଼ିରହିଛି।


## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER : REDHAKHOL DIVISION

Email ID : dfo.redhakhol@odisha.gov.in

Notice No.04 of 2025-26, Date. 28.05.2025

WALK IN INTERVIEW ON DATE 10.06.2025

**No.MM-** : Redhakhol Forest Division requires qualified candidates with Graduation in any stream from a recognized university with additional desirable qualification such as soft skills like job-specific problem-solving ability for temporary engagement as one **(1) Data Entry Operator. The Walk- in interview** is scheduled on **Date.10.06.2025, 10:00 A.M.** at Conference Hall of Redhakhol Forest Division. The application form along with detail terms and conditions shall be available on the website https://sambalpur.odisha.gov.in / www.odishaforest.in from date 28.05.2025.

I would request you to kindly make necessary arrangement for publication of the same at least in two leading Odia Daily News Paper and one English Newspaper of National Presence as detailed in the Advertisement Notice fixed to dated **29.05.2025**.

The concerned Advertisement Manager may kindly be requested to send complimentary copy of the newspapers containing the Advertisement to the undersigned immediately after its publication.

An early action in this regard is requested.

Encl: As above.

Sd./- Divisional Forest Officer,
Redhakhol Forest Division

OIPR-08146/11/0020/2526


See Career Appointment on every Wednesday & Saturday


## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI

(WALK-IN-INTERVIEW) FOR IN-HOUSE TRANSFER

No. E-128

Advt. No : 2039 /DPMU    Dt: 29.05.2025

Interested candidates may attend the **In-House transfer Walk-in-interview** of the following positions under In-House transfer of NHM contractual employees.

| Sl No | Name of the Post | Vacancy | Walk-In-Interview |
|---|---|---|---|
| 01 | AYUSH MO SEBC-3 : (Ayurvedic-2 & Homeopathic-1) | 03 | 09.06.2025 (10.00 AM) |
| 02 | AYUSH MO MHT-RBSK, (Ayurvedic- UR- Male-1) | 01 | |
| 03 | Pharmacist-cum-Logistic Assistant | 01 | |
| 04 | Physiotherapist-IPU | 03 | |
| 05 | NRC Counsellor | 01 | |
| 06 | Data Asst. Cum-Accountant | 01 | |
| 07 | Staff Nurse/ANM MHT-RBSK (ST-1, UR-1 & SEBC-1) | 03 | |

The application format and details are available in the website **https://puri.odisha.gov.in** .

-Sd-
Chief District Medical & Public Health Officer, Puri

OIPR-10021/11/0018/2526



## THE ODISHA STATE POLICE HOUSING & WELFARE CORPORATION LTD.

OPHWC

(A Government of Odisha Undertaking)
JANAPATH, BHOINAGAR, BHUBANESWAR-22

No.CAD-591    Ph:0674-2541545, 2542921

E-mail: ophwc.od@nic.in, Website:www.ophwc.com/www.ophwc.nic.in

e-Procurement Notice No.04/OPHWC/2025-26

### INVITATION FOR BIDS (IFB)

The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover System in ONLINE MODE only, for the works as detailed below:

| | | |
|---|---|---|
| 1 | Nature of Work | Building Works |
| 2 | No. of Works | 24 Nos. |
| 3 | Value of Tender | Rs.58.04 Lakh to Rs.780.22 Lakh |
| 4 | Class of Contractor | 'B' Class to 'Spcl' Class |
| 5 | Cost of Bid document (To be paid online) | Rs.11,800.00 |
| 6 | Availability of Bid documents in the website | Dt.03.06.2025 to Dt.19.06.2025 upto 5.00 P.M. |
| 7 | Last date/time of Receipt of Bids in the Portal | Dt.19.06.2025 upto 5.00 P.M. |
| 8 | Date of Opening Bid | Dt.20.06.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & Time will be notified after opening of the Technical Bid |
| 10 | * The Bidders have to participate in ONLINE bidding only. Further details can also be seen from the website: https://tendersodisha.gov.in. Any addendum/ corrigendum/cancellation of tender shall not be published in Newspaper and can only be seen in the said website.* The Authority reserves the right to reject any or all bids and terminate the tender process without assigning any reason thereof. | |

Sd./- Chief Engineer (OSPH&WC)

N.B.: The quoted rate should be all inclusive but excluding G.S.T. as applicable Under works contract.

OIPR-12025/11/0034/2526



## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER : REDHAKHOL DIVISION

Near Block Office, Redhakhol Post, Sambalpur District, Odisha, Pin-768106,
Email ID : dfo.redhakhol@odisha.gov.in

Notice No. 03 Dated. 29.05.2025

Walk-in Interview for GIS Expert
(Temporary Position)

**No.MM-65** : The Divisional Forest Office, Redhakhol Forest Division intends to engage **One GIS Expert** for the Site-Specific Wildlife Conservation Plan Project.

Interested candidates are requested to bring three copies of their Biodata, a duly signed application in the prescribed format, and supporting documents to Divisional Forest Office, Redhakhol Forest Division on **13th June 2025 at 10.00 AM for the interview**.

Detail ToR / Application form for the post can be seen/ downloaded from the Official website at https://sambalpur.odisha.gov.in / www.odishaforest.in.

Sd./- Divisional Forest Officer,
Redhakhol Forest Division

OIPR-08146/11/0018/2526



## OFFICE OF THE DIVISIONAL FOREST OFFICER, BRAHMAPUR DIVISION

At-Courtpeta, Brahmapur-760004, Tel. /FAX-0680-2281354, Mob-7653908594,
E.mail-dfobhmpr@yahoo.co.in

No.03/01F-/2025,
Dated, Brahmapur the 28th, May 2025

Tender Call Notice for Supply of Tree Guard (Bamboo Gabion)

**No.MM-33** : Sealed Tenders are invited from reputed Registered Dealer / Manufacturer / Individuals for supply of good quality Tree Guard (Bamboo Gabion) of Size 6 feet X 4 feet for use in Avenue Plantations to be taken up in Brahmapur Forest Division, under various schemes during the current financial year 2025-26. The tender application form can be obtained from the O/o the D.F.O, Brahmapur Division on any working day from **10.00 A.M. to 05.00 P.M.** during **30.05.2025 to 13.06.2025** on payment of **Rs.10,000/-** (Rupees Ten Thousand) only or in shape of Non-refundable Demand Draft drawn in favour of the Divisional Forest Officer, Brahmapur Division. The tender documents may be downloaded from the website www.odishaforest.in./ganjam.nic.in. Sample of the Tree Guard (Bamboo Gabion) should be submitted along with the Tender document. The last date of submission of sealed tender is **13.06.2025 up to 05.00 P.M.** The Technical bids shall be opened **at 02.00 P.M. of 16.06.2025** in presence of the bidder (s) or their authorized representative in the office of the undersigned. The undersigned reserves the right to reject any or all tender without assigning any reasons thereof.

Sd./- Divisional Forest Officer
Berhampur Division

OIPR-08038/11/0039/2526



## OFFICE OF THE DIVISIONAL FOREST OFFICER, ANGUL DIVISION

At/Po- ANGUL, Dist- ANGUL, Odisha-759122,
E-mail ID- dfoangul@gmail.com, dfo.angul@odisha.gov.in, Phone No-9938022883

Office Order No. 215 /1F-Accounts/2025-26
Dated Angul the 28th May, 2025

TENDER CALL NOTICE FOR HIRING VEHICLE

**No.MM-61** : Sealed tenders are invited from interested Reputed Travel Agencies/ Tour Operators or private individuals to provide approximately 27 (Twenty Seven) Nos. of Vehicle (BS VI compliant Diesel driven AC/ Non-AC) vehicles, which shall conform to the Terms and Conditions (Annexure-III) for official use at different Ranges(Details of the vehicles to be engaged is in - Annexure-V) under Angul Forest Division on monthly rent basis to reach in the O/o the Divisional Forest Officer, Angul Forest Division, on or before **12.06.2025** up to **5.00 P.M.** through Registered/ Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Angul Forest Division. The tenders will be opened in the same office on **13.06.2025** at **11.30 A.M.** The Standard Bidding Document and Terms and Conditions can be downloaded from https://angul.odisha.gov.in, https://odishaforest.in and also can be obtained from the Office of the Divisional Forest Officer, Angul Forest Division, Angul from **29.05.2025** to **12.06.2025** during office hours.

Sd./- Divisional Forest Officer,
Angul Forest Division

OIPR-08027/11/0024/2526



## KASTURBA GANDHI BALIKA VIDYALAYA (KGBV Type-IV)
## ODISHA ADARSHA VIDYALAYA SAHARPADA, KEONJHAR

AT/PO/-SAHARPADA, PS- PATNA, BLOCK- SAHARPADA,
DIST- KEONJHAR, PIN- 758016

Advertisement No : OAVS/2025/03    Date: 30.05.2025

TENDER CALL NOTICE

**No.n-57** : Sealed tenders are invited from registered supplier/ firms having own sale counter, valid GST, PAN & IT certificates for supply of recurring/non-recurring items/ articles for KGBV Type-IV Girls Hostel of OAV Saharpada, Keonjhar. The tender paper containing detailed scope of work along with terms and conditions hoisted at **www.kendujhar.odisha.gov.in** and notice board of OAV Saharpada, BEO Saharpada, BDO Saharpada, DPC, SSA Keonjhar. **Last date of receipt of the tender paper is 09-06-2025 at 4 p.m.**

The authority reserves the right to cancel all or any part of the tender without assigning any reason thereof.

By the Order of Chairman, VMDC

OIPR-27096/11/0005/2526    Sd./- Principal. OAV Saharpada



## ZILLA SWASTHYA SAMITI, MAYURBHANJ

Office of the CDM&PHO-cum- District Mission Director, NHM,
Mayurbhanj, Odisha, 757001

Advt. No. 1976 /NHM/2025-26    Dt: 29.05.2025

TENDER DOCUMENT FOR SUPPLY OF WORKING LUNCH FOR TRAINING/WORKSHOP/MEETING UNDER ZSS, MAYURBHANJ

**No.E-124** : Sealed proposals as per prescribed document are invited from interested eligible bidders for **SUPPLY OF WORKING LUNCH FOR TRAINING / WORKSHOP / MEETING UNDER ZSS, MAYURBHANJ**. The eligible criteria, the details requirement of the said services and the formats for submission of proposals are set forth in the tender documents which can be downloaded from the website https://mayurbhanj.odisha.gov.in Interested bidders fulfilling the eligibility criteria may submit their proposals (with document as per tender call notice) to the O/o: CDM & PHO, DHH, Baripada, Mayurbhanj. The Proposal (s) complete in all respect should reach the undersigned on or before dt : 01.00 P.M. of dt : 16/06/2025 through Regd. Post / Speed post/ Courier and the same will be opened on dt : 17/06/2025 at 11.30 A.M. in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

Sd./- Chief District Medical
& Public Health Officer, Mayurbhanj

OIPR-10020/11/0035/2526



## OFFICE OF THE SR.GENERAL MANAGER (ELECTRICAL)
## UPPER INDRAVATI HYDRO ELECTRIC PROJECT, MUKHIGUDA

OHPC ISO 9001-14001 18001 Certified

DIST: KALAHANDI- 766026, E-mail:sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

'e'- Procurement Notice

NOTICE INVITING TENDER No.UIHEP/09/2025-26, DATED 29.05.2025

**No.CAD-582:** The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of Work | Approx. Estimated Cost (in Rs.) | EMD (in Rs.) (Online) | Class of Contractor | Cost of Bid Document (in Rs.) (Online) | Period of Contract |
|---|---|---|---|---|---|---|
| 1 | Renovation of 08 no. 'EQ' type quarters of UIHEP, Mukhiguda | 47,30,479/- (Excluding GST) | 47,305/- | 'B' Class Contractor registered with State Govt./Central Govt./ MES/ Railways | 6,000/-+ GST @18% = 7,080/- | Six (06) Calendar Months |

Availability of tender document in the portal: From 01.06.2025 (10.00 Hrs) to 11.06.2025 (upto 13.00 Hrs.). Last date & time of submission of tenders in the portal: 11.06.2025 upto 13.00 Hrs. The date & time of opening of the bid: 12.06.2025 at 11.00 Hrs. (Only Technical Bid). The Bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement portal "https://tendersodisha.gov.in".

OIPR-04008/11/0026/2526    Sd./- Unit Head, UIHEP, Mukhiguda



## GOVT. OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION NO.-II, KEONJHAR

E-mail : eerw_kjr2@yahoo.com

"e" Procurement Notice for Building Works

No.O-211    Identification No. Online NCB - 04/2025-26

1. Name of the work : Building Works, 2. Total Number of Work : 02 Nos., 3. Estimated Cost : Rs. 74.95 Lakhs to Rs. 78.52 Lakhs, 4. Class of Contractor : Only 'B' Class, 5. Period of Completion : As per annexture of e-Procurement Notice No.04/2025-26, 6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Keonjhar | Building Online NCB No.04 | Dt.03.06.25 at 11.00 A.M. | Dt.17.06.25 up to 5.00 P.M. | Dt.16.06.25 up to 5.00 P.M. | Dt.18.06.25 at 11.00 A.M. | Will be intimated later |

Further details can be seen from the Website www.tenderorissa.gov.in

Sd./- Executive Engineer
R.W.Divn. No.-II, Keonjhar

OIPR-25093/11/0017/2526



## OFFICE OF THE REGULATED MARKET COMMITTEE, BOUDH

No.H-09

| Sl. No. | Item | |
|---|---|---|
| **A. General Information** | | |
| 1 | Name of the Work | (a) Construction of Infrastructure Developmental work at Khuntabandh MY, Biranarasinghpur MY and Kasalpur MY under RMC Boudh. (b) Construction of Infrastructure Developmental work at Biju Model Agri Market Boudh and repair Renovation of office building under RMC Boudh. (c) Construction of Infrastructure Developmental work at Palasagora MY under RMC Boudh. |
| 2 | (i) Inviting Authority | Sub-Collector, Boudh cum Chairman, R.M.C. Boudh |
| 3 | Estimated Cost | Rs.81.00 lakhs to Rs.3.23 Crores |
| **B. Bid Information** | | |
| 1 | Intended completion period | **9 months** |
| 2 | Last date & time for submission of bid | 17.00 hours of 17.06.2025 |
| 3 | Dates of opening (Technical bid) | 11.00 hours on 18.06.2025 |
| 4 | Dates of opening (Financial Bid) | **Will be intimated after evaluation of Technical Bid. (For Double Cover)** |
| 5 | **Cost of Bid Document** | |
| | **On-line transfer:** As indicated in col. No. 5 at table above | |
| 6 | **Bid Security** | |
| | **On-line transfer:** As indicated in col. No. 4 at table above | |
| 7 | Bid validity period | 90 days |
| 8 | Currency of Contract | INR |
| 9 | Language of Contract | English |

Sd./- Secretary
RMC, Boudh

OIPR-01569/11/0001/2526



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE

Advt. No.8279    DISTRICT PROGRAMME MANAGEMENT UNIT (DPMU)    Date:29.05.2025

NATIONAL HEALTH MISSION (NHM)

WALK-IN-INTERVIEW

**No.E-130:**Walk-in-Interview will be conducted as scheduled below for filling up the following posts under National Health Mission of Balasore District.

| Sl. No. | Name of the Programme/ Activities as per NHM PIP | Name of the Post | Vacancy | Monthly Remuneration (in Rupees) +PI | Date of Registration/ Interview |
|---|---|---|---|---|---|
| 1 | Special Newborn Care Unit (SNCU) | Medical Officer | 1 | Rs.68,892/-+PI | 03.06.2025 |
| 2 | Day Care Centre (Hemoglobinopathy) | Medical Officer | 1 | Rs.68,892/-+PI | 03.06.2025 |
| 3 | DEIC | Medical Officer | 1 | Rs.68,892/-+PI | 03.06.2025 |
| 4 | Mobile Blood Collection Van | Medical Officer | 1 | Rs.68,892/-+PI | 03.06.2025 |
| 5 | Urban PHC, Sovarmpur, Soro | Medical Officer | 2 | Rs.68,892/-+PI | 03.06.2025 |
| 6 | Urban Ayushman Arogya Mandir (UAAM), Aradbazar, Puruna Balasore, Mirigini, Kurunia, Chakabishnu, Tundapada | Medical Officer | 6 | Rs.57,409/-+PI | 03.06.2025 |

Venue:- Office of the CDM & PHO-Cum-DMD, Balasore

The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagement. Canvassing in any form will render the candidate disqualified for the position and no undertaking will be entertained. Details of Qualification, Experience of post alongwith application form can be downloaded from the district website: www.balasore.odisha.gov.in. The registration time for the Walk-In-Interview will be from 9.30 AM to 10.30 AM. The candidates are requested to visit the district website on regular interval till completion of recruitment / empanelment process. The undersigned reserves the right to cancel any or all the application without assigning any reason or communication thereof.

OIPR-10032/11/0020/2526    Sd./- CDM & PHO-cum-DMD, Balasore



## ODISHA PUBLIC SERVICE COMMISSION CUTTACK

### NOTICE

No. 3669 / P.S.C., Dt. 30.05.2025
PF-1E-07-2025/26 (DR-III)

Recruitment to the Posts of Assistant Fisheries Officer (Advertisement No. 36 of 2023-24)

**No.D-88** : In Continuation to this Office Notice No. 3468/PSC, dtd. 22.05.2025, it is for information of all qualified candidates that the **Document Verification and Viva Voce Test** for recruitment to the posts of **Assistant Fisheries Officer, Group-B** under Fisheries and Animal Resources Development Department, pursuant to Advertisement No. 36 of 2023-24 will be held from **24.06.2025 to 26.06.2025** at the office of OPSC, 19, Dr. P.K. Parija Road, Cuttack-753001 as per programme detailed below.

PROGRAMME OF DOCUMENT VERIFICATION & VIVA VOCE TEST

| Date | Time of verification | Time of Viva Voce Test | ROLL NO. of candidates |
|---|---|---|---|
| 24.06.2025 | 08.30 A.M. | 10.30 A.M. | 100008, 100019, 100020, 100024, 100029, 100031, 100046, 100051, 100058, 100061, & 100067 = **11 Candidates** |
| | 12.30 P.M. | 02.30 P.M. | 100073, 100074, 100078, 100080, 100081, 100092 & 100093 = **07 Candidates** |
| 25.06.2025 | 08.30 A.M. | 10.30 A.M. | 100095, 100100, 100105, 100118, 100121, 100126, 100127, 100144, 100146, 100150 & 100152 = **11 Candidates** |
| | 12.30 P.M. | 02.30 P.M. | 100156, 100161, 100163, 100172, 100184, 100187 & 100189 = **07 Candidates** |
| 26.06.2025 | 08.30 A.M. | 10.30 A.M. | 100202, 100205, 100217, 100219, 100223, 100227, 100228, 100232, 100233, 100240 & 100241 = **11 Candidates** |

**N.B.** - The candidates are advised to report at the office of the Commission **30 minutes** before the commencement of Document Verification in each time slot allotted in the scheduled programme.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/Documents should be issued within the last date of submission of Online Application i.e. 03.05.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**. *(Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password / OTP etc through OPSC e-Chayan Portal via www.opscechayan.in)*
2. Four (04) passport size photographs (Unsigned & Unattested) which has been uploaded with application form.
3. Matriculation Certificate in support of declaration of age.
4. Intermediate/+2 Examination Certificate.
5. B.F.Sc. Degree Certificate issued from recognized University.
6. Mark Sheets in support of all the Examinations (H.S.C, +2 & B.F.Sc.) including fail marks, if any, issued by the concerned Board/Council/University.
7. Fishery Registration Certificate.
8. Required Odia Test Pass Certificate from the competent authority.
9. Caste Certificate by birth in support of claim as SEBC/ST/SC whichever applicable. (which has been uploaded with online Application Form)
10. Permanent Disability Certificate (indicating percentage of permanent disability i.e. 40% and more);
11. Ex-Servicemen claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
12. Any proof of identity.
13. Any other documents as per Para-10 of the Advertisement.
14. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
15. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0233/2526    Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟିଟିଲାଗଡ଼ ବିଧାୟକଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୧।୫(ରବିନାରାୟଣ ଜେନା):** ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଟେଲିଫୋନ ଯୋଗେ କଥା ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାୟକ ନବୀନ ଜୈନଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହିତ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ସୂଚନାଯୋଗ୍ୟ, ବିଧାୟକ ନବୀନ କୁମାର ଅସୁସ୍ଥ ଥିବାରୁ ସେ ଏବେ ରାୟପୁରର ରାମକୃଷ୍ଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

# ସୂଚନା ଅଧିକାର ଆଇନରେ 'ଅଭିଯୋଗ ବ୍ୟବସ୍ଥା'

ବିଗତ କିଛି ଦିନ ଧରି ଓଡ଼ିଶା ସୂଚନା କମିଶନ କୌଣସି ଶୁଣାଣି ନ କରି ନାଗରିକମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ କେସ୍‌ଗୁଡ଼ିକୁ ଖାରଜ କରି ଦେଇ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ ପାଇଁ ନିର୍ଦ୍ଦେଶ ଦେଉଛନ୍ତି ଏବଂ ଏହି ନିର୍ଦ୍ଦେଶନାମାରେ ସୁପ୍ରିମ କୋର୍ଟଙ୍କ ଏକ ସିଭିଲ ଅପିଲ କେସ୍ ନଂ. ୧୦୭୮୭ – ୧୦୭୮୮/୨୦୧୧କୁ ଉଲ୍ଲେଖ କରୁଛନ୍ତି। ଏହି କେସ୍ ନଂ. କାହିଁକି ଉଲ୍ଲେଖ କରୁଛନ୍ତି, ଏହାର କୌଣସି ବିଶ୍ଳେଷଣ ନାହିଁ। ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ାଙ୍କ ନିର୍ଦ୍ଦେଶରେ ଏହି କେସ୍ ଖାରଜ ପ୍ରକ୍ରିୟା ଆରମ୍ଭ ହୋଇଛି। କମିଶନଙ୍କ ଏତାଦୃଶ ମନମୁଖି କାର୍ଯ୍ୟକୁ ବିରୋଧ କରି ଅନେକେ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହେବା ସହ ସୂଚନା ଆଇନର ଧାରା ୧୭ ଆଧାରରେ କମିଶନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଛନ୍ତି। ଅନ୍ୟ କିଛି ବିକ୍ଷୁବ୍ଧ ନାଗରିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅଧିକାର ଆଇନର ଧାରା ୧୮ରେ ଥିବା ବିଧି ବ୍ୟବସ୍ଥା ଅନୁଯାୟୀ, ଯଦି କୌଣସି ନାଗରିକ ସୂଚନା ପାଇବାରେ ଅସମର୍ଥ ହୁଏ ବା ବିର୍ନିଦ୍ଦିଷ୍ଟ ସମୟସୀମା ମଧ୍ୟରେ ସୂଚନା ପାଇବାରୁ ବଞ୍ଚିତ ହୁଏ ବା ତାଙ୍କୁ ମିଥ୍ୟା, ବିଭ୍ରାନ୍ତିକର ତଥ୍ୟ ଦିଆଯାଏ ବା ତଥ୍ୟ ଦେବାକୁ ମନା କରାଯାଏ ତେବେ ସେ ସମ୍ପୃକ୍ତ ଅଧିକାରୀ ଅଥବା ପି.ଆଇ.ଓ.ଙ୍କ ବିରୋଧରେ ସୂଚନା କମିଶନରେ ଅଭିଯୋଗ କରିପାରିବେ। ସୂଚନା କମିଶନ ଏହି ଅଭିଯୋଗଗୁଡ଼ିକର ତଦନ୍ତ କରାଇବେ, ବିଚାରକରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବା ଦଣ୍ଡବିଧାନ ଗ୍ରହଣ କରିବେ ଓ ଅଭିଯୋଗକାରୀ – ନାଗରିକଙ୍କୁ ନ୍ୟାୟ ପ୍ରଦାନ କରିବେ।

୨୦୦୫ ମସିହାରୁ କାର୍ଯ୍ୟକାରୀ ହୋଇଆସୁଥିବା ସୂଚନା ଅଧିକାର ଆଇନକୁ ଆଧାର କରି ସାଧାରଣ ଲୋକେ ସୂଚନା ପାଇଁ ଆବେଦନ କରିବା ଓ ସୂଚନା ପାଇବାରୁ ବଞ୍ଚିତ ହେଲେ ସୂଚନା ଆଇନର ଧାରା ୧୮ ଅନୁଯାୟୀ ସୂଚନା କମିଶନଙ୍କ ନିକଟରେ ଅଭିଯୋଗ କରୁଥିଲେ। କମିଶନ ଏହିସବୁ ଅଭିଯୋଗକୁ ପଞ୍ଜୀକୃତ କରି ଉଭୟ ପକ୍ଷକୁ ନୋଟିସ୍ କରିବା ସହ କେସ୍ ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ। ଏହି ପ୍ରକ୍ରିୟା ୨୦୧୧ ମସିହା ପର୍ଯ୍ୟନ୍ତ ଚାଲିଆସୁଥିଲା।

୨୦୧୧ ମସିହାରେ ମଣିପୁର ସୂଚନା କମିଶନଙ୍କ ଦ୍ୱାରା ଆଗତ ଏକ କେସ୍ ସିଭିଲ ଅପିଲ ସଂଖ୍ୟା ନଂ.–୧୦୭୮୭–୧୦୭୮୮/୨୦୧୧ର ବିଚାର କରି ସୁପ୍ରିମ କୋର୍ଟ ସୂଚନା ଅଧିକାର ଆଇନର ଧାରା ୧୮କୁ ବ୍ୟାଖ୍ୟା କରି ସୂଚନା କମିଶନମାନେ ଅଭିଯୋଗ କେସ୍‌ଗୁଡ଼ିକର ବିଚାର କଲାବେଳେ ସୂଚନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ। କିନ୍ତୁ ଆଇନର ଉଲ୍ଲଂଘନ କରିଥିବା ଅଧିକାରୀ ଅଥବା ଜନ ସୂଚନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ଏଠାରେ ସୂଚନାଯୋଗ୍ୟ ଯେ, ୨୦୦୭ ମସିହାରେ ଜଣେ ବ୍ୟକ୍ତି ମଣିପୁର ସରକାରଙ୍କୁ ୧୯୮୦–୨୦୦୬ ମଧ୍ୟରେ ମାଜିଷ୍ଟ୍ରେଟ୍ ଇନ୍‌କ୍ୱାରୀ ସମ୍ପର୍କିତ ତଥ୍ୟ ମାଗିଥିଲେ। ତଥ୍ୟ ନ ମିଳିବାରୁ ସେ ସୂଚନା ଆଇନର ଧାରା–୧୮ ଅନୁଯାୟୀ ମଣିପୁର ସୂଚନା କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ବିଚାର କରି ମଣିପୁର କମିଶନ ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମଣିପୁର କମିଶନଙ୍କ ଏହି ନିଷ୍ପତ୍ତିକୁ ମଣିପୁର ସରକାର ହାଇକୋର୍ଟରେ ଚାଲେଞ୍ଜ କରିଥିଲେ। ମଣିପୁର ହାଇକୋର୍ଟ ଡିଭିଜନ ବେଞ୍ଚ ଉକ୍ତ ମାମଲାର ଶୁଣାଣି କରି ସୂଚନା ଆଇନର ଧାରା–୧୮ରେ ସୂଚନା କମିଶନ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ଦର୍ଶାଇ ମଣିପୁର ସୂଚନା କମିଶନଙ୍କ ଅର୍ଡ଼ରକୁ ଖାରଜ କରିଦେଲେ। ଏହାପରେ ମଣିପୁର ସୂଚନା କମିଶନ ମଣିପୁର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ। ଏହି କେସ୍‌ର ବିଚାର ସମୟରେ ସୁପ୍ରିମ୍ କୋର୍ଟ ଦର୍ଶାଇଥିଲେ ଯେ, ସୂଚନା କମିଶନ ଅଭିଯୋଗ କେସ୍‌ଗୁଡ଼ିକର ବିଚାର କଲାବେଳେ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ , କିନ୍ତୁ ଆଇନ ଉଲ୍ଲଂଘନକାରୀ ଅଧିକାରୀ ଅଥବା ପି.ଆଇ.ଓ, ଙ୍କ ବିରୋଧରେ ଦଣ୍ଡ ବିଧାନ କରିପାରିବେ।

ତେଣୁ ସୁପ୍ରିମକୋର୍ଟଙ୍କ ରାୟରୁ ଏହା ସ୍ପଷ୍ଟ ଯେ, ସୂଚନା ଅଧିକାର ଆଇନର ଧାରା–୧୮ ଆଧାରରେ ହେଉଥିବା ଅଭିଯୋଗଗୁଡ଼ିକର ଫଇସଲା କଲାବେଳେ କମିଶନ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ କିନ୍ତୁ ନିଜର ସିଭିଲ କୋର୍ଟ କ୍ଷମତା ବ୍ୟବହାର କରି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ସୁପ୍ରିମ୍ କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ସମ୍ମାନ ଜଣାଇ କେନ୍ଦ୍ରୀୟ ସୂଚନା କମିଶନ ଓ ସମସ୍ତ ରାଜ୍ୟର ସୂଚନା କମିଶନମାନେ ଅଭିଯୋଗଗୁଡ଼ିକର ଶୁଣାଣି କରି ପି.ଆଇ.ଓ.ଙ୍କ ବିରୋଧରେ ଦଣ୍ଡବିଧାନ କରିଆସୁଛନ୍ତି। ଆମ ରାଜ୍ୟରେ ମଧ୍ୟ ସୂଚନା କମିଶନମାନେ ଅନୁରୂପ ନିର୍ଦ୍ଦେଶ ଦେଇ ଆସୁଥିଲେ। କିନ୍ତୁ ନୂତନ ମୁଖ୍ୟ ସୂଚନା କମିଶନର ଆଇନକୁ କିଛି ନବୁଝି ମନଇଚ୍ଛା ଅଭିଯୋଗ କେସ୍‌ଗୁଡ଼ିକୁ ଶୁଣାଣି ନ କରି ଖାରଜ କରିବାରେ ଲାଗିଛନ୍ତି ବୋଲି ଅଭିଯୋଗ ହେଉଛି।

ଅପରପକ୍ଷରେ ଓଡ଼ିଶା ସୂଚନା କମିଶନ (ଅପିଲ ଶୁଣାଣି ପଦ୍ଧତି) ରୁଲ୍, ୨୦୦୬ର ରୁଲ୍ ୬(୪)ରେ ଉଲ୍ଲେଖ ଅଛି ଯେ, ସୂଚନା କମିଶନ ଅଭିଯୋଗକାରୀଙ୍କୁ ନିଜର ବକ୍ତବ୍ୟ ପେସ୍ କରିବା ପାଇଁ ସୁଯୋଗ ନଦେଇ, କୌଣସି ଅଭିଯୋଗକୁ ପ୍ରତ୍ୟାଖ୍ୟାନ ବା ଖାରଜ କରିପାରିବେ ନାହିଁ। ଅର୍ଥାତ୍ ସୂଚନା କମିଶନ କୌଣସି ଏକ କେସ୍ ଖାରଜ କରିବା ପୂର୍ବରୁ ଅଭିଯୋଗକାରୀଙ୍କଠାରୁ ଶୁଣିବେ ଓ ତା'ପରେ ନିଷ୍ପତ୍ତି ନେବେ। ସୁପ୍ରିମ କୋର୍ଟ, ହାଇକୋର୍ଟ, କେନ୍ଦ୍ରୀୟ ସୂଚନା କମିଶନ, ମାନବ ଅଧିକାର କମିଶନ ସମସ୍ତେ ଅଭିଯୋଗଗୁଡ଼ିକର ଶୁଣାଣି କରନ୍ତି ଏବଂ ଏହାପରେ ନିଷ୍ପତ୍ତି ଶୁଣାନ୍ତି। ବର୍ତ୍ତମାନ ଓଡ଼ିଶାରେ ସୂଚନା ଆଇନକୁ ଠିକ୍ ଭାବରେ ବ୍ୟାଖ୍ୟା କରା ନ ଯାଇ ତିନି ଧାଡ଼ିର ଏକ ଅର୍ଡର ଲେଖି ଅନେକ ଶହ ସଂଖ୍ୟାର ଅଭିଯୋଗକୁ ଖାରଜ କରାଯାଉଛି। ୨୦୨୧ ମସିହାରୁ ଅଭିଯୋଗ କରି ନ୍ୟାୟ ପାଇବା ପାଇଁ ଅପେକ୍ଷା କରିଥିବା ନାଗରିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

**– ପ୍ରଦୀପ ପ୍ରଧାନ, ମୋ:୯୯୩୭୮୪୩୪୮୨**

# ସିବିଏଫ୍‌ସି ନିର୍ଦ୍ଦେଶକ ଗିରିଶ ଚନ୍ଦ୍ରଙ୍କ ଅବସର ଗ୍ରହଣ

**ଭୁବନେଶ୍ୱର,୩୧।୫(ସୌମ୍ୟରଞ୍ଜନ ରାଉତ)**

କଟକସ୍ଥିତ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି)ର ନିର୍ଦ୍ଦେଶକ ଡ. ଗିରିଶ ଚନ୍ଦ୍ର ଦାଶ ଶୁକ୍ରବାର ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି। ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ଡ. ଦାଶ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ(ସିବିସି)ର ନିର୍ଦ୍ଦେଶକ ତଥା ଢେଙ୍କାନାଳ ସ୍ଥିତ ଭାରତୀୟ ଜନ ସଞ୍ଚାର ସଂସ୍ଥା (ଆଇଆଇଏମ୍‌ସି)ର ଓଏସ୍‌ଡି ଦାୟିତ୍ୱରୁ ମଧ୍ୟ ଅବସର ନେଇଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଏହି ତିନୋଟି ଯାକ ସଂସ୍ଥା ସମେତ ଏହା ପୂର୍ବରୁ ଆକାଶବାଣୀ, ପତ୍ରସୂଚନା କାର୍ଯ୍ୟାଳୟ ଓ ପ୍ରକାଶନ ବିଭାଗ ଭଳି ଅନୁଷ୍ଠାନଗୁଡ଼ିକରେ ଦୀର୍ଘ ବର୍ଷ କାର୍ଯ୍ୟକରି ବିଭିନ୍ନ ସମୟରେ


ଡ. ଗିରିଶ ଚନ୍ଦ୍ର ଦାଶ

ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସେ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି।

ଶୁକ୍ରବାର କଟକସ୍ଥିତ ସିବିଏଫ୍‌ସି କାର୍ଯ୍ୟାଳୟଠାରେ ଡ. ଦାଶଙ୍କ ପାଇଁ ଏକ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିବିଏଫ୍‌ସି ପରାମର୍ଶଦାତାମଣ୍ଡଳୀର ସଦସ୍ୟା ଓ ସଦସ୍ୟମାନଙ୍କ ସମେତ ଓଡ଼ିଆ ଚଳଚ୍ଚିତ୍ର ଜଗତର ବରିଷ୍ଠ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତା ବାବୁସାନ ଓ ପ୍ରଯୋଜକ ଶ୍ରୀଧର ମାର୍ଥାଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପୂର୍ବରୁ ଆଇଆଇଏମ୍‌ସି ଢେଙ୍କାନାଳଠାରେ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ପୌରୋହିତ୍ୟରେ ଏବଂ ଆକାଶବାଣୀ କଟକଠାରେ ସମାଚାର ବିଭାଗର ମୁଖ୍ୟ ତଥା ଉପନିର୍ଦ୍ଦେଶକ ଡ. ସତ୍ୟନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପୃଥକ୍ ପୃଥକ୍ ବିଦାୟକାଳୀନ ସଭାରେ ଦୀର୍ଘ ୩୬ବର୍ଷ ଧରି ସରକାରୀ ସେବା ପ୍ରଦାନ କରିଥିବା ଡ. ଦାଶଙ୍କ ବିଭିନ୍ନ ଅବଦାନ ଉପରେ ଆଲୋକପାତ କରାଯାଇ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା।

## ଅପରାଧ

# ସୁବର୍ଣ୍ଣପୁର ଏଡିଏମ୍‌ଓ ହତ୍ୟାକାଣ୍ଡ: ୨ ଜଣଙ୍କୁ ଆଜୀବନ କାରାଦଣ୍ଡ

**ସୋନପୁର,୩୧।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିଏମ୍‌ଓ ତଥା ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଦୁର୍ବାଦଳ ମିଶ୍ରଙ୍କୁ ୨୦୧୪ ସେପ୍ଟେମ୍ବର ୨୧ ରାତି ସାଢେ ୯ଟାରେ ଗଳାକାଟି ହତ୍ୟା କରାଯାଇଥିଲା। ଡାକ୍ତର ମିଶ୍ର ଡାକ୍ତରଖାନାରୁ ଫେରି ବାଇକ୍‌ରେ ସହରର ପ୍ୟାଲେସ ଗାର୍ଡେନ ସ୍ଥିତ ଘରକୁ ଯାଉଥିଲେ। ଘର ସମ୍ମୁଖରେ ବାଇକ୍ ପାର୍କିଂ କରିବା ସମୟରେ ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତ ନାବାଳକ ଡାକ୍ତରଙ୍କୁ ନିକଟରେ ଥିବା ବିଉଟିପାର୍ଲର ସମ୍ମୁଖକୁ କଥା ହେବା ପାଇଁ ଡାକି ନେଇଥିଲେ। ପରେ ତିନି ଅଭିଯୁକ୍ତ ମିଳିତଭାବେ ଭୁଜାଲିରେ ଡାକ୍ତରଙ୍କୁ ଗଳାକାଟି ହତ୍ୟା କରିଥିଲେ। ଘଟଣା ପରେ ଅଭିଯୁକ୍ତମାନେ ଫେରାର


ଡାକ୍ତର ଦୁର୍ବାଦଳ ମିଶ୍ର

ହୋଇଯାଇଥିଲେ। ମୃତକଙ୍କ ବାପା ଅମ୍ବରୀଷ ସୋନପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ବାବୁପାଲି ଗ୍ରାମର ଅଶୋକ କୁମାର ସାହୁ, ସୁବର୍ଣ୍ଣପୁର ସହର ବଡ଼ବଜାର ଅଞ୍ଚଳର ପ୍ରତ୍ୟୁଷ କୁମାର ପଣ୍ଡା ଓରଫ ବାବୁଲ ଓ ଜଣେ ନାବାଳକଙ୍କୁ ଧରିଥିଲା। ଏଥିସହ ଗୁଳି, ମାରଣାସ୍ତ୍ର ଓ ରକ୍ତଛିଟା ପୋଷାକ ପୋଲିସ ଜବତ କରିଥିଲା। ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଓ ଦୌରାଜଜଙ୍କ କୋର୍ଟରେ ମାମଲାର ଶୁଣାଣି ଓ ନ୍ୟାୟିକ ପ୍ରକ୍ରିୟା ଚାଲିବା ପରେ ଘଟଣାର ୧୦ ବର୍ଷ ୮ ମାସ ପରେ ରାୟ ପ୍ରକାଶ ପାଇଛି। ତତ୍କାଳୀନ ଆଇପିସି ଦଫା ୩୦୨(ହତ୍ୟା)ରେ ଆଜୀବନ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା, ଅନାଦାୟ କ୍ଷେତ୍ରରେ ଅଧିକ ୧ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ଦଫା ୨୦୧(ପ୍ରମାଣ ନଷ୍ଟ)ରେ ଅଢେଇ ବର୍ଷ ଜେଲ ଓ ୫ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ପାଇଁ ଆଦେଶ ଦେଇଛନ୍ତି। ଆର୍ମସ ଆକ୍ଟ ୨୭(୧)ରେ ୩ବର୍ଷ ଜେଲ, ୫ହଜାର ଜରିମାନା ଏବଂ ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

# ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ

## ୫ ମାସର ଶିଶୁକନ୍ୟାକୁ ଥଇଥାନ କରିବାକୁ ନିବେଦନ

**କେନ୍ଦୁଝର,୩୧।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଯୋଗୀମଠ ମୁଣ୍ଡାସାହି ନିକଟ ୟୁକାଲିପଟାସ ଜଙ୍ଗଲରେ ଶନିବାର ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ଦ୍ୱୟ ହେଲେ ଗ୍ରାମର ରଇବୁ ମୁଣ୍ଡା(୨୨) ଓ ତାଙ୍କ ସ୍ତ୍ରୀ ଗୌରୀ ମୁଣ୍ଡା (୨୦)। ମୃତ୍ୟୁର ଠିକ୍ କାରଣ ଜଣାପଡ଼ି ନ ଥିବାବେଳେ ପାରିବାରିକ କଳହ ଯୋଗୁ ଦୁହେଁ ଆତ୍ମହତ୍ୟା କରିଥିବା କୁହାଯାଉଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ଦେଢ଼ ବର୍ଷ ପୂର୍ବେ ଯୋଗୀମଠ ମୁଣ୍ଡାସାହିର ରଇବୁ ପଣ୍ଡାପଡ଼ା ଅଞ୍ଚଳର ଗୌରୀଙ୍କୁ ବିବାହ କରିଥିଲା। ପାଞ୍ଚ ମାସ ତଳେ ଉଭୟଙ୍କ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ତେବେ ଅନେକ ସମୟରେ ଉଭୟ ଫୋନ୍‌ରେ କଥାବାର୍ତ୍ତା ନେଇ କଳହ ଆରମ୍ଭ ହୋଇଥିଲା। ଏହାକୁ ନେଇ ପରସ୍ପରକୁ ପରକିୟା ପ୍ରୀତି ସମ୍ପର୍କ ନେଇ ସନ୍ଦେହ କରି ଆସୁଥିଲେ। ଏନେଇ ସ୍ତ୍ରୀ କିଛି ଦିନ ହେବ କନ୍ୟା ସନ୍ତାନ ସହିତ ଯୋଗୀମଠ ମୁଣ୍ଡାସାହିରେ ଭାଇଙ୍କ ପାଖରେ ରହୁଥିଲେ। ଶୁକ୍ରବାର ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟେ ନିଜ ନିଜର ମୋବାଇଲକୁ କଚାଡ଼ି ଭାଙ୍ଗି ଦେଇ ଶୁକ୍ରବାର ରାତିରେ ଦୁହେଁ କେଉଁଆଡ଼େ ଚାଲିଯାଇଥିଲେ। ଶନିବାର ସକାଳେ ଲୋକେ ଗାଁ ପାଖ ଜଙ୍ଗଲରେ

### ପାରିବାରିକ କଳହରୁ ଆତ୍ମହତ୍ୟା ସନ୍ଦେହ

ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। କେନ୍ଦୁଝର ଜିଲା ମୁଖ୍ୟ ମେଡିକାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ପାରିବାରିକ କଳହରୁ ଉଭୟ ଆତ୍ମହତ୍ୟ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଅନ୍ୟପକ୍ଷରେ ଯଦି ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତେବେ ଗୋଟିଏ ଗଛରେ ଏକାଠି ଆତ୍ମହତ୍ୟା କରିବାକୁ ନେଇ ସନ୍ଦେହ ହେଉଛି। ସଦର ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ କହିଛନ୍ତି, ରଇବୁଙ୍କ ସାନ ଭାଇ ରାଜୁକା ମୁଣ୍ଡାଙ୍କ ସୂଚନା ଆଧାରରେ ଏକ ମାମଲା (ନଂ. ୩୮/୨୦୨୫)ରୁଜୁ ହୋଇଛି। ଘରୋଇ ଗଣ୍ଡଗୋଳ ପାଇଁ ଆତ୍ମହତ୍ୟା ଅଭିଯୋଗ ହୋଇଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ। ମୃତା ମହିଳାଙ୍କ ପରିବାର ପକ୍ଷରୁ ଅଦ୍ୟାବଧି କୌଣସି ଅଭିଯୋଗ ହୋଇନାହିଁ। ନବଜାତ ଶିଶୁଟି ଦୁନିଆକୁ ଜାଣିବା ଆଗରୁ ଅନାଥ ହୋଇଯାଇଛି। ଥଇଥାନ କରିବାକୁ ସ୍ଥାନୀୟ ଲୋକେ ପ୍ରଶାସନକୁ ନିବେଦନ କରିଛନ୍ତି।

# ସୀମାନ୍ତରେ ବାଂଲାଦେଶୀ ରୂପଜୀବୀ, ଚଢ଼ାଉ

**ଭୋଗରାଇ, ୩୧।୫(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ସାହାବାଜିପୁର ସହିତ ଆଖପାଖ ଗାଁରେ ବାଂଲାଦେଶୀ, କୋଲକାତା ଓ ରୋହିଙ୍ଗା ସୁନ୍ଦରୀ ଯୁବତୀ ଆଡ୍ଡା ଜମାଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ତାଳସାରୀ ମେରାଇନ ଥାନାର ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ନେତୃତ୍ୱରେ ଶନିବାର ପୂର୍ବାହ୍ନ ୧୦ଟାରେ ୨ଟି ପୋଲିସ ଟିମ୍ ସାହାବାଜିପୁର ଓ ସଂଲଗ୍ନ ଗ୍ରାମରେ ଚଢ଼ାଉ କରି ଛାନଭିନ କରିଥିଲେ। ପୋଲିସ ସନ୍ଦିଗ୍ଧ କେତେଜଣ ବ୍ୟକ୍ତିଙ୍କ କାଗଜପତ୍ର, ଆଧାରକାର୍ଡ ଯାଞ୍ଚ କରିଥିଲା। ସୂଚନାନୁଯାୟୀ, ଭୋଗରାଇ ବ୍ଲକକୁ ପଶ୍ଚିମବଙ୍ଗର ୨ ମେଦିନୀପୁରକୁ ଲାଗିଥିବା ବେଳେ ପୂର୍ବମେଦିନୀପୁର ଦୀଘା ସୈକତ ସହରକୁ ସାହାବାଜିପୁର ଲାଗିଛି। ଦୀଘା ପର୍ଯ୍ୟଟନସ୍ଥଳୀରେ ୧୫ଶହରୁ ଊର୍ଦ୍ଧ୍ୱ ହୋଟେଲ ଓ ଲଜ୍ ରହିଛି। ସେଠାକୁ କୋଲକାତା ସୋନାଗାଛି, ବାଂଲାଦେଶ ଓ ରୋହିଙ୍ଗା ରୂପଜୀବୀମାନେ ଆସି ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଥିବା ବେଳେ ଦଲାଲଙ୍କ ସହିତ ମୂଲଚାଲ କରି ଓଡ଼ିଶା ସୀମାନ୍ତ ସାହାବାଜିପୁର ଏବଂ ଆଖପାଖ ଗ୍ରାମକୁ ଆସୁଥିବା ଲୋକେ ଅଭିଯୋଗ କରିଛନ୍ତି। ବିଭିନ୍ନ ଭଡ଼ାଘରେ, ଘରୋଇ ଗେଷ୍ଟହାଉସ୍ ଏବଂ ହୋଟେଲରେ ରୂପଜୀବୀଙ୍କୁ ମାଲିକମାନେ ଆଶ୍ରୟ ଦେଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ମିଳିତ ହୋଇ ଏହାର ପ୍ରତିବାଦ କରିଛନ୍ତି। ପୋଲିସ ଚଢ଼ାଉ ସୂଚନା ପାଇ ବହୁ ରୂପଜୀବୀ ଦୀଘା ପଳାଇଯାଇଥିବା ଗ୍ରାମବାସୀ କହିଛନ୍ତି।

# ପୋଲତଳୁ ଯୁବକଙ୍କ ଗଳିତ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଛେଣ୍ଡିପଦା,୩୧।୫(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଲିପଟା ଗାଁନିକଟସ୍ଥ ତେଲିପୋଲ ତଳୁ ଶନିବାର ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ କିଶୋରନଗର ବ୍ଲକ ହଣ୍ଡପା ଥାନା କଣ୍ଟେଇକୁଳିଆ ପଞ୍ଚାୟତ ଇଚ୍ଛାପୁର ଗାଁର ଦୀପକ ବାଘ। ତେବେ ସମ୍ପୃକ୍ତ ଯୁବକଙ୍କୁ ହତ୍ୟା କରି ଫୋପାଡ଼ି ଦିଆଯାଇଥିବା ତାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଛେଣ୍ଡିପଦା–ଜରପଡ଼ା ପୂର୍ତ୍ତ ବିଭାଗ ରାସ୍ତାର ବାଲିପଟା ଗାଁ ପାଖ ତେଲିପୋଲ ନିକଟରେ ଦୁର୍ଗନ୍ଧ ହେଉଥିବାରୁ ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ। ପରେ ପୋଲ ତଳେ ଜଣେ ଯୁବକଙ୍କ ଗଳିତ ମୃତଦେହ ଓ କିଛି ଦୂରରେ ମୋଟର ସାଇକେଲ ପଡ଼ିଥିବା ଦେଖି ଛେଣ୍ଡିପଦା ଥାନାକୁ ଖବର ଦେଇଥିଲେ। ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରିଥିଲା। ତଦନ୍ତ ବେଳେ ମୃତକ ଜଣଙ୍କ ହଣ୍ଡପା ଥାନା କଣ୍ଟେଇକୁଳିଆ ପଞ୍ଚାୟତ ଇଚ୍ଛାପୁର ଗାଁର ଦୀପକ ବୋଲି ଜଣାପଡ଼ିଥିଲା। ଖବରପାଇ ମୃତକଙ୍କ ପରିବାର ଲୋକେ ପହଞ୍ଚି ଦୀପକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଦୀପକ ଗତ ସାବିତ୍ରୀ ଅମାବାସ୍ୟା ଦିନ ଛେଣ୍ଡିପଦା ଆସିଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ହଣ୍ଡପା ଥାନାରେ ସେମାନେ ନିଖୋଜ ଅଭିଯୋଗ କରିଥିଲେ ବୋଲି କହିଥିଲେ। ମୃତ ଦୀପକଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଆଧାର କରି ଛେଣ୍ଡିପଦା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଦୁର୍ଘଟଣା, ତାହା ଜଣାପଡ଼ିବ ବୋଲି ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।


# Classified Everyday 0674-2580101, 9692975378


MATRIMONIAL

**BRIDE WANTED**

Khastriya Boy 1993, B.Tech, 5'9", Dhanu, Bangalore IT Software, Dhenkanal. 9668599723. D-71085

**GROOM WANTED**

Wanted Govt. Officers groom for beautiful Khandayat Girl 1992, 5'4", MSc, ME.d. serving Asst. Professor, Govt BE.d. College. "SUNASANSAR". 9937512659. D-76273


REAL ESTATE
SALE

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D- 76463

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

**ନଖରାଛକରୁ 6K.M. ବ୍ରାହ୍ମଣଝରିଲୋରେ ଘରବାରି boundary plot sale, 1500sqft. 30,00,000/-. 7978947520.** D-76272

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

**ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834.** D-76266




Wellness relax body massage & joint pain treatment by trend therapist. 7327020180. D-76917

Newly open health benefits SPA by expert therapist. Contact- 8280961126. D-76915

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

**AFFIDAVIT**

By virtue of an affidavit sworn before the Executive Magistrate TALCHER on dated 10th March 2025, I, Mrs. Mamita Bisai, Address QR No-M/100, AT/PO-DERA COLLIERY, P.S.-Colliery, VTC- Talcher, PIN- 759103, Odisha have changed my name from "MAMATA BISOYI" to "MAMITA BISAI". Henceforth, I shall be known as "MAMITA BISAI" for all purposes.
MAMITA BISAI
D-770

I, SMITA GIRI, W/o HIMANSU PATNAIK, resident of B/5, SIDDHI VIHAR, BARABARI, P.O./P.S.-KHANDAGIRI, DIST.-KHURDA, ODISHA, PIN- 751030 declare by this affidavit No.- 8344 dtd- 19.05.2025 that now onwards, I shall be known as SMITA PATNAIK for all future purposes. D-772

I, Sri Nalla Damurudhara Choudhury declared that as per affidavit No.- 43, dtd- 29.-5.2025 before the Executive Magistrate, Nandapur, my old name N Damburudhara Choudhury has been changed to Nalla Damurudhara Choudhury. Henceforth I will be known as Nalla Damurudhara Choudhury son of Nalla Dharma Rao, At/P.O.- Nandapur, Dist.- Koraput for all purposes. D-768

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଶ୍ରୀମତୀ ସରୋଜିନୀ ପଣ୍ଡା**

ଆବିର୍ଭାବ: ୨୮।୦୮।୧୯୫୯
ତିରୋଧାନ: ୨୨।୦୫।୨୦୨୫

ଆଜି ବି ତୁମେ ଓ ତୁମ ସହିତ ବିତେଇଥିବା ମୁହୂର୍ତ୍ତ ସବୁ ଆମ ମାନସପଟ୍ଟରେ ସଜଳ ଓ ଜୀବନ୍ତ। ତୁମେ ଯେଉଁଠି ଥାଅ ଭଲରେ ଥାଅ, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର ବିନତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:– ହତଭାଗ୍ୟ ପୁତ୍ର: (ଗୁଗୁନ୍), କନ୍ୟାମାନେ (ମାମା, ଉମୁନି, ସୀମା) ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୭୬୯

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**୰ରବିନାରାୟଣ ଜେନା**

It broke our hearts to lose you, but you did not go alone, a part of us went with you. The day God took you home. If tears could build a stairway & heartaches build a lane We'd walk our way to heaven & bring you back again. In life, we loved you dearly, in death, we love you still, in our hearts you hold a place none could ever fill.

**Yours beloved family**
ଧ-୭୭୧

## ସଂକ୍ଷେପରେ

### ପାକିସ୍ତାନକୁ ସାନ୍ତ୍ୱନା ବାର୍ତ୍ତା ପ୍ରତ୍ୟାହାର କଲା କଲମ୍ବିଆ

ବୋଗୋଟା,୩୧।୫(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁ ପାକିସ୍ତାନରେ ଲୋକଙ୍କ ମୃତ୍ୟୁ ପାଇଁ କଲମ୍ବିଆ ଇସ୍‌ଲାମାବାଦକୁ ହୃଦୟଭରା ସାନ୍ତ୍ୱନା ଜଣାଇଥିଲା। କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କ ନେତୃତ୍ୱରେ ବହୁଦଳୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀ ପାକିସ୍ତାନର ସୀମାପାର ଆତଙ୍କବାଦୀ କାର୍ଯ୍ୟ ସମ୍ପର୍କରେ କଲମ୍ବିଆ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପରେ ସେମାନେ ଉକ୍ତ ସାନ୍ତ୍ୱନା ବାର୍ତ୍ତା ପ୍ରତ୍ୟାହାର କରିନେଇଛନ୍ତି। ଏହି ପ୍ରସଙ୍ଗରେ ଭାରତକୁ ସମର୍ଥନ ଦେବା ଲାଗି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବରୁ କଲମ୍ବିଆର ମନ୍ତବ୍ୟକୁ ନେଇ ଥରୁର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ କଲମ୍ବିଆର ବହିର୍ବ୍ୟାପାର ଉପମନ୍ତ୍ରୀ ରୋସା ୟୋଲାଣ୍ଡା ଭିଲାଭିସେନ୍‌ସିଓ ଓ ତାଙ୍କ ସହକର୍ମୀମାନଙ୍କ ସହ ଏସିଆ-ପାସିଫିକ୍ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ପାକିସ୍ତାନକୁ ଦେଇଥିବା ସାନ୍ତ୍ୱନା ବାର୍ତ୍ତା ଫେରାଇ ନିଆଯାଇଥିବା ଉପମନ୍ତ୍ରୀ କହିବା ସହ ଭାରତକୁ ଦୃଢ଼ ସମର୍ଥନ ଜଣାଇଥିବାର ପ୍ରତିଶ୍ରୁତି ଦେଇଛନ୍ତି।

### ମହାକାଶକୁ ଗଲେ ୬ ପର୍ଯ୍ୟଟକ

**ବ୍ଲୁ ଅରିଜିନ୍‌ର ଏନ୍‌ଏସ୍-୩୨ ମିଶନ ସଫଳ**

ନୂଆଦିଲ୍ଲୀ,୩୧।୫

ଜେଫ୍ ବେଜୋସ୍‌ଙ୍କ ଘରୋଇ ସ୍ପେସ୍ କମ୍ପାନୀ ବ୍ଲୁ ଅରିଜିନ୍‌ର ଏନ୍‌ଏସ୍-୩୨ ମିଶନ ଶନିବାର ସଫଳତାର ସହ ମହାକାଶ ଅଭିମୁଖେ ଯାତ୍ରା କରିଛି। ଏହି ମିଶନରେ ୬ ଜଣ ପର୍ଯ୍ୟଟକ ସାମିଲ ହୋଇଛନ୍ତି। ସ୍ଥାନୀୟ ସମୟ ସକାଳ ୯ଟା ୩୦ ମିନିଟ୍ ସମୟରେ ୱେଷ୍ଟ ଟେକ୍ସାସ୍‌ର ଲଞ୍ଚସାଇଟ୍ ୱାନ୍‌ରୁ ମିଶନ୍ ଉତ୍କ୍ଷେପଣ କରାଯାଇଥିଲା। ଏହା କମ୍ପାନୀର ୩୨ତମ ମହାକାଶ ଯାତ୍ରା ହୋଇଥିବାବେଳେ ଦ୍ୱାଦଶ ମାନବ ସ୍ପେସ୍‌ଫ୍ଲାଇଟ୍। କିଛି ସପ୍ତାହ ପୂର୍ବରୁ ବ୍ଲୁ ଅରିଜିନ୍ କେବଳ ମହିଳା ସେଲିବ୍ରିଟିମାନଙ୍କୁ ମହାକାଶ ପଠାଇଥିଲା।

### ତାଜମହଲ ସୁରକ୍ଷା ପାଇଁ ଆଣ୍ଟିଡ୍ରୋନ୍ ସିଷ୍ଟମ୍ ଲଗାଯାଇଥିଲା

ଲକ୍ଷ୍ନୌ,୩୧।୫

ଭାରତ-ପାକିସ୍ତାନ ସଂଘର୍ଷ ବେଳେ ଆଗ୍ରାର ବିଶ୍ୱପ୍ରସିଦ୍ଧ କୀର୍ତ୍ତିରାଜି ତାଜମହଲକୁ ସୁରକ୍ଷିତ ରଖିବା ପାଇଁ ଆଣ୍ଟିଡ୍ରୋନ୍ ପ୍ରଯୁକ୍ତି ବ୍ୟବହାର କରାଯାଇଥିଲା। ତାଜମହଲ ପରିସରରେ ସ୍ଥାପିତ ଆଣ୍ଟିଡ୍ରୋନ୍ ସିଷ୍ଟମ୍ ୮ କିଲୋମିଟର ଦୂରରୁ ଶତ୍ରୁପକ୍ଷର ଡ୍ରୋନ୍‌କୁ ଚିହ୍ନଟ କରିବା ସହ ୫୦୦ ମିଟର ଦୂରରୁ ଆକାଶ ମାର୍ଗରେ ଯେକୌଣସି ବିପଦକୁ ପ୍ରତିହତ କରିବା କ୍ଷମତା ଏହାର ରହିଥିବା ଏସିପି ସୟେଦ ଅରିବ ଅହମଦ କହିଛନ୍ତି। ସୁରକ୍ଷା ମୁଖ୍ୟାଳୟ ଯୋଗାଇ ଦେଇଥିବା ଏହି ସିଷ୍ଟମକୁ ସଫଳତାର ସହ ପରୀକ୍ଷା କରାଯାଇଥିଲା।

# ଉତ୍ତର-ପୂର୍ବାଞ୍ଚଳରେ ବର୍ଷା ବିପ୍ଳବ, ୨୪ ମୃତ

## ବନ୍ୟା, ଭୂସ୍ଖଳନରେ ୧୨ ହଜାର ଲୋକ ପ୍ରଭାବିତ

ଗୁଆହାଟୀ/ଇଟାନଗର, ୩୧।୫



ଆସାମରେ ଏକ ଜଳାର୍ଣ୍ଣବ ଅଞ୍ଚଳରେ ଏନ୍‌ଡିଆର୍‌ଏଫ୍ ଟିମ୍ ଲୋକଙ୍କୁ ଉଦ୍ଧାର କରୁଛି।

ଲଗାଣ ବର୍ଷା ଯୋଗୁ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଆସାମ, ଅରୁଣାଞ୍ଚଳ ପ୍ରଦେଶ, ନାଗାଲାଣ୍ଡ, ତ୍ରିପୁରା, ମିଜୋରାମ ଏବଂ ମେଘାଳୟରେ ବନ୍ୟା ଏବଂ ଭୂସ୍ଖଳନ ଘଟି ଅନେକ ହଜାର ଲୋକ ପ୍ରଭାବିତ ହେବା ସହ ୨୪ ଜଣଙ୍କର ମୃତ୍ୟୁ ଘଟିଛି। ବନ୍ୟାରେ ରାସ୍ତାଘାଟ ଧୋଇ ହୋଇଯିବା ସହ ଭୂସ୍ଖଳନରେ ଘର ଭାଙ୍ଗି ଅନେକ ଲୋକ ବାସହୀନ ହୋଇଛନ୍ତି। ଆଗାମୀ କିଛିଦିନ ଉତ୍ତର-ପୂର୍ବାଞ୍ଚଳର ଅନେକ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ରେଡ୍ ୱାର୍ନିଂ ଜାରି କରିଛି।

ଗତ ୩ ଦିନ ମଧ୍ୟରେ ଆସାମର କାମରୂପ ମେଟ୍ରୋ ଜିଲାରେ ଭୂସ୍ଖଳନରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ବନ୍ୟା ଏବଂ ଭୂସ୍ଖଳନରେ ରାଜ୍ୟର ୧୨ ହଜାର ଲୋକ ପ୍ରଭାବିତ ହୋଇଥିବା ନେଇ ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏଏସ୍‌ଡିଏମ୍‌ଏ) ସୂଚନା ଦେଇଛନ୍ତି। ଗୁଆହାଟୀ ଏବଂ ସିଲ୍‌ଚର ସହରରେ ବନ୍ୟା ସ୍ଥିତି ସୃଷ୍ଟି ହୋଇ ୧୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରବଳ ବର୍ଷା ଏବଂ ପବନ ପାଇଁ ୧୮ ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ସଙ୍ଗିନ ରୂପ ନେଇଛି। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଭୂସ୍ଖଳନରେ ୯ ଜଣଙ୍କର ମୃତ୍ୟୁ ଘଟିଛି। ଇଷ୍ଟ କାମେଙ୍ଗ ଜିଲାର ଜାତୀୟ ରାଜପଥ-୧୩ ନିକଟବର୍ତ୍ତୀ ବାନା-ସେପ୍ପା ଅଞ୍ଚଳରେ ଭୂସ୍ଖଳନରେ ୨ ପରିବାର ୭ ଜଣଙ୍କର ମୃତ୍ୟୁ ଘଟିଛି ଓ ଇଷ୍ଟ କାମେଙ୍ଗ ଜିଲାର ୧୧୭ ଘର ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ନଷ୍ଟ ହୋଇଛି। ବର୍ଷାଋତୁ ସମୟରେ ଭୂସ୍ଖଳନ ପ୍ରବଣ ଅଞ୍ଚଳକୁ ନ ଯିବାକୁ ରାଜ୍ୟ ଗୃହ ମନ୍ତ୍ରୀ ମାମା ନାତୁଙ୍ଗ ଲୋକଙ୍କୁ ଅପିଲ କରିଛନ୍ତି। ସେହିପରି ମ୍ୟାନ୍‌ମାର ସୀମା ନିକଟବର୍ତ୍ତୀ ପୂର୍ବ ମିଜୋରାମର ଚମ୍ପାଇ ଜିଲାସ୍ଥିତ ଭାଫାଇ ଗ୍ରାମରେ ଭୂସ୍ଖଳନ ଘଟି ୪ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୩ ଜଣ ମ୍ୟାନ୍‌ମାର ଶରଣାର୍ଥୀ ରହିଛନ୍ତି। ରାଜଧାନୀ ଆଇଜଲଠାରୁ ୧୧୪ କି.ମି. ଦୂର ଶେର୍‌ଚିପ ଜିଲାରେ ଏକ ଘର ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଗତ ୨ ଦିନ ଧରି ତ୍ରିପୁରାର ଜିରାନିଆ ସହରରେ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୨୦୦ରୁ ଅଧିକ ଲୋକ ବାସହୀନ ହୋଇଛନ୍ତି। ରାଜ୍ୟର ୧୦୬ ଘର କ୍ଷତିଗ୍ରସ୍ତ ହୋଇଛି। ୫୭ ପରିବାରର ୨୦୭ ଜଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳକୁ ନିଆଯାଇଛି। ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲାରେ ବର୍ଷାଜନିତ ବିଭିନ୍ନ କାରଣରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ୨୫ ଗ୍ରାମର ପ୍ରାୟ ହଜାରେ ବାସିନ୍ଦା ବନ୍ୟା, ଭୂସ୍ଖଳନ ଏବଂ ବିଜୁଳି ବିଭ୍ରାଟରେ ପ୍ରଭାବିତ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ କନ୍‌ରାଡ ସାଙ୍ଗମା ସୂଚନା ଦେଇଛନ୍ତି। ନାଗାଲାଣ୍ଡରେ ମଧ୍ୟ ବର୍ଷାଜନିତ ଜଣଙ୍କର ମୃତ୍ୟୁ ଘଟିଛି।

ଲଗାଣ ବର୍ଷା ଏବଂ ଭୂସ୍ଖଳନରୁ ଦକ୍ଷିଣ ଭାରତ ମଧ୍ୟ ତ୍ରାହି ପାଇନାହିଁ। କର୍ଣାଟକର ଦକ୍ଷିଣ କନ୍ନଡ଼ ଜିଲାର ମୋଣ୍ଟେପାଡାଭୁ କୋଡି ଅଞ୍ଚଳରେ ଭୂସ୍ଖଳନ ଘଟି ଏକ ଘର ଭାଙ୍ଗିଯିବାରୁ ୫ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି କେରଳର ବିଭିନ୍ନ ଜିଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟର କୋଟ୍ଟାୟମ ଜିଲାର ୧,୧୦୦ ଏବଂ ଆଲାପୁଝା ଜିଲାର ୮୫୧ ଜଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳକୁ ନିଆଯାଇଛି।

## ୨୪୦ ଭାରତୀୟ ଯୁବକଙ୍କୁ ଚରମପନ୍ଥୀ କରିବାରେ ପାକ୍ ମହିଳା ସମ୍ପୃକ୍ତ

**ଆଇଏସ୍‌ଆଇ ନେଟ୍‌ୱର୍କର ତଦନ୍ତ କରୁଛି ଏଟିଏସ୍**

ଲକ୍ଷ୍ନୌ,୩୧।୫

ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତି ଅଭିଯୋଗରେ ଗତ ୨୧ ତାରିଖରେ ବାରାଣସୀରୁ ଗିରଫ ହୋଇଥିବା ତୁଫେଲ୍ ମକ୍‌ସୁଦ(୩୪)ଙ୍କର ୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସହ ଯୋଗାଯୋଗ ରହିଥିବା ଉତ୍ତରପ୍ରଦେଶ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଜାଣିବାକୁ ପାଇଛି। ସେମାନେ ତୁଫେଲ୍‌ଙ୍କ ଦ୍ୱାରା ପରିଚାଳିତ ୧୯ଟି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସାମିଲ ଥିଲେ। ଗୁପ୍ତଚରଗିରି ଅଭିଯୋଗରେ ଏଟିଏସ୍ ତୁଫେଲ୍ ସମେତ ନୋଏଡ଼ାରୁ ମହମ୍ମଦ ହରୁନ୍ ଏବଂ ମୋରାଦାବାଦରୁ ଶାହଜାଦ ୱାହବଙ୍କୁ ଗିରଫ କରିଥିଲା। ଜେରାରୁ ଜଣାପଡ଼ିଛି, ତୁଫେଲ୍ ହ୍ୱାଟ୍ସଆପ୍‌ରେ ଅଧିକାଂଶ ବାର୍ତ୍ତା ପାକିସ୍ତାନୀ ମହିଳା ନଫିସାଙ୍କ ପାଖକୁ ପଠାଉଥିଲେ। ନଫିସା ୨୪୦ ଜଣ ଭାରତୀୟ ଯୁବକଙ୍କ ସହ ଯୋଗାଯୋଗରେ ରହି ସେମାନଙ୍କୁ କଟ୍ଟରପନ୍ଥୀ କରିବା ସହ ଗୁପ୍ତଚର ବୃତ୍ତିରେ ସାମିଲ କରାଉଥିଲେ। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏଥିପାଇଁ ନଫିସାଙ୍କୁ ବ୍ୟବହାର କରୁଥିବା ସନ୍ଦେହ କରାଯାଉଛି।

## ନୀତେଶଙ୍କୁ ବେଲ୍, ଜେଲରୁ ବାହାରିଲେ ନୀତୀଶ

ଫରିଦାବାଦ, ୩୧।୫

ହରିୟାଣାର ଫରିଦାବାଦସ୍ଥିତ ନିମ୍‌କା ଜେଲ ପ୍ରଶାସନର ଅବହେଳା ଯୋଗୁ ଭୁଲରେ ଜଣେ ବଳାତ୍କାର ଅଭିଯୁକ୍ତ ମୁକୁଳିବାକୁ ସକ୍ଷମ ହୋଇଛନ୍ତି। ଜେଲରେ ଥିବା ୨ କଏଦୀଙ୍କ ନାମରେ ଦ୍ୱନ୍ଦ୍ୱ ହେତୁ ଏପରି ଘଟିଥିବା ନେଇ ଶନିବାର ଫରିଦାବାଦ ପୋଲିସ ସୂଚନା ଦେଇଛି। ଉଭୟ କଏଦୀଙ୍କ ନାମ ଏକାପରି ହେବା ସହ ସେମାନଙ୍କ ବାପାଙ୍କ ନାମ ରବିନ୍ଦର ହୋଇଥିବାରୁ ଏହି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା।

ନୀତେଶ (୨୪) ନାମକ ଜଣେ ବ୍ୟକ୍ତି ଚଳିତ ମାସ ତୃତୀୟ ସପ୍ତାହରେ ଏକ ଘରେ ପଶି ମାରପିଟ ମାମଲାରେ ଗିରଫ ହୋଇଥିଲେ। ତାଙ୍କୁ ଗତ ୨୬ରେ ଫରିଦାବାଦ କୋର୍ଟର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଜାମିନ ପ୍ରଦାନ କରିଥିଲେ। ତେବେ ନାମରେ ଦ୍ୱନ୍ଦ୍ୱ ହେତୁ ଗତ ୨୭ରେ ଏକ ପୋକ୍‌ସୋ ମାମଲାରେ ବଳାତ୍କାର ଅଭିଯୁକ୍ତ ନୀତୀଶ କୁମାର ପାଣ୍ଡେ (୨୭)ଙ୍କୁ ଜେଲ ପ୍ରଶାସନ ମୁକୁଳାଇଥିଲା। ନୀତୀଶ ଜଣେ ୯ ବର୍ଷୀୟ ନାବାଳକଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗତ ୨୦୨୧ ଅକ୍ଟୋବରରେ ଗିରଫ ହୋଇଥିଲେ। ସେବେଠାରୁ ସେ ଜେଲରେ ଥିଲେ। ନାମକୁ ନେଇ ଜେଲ ପ୍ରଶାସନର ଦ୍ୱନ୍ଦ୍ୱ ଭିତରେ ନୀତୀଶ ନିଜ ପରିଚୟ ଲୁଚାଇ ମୁକୁଳିବାରେ ସଫଳ ହୋଇଥିଲା। ଏବେ ସେ ଫେରାର ଥିବା ପୋଲିସ କହିଛି। ପରିଚୟ ଲୁଚାଇ ଜେଲରୁ ମୁକୁଳିଥିବା ଅଭିଯୋଗରେ ଫରିଦାବାଦ ସଦର ଥାନା ପୋଲିସ ପକ୍ଷରୁ ନୀତୀଶଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପୋଲିସ ନୀତୀଶଙ୍କୁ ଖୋଜିବା ଜାରି ରଖିଛି ଏବଂ ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ନିମ୍‌କା ଜେଲର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବିକ୍ରମ ସିଂ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ନିମ୍‌କା ଜେଲ ଅଧୀକ୍ଷକ ହରେନ୍ଦ୍ର ସିଂଙ୍କ ଦ୍ୱାରା ଏକ ଆଭ୍ୟନ୍ତରୀଣ ତଦନ୍ତ କରାଯାଇଥିଲା। ଉକ୍ତ ତଦନ୍ତ ଅନୁଯାୟୀ, କାର୍ଯ୍ୟରେ ଅବହେଳା କରିଥିବାରୁ ୫ ଜଣ ଜେଲ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ବିକ୍ରମ ସୂଚନା ଦେଇଛନ୍ତି।

## ୪ ରାଜ୍ୟ, ୨ କେନ୍ଦ୍ରଶାସିତ ଅଞ୍ଚଳରେ ନାଗରିକ ପ୍ରତିରକ୍ଷା ମକ୍‌ଡ୍ରିଲ୍

ନୂଆଦିଲ୍ଲୀ,୩୧।୫


ଅମୃତସରରେ ମକ୍‌ଡ୍ରିଲବେଳେ ଜଣେ ଆହତଙ୍କୁ ଆମ୍ବୁଲାନ୍ସ ନିକଟକୁ ନିଆଯାଉଛି।

ଜରୁରୀ ପ୍ରସ୍ତୁତି ଏବଂ ମୁକାବିଲା କ୍ଷମତା ବଢ଼ାଇବା ପାଇଁ ସୀମାନ୍ତ ରାଜ୍ୟ ପଞ୍ଜାବ, ଗୁଜରାଟ, ରାଜସ୍ଥାନ ଓ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ସମେତ ହରିୟାଣା ଓ ଚଣ୍ଡିଗଡ଼ରେ ଶନିବାର ସନ୍ଧ୍ୟାରେ 'ଅପରେଶନ ଶିଲ୍ଡ' ନାମରେ ନାଗରିକ ପ୍ରତିରକ୍ଷା ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଅଭ୍ୟାସ ବେଳେ ଆହତ ଭଳି ଅଭିନୟ କରୁଥିବା ସ୍ୱେଚ୍ଛାସେବୀଙ୍କୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସ ପାଖକୁ ନିଆଯାଇଥିଲା। ନିର୍ବାପନ ଅଭ୍ୟାସ ପ୍ରଦର୍ଶିତ ହୋଇଥିଲା। ମକ୍ ଡ୍ରିଲ୍‌ରେ ଅଗ୍ନିଶମ ଓ ଜରୁରୀ ସେବା, ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଓ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ସିଭିଲ୍ ଡିଫେନ୍ସ, ଏନ୍‌ଏସ୍‌ଏସ ଏବଂ ଏନ୍‌ସିସିର ପ୍ରଶିକ୍ଷଣପ୍ରାପ୍ତ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ୨୯ ତାରିଖରେ ଏହି ଡ୍ରିଲ ହେବାକୁ ଥିବାବେଳେ ଏହାକୁ ୨ ଦିନ ଘୁଞ୍ଚାଇ ଦିଆଯାଇଥିଲା।

## 'ଟାଇଗର ମ୍ୟାନ୍'ଙ୍କ ପରଲୋକ


ନୂଆଦିଲ୍ଲୀ, ୩୧।୫ (ପି.ଟି.)


ବାଲ୍ମୀକ୍ ଥାପର

ଟାଇଗର ମ୍ୟାନ୍ ଭାବେ ପରିଚିତ ଭାରତର ପ୍ରସିଦ୍ଧ ବନ୍ୟପ୍ରାଣୀ ସଂରକ୍ଷକ ବାଲ୍ମୀକ୍ ଥାପରଙ୍କ ଶନିବାର ୭୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା କର୍କଟ ରୋଗରେ ପୀଡ଼ିତ ଥିଲେ। ୫ ଦଶନ୍ଧି ଧରି ସେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରିଥିଲେ। ତେବେ ତାଙ୍କର ବିଶେଷ ଫୋକସ୍ ବ୍ୟାଘ୍ର ସଂରକ୍ଷଣ ଉପରେ ରହିଥିଲା। ୧୯୮୮ରେ ଥାପର ରଣଥମ୍ଭୋର ଫାଉଣ୍ଡେଶନର ପ୍ରତିଷ୍ଠା କରିଥିଲେ। ଏକ ବେସରକାରୀ ସଙ୍ଗଠନ ଭାବେ ରଣଥମ୍ଭୋର ଜାତୀୟ ଉଦ୍ୟାନ ଅଞ୍ଚଳରେ ବ୍ୟାଘ୍ର ସଂରକ୍ଷଣ ଏବଂ ପରିବେଶ ଶିକ୍ଷା ଦିଗରେ କାର୍ଯ୍ୟ କରି ପ୍ରସିଦ୍ଧି ଲାଭ କରିଥିଲା। ଥାପର ୧୫୦ରୁ ଅଧିକ ସରକାରୀ କମିଟି ଏବଂ ଟାସ୍କଫୋର୍ସରେ କାର୍ଯ୍ୟ କରିଥିଲେ। ୨୦୦୫ରେ ବ୍ୟାଘ୍ର ସଂରକ୍ଷଣ ପରିଚାଳନାର ସମୀକ୍ଷା ପାଇଁ ଟାଇଗର ଟାସ୍କଫୋର୍ସର ସଦସ୍ୟ ଭାବେ ଥାପରଙ୍କୁ ନିଯୁକ୍ତ କରାଯାଇଥିଲା। ବ୍ୟାଘ୍ର ବାସସ୍ଥାନର ସୁରକ୍ଷା ପାଇଁ ସେ ଲଢ଼େଇ କରିବା ସହ ପୂରା ଜୀବନ ବନ୍ୟପ୍ରାଣୀ ତଥା ବ୍ୟାଘ୍ର ସଂରକ୍ଷଣରେ ଉତ୍ସର୍ଗ କରିଥିଲେ। ୧୯୫୨ରେ ନୂଆଦିଲ୍ଲୀରେ ଜନ୍ମିତ ଥାପରଙ୍କ ବାପା ରମେଶ ଥାପର ଜଣେ ଖ୍ୟାତନାମା ସାମ୍ବାଦିକ ଥିଲେ। ଥାପର ଅଭିନେତା ଶଶୀ କପୁରଙ୍କ ଝିଅ ତଥା ଥିଏଟର ଆର୍ଟିଷ୍ଟ ସଞ୍ଜନା କପୁରଙ୍କୁ ବିବାହ କରିଥିଲେ।

## ୨୬ ଜୀବନ ନେଲାଣି କୋଭିଡ୍

ନୂଆଦିଲ୍ଲୀ,୩୧।୫



**ଭାରତରେ ୩,୩୯୫ ସକ୍ରିୟ ମାମଲା**

ଭାରତରେ କୋଭିଡ୍-୧୯ ସକ୍ରିୟ ମାମଲା ସଂଖ୍ୟା ଶନିବାର ୩,୩୯୫ରେ ପହଞ୍ଚିଛି। ସପ୍ତାହେ ପୂର୍ବରୁ ସକ୍ରିୟ ମାମଲା ସଂଖ୍ୟା ୧,୦୦୦ରୁ ସାମାନ୍ୟ ଅଧିକ ଥିଲା। ଇତିମଧ୍ୟରେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୬ ହେଲାଣି। କେରଳରେ ସର୍ବାଧିକ ୧,୩୩୬ ସକ୍ରିୟ ମାମଲା ରହିଥିବାବେଳେ ଏହା ପଛକୁ ମହାରାଷ୍ଟ୍ରରେ ୪୬୭, ଦିଲ୍ଲୀରେ ୩୭୫, ଗୁଜରାଟରେ ୨୬୫, କର୍ଣାଟକରେ ୨୩୪, ପଶ୍ଚିମବଙ୍ଗରେ ୨୦୫, ତାମିଲନାଡୁରେ ୧୮୫ ଏବଂ ଉତ୍ତରପ୍ରଦେଶରେ ୧୧୭ ମାମଲା ଚିହ୍ନଟ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀ, କେରଳ, କର୍ଣାଟକ ଏବଂ ଉତ୍ତରପ୍ରଦେଶରେ ଜଣେ ଲେଖାଏ କୋଭିଡ୍‌ରେ ପ୍ରାଣ ହରାଇଛନ୍ତି। ଦିଲ୍ଲୀର ଜଣେ ୬୦ ବର୍ଷୀୟା ମହିଳା ପ୍ରାଣ ହରାଇଥିବାବେଳେ ତାଙ୍କର ବହୁବିଧ ରୋଗ ଥିବା ଜଣାପଡ଼ିଛି। ଦିଲ୍ଲୀରେ ଏହା ପ୍ରଥମ କୋଭିଡ୍ ମୃତ୍ୟୁ। ସଂକ୍ରମଣର ଗମ୍ଭୀରତା କମ୍ ଥିବାରୁ ଅଧିକାଂଶ ରୋଗୀ ଘରେ ରହି ଚିକିତ୍ସିତ ହେଉଛନ୍ତି। ତେଣୁ ବ୍ୟତିବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ମନ୍ତ୍ରଣାଳୟ କହିଛି।

ବର୍ତ୍ତମାନ ସୁଦ୍ଧା ଦେଶରେ ଓମିକ୍ରନ୍‌ର ୪ଟି ଉପପ୍ରଜାତି ଏଲ୍‌ଏଫ୍.୭, ଏକ୍ସଏଫ୍‌ଜି, ଜେଏନ୍.୧ ଏବଂ ଏନ୍‌ବି.୧.୮.୧ ଚିହ୍ନଟ ହୋଇଛି। ସେଥିରୁ ପ୍ରଥମ ୩ଟି ଅଧିକ ସଂଖ୍ୟାରେ ଦେଖାଯାଉଥିବା ଭାରତୀୟ ଭେଷଜ ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡ. ରାଜୀବ ବେହଲ କହିଛନ୍ତି। କୋଭିଡ୍ ସ୍ଥିତି ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି। ବର୍ତ୍ତମାନ ସ୍ଥିତିରେ ଆମକୁ ସତର୍କ ରହିବାକୁ ହେବ, କିନ୍ତୁ ବିବ୍ରତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ତଥ୍ୟ ଅନୁଯାୟୀ, ଗତ ଫେବୃଆରୀ ମଧ୍ୟଭାଗରୁ ବିଶ୍ୱର ବିଭିନ୍ନ ଦେଶରେ କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ବିଶେଷକରି ପୂର୍ବ ଭୂମଧ୍ୟସାଗରୀୟ ଅଞ୍ଚଳ, ଦକ୍ଷିଣପୂର୍ବ ଏସିଆ ଏବଂ ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସଂକ୍ରମଣ ବଢ଼ିଛି। ଏଲ୍‌ପି.୮.୧. ଭାରିଆଣ୍ଟ କମିଥିବାବେଳେ ଏନ୍‌ବି.୧.୮.୧ ବୃଦ୍ଧି ପାଇଛି। ଚାଇନା, ସିଙ୍ଗାପୁର, ତାଇୱାନ, ହଂକଂ ଏବଂ ଆମେରିକାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସଂକ୍ରମଣ ଯଥେଷ୍ଟ ଅଧିକ ରହିଥିବାରୁ ସେଠାକୁ ନ ଯିବା ପାଇଁ ସରକାର ପରାମର୍ଶ ଦେଇଛନ୍ତି।

## ଫୁରସତ୍

**ସବୁଠୁ ଧନୀ ରାଜା**

### ରହିଛି ୩୦୦ କାର୍, ୩୮ ଜେଟ୍

ବ୍ୟାଙ୍କକ୍


ମହା ବଜିରାଲଙ୍ଗ୍‌କର୍ନ

ଥାଇଲାଣ୍ଡର ରାଜା ମହା ବଜିରାଲଙ୍ଗ୍‌କର୍ନ ହେଉଛନ୍ତି ବିଶ୍ୱର ସବୁଠୁ ଧନୀ ରାଜା। ବିଶ୍ୱର ପ୍ରମୁଖ ବିଲିୟନେୟାରମାନଙ୍କ ମଧ୍ୟରୁ ସେ ଅନ୍ୟତମ ହୋଇଥିବା ନେଇ ଅଲ୍ ଜଜିରାର ଏକ ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟ ଅନୁଯାୟୀ, ରାଜା ମହା ବଜିରାଲଙ୍ଗ୍‌କର୍ନଙ୍କ ଆନୁମାନିକ ସମ୍ପତ୍ତି ହେଉଛି ୪୩ ବିଲିୟନ ଆମେରିକୀୟ ଡଲାର (ପ୍ରାୟ ୩.୭ ଲକ୍ଷ କୋଟି ଟଙ୍କା)। ଶତାବ୍ଦୀ ପୁରୁଣା ରାଜ ପରିବାରର ସମ୍ପତ୍ତି, ରିୟଲ୍ ଇଷ୍ଟେଟ୍ ଏବଂ ଥାଇଲାଣ୍ଡ ବ୍ୟବସାୟରେ ନିବେଶରୁ ତାଙ୍କର ଏହି ସମ୍ପତ୍ତି ଥିବା ରିପୋର୍ଟରେ କୁହାଯାଇଛି। ୨୦୧୬ରେ ନିଜ ପିତା ତଥା ଥାଇଲାଣ୍ଡର ତତ୍କାଳୀନ ରାଜା ଭୂମିବଲ୍ ଅଦୁଲ୍ୟାଦେଜଙ୍କ ମୃତ୍ୟୁ ପରେ ମହା ବଜିରାଲଙ୍ଗ୍‌କର୍ନ କ୍ରାଉନ୍ ପ୍ରପର୍ଟି ବ୍ୟୁରୋ (ସିପିବି) ଦ୍ୱାରା ନିୟନ୍ତ୍ରିତ ରାଜ ପରିବାରର ବିପୁଳ ସମ୍ପତ୍ତିକୁ ପରିଚାଳନା କରିଥିଲେ। କେବଳ ବ୍ୟାଙ୍କକ୍‌ରେ ତାଙ୍କର ୧୭,୦୦୦ରୁ ଅଧିକ ବିଭିନ୍ନ ସମ୍ପତ୍ତି ରହିଛି। ଏଠାରେ ସେ ସବୁଠାରୁ ବଡ଼ ଜମି ମାଲିକ ଭାବେ ଜଣାଶୁଣା। ଏହି ସହରରେ ତାଙ୍କର ବିଭିନ୍ନ ଉଚ୍ଚମାନର ହୋଟେଲ ଏବଂ ପ୍ରାଚୀନ ପ୍ରାସାଦ ରହିଛି।

ଥାଇଲାଣ୍ଡ ରାଜା ମହା ବଜିରାଲଙ୍ଗ୍‌କର୍ନଙ୍କ ନିକଟରେ ୩୦୦ରୁ ଅଧିକ ବିଳାସପୂର୍ଣ୍ଣ କାର୍ ରହିଛି। ସେହିପରି ତାଙ୍କର ୩୮ଟି ନିଜସ୍ୱ ଜେଟ୍ ଏବଂ ୨୨ଟି ଗୋଲ୍ଡେନ୍ ବୋଟ୍ ରହିଛି, ଯାହା ପାରମ୍ପରିକ ରାଜକୀୟ ସମାରୋହ ପାଇଁ ବ୍ୟବହୃତ ହୁଏ। ୧୯୫୨ରେ ଜନ୍ମ ହୋଇଥିବା ମହା ବଜିରାଲଙ୍ଗ୍‌କର୍ନ ଥାଇଲାଣ୍ଡର ପୂର୍ବତନ ରାଜା ଭୂମିବଲ୍ ଏବଂ ରାଣୀ ସିରିକିଟଙ୍କ ଏକ ମାତ୍ର ପୁତ୍ର ସନ୍ତାନ ଥିଲେ। ପିଲାଦିନରୁ ସିଂହାସନ ସମ୍ଭାଳିବା ପାଇଁ ତାଙ୍କୁ ପ୍ରସ୍ତୁତ କରାଯାଇଥିଲା। ତାଙ୍କୁ ବିଦେଶରେ ଉଚ୍ଚସ୍ତରୀୟ ସାମରିକ ତାଲିମ ଦିଆଯାଇଥିଲା। ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟରୁ ସାମରିକ ଅଧ୍ୟୟନରେ ସେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ କିଛିଦିନ ପାଇଁ ୟୁନାଇଟେଡ୍ କିଙ୍ଗଡମ୍‌ରେ ମଧ୍ୟ ଅଧ୍ୟୟନ କରିଥିଲେ। ଏହାପରେ କିଛିଦିନ ପାଇଁ ସେ ପାଇଲଟ୍ ହେବାର ତାଲିମ ମଧ୍ୟ ପାଇ ରୟାଲ୍ ଥାଇ ସେନାରେ ସେବା କରିଥିଲେ।

### 'ଭୁଲ୍ ଚୁକ୍ ମାଫ୍': ୨୦୨୫ର ୭ମ ହିଟ୍ ଫିଲ୍ମ





ରାଜକୁମାର ରାଓ

ମୁମ୍ବାଇ

ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ୱାମିକା ଗବ୍ବିଙ୍କ 'ଭୁଲ୍ ଚୁକ୍ ମାଫ' ଫିଲ୍ମ ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିବା ଜାରି ରଖିଛି। ଗତ ୨୩ ତାରିଖରେ ଏହି ଫିଲ୍ମ ସିନେମା ହଲ୍‌ରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବାର ପ୍ରଥମ ୮ ଦିନ ମଧ୍ୟରେ 'ଭୁଲ୍ ଚୁକ ମାଫ' ଫିଲ୍ମ କେବଳ ଭାରତୀୟ ଫିଲ୍ମ ହଲ୍‌ଗୁଡିକରୁ ୪୭.୩୪ କୋଟି ଟଙ୍କାର ବ୍ୟବସାୟ କରିଛି। ଏହାସହ କରନ ଶର୍ମାଙ୍କ ନିର୍ଦ୍ଦେଶିତ ଏହି କମେଡି ଡ୍ରାମା ଫିଲ୍ମ ୨୦୨୫ରେ ବର୍ତ୍ତମାନ ସୁଦ୍ଧା ଘରୋଇ ବକ୍ସ ଅଫିସରୁ ସର୍ବାଧିକ ରୋଜଗାର କରିଥିବା ସପ୍ତମ ଫିଲ୍ମ ହୋଇପାରିଛି। ପୂର୍ବରୁ ଚଳିତ ବର୍ଷ ଅଭିନେତା ଭିକି କୌଶଲଙ୍କ ଫିଲ୍ମ 'ଛାବା' ୫୮୫.୭ କୋଟି, ଅଜୟ ଦେବଗନଙ୍କ ଫିଲ୍ମ 'ରେଡ୍ ୨' ୧୬୫.୬୧ କୋଟି, ଅକ୍ଷୟ କୁମାରଙ୍କ ଫିଲ୍ମ 'ସ୍କାଏ ଫୋର୍ସ' ୧୧୩. ୬୩ କୋଟି, ସଲ୍‌ମାନ ଖାନ୍‌ଙ୍କ ଫିଲ୍ମ 'ସିକନ୍ଦର' ୧୧୦.୩୬ କୋଟି, ଅକ୍ଷୟଙ୍କ ଫିଲ୍ମ 'କେଶରୀ ୨' ୯୨.୧ କୋଟି ଏବଂ ସନି ଦେଓଲଙ୍କ ଫିଲ୍ମ 'ଜାଟ' ୮୮.୬୪ କୋଟି ଟଙ୍କା ଘରୋଇ ବକ୍ସ ଅଫିସରୁ ରୋଜଗାର କରିଥିଲା। ସେହିପରି ରିଲିଜ୍ ହେବାର ୮ ଦିନ ମଧ୍ୟରେ 'ଭୁଲ୍ ଚୁକ୍ ମାଫ୍' ଫିଲ୍ମ ସାରା ବିଶ୍ୱରୁ ୫୮ କୋଟି ଟଙ୍କା ରୋଜଗାର କରିଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ପ୍ରାୟ ୫୦ କୋଟି ଟଙ୍କାରେ ନିର୍ମିତ ହୋଇଥିବା ଏହି ଫିଲ୍ମ ଏବେ ଏହାର ବଜେଟ ମୂଲ୍ୟକୁ ଅତିକ୍ରମ କରିଛି। ଏହାସହ 'ଭୁଲ୍ ଚୁକ୍ ମାଫ୍' ଫିଲ୍ମ ରାଜକୁମାରଙ୍କ କ୍ୟାରିୟରର ତୃତୀୟ ସବୁଠାରୁ ଅଧିକ ରୋଜଗାର କରିଥିବା ଫିଲ୍ମ ହୋଇପାରିଛି।

ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୧ ଜୁନ୍‌, ୨୦୨୫ | Bhubaneswar, Sunday, 1 June, 2025

**ଫ୍ରେଞ୍ଚ୍ ଓପନ ଟେନିସ୍**

# ଚତୁର୍ଥ ରାଉଣ୍ଡରେ ଅଲ୍‌କାରାଜ, ଆନ୍ଦ୍ରିଭା

**ପ୍ୟାରିସ, ୩୧।୫ (ଏପି)**

ଗତଥରର ଚାମ୍ପିୟନ କାର୍ଲୋସ ଅଲ୍‌କାରାଜ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ରାତିରେ ଏକ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚରେ ସେ ଦାମିର ଦିଜୁମହୁର୍‌ଙ୍କୁ ୬-୧, ୬-୩, ୪-୬, ୬-୪ରେ ହରାଇ ଦେଇଛନ୍ତି। ଏଠାରେ ଦ୍ୱିତୀୟ ସିଡ୍ ମାନ୍ୟତାପ୍ରାପ୍ତ ସ୍ପେନର ଏହି ଖେଳାଳି ଏହା ପୂର୍ବରୁ କେବେ ୩୩ବର୍ଷୀୟ ଦିଜୁମହୁର୍‌ଙ୍କୁ ଭେଟି ନ ଥିଲେ। ସେ ଆହୁରି ମଧ୍ୟ କେବେ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ୩ୟ ରାଉଣ୍ଡ ଅତିକ୍ରମ କରିବାରେ ସଫଳ ହୋଇପାରି ନ ଥିଲେ। ଅଲ୍‌କାରାଜ ଚତୁର୍ଥ ରାଉଣ୍ଡରେ ବିଶ୍ୱର ୧୩ ନମ୍ବର ଖେଳାଳି ବେନ୍ ଶେଲଟନଙ୍କୁ ଭେଟିବେ। ଅନ୍ୟପକ୍ଷରେ ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସର ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ବିଶ୍ୱର ୬ ନମ୍ବର ରୁଷିଆର ମୀରା ଆନ୍ଦ୍ରିଭା ୬-୩, ୬-୧ ସେଟ୍‌ରେ ୩୨ତମ ସିଡ୍ ତଥା କାଜାଖସ୍ତାନର ୟୁଲିଆ ପୁଟିନଟସେଭାଙ୍କୁ ପରାସ୍ତ କରିଛନ୍ତି। ରୁଷିଆରୁ ଯାଇ ଅଷ୍ଟ୍ରେଲିଆରେ ବସବାସ କରିବା ପରେ ପ୍ରଥମ ଗ୍ରାଣ୍ଡସ୍ଲାମ ଖେଳୁଥିବା କାସାଟ୍‌କିନା ୧୦ମ ସିଡ୍ ପାଉଲା ବଦୋସାଙ୍କୁ ୬-୧, ୭-୫ରେ ହରାଇ ଦେଇଛନ୍ତି। ତୃତୀୟ ସିଡ୍ ଜେସିକା ପେଗୁଲା ଏକ ତୃତୀୟ ରାଉଣ୍ଡ ମୁକାବିଲାରେ ପୂର୍ବତନ ୱିମ୍ବେଲଡନ ଚାମ୍ପିୟନ ମାର୍କେଟା ଭୋନ୍ଦ୍ରୋସୋଭାଙ୍କୁ ୩-୬, ୬-୪, ୬-୨ରେ ପରାସ୍ତ କରିଛନ୍ତି। ଆମେରିକାର ଏହି କ୍ଲେ-କୋର୍ଟ ଖେଳାଳି ଗତବର୍ଷ କ୍ଲେ-କୋର୍ଟ ଗ୍ରାଣ୍ଡସ୍ଲାମ ଖେଳି ନ ଥିଲେ। ପ୍ୟାରିସରେ ସେ ଦ୍ୱିତୀୟ ଥର କ୍ୱାର୍ଟରଫାଇନାଲ ପ୍ରବେଶ ଲକ୍ଷ୍ୟରେ ରହିଛନ୍ତି।

# ଆଜିଠୁ ରଗ୍‌ବୀ ପ୍ରିମିୟର ଲିଗ୍‌ ଆର୍‌ପିଏଲ୍‌ ଉପଯୁକ୍ତ ପ୍ଲାଟଫର୍ମ

**ଭୁବନେଶ୍ୱର, ୩୧।୫ (ତପନ ସ୍ୱାଇଁ)**

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଶ୍ୱର ଏହି ସର୍ବପ୍ରଥମ ଫ୍ରାଞ୍ଚାଇଜ୍ ଭିତ୍ତିକ ୭ଏସ୍ ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ସେଗୁଡ଼ିକ ହେଲେ ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ, ମୁମ୍ବାଇ ଡ୍ରିମସ, ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ, ଚେନ୍ନାଇ ବୁଲ୍ସ, ଦିଲ୍ଲୀ ରେଜ୍ ଓ ହାଇଦ୍ରାବାଦ ହିରୋଜ। ରଗ୍‌ବୀ ପ୍ରିମିୟର ଲିଗ୍ ପାଇଁ ଗତ ଏପ୍ରିଲରେ ଅନୁଷ୍ଠିତ ଖେଳାଳି ନିଲାମରେ ଓଡ଼ିଶାର ୪ ରଗ୍‌ବୀ ପ୍ରତିଭା ସାମିଲ ହୋଇଥିଲେ। ସେମାନେ ହେଲେ ଆଶିଷ ଶବର, ଗଣେଶ ଧାଙ୍ଗଡ଼ା ମାଝି, ସମ୍ବିତ ପ୍ରଧାନ ଓ ଶାନାୱାଜ ଅହମଦ। କଳାହାଣ୍ଡିର ଆଶିଷଙ୍କୁ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୧.୫୦ ଲକ୍ଷ ଟଙ୍କାରେ କିଣିଥିଲା। ସେହିପରି ମାଲକାନଗିରିର ଗଣେଶ ୫୦ ଲକ୍ଷ ଟଙ୍କାରେ ମୁମ୍ବାଇ ଡ୍ରିମର୍ସ ଦଳକୁ ଯାଇଛନ୍ତି। ଆଶିଷ ଓ ଗଣେଶଙ୍କ ବ୍ୟତୀତ ଭୁବନେଶ୍ୱରର ଦୁଇ ଖେଳାଳି ସମ୍ବିତ ପ୍ରଧାନ ୫୦ ଲକ୍ଷରେ ହାଇଦ୍ରାବାଦ ହିରୋଜ ଓ ଶାନାୱାଜ ଅହମଦ ୮୦ ଲକ୍ଷରେ ଚେନ୍ନାଇ ବୁଲ୍ସ ଦଳରେ ସାମିଲ ହୋଇଛନ୍ତି।

ଲିଗ୍ ପାଇଁ ଓଡ଼ିଶାଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସର ପ୍ରସ୍ତୁତି ଶେଷ ହୋଇଛି। ବିଶ୍ୱସ୍ତରୀୟ ପୁଞ୍ଜିନିବେଶ ସଂସ୍ଥା 'ହଞ୍ଚ୍ ଭେଞ୍ଚର୍ସ'ର ପ୍ରତିଷ୍ଠାତା କରନ ପାଲ ସିଂଙ୍କ ସହଯୋଗରେ ଏହି ଫ୍ରାଞ୍ଚାଇଜ୍ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଓଡ଼ିଶାର ଆଶିଷ ଶବର ଏହି ଦଳରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସେହିପରି ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଦଳର ଅଭ୍ୟାସ ମେ' ୧୮ରୁ ଆରମ୍ଭ ହୋଇଥିଲା

### ଓଡ଼ିଶାର କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳ ପ୍ରସ୍ତୁତ

ଓ ଏହା ରବିବାର ଶେଷ ହେବ। ରଗ୍‌ବୀପ୍ରେମୀମାନେ ଷ୍ଟାର ସ୍ପୋର୍ଟ୍ସ ଓ ଜିଓହଟଷ୍ଟାରରେ ସମସ୍ତ ଆକ୍ସନକୁ ସିଧାସଳଖ ଦେଖିପାରିବେ।

ବିରଳ କଳା ବାଘଙ୍କଠାରୁ ପ୍ରେରଣା ନେଇ କଳିଙ୍ଗ ବ୍ଲାକ ଟାଇଗର୍ସ ଓଡ଼ିଶାର ଶକ୍ତି, ଚପଳତା ଏବଂ ଲଢୁଆ ଭାବନାର ପ୍ରତୀକକୁ ସୂଚିତ କରୁଛି। ଦଳ ଗଠନ ପରେ ରାଜ୍ୟରେ ଉତ୍ସାହ ପ୍ରକାଶ ପାଇଥିବାବେଳେ ଓଡ଼ିଶାର କ୍ରୀଡ଼ା ଇକୋସିଷ୍ଟମରେ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ନିଲାମରେ କଳିଙ୍ଗ ବ୍ଲାକ ଟାଇଗର୍ସ ଅନ୍ତର୍ଜାତୀୟ ଓ ଶୀର୍ଷ ଭାରତୀୟ ପ୍ରତିଭାଙ୍କ ମିଶ୍ରଣରେ ଏକ ପ୍ରଭାବଶାଳୀ ଦଳ ଗଠନ କରିଛି। ଏଥିରେ ପେରି ବେକର, ରୋସ୍କୋ ସ୍ପେସମ୍ୟାନ, ହ୍ୟାରି ମ୍ୟାକନଲ୍ଟି, ମୋରିସ ଲଙ୍ଗବଟମ, ଲୁକାସ ଲାକ୍ୟାମ୍ପ, କାଏଲ ଟ୍ରେମ୍ବଲେ, ଇଥାନ ଟର୍ନର, ଜେମ୍ସ ଥିଏଲଙ୍କ ଭଳି ବିଶ୍ୱସ୍ତରୀୟ ରଗ୍‌ବୀ ତାରକା ରହିଛନ୍ତି। ଦଳରେ ଭାରତୀୟ ଖେଳାଳିଙ୍କର ମଧ୍ୟ ଏକ ଦୃଢ଼ ଲାଇନ୍‌ଅପ୍ ରହିଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବରଙ୍କ ସମେତ ଅଜୟ ଦେଶୱାଲ, ପପୁ ତୋଡକର, ପ୍ରଦୀପ ସିଂ ଏବଂ ଅର୍ଜୁନ ମାହାତୋ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। କଳିଙ୍ଗ ବ୍ଲାକ ଟାଇଗର୍ସର ମୁଖ୍ୟ କୋଚ୍ ହେଉଛନ୍ତି ମାଇକ ଫ୍ରାଇଡେ, ଯିଏ କି ନିଜର ରଣନୀତି ଏବଂ ପରିବର୍ତ୍ତନକାରୀ ଲିଡରଶିପ୍ ପାଇଁ ବେଶ୍ ଜଣାଶୁଣା। ୟୁଏସ୍‌ଏ ରଗ୍‌ବୀ ଦ୍ୱାରା ନିଯୁକ୍ତ ଆମେରିକୀୟ ଜାତୀୟ ସେଭେନ୍ସ ଟିମ୍‌ର ମୁଖ୍ୟ ପ୍ରଶିକ୍ଷକ ଭାବେ ଦୀର୍ଘ ୧୦ ବର୍ଷ କାର୍ଯ୍ୟ କରିବା ପରେ ଫ୍ରାଇଡେ ଏବେ ନିଜର ବିଜୟ ମାନସିକତାକୁ ଟାଇଗର୍ସ ଦଳରେ ପ୍ରତିଫଳିତ କରିବାକୁ ପ୍ରସ୍ତୁତ। ଓଡ଼ିଶା ପୁରୁଷ ରଗ୍‌ବୀ ଦଳର ପୂର୍ବତନ ଅଧିନାୟକ ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି।

**ଭୁବନେଶ୍ୱର,୩୧।୫(ଅନାଦି କର)**

ରବିବାରଠାରୁ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ) ଆରମ୍ଭ ହେବାକୁ ଯାଉଛି। ଏହି ଲିଗ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବ କଳିଙ୍ଗ ବ୍ଲାକ ଟାଇଗର୍ସ (କେବିଟି)। ଏହି ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଆ ଖେଳାଳି ଆଶିଷ ଶବର। ୨୦୧୬ରେ ରଗ୍‌ବୀ ଅଭିଯାନ ଆରମ୍ଭ କରିଥିବା ୨୨ବର୍ଷୀୟ ଆଶିଷ ନେପାଳରେ ଭାରତୀୟ ସିନିୟର ଦଳ ସହିତ ଏସିଆ ରଗ୍‌ବୀ ସେଭେନ୍ସ ଟ୍ରଫି, ଶ୍ରୀଲଙ୍କା ଏସିଆ ରଗ୍‌ବୀ ଫିଫଟିନ୍ସ ଚାମ୍ପିୟନଶିପ ଭଳି ଅନେକ ସମ୍ମାନଜନକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ସିନିୟର ସ୍ତରରେ ଖେଳିବା ପୂର୍ବରୁ ଜୁନିୟର ସ୍ତରରେ ୨୦୨୩ରେ ନେପାଳରେ ଅନୁଷ୍ଠିତ ଏସିଆ ରଗ୍‌ବୀ ୨୦ ବର୍ଷରୁ କମ୍ ଚାମ୍ପିୟନଶିପ ଓ ଗତବର୍ଷ ଫ୍ରାନ୍ସରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ଉପଲବ୍ଧି ତାଲିକାରେ ୩୭ତମ ଓ ୩୮ତମ ଜାତୀୟ ଗେମ୍ସରେ ବ୍ରୋଞ୍ଜ, ୨୦୨୪ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଓ ଅଲ ଇଣ୍ଡିଆ ୟୁନିଭର୍ସିଟି ଚାମ୍ପିୟନଶିପରେ ରୌପ୍ୟ ପଦକ ରହିଛି। ତାଙ୍କ ସହିତ ଧରିତ୍ରୀର ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର...

**ରଗ୍‌ବୀ ସହିତ କେମିତି ଯୋଡ଼ି ହେଲେ?**

ମୁଁ ଗାଁରେ ଫୁଟ୍‌ବଲ ଖେଳୁଥିଲି। ୨୦୧୫ରେ ପଞ୍ଚମ ଶ୍ରେଣୀରେ କିସ୍‌ରେ ପଢ଼ିଲା ବେଳେ ମୁଁ ରଗ୍‌ବୀ ସହ ପରିଚିତ ହୋଇଥିଲି। ମୋତେ ଅଚ୍ୟୁତ ସାମନ୍ତ ସାର୍ ସୁଯୋଗ ଦେବା ସହ ଖୁବ୍ ଉତ୍ସାହିତ କରିଥିଲେ। ସାର୍‌ଙ୍କ ବିନା ମୁଁ କ୍ୟାରିୟର କରିପାରି ନ ଥା'ନ୍ତି। ମୁଁ ୧୧ ବର୍ଷ ବୟସରେ ଷଷ୍ଠ ଶ୍ରେଣୀରେ ପଢ଼ିବା ବେଳେ ୨୦୧୬ରେ ରଗ୍‌ବୀ ଖେଳିବା ଆରମ୍ଭ କରିଥିଲି। ମୋତେ କୋଚ୍ ରାଜ କିଶୋର ମୁର୍ମୁ ସାର୍‌ଙ୍କଠାରୁ ଉପଯୁକ୍ତ ଟ୍ରେନିଂ ମିଳିଥିଲା। ୫ରୁ ୬ ବର୍ଷ ଧରି ମୁଁ ଟ୍ରେନିଂ ନେବା ପରେ ୨୦୨୧-୨୨ ୧୮ବର୍ଷରୁ କମ୍ ନ୍ୟାଶନାଲ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରିଥିଲି। ମୁଁ ସେଣ୍ଟର ଓ ୱିଙ୍ଗ ପୋଜିଶନରେ ଖେଳେ। ଏହି ପୋଜିଶନରେ ଭଲ ପ୍ରଦର୍ଶନ କରିବା ପାଇଁ ମୋତେ କ'ଣ କ'ଣ କରିବାକୁ ପଡ଼ିବ, ତାହା ଜାଣିବାକୁ ପାଇଥିଲି।

**ଭାରତ ପାଇଁ ଅଲିମ୍ପିକ୍ସ ପଦକ ଜିତିବା ସ୍ୱପ୍ନ**


ମୁଁ ଏତେ କମ୍ ବୟସରେ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବାରୁ ବହୁତ ଖୁସି ଏବଂ ଗର୍ବିତ। ମୁଁ ଭାରତୀୟ ସିନିୟର ଦଳ ପାଇଁ ଯଥାସମ୍ଭବ ଅଧିକରୁ ଅଧିକ ମ୍ୟାଚ୍ ଖେଳିବାକୁ ଏବଂ ଭଲ ପ୍ରଦର୍ଶନ କରିବାକୁ ଚାହେଁ। ଭାରତ ପାଇଁ ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରିବା ସହିତ ଅଲିମ୍ପିକ୍ସରେ ପଦକ ଜିତିବା ମୋ ପାଇଁ ସ୍ୱପ୍ନ।

**ଆର୍‌ପିଏଲ୍ ଏକ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇବ**

ରବିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଆର୍‌ପିଏଲ୍ ମୋ ଭଳି ଯୁବ ଖେଳାଳିଙ୍କୁ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇବ। ସେଠାରେ ଆମକୁ ବିଦେଶୀ ଖେଳାଳିଙ୍କ ସହିତ ଓ ଦକ୍ଷ କୋଚ୍‌ଙ୍କ ମାର୍ଗଦର୍ଶନରେ ଖେଳିବାକୁ ସୁଯୋଗ ମିଳିବ। ସେମାନଙ୍କଠାରୁ ଆମେ ଅନେକ କିଛି ଶିଖିବାକୁ ପାଇବୁ। ଏହାଦ୍ୱାରା ଆମ ଦକ୍ଷତାରେ ବୃଦ୍ଧି ଓ ପ୍ରଦର୍ଶନରେ ଉନ୍ନତି ଆସିବ। ଏହି ଲିଗ୍ ଯୋଗୁ ଦେଶ ତଥା ରାଜ୍ୟରେ ରଗ୍‌ବୀ ପ୍ରତି ଲୋକପ୍ରିୟତା ବୃଦ୍ଧି ପାଇବ। ଅନେକ ଖେଳାଳି ଏଥିଲାଗି ଆକୃଷ୍ଟ ହେବେ। ଏହି ଲିଗ୍‌ରୁ ଭାରତୀୟ ଦଳକୁ ଅନେକ ନୂଆ ନୂଆ ଖେଳାଳି ମିଳିବେ। ଏହାର ଫଳ ସ୍ୱରୂପ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତୀୟ ଦଳର ପ୍ରଦର୍ଶନରେ ଉନ୍ନତି ଆସିବ। ଏହାଦ୍ୱାରା ଖେଳାଳିଙ୍କ ଆର୍ଥିକ ସ୍ଥିତି ମଧ୍ୟ ସୁଧୁରିବ।

**ଭାରତୀୟ ରଗ୍‌ବୀ ଦଳ ଗଠନରେ ଆଦିବାସୀ ଖେଳାଳିଙ୍କ ଭୂମିକା**

ଅତୀତରେ ମୁନା ମୁର୍ମୁ, ରାଜକିଶୋର ମୁର୍ମୁ, ସୁମିତ୍ରା ନାୟକ, ଗୋପୀ ମାଝୀ, ଡୁମିନି ମାରାଣ୍ଡି, ରଜନୀ ଶବର, ପାର୍ବତୀ କିସ୍କୁ, ମାମା ନାୟକ, ନିର୍ମାଲ୍ୟ ରାଉତ, ତରୁଲତା ନାୟକଙ୍କ ଭଳି ଓଡ଼ିଶାର ଅନେକ ଆଦିବାସୀ ଖେଳାଳି ଉଭୟ ପୁରୁଷ ଓ ମହିଳା ବିଭାଗରେ ଭାରତୀୟ ସିନିୟର ଦଳ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ଏଥିଯୋଗୁ ଭାରତୀୟ ରଗ୍‌ବୀ ଦଳ ଗଠନରେ ନିଶ୍ଚିତ ଭାବେ ଆଦିବାସୀ ଖେଳାଳିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କଠାରୁ ମୋତେ ଅଧିକ ପରିଶ୍ରମ କରିବାକୁ ପ୍ରେରଣା ମିଳିଥିଲା। ଏଥିରେ ଆମ କୋଚ୍ ରାଜକିଶୋର ସାର୍‌ଙ୍କର ମଧ୍ୟ ଅବଦାନ ରହିଛି।



ଆଶିଷ ଶବର

# ଜାତୀୟ ରେକର୍ଡ ସହ ଅନିମେଶଙ୍କୁ ବ୍ରୋଞ୍ଜ

**ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**


ପଦକ ସହ ଅନିମେଶ କୁଜୁର।

**ଭୁବନେଶ୍ୱର, ୩୧।୫ (ତପନ ସ୍ୱାଇଁ)**

ଦକ୍ଷିଣ କୋରିଆର ଗୁମିଠାରେ ଅନୁଷ୍ଠିତ ୨୬ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଜାତୀୟ ରେକର୍ଡ ସହ ପୁରୁଷ ୨୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଓଡ଼ିଶା ଏଚ୍‌ପିସି ଆଥ୍‌ଲେଟ୍ ଅନିମେଶ କୁଜୁର। ଏଥିସହ ସେ ଏହି ପ୍ରତିଯୋଗିତାର ପୁରୁଷ ୨୦୦ ମିଟରରେ ଭାରତ ପାଇଁ ପଦକ ଜିତିବାରେ ଦୀର୍ଘ ୧୦ ବର୍ଷ ପ୍ରତୀକ୍ଷାର ଅବସାନ ଘଟାଇଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ରେସ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ୨୧ ବର୍ଷୀୟ ଅନିମେଶ ୨୦.୩୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିବା ସହ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ପୂର୍ବରୁ ଗତ ଫେଡେରେଶନ କପ୍‌ରେ ସେ ୨୦.୪୦ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରୀ ଥିଲେ। ସେହିପରି ପୂର୍ବରୁ ୨୦୧୫ରେ ଧରମବୀର ସିଂ ଏହି ମହାଦେଶୀୟ ପ୍ରତିଯୋଗିତାରେ ପ୍ରଥମ ଭାରତୀୟ ସ୍ପ୍ରିଣ୍ଟରଭାବେ ପୁରୁଷ ୨୦୦ ମିଟରରେ ଏକ ପଦକ ଜିତିଥିଲେ। ଏବେ ୨୦୨୫ରେ ପଦକ ଜିତି ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି ଅନିମେଶ। ଜାପାନର ତୋୱା ଉଜାୱା ୨୦.୧୨ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ସୌଦିଆରବର ଅବଦୁଲାଜିଜ୍ ଅବ୍‌ଦୁଲ ଅତାଫି ୨୩.୩୧ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ।

ଅନିମେଶ ଗତ ବର୍ଷଠାରୁ ପ୍ରଭାବୀ ପ୍ରଦର୍ଶନ କରି ଆସୁଛନ୍ତି। ସେ ଅନେକଥର ୨୦୦ ମିଟରରେ ଜାତୀୟ ରେକର୍ଡକୁ ଭାଙ୍ଗିଛନ୍ତି। ୨୦୨୫ରେ ତାଙ୍କ ପ୍ରଦର୍ଶନ ନୂଆ ସ୍ତରକୁ ଛୁଇଁଛି। କୋଚିରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ସେ ଅମ୍ଲାନ ବୋରଗୋହେନଙ୍କ ନାମରେ ଥିବା ୨୦.୫୨ ସେକେଣ୍ଡର ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ।

''ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ ହେଁ ଅନିମେଶ ଦୁର୍ଭାଗ୍ୟ ବଶତଃ ଅଳ୍ପକିଛି ସେକେଣ୍ଡ ପାଇଁ ରୌପ୍ୟ ହାସଲରୁ ବଞ୍ଚିତ ହେଲେ। ମୁଁ ପ୍ରକୃତରେ ତାଙ୍କପାଇଁ ଗର୍ବିତ। ଗତ କିଛିଦିନଧରି ସେ ଜ୍ୱରରେ ପୀଡ଼ିତ ଥିଲେ। ଏହାସତ୍ତ୍ୱେ ସେ ନିଜ ଦକ୍ଷତା ଦେଖାଇଲେ। ୨୦୨୫ରେ ଏପର୍ଯ୍ୟନ୍ତ ତାଙ୍କ ପ୍ରଦର୍ଶନ ଚମତ୍କାର ରହିଆସିଛି'' ବୋଲି କୋଚ୍ ମାର୍ଟିନ ଓଏନ୍ସ ପ୍ରକାଶ କରିଛନ୍ତି। ଅନିମେଶ ଓ ଶ୍ରାବଣୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି।

## ରିଲେ ରେସ୍‌ରେ ଶ୍ରାବଣୀଙ୍କୁ ରୌପ୍ୟ

କୋରିଆର ଗୁମିଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ୪x୧୦୦ ମିଟର ରିଲେ ଦଳ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛି। ଏହି ଦଳର ସଦସ୍ୟାଭାବେ ଓଡ଼ିଶାର ତାରକା ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ଭାରତୀୟ ମହିଳା ରିଲେ ଦଳ ୪୩.୮୬ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଶ୍ରାବଣୀଙ୍କ ସହିତ ସ୍ନେହା ସତ୍ୟନାରାୟଣ ଶନୁଭାଲି, ଅଭିନୟ ରାଜାରାଜନ ଓ ନିତ୍ୟ ଗାନ୍ଧେଙ୍କୁ ନେଇ ଭାରତୀୟ ଦଳ ଏଥିରେ ଅଂଶଗ୍ରହଣ କରିଥିଲା। ଚାଇନା ଦଳ ୪୩.୨୮ ସେକେଣ୍ଡ ନେଇ ସ୍ୱର୍ଣ୍ଣ ଏବଂ ଥାଇଲାଣ୍ଡ ୪୪.୨୬ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଥିଲା।



ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିବାପରେ ଉଲ୍ଲସିତ ଓଡ଼ିଶାର ଶ୍ରାବଣୀ ନନ୍ଦ।

## ୟୁଫା ସଭାପତିଙ୍କୁ ଭେଟିଲେ ଜୟ ଶାହା

**ନୂଆଦିଲ୍ଲୀ, ୩୧।୫ (ପି.ଟି.)**

ଆଲିଆଞ୍ଜ ଆରେନାଠାରେ ଶନିବାର ଇଣ୍ଟରମିଲାନ ଓ ପ୍ୟାରିସ ସେଣ୍ଟ ଜର୍ମେନ ମଧ୍ୟ ଚାମ୍ପିୟନ୍ସ ଲିଗ୍ ଫାଇନାଲ ଖେଳାଯିବା ପୂର୍ବରୁ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ସଭାପତି ଜୟ ଶାହା ମ୍ୟାନିକ୍‌ଠାରେ ୟୁଫା (ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ) ସଭାପତି ଆଲେକ୍‌ସାଣ୍ଡର ସେଫରିନ୍‌ଙ୍କୁ ଭେଟିଛନ୍ତି। ପୂର୍ବତନ ବିସିସିଆଇ ସଭାପତି ସେଫରିନ୍‌ଙ୍କୁ ଶୁକ୍ରବାର ଭେଟିଛନ୍ତି। ବିଶ୍ୱସ୍ତରରେ କ୍ରିକେଟର ପ୍ରସାର ଜାରି ରଖିଥିବା ଶାହା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ତାଙ୍କର ଏକ ପୋଷ୍ଟରେ କହିଛନ୍ତି। ଆମ ଖେଳର ପ୍ରସାର ପାଇଁ ଅନ୍ୟ କ୍ରୀଡ଼ାର ପଦାଧିକାରୀଙ୍କ ସହ ସମୟ ବିତାଇବା ଗୁରୁତ୍ୱପୂର୍ଣ୍ଣ ଅଟେ। ଚଳିତବର୍ଷ ପ୍ରାରମ୍ଭରେ ଶାହା ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି(ଆଇଓସି) ପୂର୍ବରୁ ଲାଉସାନେଠାରେ ଆଇଓସି ସଭାପତି ଥୋମାସ ବାକ୍‌ଙ୍କୁ ଭେଟିଥିଲେ। ଲସ୍‌ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସର ଗେମ୍ସ ପ୍ରୋଗ୍ରାମ୍‌ରେ କ୍ରିକେଟର ପ୍ରତ୍ୟାବର୍ତ୍ତନ ଦେଖିବାକୁ ମିଳିବ।

## ଓଡ଼ିଶା ଉଷୁ ଦଳକୁ ୧୭ ପଦକ

**ଭୁବନେଶ୍ୱର, ୩୧।୫ (ତପନ ସ୍ୱାଇଁ)**

ତାମିଲନାଡୁର ନମାକ୍କାଲଠାରେ ଶନିବାର ଉଦ୍‌ଯାପିତ ଜାତୀୟ ସବ୍‌ଜୁନିୟର ଉଷୁ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ୨ଟି ସ୍ୱର୍ଣ୍ଣ ସହ ମୋଟ ୧୭ ପଦକ ହାସଲ କରିଛି। ମଞ୍ଜୁ ମୁଣ୍ଡା ଓ ରଶ୍ମିତା ମୁଣ୍ଡା ସ୍ୱର୍ଣ୍ଣ ଜିତିଥିବାବେଳେ ସୁଶାନ୍ତ ଘଡ଼େଇ, ପ୍ରିୟତମା ମୁଣ୍ଡା, ଆୟୁଷ ଦାସ ଓ ନିରେନ୍ଦ୍ର ଦାସ ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶାରୁ ୫୯ ଖେଳାଳିଙ୍କୁ ମିଶାଇ ମୋଟ ୬୫ ଜଣିଆ ପ୍ରତିନିଧି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଓ ସୁଶାନ୍ତ ନାଏକ ଜଜ୍‌ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପଙ୍କଜ ମହନ୍ତ ଓ ଦିବ୍ୟା ମୋହନ ପ୍ରଧାନ ଦଳର କୋଚ୍ ଥିଲେ।




# ଫାଇନାଲ ପାଇଁ ପଞ୍ଜାବ-ମୁମ୍ବାଇ ଲଢ଼େଇ

**ଆଇପିଏଲ୍ କ୍ୱାଲିଫାୟର-୨**

**ଅହମ୍ମଦାବାଦ, ୩୧।୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର କ୍ୱାଲିଫାୟର-୨ରେ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍ସ ପରସ୍ପରକୁ ଭେଟିବେ। ଏକତରଫା ଭାବେ ଶେଷ ହୋଇଥିବା କ୍ୱାଲିଫାୟର-୧ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ଠାରୁ ୮ଉଇକେଟରେ ପରାଜିତ ହେବା ପରେ ଶ୍ରେୟସ ଆୟରଙ୍କ ପଞ୍ଜାବ କିଙ୍ଗ୍ସ କିଛି ପରିମାଣରେ ଆତ୍ମବିଶ୍ୱାସ ହରାଇ ଥାଇପାରେ, ଏପରିସ୍ଥଳେ ପ୍ରଥମ ଥର ଆଇପିଏଲ୍ ଟ୍ରଫି ଜିତିବା ପାଇଁ ସ୍ୱପ୍ନ ଦେଖିଥିବା ଏହି ଦଳ ଲାଗି କର ଅବା ମର ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏଲିମିନେଟରରେ ଟାଇଟଲ ଫେଭରାଇଟ ଗୁଜରାଟ ଟାଇଟନ୍ସ ବିପକ୍ଷରେ ଭଲ ବିଜୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ୬ଥର ଟାଇଟଲ ଜିତିବା ଲାଗି ଲକ୍ଷ୍ୟ ରଖିଛି। ଇତିହାସ କହୁଛି ନକ୍‌ଆଉଟରେ କିପରି ଜିତିବାକୁ ହୁଏ ଏହାର ତରିକା ମୁମ୍ବାଇ ଇଣ୍ଡିଆନ୍ସକୁ ଭଲରୂପେ ଜଣା। କିନ୍ତୁ ଦଳକୁ ସଂଗଠିତ କରିବା କୋଚ୍ ମାହେଲା ଜୟବର୍ଦ୍ଧନେଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଅବଶ୍ୟ ଟେବୁଲର ସର୍ବନିମ୍ନ ସ୍ଥାନରେ ଥିବା ମୁମ୍ବାଇ ଇଣ୍ଡିଆନ୍ସକୁ ସେ ଏଥର ଏତେ ବାଟ ଆଣିପାରିଛନ୍ତି। ଗତ ଗେମ୍‌ରେ ପରାସ୍ତ ହୋଇଥିବାରୁ ଆୟର ଓ ରିକି ପଣ୍ଟିଂଙ୍କ ଯୋଡ଼ିଙ୍କୁ ସେମାନଙ୍କ ବୋଲିଂ ଲାଇନ୍ ଅପ୍ ସଜାଡ଼ିବାକୁ ପଡ଼ିବ, ଯେଉଁଥିରେ କି ଅର୍ଶଦୀପ ସିଂଙ୍କୁ ଅତିରିକ୍ତ ଚାପର ସମ୍ମୁଖୀନ ହେବାକୁ ପଡୁଛି। ମାର୍କୋ ଜାନସେନଙ୍କ ଅନୁପସ୍ଥିତି ଏବଂ ଆଇପିଏଲ୍‌ର ସଫଳ ଉଇକେଟ ହାସଲକାରୀ ବୋଲର ୟୁଜବେନ୍ଦ୍ର ଚହଲ ଉପଲବ୍ଧ ନ ହେବା ପଞ୍ଜାବ ଦଳ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହି କାରଣରୁ ମୁଲାନପୁରଠାରେ ଆର୍‌ସିବି ବିପକ୍ଷ ମ୍ୟାଚରେ ଦଳକୁ ଚାପର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ସେମାନଙ୍କ ପାଇଁ ଏହା ଏକ ଖରାପ ଦିନ ଥିଲା ବୋଲି ପଞ୍ଜାବ ବିଚାର କରୁଛି। ପଞ୍ଜାବ ଆହୁରି ମଧ୍ୟ ଭଲରୂପେ ଜାଣେ ସାମାନ୍ୟ ତ୍ରୁଟି ଯୋଗୁ ରୋହିତ ଶର୍ମା କିପରି ଗୁଜରାଟର ବୋଲିଂ ଆକ୍ରମଣର ଧୂଳେଇ କରିଥିଲେ ଏବଂ ଏକ ମ୍ୟାଚ ବିଜୟୀ ଇନିଂସ ଖେଳିପାରିଥିଲେ। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ରୋହିତ, ଯଶପ୍ରୀତ୍ ବୁମ୍‌ରା, ସୂର୍ଯ୍ୟକୁମାର ଯାଦବ, ତିଳକ ବର୍ମା ଓ ପାଣ୍ଡ୍ୟାଙ୍କ ଭଳି ଅନେକ ଭାରତୀୟ ଦଳର ଖେଳାଳି ରହିଛନ୍ତି। ସେମାନେ ଯଦି ଫର୍ମରେ ରୁହନ୍ତି ତେବେ ଫଳାଫଳକୁ ବଦଳାଇ ପାରନ୍ତି। ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ବ୍ୟାଟିଂକୁ ସୁହାଉଥିବା ପିଚ୍ ରହିଥିବା ବେଳେ ମୁମ୍ବାଇ ଦଳରେ ନୂତନ ଭାବେ ଜନି ବେୟାରଷ୍ଟୋ ଓ ରିଚାର୍ଡ ଗ୍ଲିସନ ଯୋଗ ଦେଇଥିବାରୁ ଏହାର ବ୍ୟାଟିଂ ଆହୁରି ଶକ୍ତିଶାଳୀ ହୋଇପାରିଛି।



ଶ୍ରେୟସ ଆୟର ଓ ହାର୍ଦ୍ଦିକ ପାଣ୍ଡ୍ୟା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ